


‘ସିକନ୍ଦର’ର ପୋଷ୍ଟର ସେୟାର କଲେ ସାଜିଦ୍

▶ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-7 ♦BHUBANESWAR ♦TUESDAY ♦2 JULY 2024 ♦PAGE-16 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୭ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨ ଜୁଲାଇ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


### ସଂସଦରେ ଅସଲି ବନାମ ନକଲି ହିନ୍ଦୁ ପ୍ରସଙ୍ଗକୁ ନେଇ ହଙ୍ଗାମା

# ସରକାରଙ୍କୁ ଘାଇଲା କଲେ ରାହୁଲ

■ ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଅଷ୍ଟାଦଶ ଲୋକସଭାର ସ୍ୱତନ୍ତ୍ର ଅଧିବେଶନର ଷଷ୍ଠ ଦିନରେ ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବକୁ ନେଇ ଆଲୋଚନା ବେଳେ ଗୃହ ସରଗରମ ରହିବା ସହିତ ବିଭିନ୍ନ ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି। ବିରୋଧୀ ଦଳ ନେତା ଭାବେ ରାହୁଲ ଗାନ୍ଧୀ ପ୍ରଥମଥର ପାଇଁ ତାଙ୍କ ଭାଷଣରେ ମୋଦୀ ସରକାରକୁ ଘେରିବା

**ଭୟ ସୃଷ୍ଟି କରେନି ହିନ୍ଦୁତ୍ୱ, ବିଜେପି ଆଣିଛି ଭୟର ବାତାବରଣ**

**ମୋଦୀ, ବିଜେପି ଏବଂ ଆରଏସଏସ୍ ହିନ୍ଦୁ ସମୁଦାୟଙ୍କ ପ୍ରତିନିଧି ନୁହନ୍ତି**



ସହିତ ପ୍ରାୟ ୨୦ଟି ପ୍ରସଙ୍ଗରେ ପ୍ରଶ୍ନ କରି ଶାସକ ଦଳକୁ ଘାଇଲା କରିଦେଇଛନ୍ତି। ହିନ୍ଦୁତ୍ୱ ଠାରୁ ଆରମ୍ଭ କରି ଅଗ୍ନିବୀର, ନିଟ୍ ପରୀକ୍ଷା, କୃଷକ ସମସ୍ୟା ଓ ଏମ୍ଏସ୍ପି, ବେରୋଜଗାରୀ, ମଣିପୁର ହିଂସା, ଅଯୋଧ୍ୟା, ଜମ୍ମୁ-କାଶ୍ମୀର ଓ ଲଦାଖ ସମେତ ଆଦାନୀ-ଅମ୍ବାନୀ ଭଳି ୨୦ଟି ପ୍ରସଙ୍ଗରେ ରାହୁଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରି ଗୃହରେ ବର୍ଷିଛନ୍ତି। ପ୍ରାୟ ୯୦ ମିନିଟ୍ ଧରି ରାହୁଲ ଗୃହରେ ତାଙ୍କ ଭାଷଣ ରଖିଥିଲା ବେଳେ ପ୍ରଥମେ ହାତରେ ସମ୍ବିଧାନ ପୁସ୍ତକ ଧରି ‘ଜୟ ସମ୍ବିଧାନ’ ନାରା ଦେଇଥିଲେ। ବିଜେପି ନେତାମାନଙ୍କ ଜୟ ଶ୍ରୀରାମ ନାରାକୁ ନେଇ ରାହୁଲ ଜୟ ସମ୍ବିଧାନ ନାରା ଦେଇଥିଲା ବେଳେ ଉଭୟ ଶାସକ ଏବଂ ବିରୋଧୀଙ୍କ ମଧ୍ୟରେ କିଛି ସମୟ ପାଇଁ ହୋହଲ୍ଲା ଲାଗି ରହିଥିଲା। ଏହାପରେ ରାହୁଲ ଅସଲ ହିନ୍ଦୁ କିଏ ଏବଂ ତାହାର ପ୍ରକୃତ ସ୍ୱଭାବ ଓ ଆଚରଣ ଉପରେ କହିଥିଲା ବେଳେ ଏହାକୁ ନେଇ ଶାସକ ଦଳର ସଦସ୍ୟମାନେ ତୀବ୍ର ବିରୋଧ କରିବା ସହିତ ପ୍ରବଳ ହୋହଲ୍ଲା କରିଥିଲେ। ରାହୁଲ ହାତରେ ଭଗବାନ ଶିବଙ୍କ ଫଟୋ ଠାରୁ ଆରମ୍ଭ କରି ଗୁରୁ ନାନକ, ପୈଗମ୍ବର ମହମ୍ମଦଙ୍କ ପର୍ଯ୍ୟନ୍ତ ବହୁ ମହାପୁରୁଷଙ୍କ ଫଟୋ ପ୍ରଦର୍ଶନ କରିବା ସହିତ ସବୁ ଧର୍ମର ମର୍ମକୁ ଦର୍ଶାଇଥିଲେ। କୌଣସି ଧର୍ମ ହିଂସା କିମ୍ବା ଭୟର ବାତାବରଣ ସୃଷ୍ଟି ପାଇଁ ଉଦ୍ଦିଷ୍ଟ ନୁହେଁ। ହିନ୍ଦୁତ୍ୱ ମଧ୍ୟ ସମାଜରେ ହିଂସା କିମ୍ବା ଭୟ ସୃଷ୍ଟି କରେ ନାହିଁ। କିନ୍ତୁ ବିଜେପି ଏହି କାର୍ଯ୍ୟ ନିର୍ଦ୍ୱନ୍ଦ୍ୱରେ କରିପାରେ। ଆର୍ଏସ୍ଏସ୍ ଦ୍ୱାରା ପରିଚାଳିତ ବିଜେପି ନିଜକୁ ହିନ୍ଦୁଙ୍କ ପ୍ରତିନିଧି ବୋଲି କହି ଆସୁଛି। କିନ୍ତୁ ଯେଉଁମାନେ ନିଜକୁ ହିନ୍ଦୁ ବୋଲି କହୁଛନ୍ତି ସେମାନେ ଦଙ୍ଗା, ହଙ୍ଗାମା, ଘୃଣା, ଭୟ ଏବଂ ହିଂସାର ଆଶ୍ରୟ ନେଇଛନ୍ତି ବୋଲି ରାହୁଲ ସିଧାସଳଖ ବିଜେପିକୁ ନିଶାଣ କରିଥିଲେ। ପ୍ରଧାନମନ୍ତ୍ରୀ ମନ୍ତ୍ରୀ ମୋଦୀ, ବିଜେପି, ଆରଏସଏସ୍ ସବୁ ହିନ୍ଦୁଙ୍କ ପ୍ରତିନିଧି ନୁହନ୍ତି ବୋଲି ସେ କହିଥିଲେ।

ରାହୁଲଙ୍କ ଏଭଳି ଟିପ୍ପଣୀକୁ ନେଇ ଶାସକ ଦଳର ବହୁ ସଦସ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଠାରୁ ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଘୋର ବିରୋଧ କରିଥିଲେ। ଏହାକୁ ନେଇ ଏହି ପ୍ରସଙ୍ଗରେ ଉଭୟ ପକ୍ଷ ମଧ୍ୟରେ ବେଶ କିଛି ସମୟ ପାଇଁ ଜୋରଦାର ହଙ୍ଗାମା ହୋଇଥିଲା। ▶ପୃଷ୍ଠା-୯

**ରାଜ୍ୟସଭାରେ ସରକାରଙ୍କୁ ଖଡ଼ଗେଙ୍କ ନିଶାଣ**

## ରାଷ୍ଟ୍ରପତିଙ୍କ ଭାଷଣ ଦୃଷ୍ଟି ଓ ଦିଶାହୀନ

ସଂସଦର ଉଭୟ ସଦନର ମିଳିତ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯେଉଁ ଅଭିଭାଷଣ ଦେଲେ, ତାହା ଦୃଷ୍ଟି ଓ ଦିଶାହୀନ ଥିଲା ବୋଲି ସୋମବାର ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି। ରାଷ୍ଟ୍ରପତିଙ୍କ ଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ନେଇ ବିତର୍କରେ ଭାଗନେଇ ଖଡ଼ଗେ ଏହା କହିଛନ୍ତି। ରାଷ୍ଟ୍ରପତି ତାଙ୍କ ଭାଷଣରେ ଗରିବ, ଦଳିତ ଓ ସଂଖ୍ୟାଲଘୁଙ୍କ ସମ୍ପର୍କରେ କିଛି କହିନାହାନ୍ତି। ରାଷ୍ଟ୍ରପତି କହିଥିଲେ, ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା। କିନ୍ତୁ ତାହା କେବଳ କଥାରେ ସୀମିତ ଅଛି, କାର୍ଯ୍ୟରେ ନୁହେଁ। ଶାସକ ଦଳ କେବଳ ବିକାଶର ସ୍ଲୋଗାନ ଦେବା ଜାଣିଛି, ବିକାଶ କେଉଁଠାରେ ଦୃଶ୍ୟମାନ ନାହିଁ। ନିଜ ଭାଷଣରେ ଖଡ଼ଗେ ଆଜି ଶାସକ ବିଜେପି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ୍ କରି କଠୋର ଶବ୍ଦରେ ସମାଲୋଚନା କରିଛନ୍ତି। ନିଟ୍ ବିଭ୍ରାଟ ଓ ପ୍ରଶ୍ନପତ୍ର ଲିକ୍ ପାଇ ସରକାରଙ୍କୁ ଖଡ଼ଗେ ଉତ୍ତରଦାୟୀ କରିଛନ୍ତି। ଖଡ଼ଗେ କହିଛନ୍ତି, ପ୍ରଥମେ ନିଟ୍ ବିଭ୍ରାଟକୁ ସରକାର ▶ପୃଷ୍ଠା-୯



**ନୂଆ ଅପରାଧ ଆଇନ**

## ବୁଲା ବେପାରୀ ନାମରେ ରୁଜୁହେଲା ପ୍ରଥମ ମାମଲା

■ ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଦେଶରେ ଜୁନ୍ ୩୦(ରବିବାର) ମଧ୍ୟରାତ୍ରିରୁ ନୂଆ ଅପରାଧିକ ଆଇନ ଲାଗୁ ହେବା ପରେ ଜାତୀୟ ରାଜଧାନୀ ଦିଲ୍ଲୀରେ ଜଣେ ବୁଲା ବେପାରୀ ନାମରେ ରୁଜୁ ହୋଇଛି ପ୍ରଥମ ମାମଲା। ଦିଲ୍ଲୀର କମଲ ମାର୍କେଟ ଅଞ୍ଚଳରେ ରାସ୍ତା ଅବରୋଧ କରି ଠେଲାଗାଡ଼ିରେ ପାଣି ଓ ତମାଖୁ ବିକୁଥିବା ଏହି ବେପାରୀଙ୍କ ବିରୋଧରେ ନୂଆ ଅପରାଧ ଆଇନ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୨୮୫ ଲଗାଇ ଦିଲ୍ଲୀ ପୁଲିସ୍ ପ୍ରଥମ ମାମଲା ପଞ୍ଜିକୃତ କରିଛି। ବିହାରର ପଙ୍କଜ କୁମାର ନାମକ ବୁଲା ବେପାରୀ ଜଣକ ନୂଆଦିଲ୍ଲୀ ରେଳ ଷ୍ଟେସନର ଫୁଟ୍ଓଭର୍ ବ୍ରିଜ୍ ତଳେ କମଲ ମାର୍କେଟକୁ ପଡ଼ିଥିବା ମୁଖ୍ୟ ରାସ୍ତା ଅବରୋଧ କରି ଠେଲା ଗାଡ଼ିରେ ପାଣି ଓ ତମାଖୁ ବିକ୍ରି କରୁଥିଲେ। ପାଟ୍ରୋଲିଂ କରୁଥିବା ପୁଲିସ୍ ତାଙ୍କୁ ରାସ୍ତାରୁ ଠେଲା ହଟାଇବାକୁ କହିବାରୁ ସେ ଶୁଣି ନଥିଲେ। ତେଣୁ ପୁଲିସ୍ର ଅଭିଯୋଗକ୍ରମେ ତାଙ୍କ ବିରୋଧରେ ଏଫ୍ଆଇଆର୍ ପଞ୍ଜିକୃତ ହୋଇଛି।



ସୂଚନାଯୋଗ୍ୟ, ଆଜିଠାରୁ ଦେଶରେ ୩ ନୂଆ ଅପରାଧ ଆଇନ ଲାଗୁ ହୋଇଛି। ପୁରୁଣା ଆଇପିସି, ସିଆର୍ପିସି ଓ ଭାରତୀୟ ସାକ୍ଷ୍ୟ ଆଇନ ହଟିଛି। ଆଇପିସି ବଦଳରେ ଭାରତୀୟ ନ୍ୟାୟ ସଂହିତା, ସିଆର୍ପିସି ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ସାକ୍ଷ୍ୟ ଆଇନ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ଲାଗୁ ହୋଇଛି। ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଧାରା ରହିଛି। ଜୁଲାଇ ୧ରୁ ଯେତେ ଏଫ୍ଆଇଆର୍ ହେବ ତାହାର ମାମଲା ରୁଜୁ ଓ ବିଚାର ନୂଆ ଆଇନ ଅନୁଯାୟୀ ହେବ। ପୂର୍ବରୁ ଥିବା ମାମଲାର ବିଚାର ପୁରୁଣା ଆଇନ ଅନୁଯାୟୀ ହେବ।

### ଆରମ୍ଭ ହେଲା ଶୁଣାଣି; ପ୍ରଥମ ଦିନ ୧୫୪୦ ଅଭିଯୋଗ ପଞ୍ଜୀକୃତ

## ଜନତା-ସରକାର ମଧ୍ୟରେ ଥିବା ପ୍ରାଚୀର ଦୂର ହେବ: ମୁଖ୍ୟମନ୍ତ୍ରୀ

**ପ୍ରତି ସୋମବାର ଭୁବନେଶ୍ୱରରେ ଅଭିଯୋଗ ଶୁଣିବେ ମୁଖ୍ୟମନ୍ତ୍ରୀ**

**ଜିଲ୍ଲାସ୍ତରରେ ଅଭିଯୋଗ ଶୁଣାଣି କରିବେ ଜିଲ୍ଲାପାଳ ଓ ଏସ୍ପି**




■ ଭୁବନେଶ୍ୱର, ୧।୭ (ସମିସ): ନୂଆ ସରକାର ଗଠନ ହେବା ପରେ ପୁଣି ଆରମ୍ଭ ହୋଇଛି ଅଭିଯୋଗ ଶୁଣାଣି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୟୁନିଟ୍ -୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ କାର୍ଯ୍ୟାଳୟରେ ଲୋକଙ୍କ ଆପତ୍ତି, ଅଭିଯୋଗ ଶୁଣାଣି କରିଛନ୍ତି ଓ ଆବଶ୍ୟକସ୍ଥଳେ ଏହାର ତତ୍କାଳ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ବିଭିନ୍ନ ଅଞ୍ଚଳରୁ ବହୁ ଲୋକ ଜମିଜମା ପ୍ରସଙ୍ଗଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସହାୟତା, ଦରମା ଓ ପେନସନ୍, ସରକାରୀ କର୍ମଚାରୀଙ୍କ ବ୍ୟକ୍ତିଗତ ସମସ୍ୟା, ପାରିବାରିକ ହିଂସା, ସରକାରୀସ୍ତରରେ ଅବହେଳା ଆଦି ପ୍ରସଙ୍ଗରେ ଲୋକେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ▶ପୃଷ୍ଠା-୯

**ୟୁପିଏସ୍ସି ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷା ଫଳ**

## ଡିସେମ୍ବର ୨୦ରେ ୧୪,୪୩୦ ପ୍ରାର୍ଥୀ ଦେବେ ମୁଖ୍ୟ ପରୀକ୍ଷା

■ ଭୁବନେଶ୍ୱର, ୧।୭ (ସମିସ): କେନ୍ଦ୍ରୀୟ ଲୋକସେବା ଆୟୋଗ(ୟୁପିଏସ୍ସି) ପକ୍ଷରୁ ସିଭିଲ୍ ସର୍ଭିସ୍ ପ୍ରିଲିମିନାରି ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ସମୁଦାୟ ୧୪ ହଜାର ୪୩୦ ଜଣ ପରୀକ୍ଷାର୍ଥୀ ପ୍ରିଲିମ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ୟୁପିଏସ୍ସି ୱେବ୍ସାଇଟ୍ https://upsc.gov.inରେ ସେମାନଙ୍କ ରୋଲ ନମ୍ବର ଜାରି କରାଯାଇଛି। ପରୀକ୍ଷାର୍ଥୀମାନେ ନିଜର ରୋଲ ନମ୍ବର ଯାଞ୍ଚ କରି ରେଜଲ୍ଟ ଜାଣିପାରିବେ। ଡିସେମ୍ବର ୨୦ ତାରିଖରେ ଏହାର ମେନ୍ ପରୀକ୍ଷା ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ୧୦୫୬ଟି ପଦରେ ନିଯୁକ୍ତି ପାଇଁ ପରୀକ୍ଷା ହେଉଛି। ଚୂଡ଼ାନ୍ତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ରାଙ୍କ ଅନୁଯାୟୀ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍), ଭାରତୀୟ ପୁଲିସ୍ ସେବା (ଆଇପିଏସ୍) ଏବଂ ଭାରତୀୟ ବିଦେଶ ସେବା (ଆଇଏଫ୍ଏସ୍) ସମେତ ବିଭିନ୍ନ ପଦରେ ନିଯୁକ୍ତି ପାଇବେ।

## ଆର୍ଏସ୍ପି ବ୍ଲାଷ୍ଟ ଫର୍ଣ୍ଣେସରେ ଗ୍ୟାସ୍ ଲିକ୍

### ୮ କର୍ମଚାରୀ ଅସୁସ୍ଥ, ଜଣେ ଗୁରୁତର ଆଇସିୟୁରେ ଭର୍ତ୍ତି

■ ରାଉରକେଲା, ୧।୭(ସମିସ): ଦୀର୍ଘ ୩ ବର୍ଷ ପରେ ପୁଣିଥରେ ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି)ରେ ଗ୍ୟାସ୍ ଲିକ୍ ଘଟଣା ସାମ୍ନାକୁ ଆସିଛି। ଆରଏସ୍ପିର ୫ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ୍ରେ ଗ୍ୟାସ୍ ଲିକ୍ ହୋଇ ୮ କର୍ମଚାରୀ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ଆଇସିୟୁରେ ଭର୍ତ୍ତି କରାଯାଇଛି। ଅସୁସ୍ଥମାନେ ହେଲେ, କର୍ମଚାରୀ ଦୁଃଖୀଶ୍ୟାମ ଦାସ, ସିନିୟର ମ୍ୟାନେଜର ଜୟରାମ ବାରିକ, ବିଏମ୍ଏସ୍ ସମ୍ପାଦକ ପ୍ରଦୀପ ସାହୁ, ଟାଟା ପ୍ରୋଜେକ୍ଟ ଲିମିଟେଡ୍ ଅଧୀନରେ କାର୍ଯ୍ୟ କରୁଥିବା ରାଜୁ ମାଇତି, ଶାନ୍ତନୁ ନାୟକ, ପ୍ରଦୀପ କୁଜୁର, ସୂରଜ ଛେତ୍ରୀ ଏବଂ ମହିଳା ଠିକା ଶ୍ରମିକ ଲକ୍ଷ୍ମୀ ସିଂହ। ରାଜୁ ମାଇତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିବା ସୂଚନା ମିଳିଛି।



**ଡିଆଇସିଙ୍କ ନିର୍ଦ୍ଦେଶରେ ତଦନ୍ତ କମିଟି ଗଠିତ**

**ଦୀର୍ଘ ୩ ବର୍ଷ ପରେ ପୁଣିଥରେ ଗ୍ୟାସ୍-ଲିକ୍**

ଉଲ୍ଲେଖଯୋଗ୍ୟ, ୨୦୨୧ ଜାନୁଆରୀ ୬ରେ ଆରଏସ୍ପିର ସିସିଡି (କୋଲ୍ କେମିକାଲ୍ସ ବିଭାଗ)ରେ ଗ୍ୟାସ୍ ଲିକ୍ ହୋଇ ୪ଜଣ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା।

ସୂଚନାଯୋଗ୍ୟ, ସୋମବାର ସକାଳେ କାରଖାନାର ୫ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସ ୟୁ-ସିଲ୍ ନିକଟ ▶ପୃଷ୍ଠା-୯

### ତଦନ୍ତ କରିବେ ଶ୍ରମ ସଚିବ

■ ଭୁବନେଶ୍ୱର, ୧।୭(ସମିସ): ରାଉରକେଲା ଷ୍ଟିଲ ପ୍ଲାଣ୍ଟର ବ୍ଲାଷ୍ଟ ଫର୍ଣ୍ଣେନ୍ସରେ ଗ୍ୟାସ୍ ଲିକ୍ ଯୋଗୁଁ ୯ ଜଣ ଆହତ ହେବା ଏକ ଅଭାବନୀୟ ଓ ଦୁର୍ଭାଗ୍ୟଜନକ ଘଟଣା। ଏହି ଘଟଣାରେ ଭୁଲ ଓ ଅବହେଳା ଥିଲେ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରମମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ପ୍ରକାଶ କରିଛନ୍ତି। ଶ୍ରମ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଏ ସମ୍ବନ୍ଧରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିର୍ଦ୍ଦେଶ ଦେଇଛନ୍ତି।

**ଲୋକକଥା**



ଡବଲ ଇଞ୍ଜିନ ସରକାରଙ୍କର
କି ଗୁଣ ଗାଇବା ଭାଇ,
ପୋଲ ପରେ ପୋଲ ଗଳି ପଡୁଛି ତ
ପାଣି ଟାଙ୍କି ଭୁଷୁଡ଼ଇ।
ବିକାଶର ଗତି ଏଇ,
ମନ୍ତ୍ରୀ-ଯନ୍ତ୍ରୀ-ତନ୍ତ୍ରୀ ଅଏସ କରନ୍ତି
ଲୋକଙ୍କୁ ଚିକ୍କଣ କହି !!


**ଅତ୍ୟାଧୁନିକ ନିଦାନ ଓ ଗବେଷଣା ପ୍ରତିଷ୍ଠାନର ଅଭାବ**

# ଘୋଷଣାରେ ଅଟକିଛି ଜାତୀୟ ପ୍ରତିଷ୍ଠାନ

■ ଭୁବନେଶ୍ୱର, ୧।୭ (ପ୍ରିୟବ୍ରତ ନାୟକ): ବିଭିନ୍ନ ସଂକ୍ରାମକ ଏବଂ ବଂଶାନୁଗତ (ଜେନେଟିକ୍) ରୋଗର ପେଣ୍ଠସ୍ଥଳୀ ପାଲଟିଛି ଓଡ଼ିଶା। ଆନ୍ଥ୍ରାକ୍ସ, ଚିକନ୍ ଗୁନିଆ, ଜାପାନୀ ଜ୍ୱର, ସ୍ୱାଇନ୍ ଫ୍ଲୁ, ଯକ୍ଷ୍ମା, ଲିମ୍ଫାଟିକ୍ ଫାଇଲେରିଆ, ଡେଙ୍ଗୁ ପରେ ଏବେ ଡିପ୍‌ଥେରିଆ ମୁଣ୍ଡ ଟେକିଛି। ରାଜ୍ୟରେ ପୂର୍ବାପେକ୍ଷା ସ୍ୱାସ୍ଥ୍ୟ ସେବାରେ ଯଥେଷ୍ଟ ଅଗ୍ରଗତି ସତ୍ତ୍ୱେ ନିଦାନ ଓ ପରୀକ୍ଷା ପାଇଁ ଜାତୀୟ ପ୍ରତିଷ୍ଠାନର ଅଭାବ ପରିଲକ୍ଷିତ ହେଉଛି। ରାଜ୍ୟରେ ଦୁଇଟି ପ୍ରତିଷ୍ଠାନ ଆରଏମ୍ଆରସି ଏବଂ ଆଇଏଲ୍ଏସ୍ କାର୍ଯ୍ୟ କରୁଥିଲେ ହେଁ ସୀମିତ ମାନବସମ୍ବଳ ମଧ୍ୟରେ ଦୁଇ ପ୍ରତିଷ୍ଠାନ ସଂଗ୍ରାମ କରୁଛି। ଏବେ ବି ଅନେକ ଜଟିଳ ରୋଗର ପରୀକ୍ଷା ରିପୋର୍ଟ ପାଇଁ ବାହାର ରାଜ୍ୟରେ ଥିବା ଜାତୀୟ ଅନୁଷ୍ଠାନ ଉପରେ ଓଡ଼ିଶା ନିର୍ଭରଶୀଳ। ରିପୋର୍ଟ ଆସିବାରେ ବିଳମ୍ବ ଯୋଗୁଁ ଉପଯୁକ୍ତ ଚିକିତ୍ସାରେ ବିଳମ୍ବିତ ହେଉଛି, ଯାହା ରୋଗୀଙ୍କ ପାଇଁ ପ୍ରାଣଘାତକ ସାବ୍ୟସ୍ତ ହେଉଛି। ଓଡ଼ିଶାରେ ଜାତୀୟସ୍ତରର ପରୀକ୍ଷାଗାର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ ସୁଦ୍ଧା ଅନେକ ବର୍ଷ ପରେ ବି ତାହା ପ୍ରତିଷ୍ଠା ହୋଇପାରିଲା ନାହିଁ।

**ଓଡ଼ିଶାକୁ କବଳିତ କରୁଛି ଜଟିଳ ସଂକ୍ରାମକ ରୋଗ**

**ଆଜି ବି ପରୀକ୍ଷା ରିପୋର୍ଟ ପାଇଁ ଅନ୍ୟ ରାଜ୍ୟ ଭରସା**



କୋଭିଡ୍ ମହାମାରୀ ସମୟରେ ଅତ୍ୟାଧୁନିକ ପରୀକ୍ଷାଗାର କେତେ ଜରୁରୀ ତାହା ପ୍ରମାଣିତ ହୋଇଥିଲା। ଏହି ସମୟରେ ଭୁବନେଶ୍ୱରରେ ଥିବା ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲ୍ଏସ୍) ଏବଂ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର (ଆରଏମ୍ଆରସି) ପରୀକ୍ଷଣ ଦାୟିତ୍ୱ ନେଇଥିଲେ। ଏପରିକି ଦୁଇ ଅନୁଷ୍ଠାନର ସହାୟତାରେ କୋଭିଡ୍ ମୁକାବିଲା ଠାରୁ ଆରମ୍ଭ କରି ଜିନୋମ ସିକ୍ୱେନ୍ସିଂ ସମ୍ଭବ ହୋଇଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦୁଇ ଅନୁଷ୍ଠାନରେ ଅତ୍ୟାଧୁନିକ ଲ୍ୟାବ୍ ଥିଲେ ସୁଦ୍ଧା ▶ପୃଷ୍ଠା-୯

**ନକଲି ଡାକ୍ତର ଭୟ**

## ଯାଞ୍ଚ ହେବ ଡାକ୍ତର, ବିଶେଷଜ୍ଞ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଯୋଗ୍ୟତା

■ ଭୁବନେଶ୍ୱର, ୧।୭ (ସମିସ): ସରକାରୀ ଘରୋଇ ଭାଗିଦାରୀ (ପିପିପି) ମୋଡ୍ରେ ଚାଲିଥିବା ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ହେବାକୁ ଥିବା ଡାକ୍ତର, ବିଶେଷଜ୍ଞ ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ଯୋଗ୍ୟତା ଯାଞ୍ଚ କରାଯିବ। ସେମାନଙ୍କ ପ୍ରମାଣପତ୍ର ସହିତ କାର୍ଯ୍ୟଶୈଳୀ ଅନୁଧ୍ୟାନ କରିବା ଲାଗି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ବିଭାଗର ଶାସନ ସଚିବ ଶାଲିନି ପଣ୍ଡିତ ସମସ୍ତ ଜିଲ୍ଲାର ସିଡିଏମ୍ଓ, ଜିଲ୍ଲା ମିଶନ୍ ନିର୍ଦ୍ଦେଶକ, ▶ପୃଷ୍ଠା-୯

**ଡାଏଲିସିସ୍, ସିଟି ସ୍କାନ, ଏମ୍ଆରଆଇ ଆଦି କାର୍ଯ୍ୟରେ ନିୟୋଜିତ**



## ନିଟ୍ ତ୍ରୁଟିକୁ ନେଇ ସଂସଦରେ ହଙ୍ଗାମା

# ଆଲୋଚନା ପାଇଁ ମିଳିଲାନି ଅନୁମତି, ବିରୋଧୀଙ୍କ କକ୍ଷତ୍ୟାଗ

ନୂଆଦିଲ୍ଲୀ,୧।୭ (ଏଜେନ୍ସି)



ଲୋକସଭାର ସ୍ୱତନ୍ତ୍ର ଅଧିବେଶନର ଷଷ୍ଠ ଦିବସରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଶାସକ ଦଳକୁ ଘେରିଥିଲା ବେଳେ ଏଥିମଧ୍ୟରୁ ଅନ୍ୟତମ ପ୍ରସଙ୍ଗ ଥିଲା ନିଟ୍ ପରୀକ୍ଷା ତ୍ରୁଟି । ଏହି ପ୍ରସଙ୍ଗ ଉତଥାପନ କରି ବିରୋଧୀ ଦଳର ସଦସ୍ୟାମନେ ଗୃହରେ ହୋହଲ୍ଲା କରିବା ସହିତ ଏହା ଉପରେ ସ୍ୱତନ୍ତ୍ର ଭାବେ ଗୋଟିଏ ଦିନ ଆଲୋଚନା କରିବାକୁ ବାଚସ୍ପତିଙ୍କ ଅନୁମତି ଲୋଡିଥିଲେ। କିନ୍ତୁ ବାଚସ୍ପତି ଓମ୍ ବିର୍ଲା ଏଥିପାଇଁ ଅନୁମତି ନ ଦେବାରୁ ବିରୋଧୀ କକ୍ଷତ୍ୟାଗ କରିଥିଲେ। ସୋମବାର ସଂସଦୀୟ କାର୍ଯ୍ୟ ଆରମ୍ଭ ହେବା ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅନେକ ପ୍ରସଙ୍ଗରେ ଶାସକ ଦଳକୁ ଘେରିଥିଲେ ହେଁ ନିଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି କହିଥିଲେ। ସେ ବାଚସ୍ପତିଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ନିଟ୍ ଅନିୟମିତତା ଯୋଗୁ ୨ କୋଟିରୁ ଅଧିକ ଛାତ୍ରଛାତ୍ରୀ ପ୍ରଭାବିତ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ପରୀକ୍ଷାରେ ୭୦ ଥର ପେପର୍ ଲିକ୍ ହେଲାଣି । ତେଣୁ ଏହା ଉପରେ ଗୋଟିଏ ଦିନ ସ୍ୱତନ୍ତ୍ର ଆଲୋଚନା କରିବାକୁ ଚାହୁଁଛୁ ।ଯଦି ଆପଣ ଏହି ପ୍ରସଙ୍ଗ ଉପରେ ଗୋଟିଏ ସ୍ୱତନ୍ତ୍ର ଦିନ ଆଲୋଚନା କରିବାକୁ ଅନୁମତି ଦିଅନ୍ତି, ତେବେ ଆମେ ଖୁସି ହେବୁ । କିନ୍ତୁ ଶାସକ ଦଳ ପକ୍ଷରୁ ରାଜନାଥ ସିଂହ ଏ ଉପରେ ପ୍ରତିବାଦ କରିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ବ୍ରସ୍ତାବ ଉପରେ ଆଲୋଚନା ଚାଲିଥିବାରୁ ଗୃହର ନିୟମ ଏବଂ ପ୍ରକ୍ରିୟା ଅନୁସାରେ ଅନ୍ୟ କୌଣସି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଅନୁମତି ନ ଦେବାକୁ ରାଜନାଥ ଦାବି କରିଥିଲେ। ସେ କହିଥିଲେ ଯେ ସଂସଦର ସଦସ୍ୟ ଭାବେ ଏକ ଦଶନ୍ଧି ଧରି ତାଙ୍କ କାର୍ଯ୍ୟକାଳ ମଧ୍ୟରେ ରାଷ୍ଟ୍ରପତିଙ୍କ ଅଭିଭାଦନକୁ ନେଇ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିବା ସମୟରେ ଅନ୍ୟ କୌଣସି ପ୍ରସଙ୍ଗ କେବେ ବି ଉତ୍ଥାପନ କରାଯିବାର ନଜିର ନାହିଁ। ଧନ୍ୟବାଦ ପ୍ରସ୍ତାବ ଆଲୋଚନା ପରେ ଅନ୍ୟ ପ୍ରସଙ୍ଗ ଉଠାଯାଇପାରିବ ବୋଲି ରାଜନାଥ ସିଂ କହିଥିଲା ବେଳେ ବାଚସ୍ପତି ଓମ୍ ବିର୍ଲା ରାହୁଲ ଗାନ୍ଧୀଙ୍କୁ ସମାନ କାରଣ ଦର୍ଶାଇ ତାଙ୍କ ଅନୁରୋଧକୁ ଏଡାଇ ଯାଇଥିଲେ। କିନ୍ତୁ ବାଚସ୍ପତିଙ୍କ ଏଭଳି ଆଭିମୁଖ୍ୟକୁ ବିରୋଧ କରି ବିରୋଧୀ ଦଳର ସଦସ୍ୟାମନେ ଗୃହରେ ପ୍ରବଳ ହଟ୍ଟଗୋଳ କରିବା ସହିତ କକ୍ଷତ୍ୟାଗ କରିଥିଲେ।

## ଲୋକସଭା ବାଚସ୍ପତିଙ୍କ ପଦ ମର୍ଯ୍ୟାଦାକୁ ନେଇ ପ୍ରଶ୍ନ ଉଠାଇଲେ ରାହୁଲ


# ମୋ ସହ ହାତ ମିଳାଇଲେ; ମୋଦୀଙ୍କ ଆଗରେ ମୁଣ୍ଡ ନୁଆଇଁଲେ

ନୂଆଦିଲ୍ଲୀ,୧।୭ (ଏଜେନ୍ସି)



ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଉଭୟ ଗୃହର ମିଳିତ ଅଧିବେଶନରେ ଆଲୋଚନା ଚାଲିଥିଲା ବେଳେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ପ୍ରତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଠାଇଥିବା ପ୍ରଶ୍ନ ଶାସକ ଦଳର ସଦସ୍ୟମାନଙ୍କୁ ବିବ୍ରତ କରିଥିଲା। ରାହୁଲ ବିରୋଧୀ ଦଳ ନେତା ଭାବେ ଯେତେବେଳେ ବାଚସ୍ପତିଙ୍କ ସହ କରମର୍ଦ୍ଦନ କରିଥିଲେ ସେତେବେଳେ ଓମ୍ ବିର୍ଲା ସିଧାସଳଖ ଛିଡା ହୋଇଥିଲେ। କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ବେଳେ ବାଚସ୍ପତି ଓମ୍ ବିର୍ଲା କାହିଁକି ନତ ମସ୍ତକ ହୋଇପଡ଼ିଥିଲେ ବୋଲି ରାହୁଲ ପ୍ରଶ୍ନ କରିଥିଲେ। ଏହା ତାଙ୍କ ପଦ ମର୍ଯ୍ୟାଦାର ଅପବ୍ୟବହାର ଏବଂ ତାଙ୍କ ପଦବୀକୁ ନେଇ କୌଣସି ପ୍ରକାର ପକ୍ଷପାତିତା ନ ହେବା ଉଚିତ ବୋଲି ରାହୁଲ କହିଥିଲେ। ସେ କହିଥିଲେ ଯେ, ଓମ୍ ବିର୍ଲା ଯେଉଁ ଆସନରେ ବସିଛନ୍ତି ତାହା ଲୋକସଭାର ସର୍ବୋଚ୍ଚ ଆସନ । ବାଚସ୍ପତି ଯାହା ନିଷ୍ପତ୍ତି ନିଅନ୍ତି ତାହା ଗଣତନ୍ତ୍ରର ମୂଳଭିତ୍ତି ଉପରେ ଆଧାରିତ ରହିଥିବାରୁ ତାହାକୁ ସବୁ ସଦସ୍ୟ ସମ୍ମାନ ଦିଅନ୍ତି। କିନ୍ତୁ ସଂସଦର ସଦସ୍ୟମାନଙ୍କ ପ୍ରତି ଭିନ୍ନ ଆଚରଣ କରାଯିବା ଠିକ୍ ନୁହେଁ ବୋଲି ରାହୁଲ ଓମ୍ ବିର୍ଲାଙ୍କ ଉଦ୍ଦେଶ୍ୟରେ କହିବା ପରେ ରାହୁଲ ବାଚସ୍ପତିଙ୍କ ପ୍ରତି ଅସମ୍ମାନସୂଚକ ଟିପ୍ପଣୀ କରୁଛନ୍ତି ବୋଲି କହି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବିରୋଧ କରିଥିଲେ। ତେବେ ରାହୁଲଙ୍କ ପ୍ରଶ୍ନକୁ ନେଇ ବାଚସ୍ପତି ଓମ୍ ବିର୍ଲା ମଧ୍ୟ ସିଧାସଳଖ ଉତ୍ତର ରଖିଥିଲେ। ସେ କହିଥିଲେ ଯେ, 'ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ଗୃହର ନେତା । ମୋ ସଂସ୍କାର କହୁଛି , ବୟସ୍କମାନଙ୍କୁ ନମସ୍କାର କରି ଅଭିବାଦନ ଜଣାଇବା। ଆଉ ସମ ବୟସ୍କଙ୍କୁ ସିଧାସଳଖ ଛିଡା ହୋଇ ସ୍ୱାଗତ କରିବା। ମୋଦୀଙ୍କ ଭଳି ଜଣେ ବୟୋଜେଷ୍ୟ ନେତାଙ୍କ ପ୍ରତି ନତ ମସ୍ତକ ହେବା ହିଁ ମୋର ପରମ୍ପରା ଓ ସଂସ୍କୃତି ବୋଲି ' ଓମ୍ ବିର୍ଲା କହିଥିଲେ।

## ମେଧା ପାଟକରଙ୍କୁ ୫ମାସ ଜେଲ୍, ୧୦ଲକ୍ଷ ଜୋରିମାନା



ନୂଆଦିଲ୍ଲୀ, ୧।୭(ଏଜେନ୍ସି): ସାମାଜିକ କର୍ମୀ ମେଧା ପାଟକରଙ୍କୁ ଏକ ଫୌଜଦାରୀ ମାନହାନୀ ମାମଲାରେ ଦିଲ୍ଲୀର ସାକେତ କୋର୍ଟ ୫ ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ଓ ଅଭିଯୋଗକାରୀଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିଭରଣା ଦେବାକୁ ଆଦେଶ ଦେଇଛନ୍ତି। ମେଧାଙ୍କ ବିରୋଧରେ ଦିଲ୍ଲୀର ଉପରାଜ୍ୟପାଳ ଭିକେ ସକସେନା ଏହି ଫୌଜଦାରୀ ମାନହାନୀ ମାମଲା ଦାଏର କରିଥିଲେ। ମାମଲାର ବିଚାର କରି ମେଧାଙ୍କୁ ଦୋଷୀ ସାବ୍ୟସ୍ତ କରିଥିବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ରାଘବ ସାରମ ଆଦେଶ ଦେଇଛନ୍ତି, ମେଧାଙ୍କ ଜେଲ ଦଣ୍ଡ ଅଗଷ୍ଟ ପହିଲା ଯାଏ କାର୍ଯ୍ୟକାରୀ ହେବନାହିଁ ଓ ସେ ମଧ୍ୟରେ ମେଧା ଉପର କୋର୍ଟରେ ଏହି ରାୟକୁ ଚ୍ୟାଲେଞ୍ଜ କରିପାରିବେ । ପାଟକର ଓ ସକସେନାଙ୍କ ମଧ୍ୟରେ ୨୦୦୦ ମସିହାରୁ ଝଗଡ଼ା ଚାଲିଛି । ଅତୀତରେ ମେଧାଙ୍କ ନର୍ମଦା ବଚାଓ ଆନ୍ଦୋଳନ ବିରୋଧରେ ସକସେନା ବିଜ୍ଞାପନ ପ୍ରକାଶ କରିଥିଲେ। ୨୦୦୦ ନଭେମ୍ବର ୨୫ରେ ମେଧା 'ଟ୍ରୁ ଫେସ୍ ଅଫ୍ ପାଟ୍ରିଅଟ୍' ଶୀର୍ଷକ ପ୍ରେସ୍ ରିଲିଜ୍ ଦେଇଥିଲେ ଯେଉଁଥିରେ ସକସେନାଙ୍କ ବିରୋଧରେ ଅନେକ ଅଭିଯାଗ ଥିଲା । ଅଭିଯୋଗ କାଳ୍ପନିକ, ଅସତ୍ୟ ଓ ମାନହାନୀମୂଳକ ଦର୍ଶାଇ ସକସେନା ସେତେବେଳେ ମେଧାଙ୍କ ବିରୋଧରେ ଫୌଜଦାରୀ ମାନହାନୀ ମକଦ୍ଦମା ଦାଏର କରିଥିଲେ ।

● ସାଂସଦ ଭାବେ ଶପଥ ନେବେ ଇଞ୍ଜିନିୟର ରସିଦ!

## ଅମ୍ରିତପାଲ ସିଂହ ନେଇନାହାନ୍ତି ଶପଥ



ନୂଆଦିଲ୍ଲୀ,୧।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ବାରମୂଳା ସଂସଦୀୟ କ୍ଷେତ୍ରରୁ ଲୋକସଭାକୁ ନିର୍ବାଚିତ ହୋଇଥିବା ଶେଖ୍ ଅବଦୁଲ୍ ରସିଦ୍ ଓରଫ ଇଞ୍ଜିନିୟର୍ ରସିଦ୍ ସାଂସଦ ଭାବେ ଶପଥ ପାଠ କରିବା ସମ୍ଭାବନା ଉଜ୍ଜ୍ୱଳ ହୋଇଛି । ନ୍ୟାସନାଲ୍ ଇନଭେଷ୍ଟିଗେସନ୍ ଏଜେନ୍ସି (ଏନ୍ଆଇଏ) ଏକ ଟେରର୍ ଫଣ୍ଡିଂ ମାମଲାରେ ୨୦୧୯ରେ ରସିଦ୍‌ଙ୍କୁ ଗିରଫ କରିଥିଲା । ରସିଦ୍ ସେବେଠାରୁ ତିହାର ଜେଲ୍‌ରେ ବିଚାରାଧୀନ ବନ୍ଦୀ ଅଛନ୍ତି। ଜେଲ୍‌ରେ ଥାଇ ରସିଦ୍ ସ୍ୱାଧୀନ ପ୍ରାର୍ଥୀ ଭାବେ ଲୋକସଭା ନିର୍ବାଚନ ଲଢ଼ି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଓମର ଅବଦୁଲ୍ଲାଙ୍କୁ ୨ଲକ୍ଷରୁ ଅଧିକ ଭୋଟ ବ୍ୟବଧାନରେ ହରାଇ ସଂସଦକୁ ନିର୍ବାଚିତ ହୋଇଛନ୍ତି। ଜୁନ୍ ୨୪ରେ ନିର୍ବାଚିତ ସାଂସଦମାନେ ଶପଥ ପାଠ କଲାବେଳେ ରସିଦ୍‌ଙ୍କ ନାମ ଡ଼କାଯାଇଥିଲା । କିନ୍ତୁ ଜେଲରେ ଥିବାରୁ ସେ ଶପଥ ପାଠ କରି ପାରିନାହାନ୍ତି। ତାଙ୍କୁ ମଧ୍ୟବର୍ତ୍ତୀ ଜାମିନ କିମ୍ବା କଷ୍ଟୋଡି ପାରୋଲ୍ ମିଳିଲେ ସେ ସାଂସଦ ଭାବେ ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିପାରିବେ ଦର୍ଶାଇ ରସିଦ୍ ଦିଲ୍ଲୀର ଅତିରିକ୍ତ ସେସନ୍ସ ଜଜ୍‌ଙ୍କ ଅଦାଲତରେ ଏକ ପିଟିସନ୍ ଦାଖଲ କରିଥିଲେ। ଏନ୍ଆଇଏ ଏହାକୁ ବିରୋଧ କରିନାହିଁ। ଏନ୍ଆଇଏ ଅଦାଲତଙ୍କୁ ଜଣାଇଛି ଯେ ରସିଦ୍ ଯଦି ସମସ୍ତ କାର୍ଯ୍ୟ ଗୋଟିଏ ଦିନରେ ସାରିବେ, ମିଡିଆକୁ କିଛି ନକହିବାକୁ ରାଜି ହେବେ. ତେବେ ତାଙ୍କୁ ଦିନକ ପାଇଁ ଜାମିନ ଦିଆଗଲେ ସେଥିପ୍ରତି ଆପତ୍ତି ଉଠାଯିବ ନାହିଁ। ଆସନ୍ତା କାଲି ଜଜ୍ ତାଙ୍କ ଆଦେଶ ଦେବେ । ରସିଦଙ୍କ ଭଳି ପଞ୍ଜାବର ଜଣେ ନିର୍ବାଚିତ ସାଂସଦ ଅମ୍ରିତପାଲ ସିଂହ ମଧ୍ୟ ଆସାମର ଏକ ଜେଲ୍‌ରେ ବନ୍ଦୀ ଥିବା କାରଣରୁ ଶପଥ ଗ୍ରହଣ କରିପାରି ନାହାନ୍ତି। ଚରମପନ୍ଥୀ ପ୍ରଚାରକ ଅମ୍ରିତପାଲଙ୍କୁ ଜାତୀୟ ସୁରକ୍ଷା ଆଇନ(ଏନ୍ଏସ୍ଏ) ବଳରେ ଗିରଫ କରାଯାଇ ଜେଲରେ ରଖାଯାଇଛି। ଜେଲ୍‌ରେ ଥାଇ ଅମ୍ରିତପାଲ ଲୋକସଭା ନିର୍ବାଚନ ଲଢ଼ି ଜିତିଛନ୍ତି।

## ପ୍ରବଳ ବର୍ଷାରେ ରାସ୍ତାରେ ବୁଲିଲା କୁମ୍ଭୀର



ମୁମ୍ବାଇ,୧।୭(ଏଜେନ୍ସି): ବର୍ତ୍ତମାନ ଦକ୍ଷିଣ ପଶ୍ଚିମ ମୌସୁମୀ ସାରା ଦେଶରେ ସକ୍ରିୟ ହୋଇପଡ଼ିଥିବା ବେଳେ ଦେଶର ପ୍ରତ୍ୟେକ ଭାଗରେ ଭାରୀ ବର୍ଷା ଲାଗି ରହିଛି। କିନ୍ତୁ ବର୍ଷା ବେଳେ ମହାରାଷ୍ଟ୍ରରେ ଏକ ଅଦ୍ଭୁତ ଘଟଣା ଦେଖିବାକୁ ମିଳିଛି। ମହାରାଷ୍ଟ୍ରର ଉପକୂଳ ରତ୍ନଗିରି ଜିଲ୍ଲାର ଏକ ରାସ୍ତା ଉପରେ କୁମ୍ଭୀର ଚାଲୁଥିବାର ଦେଖାଯାଇଛି। ପ୍ରବଳ ବର୍ଷା ପରେ କୁମ୍ଭୀରଟି ରାସ୍ତା ଉପରକୁ ଚାଲି ଆସିଥିବା କୁହାଯାଉଛି । କୁମ୍ଭୀରଟି ରାସ୍ତା ଉପରେ ଚାଲୁଥିଲା ବେଳେ ଜଣେ ଅଟୋ ଡ୍ରାଇଭର ଏହାର ଭିଡିଓକୁ କ୍ୟାମେରାରେ କଏଦ କରିଥିଲେ । ଯାହାକି ଏବେ ଭାଇରାଲ ହୋଇଛି । କୁମ୍ଭୀରଟି ନିକଟସ୍ଥ ଶିବ ନଦୀରୁ ଚାଲି ଆସିଥିବା ସନ୍ଦେହ କରାଯାଉଛି । ଗତ କିଛି ଦିନ ହେବ ଚିପଲୁନ୍ ଏବଂ ରତ୍ନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବାରୁ ଏଠାକାର ବହୁ ନଦୀ ଜଳସ୍ତର ବୃଦ୍ଧି ପାଇଛି। ତେବେ କୁମ୍ଭୀର ରାସ୍ତାରେ ବୁଲିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

## ସିବିଆଇ ଗିରଫଦାରୀକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଗଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧।୭ (ଏଜେନ୍ସି)



ଦିଲ୍ଲୀ ମଦ ନୀତି ନିର୍ଦ୍ଧାରଣରେ ଦୁର୍ନୀତି ମାମଲାରେ ସିବିଆଇ ତାଙ୍କୁ ଗିରଫ କରିବା ଓ ଟ୍ରାଏଲ୍ କୋର୍ଟ ତାଙ୍କୁ ରିମାଣ୍ଡରେ ନେବା ପାଇଁ ସିବିଆଇକୁ ଅନୁମତି ଦେଇଥିବା-ଉଭୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଆଜି ଦିଲ୍ଲୀ ହାଇକୋର୍ଟରେ ପିଟିସନ୍ ଫାଇଲ୍ କରିଛନ୍ତି । ସିବିଆଇ କେଜ୍ରିୱାଲଙ୍କୁ ଗିରଫ କରି ଟ୍ରାଏଲ୍ କୋର୍ଟରେ ହାଜର କରାଇଥିଲା ଓ କଷ୍ଟୋଡିଆଲ୍ ଇଣ୍ଟୋରାଗେସନ୍ ପାଇଁ ତିନି ଦିନିଆ ରିମାଣ୍ଡରେ ନେଇଥିଲା। ଗତ ଶନିବାର ଦିନ ରିମାଣ୍ଡ ଅବଧି ସରିବାରୁ ତାଙ୍କୁ ପୁଣି ଟ୍ରାଏଲ୍ କୋର୍ଟରେ ହାଜର କରାଯାଇଥିଲା । ଟ୍ରାଏଲ୍ କୋର୍ଟ କେଜ୍ରିୱାଲଙ୍କୁ ଜୁଲାଇ ୧୨ ଯାଏ ଜେଲ ପଠାଇଛନ୍ତି। ସିବିଆଇ ଓକିଲ କୋର୍ଟଙ୍କୁ କହିଥିଲେ ଯେ କେଜ୍ରିୱାଲ ତଦନ୍ତରେ ସହଯୋଗ କରୁନାହାନ୍ତି । ସତ ନ କହି ବୁଲେଇବଙ୍କେଇ ଏଣୁତେଣୁ ଉତ୍ତର ଦେଉଛନ୍ତି । ମଦ ଦୁର୍ନୀତିରୁ ଅର୍ଜିତ ଧନ ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରାଯାଇଥିବାର ପ୍ରମାଣ ସିବିଆଇ ପାଖରେ ଅଛି । ସେଥରୁ କିଛି ଖର୍ଚ୍ଚ କରାଯାଇ କେଜ୍ରିୱାଲଙ୍କ ପାଇଁ ବିମାନ ଟିକେଟ ଓ ହୋଟେଲ ବୁକିଂ କରାଯାଇଛି ।

## ମାନହାନୀ ମାମଲା | ୫୦ଲକ୍ଷ କ୍ଷତିଭରଣା ଦେବାକୁ ଟିଏମ୍‌ସି ସାଂସଦଙ୍କୁ ନିର୍ଦ୍ଦେଶ


ନୂଆଦିଲ୍ଲୀ, ୧।୭(ଏଜେନ୍ସି): ଏକ ମାନହାନୀ ମାମଲାର ବିଚାର କରି ଦିଲ୍ଲୀ ହାଇକୋର୍ଟ ଆଜି ଟିଏମ୍‌ସି ସାଂସଦ ସାକେତ ଗୋଖଲେଙ୍କୁ ଦୋଷୀ ସାବ୍ୟସ୍ତ କରି ଅଭିଯୋଗକାରିଣୀଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିଭରଣା ରାଶି ଆକାରରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗୋଖଲେ ତାଙ୍କ ଏକ୍ସ ଆକାଉଣ୍ଟ ହ୍ୟାଣ୍ଡଲରେ ପୂର୍ବତନ କୂଟନୀତିଜ୍ଞ ଲକ୍ଷ୍ମୀ ପୁରି ଓ ତାଙ୍କ ସ୍ୱାମୀ କେନ୍ଦ୍ର ମନ୍ତ୍ରୀ ହରଦୀପ ପୁରିଙ୍କ ଆୟର ଉତ୍ସ ଓ ସୁଇଜରଲ୍ୟାଣ୍ଡରେ ସମ୍ପତ୍ତି କିଣାନେଇ ଅସତ୍ୟ, ନିରାଧାର, ମାନହାନୀମୂଳକ କେତେକ ଟ୍ୱିଟ୍ ପୋଷ୍ଟ କରିଥିଲେ । ଲକ୍ଷ୍ମୀ ପୁରି ସାମାଜିକ ଗଣମାଧ୍ୟମରେ ଏପରି କୁତ୍ସାରଟନା ଓ ଅପନିନ୍ଦା ପ୍ରଚାରରେ ତାଙ୍କର ଓ ତାଙ୍କ ପରିବାରର ସଦସ୍ୟଙ୍କ ସମ୍ମାନହାନୀ ହୋଇଥିବା ଦର୍ଶାଇ ଗୋଖଲେଙ୍କ ବିରୋଧରେ ମାନହାନୀ ମକଦ୍ଦମା ଦାଏର କରି ୫କୋଟି ଟଙ୍କା କ୍ଷତିଭରଣା ଦାବି କରିଥିଲେ । ଏହି ମାମଲାର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ଗତ ବର୍ଷ ଜୁଲାଇ ୧୩ରେ ଗୋଖଲେଙ୍କୁ ଆପତ୍ତି କରାଯାଇଥିବା ସମସ୍ତ ଟ୍ୱିଟ୍ ୨୪ ଘଣ୍ଟା ମଧ୍ୟରେ ହଟାଇବାକୁ ଓ ସେ ସମ୍ପର୍କିତ ଆଉ କୌଣସି ଟ୍ୱିଟ୍ ପୋଷ୍ଟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଏହି ମାମଲାର ରାୟ ଶୁଣାଇ ହାଇକୋର୍ଟ ଲକ୍ଷ୍ମୀ ପୁରିଙ୍କୁ ୫୦ଲକ୍ଷ ଟଙ୍କା କ୍ଷତିଭରଣା ଦେବାକୁ ଓ ପୁରି ପରିବାରର ମାନହାନୀ ଘଟାଇଥିବାରୁ କ୍ଷମା ମାଗୁଛନ୍ତି ବୋଲି ଟ୍ୱିଟ୍ ପୋଷ୍ଟ କରିବାକୁ ଗୋଖଲେଙ୍କୁ ଆଦେଶ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ ଗୋଖଲେ ତାଙ୍କ କ୍ଷମା ପ୍ରାର୍ଥନା ଟ୍ୱିଟ୍‌କୁ ୬ମାସ ଯାଏ ଡିଲିଟ୍ କରିପାରିବେ ନାହିଁ। ତେବେ ଗୋଖଲେ ରାୟ ପୁନର୍ବିଚାର କରାଯିବା ବା ବଦଳାଯିବା ପ୍ରାର୍ଥନା କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି ।

## ଗୁପଚୁପ୍‌ରେ କର୍କଟ ସୃଷ୍ଟିକାରୀ ରସାୟନ ସାମଗ୍ରୀ

ବେଙ୍ଗାଲୁରୁ, ୧।୭(ସମିସ): ଯେଉଁମାନେ ଗୁପଚୁପ୍ ଖାଉଛନ୍ତି ସେମାନଙ୍କ ପାଇଁ ଖରାପ ଖବର । କର୍ଣ୍ଣାଟକର ଏଫ୍ଏସଏସଏଆଇ ଗୁପଚୁପରେ କର୍କଟ ରୋଗ ସୃଷ୍ଟି କରୁଥିବା ରାସାୟନିକ ସାମଗ୍ରୀକୁ ଚିହ୍ନଟ କରିଛନ୍ତି। ଏଫ୍ଏସଏସଏଆଇ ଗୁପଚୁପ୍ ନମୁନାରେ ହଳଦିଆ, ଉଜ୍ଜ୍ୱଳ ନୀଳ ରଙ୍ଗ ଏବଂ ଟେଟ୍ରୋ ଜେନ ଭଳି ରାସାୟନିକ ପଦାର୍ଥ ପାଇଛନ୍ତି। ପରୀକ୍ଷା କରିଥିବା ଡାକ୍ତରମାନଙ୍କ ସୂଚନା ଅନୁସାରେ ଏହି କୃତ୍ରିମ ରଙ୍ଗଗୁଡ଼ିକ ପେଟ ବ୍ୟଥାଠାରୁ ଆରମ୍ଭ କରି ହୃଦଘାତ ପର୍ଯ୍ୟନ୍ତ ସମସ୍ୟା ସୃଷ୍ଟି କରିପାରେ। ଏହା ବ୍ୟତୀତ ଏହା ଆଣ୍ଟ୍ରୁମ୍ୟୁଜେନ ନାମକ ଏକ ରୋଗ ମଧ୍ୟ ସୃଷ୍ଟି କରିପାରେ। ୬୯ଟି ସ୍ଥାନରୁ ୨୬୦ଟି ନମୁନା ସଂଗ୍ରହ କରି ଏହାକୁ ଏଫ୍ଏସ୍ଏସ୍ଏଆଇରେ ପରୀକ୍ଷା କରାଯାଇଥିଲା। ଯେଉଁଥିରୁ ୨୨% ନମୁନାରେ କର୍କଟ ସୃଷ୍ଟିକାରୀ ରାସାୟନିକ ସାମଗ୍ରୀର ସୂଚନା ମିଳିଛି । କର୍ଣ୍ଣାଟକ ଖାଦ୍ୟ ସୁରକ୍ଷା କମିଶନର ଶ୍ରୀନିବାସ କେ ଙ୍କ ସୂଚନା ଅନୁସାରେ ଗୁପଚୁପ୍‌ର ଗୁଣବତ୍ତା ସମ୍ପର୍କରେ ସାରା ରାଜ୍ୟରୁ ଅଭିଯୋଗ ହେଉଥିଲା। ଏହା ପରେ ରାସ୍ତା କଡ଼ରେ ଥିବା ଷ୍ଟଲରୁ ନମୁନା ନିଆଯାଇଥିଲା। ଯେଉଁଥିରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଚିନ୍ତାଜନକ ଖବର ମିଳିଛି । ଏହା ପୂର୍ବରୁ ମଧ୍ୟ ଖାଦ୍ୟ ନିରାପତ୍ତା ଏବଂ ମାନବ ପ୍ରା।ଧିକରଣ ଅଫ୍ ଇଣ୍ଡିଆ ବିଭିନ୍ନ ପ୍ରକାରର କବାବ, କୋବି ମଞ୍ଚୁରିଆନ୍ ଏବଂ କ୍ୟାଣ୍ଡି ଭଳି ଖାଦ୍ୟ ପଦାର୍ଥରେ ବ୍ୟବହାର କରାଯାଉଥିବା କୃତ୍ରିମ ଖାଦ୍ୟ ରଙ୍ଗ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ବର୍ତ୍ତମାନ ଗୁପଚୁପ୍‌ରେ ରାସାୟନିକ ପଦାର୍ଥ ସୃଷ୍ଟି କରୁଥିବା କର୍କଟ ଚିହ୍ନଟ ହେତୁ କର୍ଣ୍ଣାଟକ ସରକାର ରାସ୍ତାର ଖାଦ୍ୟ କିଣୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ।

## ସାରା ଦେଶରେ ଲାଗୁ ହେଲା ନୂଆ ଅପରାଧିକ ଆଇନ

# ଏଣିକି ଦଣ୍ଡ ବଦଳରେ ମିଳିବ ନ୍ୟାୟ : ଅମିତ ଶାହ



ଇତିହାସ ହୋଇ ରହିଯିବ ଆଇପିସି

ନୂଆଦିଲ୍ଲୀ,୧।୭(ଏଜେନ୍ସି): ଜୁଲାଇ ପହିଲାରୁ ସାରା ଦେଶରେ ଲାଗୁ ହୋଇଛି ନୂଆ ଅପରାଧିକ ଆଇନ । ଏହାଦ୍ୱାରା ବ୍ରିଟିଶ କାଳରୁ ପ୍ରଚଳିତ ହୋଇ ଆସୁଥିବା ଭାରତୀୟ ପିଙ୍ଗଳ କୋଡ (ଆଇପିସି), ଫୌଜଦାରୀ ଦଣ୍ଡବିଧି ଆଇନ୍ (ସିଆରପିସି) ଓ ଭାରତୀୟ ସାକ୍ଷ୍ୟ ଆଇନ (ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ) ଇତିହାସ ପାଲଟିଯିବ । ଏହା ପରିବର୍ତ୍ତେ ଏବେ ପ୍ରଚଳନ କରାଯାଇଥିବା ନୂଆ ୩ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଓ ଭାରତୀସାକ୍ଷ୍ୟଅଧିନିୟମ(ବିଏସ୍ଏ) କାର୍ଯ୍ୟକ୍ଷମହେବ । ଏହିନୂଆଆଇନରେଦଣ୍ଡବିଧାନ ତୁଳନାରେ ନ୍ୟାୟ ପ୍ରଦାନକୁ ପ୍ରାଥମିକତା ଦିଆଯିବ । ସଂଶୋଧିତ ଧାରା ଓ ଦଣ୍ଡବିଧାନ ଅନୁସାରେ ଦୋଷୀକୁ ଦଣ୍ଡ ମିଳିବା ସହିତ ନିର୍ଦ୍ଦୋଷକୁ ନ୍ୟାୟ ମିଳିପାରିବ । ଏହିକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗଣମାଧ୍ୟମକୁ ଏକ ସାକ୍ଷାତକାରଦ୍ୱୋ ଅବସରରେ କହିଛନ୍ତି ଯେ, ଏଣିକି ଲୋକଙ୍କୁ ଦଣ୍ଡ ବଦଳରେ ନ୍ୟାୟ ମିଳିବ । ସ୍ୱାଧୀନତାର ୭୭ ବର୍ଷ ପରେ ଏବେ ଦେଶରେ ସ୍ୱଦେଶୀ ଆଇନକାନୁନ ବ୍ୟବସ୍ଥା ଲାଗୁ ହୋଇଛି। ନୂଆ ଆଇନର କାର୍ଯ୍ୟକାରିତା ନେଇ ପୁଲିସ ପ୍ରସ୍ତୁତ ହୋଇସାରିଛି। ଏହି ନୂଆ ଆଇନର ବ୍ୟବସ୍ଥା ଏଭଳି ରହିଛି ଯାହାକି ମହିଳାଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଗୋଷ୍ଠୀଙ୍କୁ ଦଣ୍ଡ ବଦଳରେ ନ୍ୟାୟ ପ୍ରଦାନ କରିବ ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ନୂଆ ଆଇନରେ ଅନଲାଇନରେ ଇ-ସମନକୁ ଗୁରୁତ୍ୱ ଦିଆଯାଇଛି । ଅନଲାଇନରେ ଇମେଲ ବା ହ୍ୱାଟ୍ସଆପ ଯୋଗେ ଏଥର ସମନ ଆସିବ । ଏହି ପ୍ରକ୍ରିୟାରେ ଆଉ ଡାକ ଜରିଆରେ ବିଳମ୍ବରେ ସମନ ପହଞ୍ଚିବା ସମସ୍ୟା ରହିବ ନାହିଁ । ଯେକୌଣସି ବ୍ୟକ୍ତି ସହଜରେ କିଛି କେସ ବା ସେ ସଂକ୍ରାନ୍ତୀୟ ସମସ୍ୟା ଥିଲେ ଫୋନ ଯୋଗେ ଅବା ଅନଲାଇନ ଜରିଆରେ ଜାଣିପାରିବେ ।

ସେହିଭଳି ଦୁଷ୍କର୍ମ ମାମଲାରେ ଖବର ମିଳିବାର ୨୪ ଘଣ୍ଟା ଭିତରେ ପୀଡିତାର ଡାକ୍ତରୀମାଇନା କରିବାକୁ ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ଏଣିକି ପୁଲିସ କୌଣସି ମାମଲାରେ କାହାରିକୁ ଗିରଫ କରିବା ବେଳେ କିମ୍ବା କୋର୍ଟରେ ହାଜର କରାଇବା ବେଳେ ହାତକଡ଼ି ଲଗାଇପାରିବ ନାହିଁ। ବିଏନଏସ ଧାରା ୪୩ (୩) ଅନୁସାରେ କେବଳ ଅଭ୍ୟାସଗତ ଅପରାଧୀ, ଫେରାର୍ ହୋଇଥିବା ଅଭିଯୁକ୍ତ, କିମ୍ବା ଆତଙ୍କବାଦୀ କାର୍ଯ୍ୟକଳାପରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ ହାତକଡ଼ି ଲଗାଇପାରିବ। ଏଥିସହ ହତ୍ୟା, ଦୁଷ୍କର୍ମ, ଏସିଡ୍ ଆଟାକ, ମାନବଚାଲାଣ, ଡ୍ରଗ୍ସ ଓ ଶିଶୁଙ୍କୁ ଯୌନ ଶୋଷଣ ଆଦି ମାମଲାର ଅଭିଯୁକ୍ତଙ୍କୁ ହାତକଡ଼ି ପକାଇହେବ । ଜଣେ ଚାହିଁଲେ ଅନଲାଇନରେ କିମ୍ବା ଜିରୋ-ଏଫ୍ଆଇଆର୍ ବ୍ୟବସ୍ଥା ଅନୁସାରେ ଦେଶର ଯେକୌଣସି ଥାନାରେ ଏତଲା ଦେଇପାରିବେ । ସେହିପରି ନୂଆ ବ୍ୟବସ୍ଥାରେ ଜିରୋ ଏଫଆଇଆରକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ଏବେ ଜଣେ ବ୍ୟକ୍ତି ଚାହିଁଲେ ଅନଲାଇନରେ କିମ୍ବା ଜିରୋ-ଏଫଆଇଆର ବ୍ୟବସ୍ଥା ଅନୁସାରେ ଦେଶର ଯେକୌଣସି ଥାନାରେ ଏତଲା ଦେଇପାରିବେ ।


● ସମାଜବାଦୀ ପାର୍ଟି ନେତାଙ୍କ ଘର ଉପରେ ଗୁଳିମାଡ଼

## ହସ୍ପିଟାଲରେ ଭର୍ତ୍ତି ହେଲେ ପରିବାରର ସବୁ ସଦସ୍ୟ

ଲକ୍ଷ୍ନୌ,୧।୭(ଏଜେନ୍ସି): ସମାଜବାଦୀ ପାର୍ଟି ନେତା ତଥା ପୂର୍ବତନ କର୍ପୋରେଟର ବିଜୟ ଯାଦବଙ୍କ ଘର ଉପରକୁ ଭୟଙ୍କର ଗୁଳିମାଡ଼ କରାଯାଇଛି। ଏଥିରେ ପରିବାରର ସମସ୍ତ ୬ ସଦସ୍ୟ ଗୁରୁତର ଆହତ ହୋଇଥିଲା ବେଳେ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରେ ଜଣେ ଶିଶୁ ମଧ୍ୟ ରହିଛି। ମିଳିଥିବା ଖବର ଅନୁସାରେ ଉତ୍ତର ପ୍ରଦେଶର ଦଶାଶ୍ୱମେଧ ଅଞ୍ଚଳରେ ରବିବାର ରାତିରେ ଏଭଳି ଘଟଣା ଘଟିଛି। ଆକ୍ରମଣକାରୀର ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଏଭଳି ଗୁଳିମାଡ଼ କରିଛନ୍ତି ବୋଲି ବିଜୟ ଯାଦବ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ପୁଲିସ ଅଙ୍କିତ ଯାଦବ, ଶୋଭିତ ବର୍ମା, ଗୋବିନ୍ଦ ଯାଦବ, ଶାହିଲ ଯାଦବ ଓ ଅନ୍ୟ କିଛି ଲୋକଙ୍କ ବିରୋଧରେ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି । ଗୁଳିମାଡ଼ରେ ନର୍ଭୟ ଯାଦବ(୬), କିରଣ ଯାଦବ, ଉମେଶ ଯାଦବ, ଦୀନେଶ ଯାଦବ ଓ ଶୁବମନ ଓରଫ ଗୋଲୁ ଆହତ ହୋଇଛନ୍ତି ।ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ଅବସ୍ଥା ସ୍ଥିର ରହିଥିବା କୁହାଯାଇଛି । ତେବେ ବିଜୟଙ୍କୁ କୌଣସି କ୍ଷତି ହୋଇ ନାହିଁ । ଏହି ଘଟଣା ପରେ ପୁଲିସ କମିସନର ମୋହିତ ଅଗ୍ରୱାଲ କାର୍ଯ୍ୟରେ ଅବହେଳା ପାଇଁ ଦଶାଶ୍ୱମେଧ ଥାନାର ଏସ୍ଆଇ ରାକେଶ ପଲଙ୍କୁ ନିଲମ୍ବିତ କରିଛନ୍ତି ।

## ଆଇଜିଆଇଏ ଟର୍ମିନାଲ-୧ ଦୁର୍ଘଟଣା; ୨୨୬୧୫ ଯାତ୍ରୀ ପ୍ରଭାବିତ

# ସମସ୍ତ ଯାତ୍ରୀଙ୍କୁ ଫେରସ୍ତ ହେଲା ବିମାନ ଭଡ଼ା



ନୂଆଦିଲ୍ଲୀ, ୧।୭ (ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର (ଆଇଜିଆଇଏ) ର ୧ନମ୍ବର ଟର୍ମିନାଲର ଛାତର ଏକ ଅଂଶ ଗତ ଶୁକ୍ରବାର ସକାଳ ୫ଟା ବେଳେ ଖସିପଡ଼ିବା ଓ ସେଥିରେ ରମେଶ କୁମାର ନାମକ ଜଣେ ୪୫ବର୍ଷ ବୟସର ବ୍ୟକ୍ତିଙ୍କର ମୃତ୍ୟୁ ଓ ଅନ୍ୟ ୮ ଜଣ ଆହତ ହେବା ପରଠାରୁ ସେହି ଟର୍ମିନାଲରେ ବିମାନ ଚଳାଚଳ ବନ୍ଦ ରଖାଯାଇଛି। ୧ନମ୍ବର ଟର୍ମିନାଲ ବ୍ୟବହାର କରୁଥିବା ବିମାନଗୁଡ଼ିକ ଏବେ ୨ ଓ ୩ ନମ୍ବର ଟର୍ମିନାଲରୁ ଚଳାଚଳ କରୁଛନ୍ତି। ବେସାମରିକ ବିମାନ ଚଳାଚଳ ବିଭାଗ ପକ୍ଷରୁ ଆଜି ଦିଆଯାଇଥିବା ସୂଚନା ଅନୁଯାୟୀ, ୧ ନମ୍ବର ଟର୍ମିନାଲ ବନ୍ଦ ରଖାଯିବାରୁ ୨୨୬୧୫ ଯାତ୍ରୀ ପ୍ରଭାବିତ ହୋଇଛନ୍ତି। ୧ନମ୍ବର ଟର୍ମିନାଲରୁ ମୁଖ୍ୟତଃ ଇଣ୍ଡିଗୋ ଓ ସ୍ପାଇସଜେଟ୍‌ର ବିମାନଗୁଡ଼ିକ ଚଳାଚଳ କରୁଥିଲା। ଇଣ୍ଡିଗୋ ୯୪୩୧ ଯାତ୍ରୀଙ୍କୁ ଓ ସ୍ପାଇସଜେଟ୍ ୫୪୧ ଯାତ୍ରୀଙ୍କୁ ବିମାନ ଭଡ଼ା ଫେରସ୍ତ କରିଛି। ଦିଆଯାଇଛି। ବେସାମରିକ ବିମାନ ଚଳାଚଳ ବିଭାଗର ମନ୍ତ୍ରୀ ରାମ ମୋହନ ନାଇଡୁ ବିଭାଗୀୟ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକ କରି ବିମାନବନ୍ଦର ପରିଚାଳନା ରକ୍ଷଣାବେକ୍ଷଣ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବିଭାଗୀୟ ମହାନିର୍ଦ୍ଦେଶକଙ୍କୁ ବିମାନବନ୍ଦରର ଘାଞ୍ଚାର ପରୀକ୍ଷା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣାର ତଦନ୍ତ ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷ ଏକ କମିଟି ଗଡ଼ିଛନ୍ତି। ମୃତକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଓ ଆହତଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଆକାରରେ ଦିଆଯିବାର ବ୍ୟବସ୍ଥା ହୋଇଛି।

**ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ**

# ଓଡ଼ିଶା ପ୍ରତି ବୈମାତୃକ ଭାବ ତ୍ୟାଗ କରୁ କେନ୍ଦ୍ର: ଶୁଭାଶିଷ

**ଭୁବନେଶ୍ୱର,୧୭(ସମିସ):** ବିଜୁ ଜନତା ଦଳରୁ ରାଜ୍ୟସଭାକୁ ସାଂସଦ ଭାବେ ନିର୍ବାଚିତ ହେବା ପରେ ନିଜ ପ୍ରଥମ ଅଭିଭାଷଣକୁ ଅତି ଶାଣିତ ଢଙ୍ଗରେ ଉପସ୍ଥାପିତ କରିଛନ୍ତି ସାଂସଦ ଶୁଭାଶିଷ ଖୁଣ୍ଟିଆ। ସଂସଦର ଉଚ୍ଚ ସଦନରେ ଶୁଭାଶିଷ ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ଏକାଧିକ ପ୍ରସଙ୍ଗ ଉତ୍ଥାପନ କରିବା ସହ ଏନେଇ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଗତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ନିଜ ମତ ରଖି ଶୁଭାଶିଷ କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଥିବା ବୈମାତୃକ ମନୋଭାବକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସହ ଜଗନ୍ନାଥ ଚେତନା ତଥା ଓଡ଼ିଶାର ପ୍ରାଚୁର୍ଯ୍ୟ ସଂକ୍ରାନ୍ତ ବକ୍ତବ୍ୟ ଉପସ୍ଥାପନ କରି ସେ ତାଙ୍କ ପ୍ରଥମ ଅଭିବାଦନରେ ସଂସଦରେ ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇପାରିଛନ୍ତି।

ସେ କହିଛନ୍ତି, ପବିତ୍ର ପୁରୀ ଧାମ ହେଉଛି ମୋର ଜନ୍ମ ଓ କର୍ମ ଭୂମି। ମହାପ୍ରଭୁ ଜଗନ୍ନାଥଙ୍କୁ କୌଣସି ସଂକୀର୍ଣ୍ଣ ବନ୍ଧନରେ ବାନ୍ଧି ହେବ ନାହିଁ। ସେ ଭାବର ଠାକୁର, ସେ ଭାବ ବନ୍ଧନରେ ବାନ୍ଧି ହେବାକୁ ସର୍ବଦା ପ୍ରସ୍ତୁତ। ସେ ଜଗତର ନାଥ, ତାଙ୍କଠି ସବୁ ପଥ, ମତ ଓ ତତ୍ତ୍ୱ, ଦର୍ଶନ, ଚିନ୍ତନ ସମାହିତ। ଶଙ୍କରାଚାର୍ଯ୍ୟଙ୍କଠାରୁ ଆରମ୍ଭ କରି ନାନକ, ଚୈତନ୍ୟ, ସାଲବେଗ ସମସ୍ତେ ତାଙ୍କର ଭକ୍ତ। ସେ ପତିତଙ୍କ ଠାକୁର ଓ ଯଥାର୍ଥରେ ଭାରତୀୟତାର ପ୍ରତୀକ। ଗତ ବିଜେଡି ସରକାର ସମୟରେ ଶ୍ରୀକ୍ଷେତ୍ର ପୁରୀରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ। ଗଜପତି ମହାରାଜାଙ୍କ ଭାଷାରେ ଗତ ୭ ଶହ ବର୍ଷରେ ଯାହା ହୋଇ ପାରିନଥିଲା, ତାହା ହୋଇପାରିଛି। ପ୍ରଗତି ଏକ ନିରନ୍ତର ପ୍ରକ୍ରିୟା, ତେଣୁ ଏହାକୁ ଆଗେଇ ନେବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ। ଶ୍ରୀଜଗନ୍ନାଥ କେବଳ ଓଡ଼ିଶାର ନୁହନ୍ତି; ସାରା ଭାରତର ତଥା ସାରା ଜଗତର ନାଥ। ଶ୍ରୀକ୍ଷେତ୍ରର ସର୍ବାଙ୍ଗୀନ ବିକାଶ ତଥା ଶ୍ରୀ ଓ ସମୃଦ୍ଧି ପାଇଁ ସମସ୍ତ ସହଯୋଗ କାମନା କରୁଛି। ଆନ୍ତର୍ଜାତୀୟ ବିମାନ ବନ୍ଦରଠାରୁ ଆରମ୍ଭ କରି ପୁରୀ-କୋଣାର୍କ ଟ୍ରେନ୍ ସଂଯୋଗ, ଉପକୂଳ ରାଜପଥ ଓ ପୁରୀ-କୋଣାର୍କ ରାସ୍ତାରେ ଥିବା ସିଦ୍ଧ ମହାବୀରଠାରେ ରେଳ ଓଭରବ୍ରିଜ୍ କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ବେଗରେ ହେବା ଦରକାର ବୋଲି ସେ ଅନୁରୋଧ କରିଛନ୍ତି। ଏଥିସହ ଆସନ୍ତା ୭ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରାରେ ଯୋଗ ଦେଇ ମହାପ୍ରଭୁଙ୍କ ଅପୂର୍ବ ଲୀଳା ଦେଖିବା ନିମନ୍ତେ ସେ ସମସ୍ତ ସାଂସଦମାନଙ୍କୁ ନିମନ୍ତ୍ରଣ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଅହିଂସାକୁ ଭାରତୀୟ ସମ୍ବିଧାନରେ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସରକାର ଏ ସମ୍ପର୍କରେ କୌଣସି ପଦକ୍ଷେପ ନ ନେବା ଦୁଃଖ ଓ ପରିତାପର ବିଷୟ। ବିଜେଡି ସରକାରଙ୍କ ସମୟରେ ଓଡ଼ିଶାରେ ଅଭିବୃଦ୍ଧିରେ ଉତ୍ସାହଜନକ ପରିବର୍ତ୍ତନ ଆସିଛି। କଳାହାଣ୍ଡି ଯାହା ଭୋକର ଭୂଗୋଳ ବୋଲି ପରିଚିତ ଥିଲା, ତାହା ଏବେ ଭାତ ହାଣ୍ଡିରେ ପରିଣତ ହୋଇପାରିଛି। ସ୍ୱାଧୀନତା ପରଠାରୁ ପ୍ରାୟ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଅବହେଳା ଓ ଉଦାସୀନତାର ଫଳ ଓଡ଼ିଶା ଭୋଗି ଆସୁଛି। କେନ୍ଦ୍ର ସରକାରଙ୍କ ଚିର ଅବହେଳାର ଶିକାର ହେଉଛି ଓଡ଼ିଶା। ପ୍ରକୃତିର ଯଥେଷ୍ଟ ଆଶୀର୍ବାଦ ଓଡ଼ିଶା ଉପରେ ରହିଛି। ମାଟି ଉପରେ ଓ ମାଟି ତଳେ ବିପୁଳ ପ୍ରାଚୁର୍ଯ୍ୟ ଓଡ଼ିଶାରେ ରହିଛି। ତେଣୁ ଓଡ଼ିଶାର ବିକାଶକୁ ଗତିଶୀଳ କରିବା ପାଇଁ କେନ୍ଦ୍ରଠାରୁ ଉପଯୁକ୍ତ ସହଯୋଗ ମିଳୁନାହିଁ ବୋଲି ସେ କହିଛନ୍ତି।

କେନ୍ଦ୍ର ସରକାର ରାଷ୍ଟ୍ରପତିଙ୍କ ମୁହଁରେ ଯେଉଁ କଥା କୁହାଇଛନ୍ତି ସେଥିରେ କିଛି ସ୍ୱଷ୍ଟତା ନାହିଁ। ନା ଦିଗ ଅଛି, ନା ଦର୍ଶନ। ଏଥିରେ ଉତ୍ସାହିତ ହେଲା ଭଳି କିଛି ନାହିଁ। ଖାଲି ସଂଖ୍ୟା-ଶବ୍ଦର ଖେଳ ଓ ଛଳନା ପ୍ରବଳ। ମୋତେ ଲାଗୁଛି ସରକାର ଅନେକ କଥା ଲୁଚାଇବାକୁ ଚାହୁଛନ୍ତି। ଯଦି ଜଣେ ରୋଗୀ ସବୁ କଥା ଲୁଚାଇବ, ତେବେ ତା'ର ଚିକିତ୍ସା କେମିତି ହୋଇପାରିବ। ବିଫଳତା ଓ ଦୁର୍ବଳତାକୁ ବାଛିପାରିଲେ ହିଁ ବାଟ ବାହାରି ପାରିବ। ବିରୋଧୀ ଦଳରେ ଥିବା ବହୁ ବରିଷ୍ଠ ଓ ଅଭିଜ୍ଞ ସାଂସଦମାନଙ୍କର ଉପଲବ୍ଧିର ଉପଯୋଗ କରାଯିବା ଦରକାର ବୋଲି ମୁଁ ଅନୁଭବ କରୁଛି। ଯାହାଦ୍ୱାରା ଏହି ଗଣତାନ୍ତ୍ରିକ ପରମ୍ପରା ଆହୁରି ପରିପୃଷ୍ଟ ହୋଇ ପାରିବ ବୋଲି ଶ୍ରୀ ଖୁଣ୍ଟିଆ କହିଛନ୍ତି।

- ରାଷ୍ଟ୍ରପତିଙ୍କ ଅଭିଭାଷଣ କେବଳ ଖାଲି ସଂଖ୍ୟା-ଶବ୍ଦର ଖେଳ
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ
- ଏହାକୁ ଆଗକୁ ନେବା ପାଇଁ ସହଯୋଗ କରୁ କେନ୍ଦ୍ର ସରକାର
- ରଥଯାତ୍ରା ପାଇଁ ସାଂସଦମାନଙ୍କୁ କଲେ ଓଡ଼ିଶାକୁ ନିମନ୍ତ୍ରଣ



**ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲା ବିଜେଡି**

# ବିଜେପି ସରକାର ପୂରଣ କରନ୍ତୁ ମାଗଣା ବିଜୁଳି ପ୍ରତିଶ୍ରୁତି: ପ୍ରତାପ

**ଭୁବନେଶ୍ୱର, ୧୭ (ସମିସ):** ନିର୍ବାଚନ ପୂର୍ବରୁ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ନବଗଠିତ ସରକାରଙ୍କୁ ମନେ ପକାଇ ଦେଇଛି ବିଜେଡି। ରାଜ୍ୟରେ ସରକାର ଗଠନ କଲେ ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବ ବୋଲି ବିଜେପି ନେତାମାନେ ଯେଉଁ ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲେ; ନିର୍ବାଚନ ସମାବେଶରେ ଘୋଷଣା କରିଥିଲେ; ତାହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ ବୋଲି ସରକାରଙ୍କୁ ପ୍ରସ୍ତାବ ଦେଇଛି ବିଜେଡି। ଏହା ସହ ନିର୍ବାଚନୀ ପ୍ରତିଶ୍ରୁତି ପ୍ରତାରଣା ବା ପାଣିର ଗାର ନ ହେଉ ବୋଲି ବିଜେଡି ପରାମର୍ଶ ଦେଇଛି।

ଦଳର ବରିଷ୍ଠ ନେତା ତଥା ବିଧାନସଭାରେ ଉପମୁଖ୍ୟ ସଚେତକ ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି ଯେ ଆଜି ହେଉଛି ଜୁଲାଇ ୧ ତାରିଖ। ନିର୍ବାଚନ ସମୟରେ ବିଜେଡି ଜୁଲାଇରୁ ଲୋକଙ୍କୁ ବିଜୁଳି ଦେୟ ଦେବାକୁ ପଡ଼ିବ ନାହିଁ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇଥିଲା। ରାଜ୍ୟର ୯୦% ଲୋକଙ୍କୁ ମାଗଣା ବିଜୁଳି ପ୍ରଦାନ ସହ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ଦେୟ ଛାଡ଼ କରାଯିବ ବୋଲି ଘୋଷଣା କରିଥିଲା। ଅନ୍ୟପକ୍ଷରେ ବିଜେପି ମଧ୍ୟ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେବ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲା। ତେଣୁ ରାଜ୍ୟ ସରକାର ନିଜ ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷାକରି ରାଜ୍ୟର ଲୋକଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି କେବେ ଦେବେ ତାହା ପ୍ରକାଶ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ତଥା ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ବାରମ୍ବାର ନିର୍ବାଚନରେ ଦିଆଯାଇ ଥିବା ପ୍ରତିଶ୍ରୁତି ପାଳନ କରାଯିବ ବୋଲି କହି ଆସୁଛନ୍ତି। ତେଣୁ ମାଗଣା ବିଜୁଳି ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି କେବେ ପାଳନ କରାଯିବ, ସେ ସମ୍ପର୍କରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିରବତା ଅବଲମ୍ବନ କରୁଛନ୍ତି। ସରକାର ଗଠନ ହେବା ପରଠାରୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଘୋଷଣା କାର୍ଯ୍ୟକାରୀ କରାଯିବା ସମ୍ପର୍କରେ କେହି କିଛି କହୁ ନାହାନ୍ତି। ତେଣୁ ରାଜ୍ୟର ବିଜେପି ସରକାର ଏହି ପ୍ରତିଶ୍ରୁତି ଯଥାଶୀଘ୍ର ପୂରଣ କରିବା ଆବଶ୍ୟକ ବୋଲି ଶ୍ରୀ ଦେବ କହିଛନ୍ତି।

ଅନ୍ୟପକ୍ଷରେ ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ପ୍ରତାପ ଦେବ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣୁ ନ ଥିଲେ ବୋଲି ସେମାନେ ଯାହା କହିଛନ୍ତି ତାହା ଠିକ୍ ନୁହେଁ। ପ୍ରତି ଶନିବାର ଦିନ ପୂର୍ବତନ ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣାଣି କରିଥାଆନ୍ତି। ଛୋଟ କଥାକୁ ବଡ଼ କରି କହିବା ବିଜେପିର ଅଭ୍ୟାସ, ତେଣୁ ଏ ସମ୍ପର୍କରେ କୌଣସି ମନ୍ତବ୍ୟ ଦେବାର ଆବଶ୍ୟକତା ନାହିଁ। ସେହିପରି ରତ୍ନଭଣ୍ଡାର ଚାବିକୁ ନେଇ ଯେଉଁ ପ୍ରକାର ଏଜେଣ୍ଡା ଚାଲିଛି, ତାହାର କୌଣସି ଭିତ୍ତି ନାହିଁ। ଏହି ଆଲୋଚନାର କିଛି ଆବଶ୍ୟକତା ନାହିଁ କିମ୍ବା ପୂର୍ବରୁ ମଧ୍ୟ ନଥିଲା। ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରିବା ପାଇଁ ଏପରି ମନ୍ତବ୍ୟ ଦିଆଯାଉଛି। କାହାର ଏତେ ସାହସ ଅଛି ରତ୍ନ ଭଣ୍ଡାର ଚାବି ଲୁଚେଇକି ନେଇଯିବ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ହେଉଛନ୍ତି ସାଢ଼େ ଚାରି କୋଟି ଓଡିଆଙ୍କ ଆରାଧ୍ୟ ଦେବତା। ଏପରି ହୀନ କାର୍ଯ୍ୟ କେହି କରିବେ ନାହିଁ। ତାଙ୍କ ରତ୍ନଭଣ୍ଡାର ଚାବିକୁ ନେଇ ମନଗଢ଼ା କାହାଣୀ ଚାଲିଛି। ଏହି ମାମଲାରେ ପୂର୍ବ ବିଜେଡି ସରକାର କୋର୍ଟକୁ ଯାଇଥିଲେ। ଅଦାଲତଙ୍କ ଆଦେଶ ଅନୁସାରେ କମିଟି ଗଠନ ହୋଇଛି, ସଦସ୍ୟ ନିଯୁକ୍ତ ହୋଇଛନ୍ତି। ଏ ସଂକ୍ରାନ୍ତ କାର୍ଯ୍ୟ ଶେଷ କରିବା ପାଇଁ ଏକ ଅବଧି ଧାର୍ଯ୍ୟ କରାଯାଇଛି। ସେହି ଅନୁସାରେ କାର୍ଯ୍ୟ ଚାଲିଛି ବୋଲି ଶ୍ରୀ ଦେବ କହିଛନ୍ତି।

ଅନୁରୂପ ଭାବରେ ସେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମକୁ ନୂଆ ସରକାର ଜାରି ରଖିବାକୁ ମଧ୍ୟ ପ୍ରସ୍ତାବ ଦେଇଛନ୍ତି। ସେ କହିଛନ୍ତି ଯେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପୂର୍ବତନ ସରକାରଙ୍କର ଏକ ମଞ୍ଜୁରୀ ପ୍ରାପ୍ତ ଯୋଜନା। ଏଥିରେ ଥିବା ବିଧିବ୍ୟବସ୍ଥା ଅନୁସାରେ ସମସ୍ତ ପଞ୍ଚାୟତ ଓ ବ୍ଲକକୁ ଅର୍ଥ ଆବଣ୍ଟନ ହୋଇଥିଲା। ଟଙ୍କା ଦିଆଯିବା ସମୟରେ ବିଜେଡି, ବିଜେପି କିଛି ବିଚାର ନ ଥିଲା। ଦଳମତ ନିର୍ବିଶେଷରେ ଉନ୍ନୟନ କାର୍ଯ୍ୟ ପାଇଁ ସରକାର ଅର୍ଥ ଆବଣ୍ଟନ କରିଥିଲେ। ତେଣୁ ଏହି ଯୋଜନାକୁ ବନ୍ଦ କରିବାର କୌଣସି ଆବଶ୍ୟକତା ନାହିଁ। ଏ ନେଇ ରାଜ୍ୟ ସରକାର ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇ ନାହାନ୍ତି। ତେଣୁ ଏହି ଯୋଜନା ଏବେ ବି କାର୍ଯ୍ୟକାରୀ ରହିଛି। ଆଗକୁ ସରକାର କ'ଣ ପଦକ୍ଷେପ ନେବେ ତାହା ତାଙ୍କ ଉପରେ ନିର୍ଭର କରେ ବୋଲି ଶ୍ରୀ ଦେବ କହିଛନ୍ତି।

- ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବାକୁ କହିଥିଲା ବିଜେପି
- ସରକାରଙ୍କୁ ନିର୍ବାଚନୀ ପ୍ରତିଶ୍ରୁତି ମନେ ପକାଇଦେଲା ବିଜେଡି
- 'ଆମ ଓଡ଼ିଶା ନବୀନ ଓଡ଼ିଶା' ସରକାରଙ୍କ ଜନାଭିମୁଖୀ ଯୋଜନା
- ରତ୍ନଭଣ୍ଡାର ଚାବି ନେବା ଭଳି ହୀନ କାର୍ଯ୍ୟ କେହି କରିବେ ନାହିଁ

# ଦୁର୍ଘଟଣାରେ ୩ ମୃତ

## ପିକ୍ଅପ୍-ବାଇକ୍ ଧକ୍କାରେ ଚାଲିଗଲା ଦୁଇ ମୃତ

**ପାପଡ଼ାହାଣ୍ଡି, ୧୭ (ସମିସ):** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ଫାଣ୍ଡି ଝାଡ଼କୁସୁମୀ ଛକ ନିକଟରେ ପିକଅପ ଭ୍ୟାନ ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ପାପଡ଼ାହାଣ୍ଡି ପାତ୍ରଗୁଡ଼ାର ଓ ବାଲିଗୁଡା ଗ୍ରାମର ମହିଳା ରେବତୀ ଯାନୀ। ପ୍ରଥମ ବ୍ୟକ୍ତିଙ୍କ ନାମ ମିଳିପାରିନାହିଁ। ମଇଦଲପୁର ପଟରୁ ଏକ ବାଇକ ଯୋଗେ ପାପଡ଼ାହାଣ୍ଡି ଆଡ଼କୁ ଆସୁଥିଲେ। ବିପରୀତ ଦିଗରୁ ଏକ ପିକଅପ୍ ଭ୍ୟାନ ଦ୍ରୁତ ଗତିରେ ଆସି ବାଇକକୁ ସାମ୍ନାରୁ ଧକ୍କା ଦେଇଥିଲା। ବାଇକ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ମହିଳାଜଣକ ଗୁରୁତର ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକ ରେବତୀଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ଦାନ୍ତିଆମୁହାଁ ଛକରେ ଜଣେ ମୃତ; ୪ ଗୁରୁତର

**ବେତନଟୀ, ୧୭ (ସମିସ):** ବେତନଟୀ ଥାନା ଦାନ୍ତିଆମୁହାଁ ଛକରେ ସୋମବାର ଅପରାହ୍ଣରେ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଅଞ୍ଚଳର କାହ୍ନୁ ଓରଫ କାମଦେବ ରାୟ। ଏକ କାର୍ ଦ୍ରୁତଗତିରେ ବେତନଟୀ ଅଭିମୁଖେ ଆସୁଥିବା ବେଳେ ଏକ ବାଇକ୍କୁ ପଛପଟୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ବାଇକ୍ଟି ଶହେ ମିଟର ଦୂରକୁ ଛିଟିକି ପଡ଼ିଥିଲା। ବାଇକ୍ରେ ଥିବା କାମଦେବଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିବା ବେଳେ ରାସଗୋବିନ୍ଦପୁର ଥାନା ଅଧୀନ ମାଣିକପୁର ଗ୍ରାମର ବାସୁଦେବ (୩୦) ଏବଂ ସାତସଗଡ଼ିଆ ଗ୍ରାମର ଲକ୍ଷ୍ମୀଧର ରାୟ ଗୁରୁତର ଆହତ ହୋଇଥିଲେ।

**୧୧ଘଣ୍ଟା ପରେ ଉଦ୍ଧାର ହେଲେ ସପ୍ତଶଯ୍ୟାରେ ଫସିଥିବା ୫ ଛାତ୍ର**

# ବାଟବଣା କରିଥିଲା ଗୁଗଲ୍ ମ୍ୟାପ୍

**ଢେଙ୍କାନାଳ, ୧୭ (ସମିସ):** ଢେଙ୍କାନାଳର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା ଜଙ୍ଗଲରେ ନିଖୋଜ ହୋଇଯାଇଥିବା ୫ ଛାତ୍ରଙ୍କୁ ଗତକାଲି ବିଳମ୍ବିତ ରାତିରେ ଉଦ୍ଧାର କରାଯାଇଛି। ପୁଲିସ୍ ଓ ବନ ବିଭାଗର ମିଳିତ ୨ଟି ଟିମ୍ ଘନଘନ ବର୍ଷା ଓ ଅନ୍ଧାର ରାତିରେ ଜଙ୍ଗଲର ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ରାତି ପ୍ରାୟ ୧୧ଟା ୪୦ରେ ସେମାନଙ୍କୁ ଉଦ୍ଧାର କରିଥିଲେ। ତେବେ ଗୁଗଲ୍ ମ୍ୟାପ୍ର ଭୁଲ୍ ନିର୍ଦ୍ଦେଶ ଯୋଗୁଁ ଜଙ୍ଗଲ ଭିତରେ ସେମାନେ ବାଟବଣା ହୋଇଯାଇଥିଲେ। ଏଥିଯୋଗୁଁ ପ୍ରାୟ ୧୧ଘଣ୍ଟା ସେମାନେ ଜଙ୍ଗଲରେ ଫସି ରହିଥିଲେ ବୋଲି ଛାତ୍ରମାନେ କହିଛନ୍ତି। ଛାତ୍ରମାନଙ୍କୁ ଉଦ୍ଧାର କରାଯିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯିବା ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବନଖଣ୍ଡ ଅଧିକାରୀ ସୁମିତ କରଙ୍କ କହିବା ଅନୁସାରେ, ଛାତ୍ରମାନେ ଅନ୍ଧାର ରାତିରେ ସପ୍ତଶଯ୍ୟା ପାହାଡ଼ର ଭୁଆଶୁଣି ଅଞ୍ଚଳକୁ ଚାଲିଯାଇଥିଲେ। ସେମାନଙ୍କୁ ବହୁ ଖୋଜାଖୋଜି କରିବା ପରେ ଶେଷରେ ଠାବ କରାଯାଇ ଉଦ୍ଧାର କରାଯାଇଥିଲା।

ସୂଚନାଯୋଗ୍ୟ, ଢେଙ୍କାନାଳ ସପ୍ତଶଯ୍ୟା ପର୍ଯ୍ୟଟନସ୍ଥଳୀକୁ କଟକ ଅଞ୍ଚଳର ୪ଜଣ ଛାତ୍ର ଅରକ୍ଷିତ ମହାପାତ୍ର, ଶୁଭମ ମହାପାତ୍ର, ସୁଜିତ ସାହୁ, ଲକି ଦାସଙ୍କ ସହିତ ଢେଙ୍କାନଳ କାମଧେନୁକୋଟ ଗ୍ରାମର ହିମାଂଶୁ କୁମାର ଦାସ ବୁଲିବାକୁ ଆସିଥିଲେ। ସେମାନେ ସପ୍ତଶଯ୍ୟାକୁ ପରିଦର୍ଶନ କରିବାକୁ ଆସିଥିବା ବେଳେ ରାତି ଏବଂ ପ୍ରବଳ ବର୍ଷା ଯୋଗୁଁ ବିଷ୍ଣୁବାବାଙ୍କ ମଠ ନିକଟରୁ ରାସ୍ତା ନପାଇ କେଉଁଆଡ଼େ ଜଙ୍ଗଲ ଭିତରେ ଚାଲିଯାଇଥିଲେ। ସେମାନେ ମୋବାଇଲ ଦ୍ୱାରା ଗୁଗଲ ମ୍ୟାପ୍ ସର୍ଚ୍ଚ କରିବା ଦ୍ୱାରା ମ୍ୟାପକୁ ଅଧାର କରି ସେମାନେ ବାଟ ଚାଲିଥିଲେ। କିନ୍ତୁ ସେମାନେ ବାଟବଣା ହୋଇଯାଇଥିଲେ। ଏହାପରେ ଘରଲୋକଙ୍କୁ ଫୋନ କରିବା ପରେ ପରିବାର ଲୋକ ପୁଲିସ ହେଲ୍ପଲାଇନକୁ ଖବର ଦେଇଥିଲେ। ଖବର ପାଇ ସଦର ପୁଲିସ ଓ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ନିର୍ଦ୍ଦେଶରେ ଦୁଇଟି ଟିମ୍ ଗଠନ କରାଯାଇ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା।

ଏହି ଅପରେସନ୍ରେ ସଦର ରେଞ୍ଜ ଅଧିକାରୀ ଭୁବନାନନ୍ଦ ମିଶ୍ରଙ୍କ ସହିତ ସଦର ଫରେଷ୍ଟର, ଗାର୍ଡ, ହାତୀ ସ୍କ୍ୱାଡ୍ର କର୍ମଚାରୀ, ଗ୍ରାମବାସୀମାନେ ଏକ୍ରତିତ ହୋଇ ପ୍ରବଳ ବର୍ଷା ଓ ଘନ ଜଙ୍ଗଲରେ ଏସ୍ପି ମଡକର ସନ୍ଦୀପ ସମ୍ପତଙ୍କ ସହ ବନବିଭାଗର କର୍ମଚାରୀମାନେ ଅନ୍ଧାର ରାତିରେ ଖୋଜାଖୋଜି କରିବା ପରେ ସେମାନଙ୍କୁ ମାଝୀସାହି ନିକଟରୁ ରାତି ୧୧ଟା ୪୦ ସମୟରେ ଉଦ୍ଧାର କରିଥିଲେ।



**■ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା**

# ଅଜାର କଟାମୁଣ୍ଡ ଧରି ରାସ୍ତାରେ ବୁଲିଲା ନାତି

**କୋଇଡ଼ା, ୧୭ (ସମିସ):** ଗୋଟିଏ ପଟେ ମଣିଷ ଆଧୁନିକତାର ଶୀର୍ଷରେ ପହଞ୍ଚିଥିବା ଦାବି କରୁଥିବା ବେଳେ ସୁନ୍ଦରଗଡ଼ ଜିଲ୍ଲାର ବହୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏବେ ବି ଅନ୍ଧବିଶ୍ୱାସ ବଳୟରୁ ମୁକୁଳି ପାରିନି। ଏବେ ବି ଏଠାରେ ଗୁଣିଗାରେଡ଼ି ଭଳି କୁ-ପ୍ରଥା, ଅନ୍ଧବିଶ୍ୱାସ ଜୀବିତ ରହିଛି। ଆଜି ପୁଣି ଏହାର ଏକ ପ୍ରମାଣ ଦେଖିବାକୁ ମିଳିଛି। ଗୁଣିଗାରେଡ଼ି ସନ୍ଦେହରେ ଜଣେ ଯୁବକ ନିଜ ଅଜାକୁ ଅତି ବୀଭତ୍ସ ଭାବେ ହତ୍ୟା କରିବା ପରେ ତାଙ୍କ କଟାମୁଣ୍ଡ ଧରି ରାସ୍ତାରେ ବୁଲିଛି। ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ସୟେମ୍ବା ପଞ୍ଚାୟତ ପୁରୁଣାପାଣି ଗ୍ରାମରେ ଘଟିଥିବା ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ, ଗ୍ରାମର ନମନ ମୁଣ୍ଡା (୬୫)। ଗ୍ରାମବାସୀ ଅଭିଯୁକ୍ତ ନାତି ସାଇମନ ମୁଣ୍ଡାକୁ କଟାମୁଣ୍ଡ ସହ କାବୁ କରି ପୁଲିସ୍ ଜିମା ଦେଇଛନ୍ତି। ଥାନା ଅଧିକାରୀ ସ୍ମୃତିରଞ୍ଜନ ନାୟକ ସାଇମନଙ୍କୁ ଅଟକ ରଖି ତଦନ୍ତ ଚଳାଇବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛି।


**ଏଣିକି ତାଳ ଗଛ କାଟିଲେ ଅନୁମତି ଲୋଡ଼ା**

# ତାଳଗଛ କାଟିଲେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୭(ସମିସ):** ରାଜ୍ୟରେ ଆଉ ମନ ଇଚ୍ଛା ତାଳ ଗଛ କଟାଯାଇପାରିବ ନାହିଁ। ତାଳ ଗଛ କାଟିବାକୁ ହେଲେ ବନ ବିଭାଗଠାରୁ ଅନୁମତି ଆବଶ୍ୟକ ଲୋଡ଼ା ପଡ଼ିବ। କେବଳ ସରକାରୀସ୍ତରରେ ନୁହେଁ ବ୍ୟକ୍ତିଗତ ବା ନିଜ ବାଡ଼ିରେ ଥିବା ତାଳଗଛ କାଟିବା ପାଇଁ ମଧ୍ୟ ସାଧାରଣ ଲୋକଙ୍କୁ ଅନୁମତି ଆବଶ୍ୟକ ହେବ। ରାଜ୍ୟରେ ବର୍ଦ୍ଧିତ ବଜ୍ରପାତ ମୃତ୍ୟୁ ରୋକିବା ପାଇଁ ତାଳଗଛ ବଡ଼ ଭୂମିକା ରହୁଥିବାରୁ ରାଜ୍ୟ ସରକାର ଏହି ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଏହି ନିୟମ ବଳବତ୍ତର ରହିବା ସତ୍ତ୍ୱେ ତାଳ ଗଛା କଟା ବୃଦ୍ଧି ପାଇବାରୁ ରାଜ୍ୟ ସରକାର ଏହି ନିୟମକୁ ପୁଣି ଥରେ କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି ଯେ ଏଣିକି ମନଇଚ୍ଛା ତାଳ ଗଛ କାଟିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ରାଜ୍ୟରେ ବଢୁଥିବା ବଜ୍ରପାତ ଜନିତ ମୃତ୍ୟୁକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ତାଳ ଗଛ କାଟିବା ପାଇଁ ପୂର୍ବରୁ ଅନୁମତି ନେବାକୁ ପଡୁଥିଲା, କିନ୍ତୁ ପରେ ସେଥିରେ ସଂଶୋଧନ କରାଯାଇଥିଲା। ତାଳ ଗଛ କାଟିବାକୁ ଆଉ ଅନୁମତି ନେବାକୁ ପଡୁ ନଥିଲା। ଫଳରେ ରାସ୍ତାକଡ଼ରେ ଥିବା ତାଳ ଗଛ ସବୁ କଟା ହୋଇଗଲା। ତେଣୁ ତାଳ ଗଛ କାଟିବା ପାଇଁ ଅନୁମତି ନେବା ନିୟମକୁ ପୁଣି ଥରେ ଲାଗୁ କରାଯାଇଛି। ନିଜ ବାଡ଼ିରେ ଶାଗୁଆନ, ଶାଳ ଆଦି ଗଛ ଥିଲେ କାଟିବା ପୂର୍ବରୁ ଯେମିତି ବନ ବିଭାଗର ଅନୁମତି ନେବାକୁ ପଡୁଛି, ସେମିତି ତାଳ ଗଛ କାଟିବା ପୂର୍ବରୁ ଅନୁମତି ନେବାକୁ ପଡ଼ିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଏହି ନିୟମ ନ ମାନିଲେ ଜୋରିମାନାଠାରୁ ଆରମ୍ଭ କରି ଜେଲ୍ ପର୍ଯ୍ୟନ୍ତ ବିଭିନ୍ନ ଦଣ୍ଡ ବିଧାନ ରହିଛି।

ସେହିପରି ରାଜ୍ୟରେ ଚଳିତ ବର୍ଷ ବନ ବିଭାଗ ୧୯ ଲକ୍ଷ ତାଳ ଗଛ ଲଗାଇବ। ରାଜ୍ୟର ୫୨ଟି ଯାକ ଡିଭିଜନରେ ଥିବା ସମସ୍ତ ଫରେଷ୍ଟ ବ୍ଲକ ବାଉଣ୍ଡରୀ ପିଲାର ଚାରିପାଖରେ ୪ ଟି ଲେଖାଏଁ ତାଳଗଛ ଲାଗିବ। ସେଥିପାଇଁ ଏସ୍ଆରସିଙ୍କ ପକ୍ଷରୁ ସାଢ଼େ ୭ କୋଟି ଟଙ୍କା ମିଳିଛି। ବଜ୍ରପାତ ଜନିତ ମୃତ୍ୟୁ କମାଇବା ସହ ହାତୀଙ୍କୁ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଓ ବନ ବିଭାଗର ଫରେଷ୍ଟ ବ୍ଲକ ବାଉଣ୍ଡରୀ ପିଲାରଗୁଡ଼ିକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ୧୯ ଲକ୍ଷ ତାଳଗଛ ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି। କେବଳ ବନ ବିଭାଗ ନୁହେଁ କୃଷି ବିଭାଗକୁ ମଧ୍ୟ ତାଳ ଗଛ ରୋପଣ ପାଇଁ ଏସଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ସାଧାରଣତଃ ବଜ୍ରପାତ ହେବାସମୟରେ କୌଣସି ଏକ ଉଚ୍ଚା ଗଛକୁ ଏହା ମାରିଥାଏ। ଯାହାଦ୍ୱାରା ମନୁଷ୍ୟ ଜୀବନ ରକ୍ଷାରେ ତାଳଗଛ ସହାୟକ ହୋଇଥାଏ। ମାତ୍ର ଦିନକୁ ଦିନ ଗାଁ ଗଣ୍ଡାରେ ତାଳ ଗଛ ସଂଖ୍ୟା ହ୍ରାସ ପାଉଥିବାରୁ ରାଜ୍ୟ ବଜ୍ରପାତ ଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ରାଜ୍ୟରେ ପ୍ରତିବର୍ଷ ହାରାହାରି ୩୦୦ ଲୋକ ଏଥିରେ ପ୍ରାଣ ହରାଉଥିବାରୁ ବଜ୍ରପାତ ଜନିତ ମୃତ୍ୟୁ ରୋକିବାକୁ ଏସ୍ଆର୍ସିଙ୍କ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

ଅନ୍ୟପଟେ ବଜ୍ରପାତରୁ ସୁରକ୍ଷା ସହିତ ହାତୀଙ୍କୁ ଖାଦ୍ୟ ଯୋଗାଇବାରେ ମଧ୍ୟ ତାଳଗଛର ବଡ଼ ଭୂମିକା ରହିଥାଏ। ବର୍ଷା ଦିନେ ଜଙ୍ଗଲରେ କୌଣସି ଫଳ ମିଳିନଥାଏ। ଏହି ସମୟରେ ଏକମାତ୍ର ଫଳ ଭାବେ ହାତୀଙ୍କ ପାଇଁ ତାଳ ଉପଲବ୍ଧ ହୋଇଥାଏ। ଯେହେତୁ ତାଳ ସଂଖ୍ୟା ହ୍ରାସ ହେଉଛି ତେଣୁ ଆଗକୁ ହାତୀଙ୍କ ଖାଦ୍ୟ ପାଇଁ ମଧ୍ୟ ବଡ଼ ଅଭାବ ସୃଷ୍ଟି ହେବାକୁ ଯାଉଛି। ଏହି ସବୁ ଦିଗକୁ ଗୁରୁତ୍ୱ ଦେଇ ଗତ ସେପ୍ଟେମ୍ବର ମାସରେ ଏସ୍ଆରସି ସତ୍ୟବ୍ରତ ସାହୁ ବନ ବିଭାଗ ଓ କୃଷି ବିଭାଗକୁ ବ୍ୟାପକ ତାଳଗଛ ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍ଆରସିଙ୍କ ନିର୍ଦ୍ଦେଶ ଅନୁଯାୟୀ ଗତ ବର୍ଷଠାରୁ ରାଜ୍ୟରେ ବନ ବିଭାଗ ପକ୍ଷରୁ ସମସ୍ତ ଜଙ୍ଗଲ ଜମିର ପରିପାର୍ଶ୍ୱ, ରାସ୍ତା ଘାଟ, ଖୋଲା ପଡ଼ିଆ ଇତ୍ୟାଦିରେ ତାଳ ଗଛ ରୋପଣ କରାଯାଉଛି। ନୂଆ ଗଛ ପାଇଁ ପଦକ୍ଷେପ ସହ ଏବେ ପୁରୁଣା ଗଛର ସଂରକ୍ଷଣକୁ ମଧ୍ୟ ଧ୍ୟାନ ଦିଆଯାଉଛି।



- ପୂର୍ବ କଟକଣାକୁ କଡ଼ାକଡ଼ି ଲାଗୁ କଲା ବନ ବିଭାଗ
- ଶାଳ ଓ ଶାଗୁଆନ ପରି ତାଳ ଗଛ ଉପରେ ନଜର
- ବଜ୍ରପାତ ମୃତ୍ୟୁ ରୋକିବା ଦିଗରେ ହେବ ସହାୟକ
- ଚଳିତ ବର୍ଷ ରାଜ୍ୟରେ ଲାଗିବ ୧୯ ଲକ୍ଷ ତାଳଗଛ

# ହିଟ୍ ଆଣ୍ଡ ରନ୍ ଆଇନକୁ ପରିବହନ ଶ୍ରମିକ ସଂଗଠନର ବିରୋଧ



**ବାଲେଶ୍ୱର, ୧୭(ସମିସ):** କେନ୍ଦ୍ର ସରକାରଙ୍କ ପକ୍ଷରୁ ଲାଗୁ ହେବାକୁ ଯାଉଥିବା ହିଟ୍ ଆଣ୍ଡ ରନ୍ ଆଇନକୁ ବିରୋଧ କରି ପରିବହନ ଶ୍ରମିକମାନଙ୍କ ପକ୍ଷରୁ ଏକ ପ୍ରତିବାଦ ସଭା ବାଲେଶ୍ୱର ବସ୍ଷ୍ଟାଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର କୋଷାଧ୍ୟକ୍ଷ ଅସିତ୍ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସାଧାରଣ ସମ୍ପାଦକ ରାଜକିଶୋର ଲେଙ୍କା ଏହି ଆଇନକୁ କଳା ଆଇନ ବୋଲି ଅଭିହିତ କରିବା ସହ ଏହାର ଘୋର୍ ବିରୋଧ କରିଥିଲେ। ଏହି ଆଇନ ଲାଗୁ ହେଲେ କୌଣସି ଡ୍ରାଇଭର୍ ଗାଡ଼ି ଚଳାଇପାରିବେ ନାହିଁ। ଦୁର୍ଘଟଣା ହେଲେ ଡ୍ରାଇଭରକୁ ୭ ଲକ୍ଷ ଟଙ୍କା ଜରିମାନା ଏବଂ ଦଶବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଭୋଗିବାର ବ୍ୟବସ୍ଥା ଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ସେ ଦାବି କରିଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ଅଫିସ ସମ୍ପାଦକ ସୁଶାନ୍ତ ସାହୁ, ଅଚିନ୍ତ ବାରିକ, ଦୀନବନ୍ଧୁ ଜେନା, ସାଇ କିଙ୍କର ନାୟକ, ସରୋଜ ଜେନା, ସଦନନ୍ଦ ସାହୁ, ବିଜୟ ପାତ୍ର ପ୍ରମୁଖ କେନ୍ଦ୍ର ସରକାରଙ୍କ ଏହି ଆଇନକୁ କଡ଼ା ସମାଲୋଚନା କରିବା ସହ ତୁରନ୍ତ ପ୍ରତ୍ୟାହାର କରିନେବା ପାଇଁ ଦାବି କରିଥିଲେ। ଯଦି କେନ୍ଦ୍ର ସରକାର ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର ନକରନ୍ତି ଆଗାମୀ ଦିନରେ ସାରା ଦେଶରେ ସମସ୍ତ ଯାନବାହାନ ଚଳାଚଳ ବନ୍ଦ ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

## ଦୁର୍ବଳ ବିଦ୍ୟାଧରପୁର ସାଲନ୍ଦୀ ବ୍ୟାରେଜ
# ଓଭର ଲୋଡିଂ ଟ୍ରକ୍ ପରିବହନ

ସୋସୋ,୧।୭ (ସମିସ)

କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସାଲନ୍ଦୀ ବିଦ୍ୟାଧରପୁର ଦୁର୍ବଳ ବ୍ୟାରେଜ ଉପରେ ଓଭର ଲୋଡ଼ିଂ କ୍ରୋମାଇଟ ପରିବହନ କାହା ଅନୁମତିରେ ଚାଲିଛି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ବଉଳା ଅଞ୍ଚଳରେ ଥିବା ବଉଳା ଫେରକ୍ରମ, ନୁଆଗାଡ଼ି ଭଲ୍ମା, ବାଙ୍ଗୋର ଓଏମସିରେ କ୍ରୋମାଇଟ ଖଣି ରହିଛି। ୧୯୭୦ ମସିହାରୁ କ୍ରୋମାଇଟ ଖଣି ଆରମ୍ଭ ହୋଇଥିବା ବେଳେ ସମୟ କ୍ରମେ କଞ୍ଚାମାଲ କ୍ରୋମାଇଟକୁ ବିଦ୍ୟାଧରପୁର ବ୍ୟାରେଜ ଦେଇ ପରିବହନ କରାଯାଉଥିଲା। ଏହାକୁ ନେଇ ବିଦ୍ୟାଧରପୁର ଜଳସେଚନ ବିଭାଗ ପକ୍ଷରୁ ଗାଡ଼ି ପିଛା ରସିଦ ଦିଆଯାଇ ଅର୍ଥ ଆଦାୟ କରାଯାଇ ସରକାରୀ ଖାତାରେ ଜମା କରାଯାଉଥିଲା। ଏଠାରେ ଥିବା ବଉଳା ଟ୍ରକ୍ ମାଲିକ ସଂଘ ମଧ୍ୟ ସଂଘର ଉନ୍ନତି ପାଇଁ କିଛି ଅର୍ଥ ଆଦାୟ କରାଯାଉଥିଲା। ଏହି ସମୟରେ ଟ୍ରକ୍‌ସ୍ତୁକିକେରେଟନ୍ କ୍ରୋମାଇଟ ପରିବହନ ହେଉଥିଲା। ୨୦୧୦ ମସିହାରେ କ୍ରୋମାଇଟ ଖଣି ବନ୍ଦ ହୋଇଯିବା ପରେ ପରିବହନ ବନ୍ଦ ହୋଇଯାଇଥିଲା।



ପରବର୍ତ୍ତୀ ସମୟରେ ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ଖଣି କରୋନା ପରେ ଖଣିକାର୍ଯ୍ୟ ଚାଲିଥିଲା। ପରେ ୨୦୨୩ ମସିହାରୁ ଓଏସିର କ୍ରୋମାଇଟ ପରିବହନ ଆରମ୍ଭ ହୋଇଥିଲା। କିନ୍ତୁ ଓଏମସିର ଟ୍ରାନ୍ସପୋର୍ଟର୍ ଦୁର୍ବଳ ବ୍ୟାରେଜ ପ୍ରତି ଦୃଷ୍ଟି ନଦେଇ ୧୨ଚକିଆ ଗାଡ଼ିରେ ୨୪ ଟନରୁ ଉର୍ଦ୍ଧ୍ୱ କ୍ରୋମାଇଟ୍ ପରିବହନ କରାଯାଉଛି। ଯାହାକୁ ନେଇ ଏବେ ପ୍ରଶ୍ନ ଉଠୁଛି। ଦୁର୍ବଳ ବ୍ୟାରେଜ ଉପରେ ଅଧିକ ଓଜନର କ୍ରୋମାଇଟ୍ ପରିବହନ ପାଇଁ ଅନୁମତି କିଏ ଦେଇଛି ନା ଟ୍ରାନ୍ସପୋର୍ଟର ଓ ଟ୍ରକ୍ ମାଲିକ ସଂଘଙ୍କ ସହାୟତାରେ ୧୨ ଚକିଆରେ ଓଭର ଲୋଡିଂ କରି ପରିବହନ କରାଯାଉଛି। ତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏହି ପୋଲ ଉପରେ ୫୦ରୁ ଉର୍ଦ୍ଧ୍ୱ ଗାଁ ନିର୍ଭର କରୁଥିବା ବେଳେ ପୋଲଟି ଓଭର ଲୋଡିଂ ପରିବହନ ହେଲେ ବ୍ୟାରେଜଟି ଅଧିକରୁ ଅଧିକ ଦୁର୍ବଳ ହୋଇପଡିବ। ଯାହାକି ଲୋକମାନଙ୍କର ବିଭିନ୍ନ ଉନ୍ନତି ପାଇଁ ବାଲି, ଚିପ୍ସ, ସିମେଣ୍ଟ ଆଣିବା ଯାତାୟାତରେ ବାଧା ସୃଷ୍ଟି ହେବା ସହିତ ଗମନା ଗମନର ସମସ୍ୟା ସୃଷ୍ଟି ହେବ। ଜଳସେଚନ ବିଭାଗର ବିନା ଅନୁମତିରେ ଦୁର୍ବଳ ବ୍ୟାରେଜ ଉପରେ ୧୨ ଚକିଆ ଗାଡିରେ ୨୪ଟନର କ୍ରୋମାଇଟ ପରିବହନ ହେଉଛି, ତାକୁ ନେଇ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ସାଲନ୍ଦୀ ହଦଗଡ଼ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କ୍ରୋମାଇଟ ୧୨ଚକିଆ ଗାଡ଼ିରେ ପରିବହନ ହେଉଥିବା ନଜରକୁ ଆସିବାରୁ ଆଜି ଏହାକୁ ତଦନ୍ତ କରିବାପରେ ୧୨ ଚକିଆରେ କ୍ରୋମାଇଟ ପରିବହନ ହେଉଥିବା ଜଣା ପଡିଥିଲା। ଏହାକୁ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବଉଳା ଟ୍ରକ୍ ମାଲିକ ସଂଘର ସଭାପତି ରମାକାନ୍ତ ନାୟକଙ୍କୁ ପଚାରିବାରୁ କ୍ରୋମାଇଟ ପୂର୍ବରୁ ପରିବହନ ହେଉଥିଲା ୨୦୧୦ରୁ ଖଣି ବନ୍ଦ ହୋଇଯିବା ପରେ ପରିବହନ ବନ୍ଦ ଥିଲା। ଓଏମସିରୁ ଏବେ ପରିବହନ ଚାଲିଛି। ବ୍ୟାରେଜ ଉପରେ ପରିବହନ ଚାଲିବାକୁ ଅନୁମତି ସମ୍ପର୍କରେ କହିପାରିବେନି ବୋଲି କହିଥିଲେ।

## ମୃତକଙ୍କ ପରିବାରକୁ ବିଧାୟକଙ୍କ ସହାୟତା



**ହାଟଡ଼ିହି,୧।୭ (ସମିସ):** ହାଟଡ଼ିହି ବ୍ଲକ ଶାଳଣିଆଁ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ସନାତନ ମହାକୁଡ଼ଙ୍କ ପୁଅ ରାଜେଶ (୨୯) ଗତ ୫ବର୍ଷ ହେବ ସୁଦୂର ବାଙ୍ଗାଲୋର ସହରର ଏକ ଘରୋଇ କମ୍ପାନୀରେ ରହି ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିଲା ବେଳେ ଗତ ୨ଦିନ ତଳେ ହଠାତ ତାଙ୍କର ମୃତ୍ୟୁ ଘଟିଥିଲା। ଏଭଳି ଏକ ଦୁଃଖଦ ପରିସ୍ଥିତିରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସନାତନ ନିହାତି ଜଣେ ଗରିବ ଖଟିଖିଆ ଶ୍ରେଣୀର ଲୋକ। ପୁଅର ଅକାଳ ବିୟୋଗ ପରିବାରକୁ ଭାଙ୍ଗି ଦେଇଛି। ସେମାନଙ୍କ ପାଇଁ ଶୁଦ୍ଧିକ୍ରିୟା କରିବା ନିହାତି କଷ୍ଟକର ବ୍ୟାପାର ହୋଇପଡ଼ିଛି। ଏହି ପରିପ୍ରେକ୍ଷିରେ ବିଧାୟକ ମୃତକଙ୍କ ପରିବାରକୁ କିଛି ଆର୍ଥିକ ସହାୟତା ଯୋଗାଇଛନ୍ତି। ସ୍ଥାନୀୟ ଅଞ୍ଚଳର ହୃଦୟବାନ ଓ ମହତବ୍ୟକ୍ତିଙ୍କ ମଧ୍ୟରୁ କେହି ଏଭଳି ଦୁଃଖଦ ସମୟରେ ଯଦି ସାହାଯ୍ୟର ହାତ ବଢ଼ାନ୍ତେ ତା'ହେଲେ ସନାତନ ପୁଅର ଶୁଦ୍ଧିକ୍ରିୟା ସୁରୁଖୁରୁରେ କରିପାରନ୍ତେ ବୋଲି ପୂର୍ବତନ ସମିତିସଭ୍ୟ ବୀରେନ୍ଦ୍ର କୁମାର ବିଶାଳ, ଯୁବ ସମାଜସେବୀ ଭ୍ରମରବର ସେଠୀ, ରମାକାନ୍ତ ଦ୍ୱିବେଦୀ, ନିର୍ମଳ ସେଠୀ, ଗିରିଶ ସାଇଁ, ସାରଙ୍ଗ ମୁଖୀ, ଗୋଲଖ ନାଥଙ୍କ ସମେତ ଗ୍ରାମବାସୀ କହିଛନ୍ତି।

## ଯୁବକଙ୍କୁ ଉଠାଇ ନେଲା ମୁମ୍ବାଇ ପୁଲିସ

**ସୋସୋ,୧।୭ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୋସୋ ଗ୍ରାମର ଜଣେ ଯୁବକ ସାଇବର ଠକେଇରେ ସାମିଲ ଥିବାରୁ ମୁମ୍ବାଇ ପୁଲିସ ସୋସୋ ଗାଁକୁ ଆସି ତାକୁ ଉଠାଇ ନେଇଛି। ମୁମ୍ବାଇର ମୋଜେସ୍ ଭିନ୍‌ସେଣ୍ଟ ନାମକ ଜଣେ ଅବସରପ୍ରାପ୍ତ ବୃଦ୍ଧଙ୍କ ପାଖରୁ ଉଦ୍ଦକ ଅଞ୍ଚଳ ଓ ସୋସୋ ଗ୍ରାମର ଯୁବକ ୩୨ଲକ୍ଷ ଟଙ୍କାର ଠକିନେଇଥିବା ମୁମ୍ବାଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କୁ ପିଛା କରି ଶନିବାର ଠାରୁ ଉଦ୍ଦକରେ ଡ଼େରା ପକାଇଥିଲେ ମୁମ୍ବାଇ ପୁଲିସ। ଉଦ୍ଦକ ଏସ୍‌ଡିଜେଏମ କୋର୍ଟରୁ ଅନୁମତି ନେଇ ଉଦ୍ଦକ ଅଞ୍ଚଳର ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସୋସୋ ଗ୍ରାମର ସତ୍ୟପ୍ରକାଶ ରାଉତଙ୍କୁ ସୋସୋ ପୁଲିସ ସହଯୋଗରେ ଗିରଫ କରି ଉଠାଇନେଇଛି।

## ଅନ୍ଧାରରେ ପୌରପାଳିକା ଶିଶୁ ଉଦ୍ୟାନ

**ଆନନ୍ଦପୁର,୧।୭ (ସମିସ):** ଆନନ୍ଦପୁର ବ୍ରିଜ ଛକ ଗୋଲେଇ ନିକଟରେ ଥିବା ଶିଶୁ ଉଦ୍ୟାନ ପାର୍କର ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯାଇଥିବାରୁ ସନ୍ଧ୍ୟା ପରେ ପାର୍କ ବନ୍ଦ ହୋଇଯାଉଥିବାରୁ




ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଅନ୍ଧାରର ସୁଯୋଗ ନେଇ ଏହି ପାର୍କରେ ରାତି ୧୦ଟା ପର୍ଯ୍ୟନ୍ତ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ପାର୍କ ସମ୍ମୁଖ ପାଚେରି ନିକଟରେ ମଦ ବୋତଲ କୁଢ କୁଢ ହୋଇ ପଡୁଥିବାରୁ ବୁଦ୍ଧିଜୀବୀଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଛି। ଗତ ପ୍ରାୟ ୪ ମାସ ହେବ ପାର୍କରୁ ବିଦ୍ୟୁତ ସଂଯୋଗ ବିଛିନ୍ନ କରାଯାଇଥିଲେ ମଧ୍ୟ ପୌର କର୍ତ୍ତୃପକ୍ଷଙ୍କ ନଜର ପଡୁନଥିବା ଚିନ୍ତାର କାରଣ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଏହି ଶିଶୁ ପାର୍କକୁ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ମାସିକ ବିଦ୍ୟୁତ ବିଲ୍ ଦିଆନଯିବାରୁ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି। ଅପରାହ୍ନରେ ଏହି ଶିଶୁ ପାର୍କକୁ ବୁଲିବାକୁ ଆସୁଥିବା ଛୋଟ ଛୋଟ ପିଲା ଓ ସେମାନଙ୍କ ଅଭିଭାବକ ଅଧିକ ସମୟ ବିତାଇବା ପାଇଁ ଚାହୁଁଥିଲେ ମଧ୍ୟ ଆଲୋକ ବ୍ୟବସ୍ଥା ନଥିବାରୁ ସନ୍ଧ୍ୟା ପୂର୍ବରୁ ଫେରିଯାଉଛନ୍ତି। ସନ୍ଧ୍ୟା ପରେ ପାର୍କରେ ତାଲା ପଡୁଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ଶିଶୁ ଉଦ୍ୟାନ ନିର୍ମାଣ ପରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ତୃତୀୟ ପର୍ଯ୍ୟାୟରେ ଅର୍ଥ ବ୍ୟୟବରାଦ କରାଯାଇଥିଲା। ପ୍ରାୟ କୋଟିଏ ଟଙ୍କାର ସରକାରୀ ଅନୁଦାନରେ ନିର୍ମାଣ ହୋଇଥିବା ଏହି ଶିଶୁ ଉଦ୍ୟାନ ଉପଯୁକ୍ତ ତଦାରଖ ଅଭାବରୁ ଦିନକୁ ଦିନ ଦୟନୀୟ ଅବସ୍ଥାକୁ ଠେଲି ହୋଇଯାଉଥିବା ପରିଲକ୍ଷିତ ହୋଇଛି। ଏଣୁ ଆନନ୍ଦପୁର ପୌର କର୍ତ୍ତୃପକ୍ଷ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ନେତା ସନ୍ତୋଷ ଜେନା ଦାବି କରିଛନ୍ତି।

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ



**ଚମ୍ପୁଆ,୧।୭ (ସମିସ):** କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ବନାଞ୍ଚଳ ଆନୁକୂଲ୍ୟରେ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଆଜି ଏଠାରେ ଏକ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଇଏଫଏସ କେ.ନାଗାରାଜୁ, ସମ୍ମାନିତ ଅତିଥି ରୂପେ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ରେଞ୍ଜର ଏସିଏଫ ଅକ୍ଷୟ ଛତ୍ରିଆ, ପ୍ରଦୀପ ରାଜ ପ୍ରମୁଖ ଯୋଗଦେଇଥିଲେ। ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସମସ୍ତେ ମାଆଙ୍କ ନାଁରେ ଗଛଟିଏ ଲଗାଇ ତାର ଯତ୍ନ ନେବାକୁ ମୁଖ୍ୟଅତିଥି ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଏହି ଚାରା ବଣ୍ଟନ ବିତରଣ କେନ୍ଦ୍ର ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ। କେବଳ ୧ ଟଙ୍କା ମୂଲ୍ୟରେ ବିଭିନ୍ନ ଗଛର ଚାରା ସର୍ବସାଧାରଣଙ୍କୁ ଯୋଗାଇ ଦିଆଯିବ ବୋଲି ଆଇଏଫଏସ-କେ.ନାଗାରାଜୁ ପ୍ରକାଶ କରିଥିଲେ। ଆମ୍ବ, ପଣସ, ପିଜୁଳି, କୁଳିଆରା, ଅଶୋକ, ବଉଳ, ବେଲ, ହରିଡ଼ା, ବାହାଡ଼ା ଆଦିର ଚାରାଗଛ ଏଠାରେ ଉପଲବ୍ଧ ଥିବା ସୂଚନା ଦିଆଯାଇଥିଲା। ବନମହୋତ୍ସବର ପ୍ରଥମ ଦିନରେ ୧୦୦୦ରୁ ଉର୍ଦ୍ଧ୍ୱ ଚାରାଗଛ ବଣ୍ଟନ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଚମ୍ପୁଆ ବନ ବିଭାଗର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ବାଲିବନ୍ଧ, ୧।୭ (ସମିସ):** ଝୁମ୍ପୁରା ବ୍ଲକ ବାଲିବନ୍ଧ ପଞ୍ଚାୟତ ରଜାବସା ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ଦାଶ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।



ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଝୁମ୍ପୁରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରାଜେନ୍ଦ୍ର କୁମାର ସାହୁ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଝୁମ୍ପୁରା ବ୍ଲକ ସହଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଝୁମ୍ପୁରା ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ଚରଣ ସାହୁ, ସହକାରୀ ଗୋଷ୍ଠୀଶିକ୍ଷାଧିକାରିଣୀ ଜୟନ୍ତୀ ମଲ୍ଲିକ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଝୁମ୍ପୁରା ବ୍ଲକ ବୈଷୟିକ ପରାମର୍ଶଦାତା ପ୍ରଦୀପ କୁମାର ପଟ୍ଟନାୟକ, ଶିରିଆବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରାକାର ବେହେରା, ବାଲିବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋରାମଣୀ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଚନ୍ଦ୍ରାବତୀ ଦେଇ, ଅର୍ଣ୍ଣଳା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନଚରଣ ମହାନ୍ତ, ଟୋଲକବାହାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୁଲେଶ୍ୱର ନାଏକ, ବାଲିବନ୍ଧ କ୍ଲଷ୍ଟର ସିଆରସିସି ପ୍ରମୋଦ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ରାଜଶ୍ରୀ ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗ୍ରାମବାସୀ ତଥା ଛାତ୍ରଛାତ୍ରୀ ବନ୍ଦାପନା କରି ପ୍ରଧାନ ଶିକ୍ଷକ ଶ୍ରୀ ଦାସଙ୍କୁ ଗ୍ରାମ ପରିକ୍ରମା କରାଇଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଶ୍ରୀ ଦାଶଙ୍କୁ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରବି ଗଲାଣି ଖଣି ବିଭାଗ
# ଶୀତଳ ଭଣ୍ଡାରରେ ବାଲିଘାଟ ତଦନ୍ତ ମାମଲା

**ଆନନ୍ଦପୁର,୧।୭ (ସମିସ):** କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବୈତରଣୀ ନଦୀର ଆନନ୍ଦପୁର ବାଲିଘାଟ ତଦନ୍ତ ବାବଦରେ ଶୀତଳ ଭଣ୍ଡାରକୁ ଚାଲିଯାଇଥିବା ଅନୁମାନ ହୋଇଛି। ଏନେଇ ଖଣି ବିଭାଗର ତଦନ୍ତକୁ ୧୦ ଦିନ ବିତିଯାଇଥିବା ବେଳେ ଏହା ଶୀତଳ ଭଣ୍ଡାରକୁ ଚାଲିଯାଇଥିବା ଅନୁମାନ ହୋଇଛି। ଏନେଇ ଖଣି ବିଭାଗର ହୋଇଥିବା ମନେ ହୋଇଛି। ତଦନ୍ତର ୧୦ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପ୍ରଶାସନିକ ନିଷ୍ପତ୍ତି ହେଉନଥିବାରୁ ଏହି ତଦନ୍ତ ଶୀତଳଭଣ୍ଡାରକୁ ଚାଲିଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି। ରାଜ୍ୟ ପ୍ରଦୂଷଣ ବୋର୍ଡ, ଖଣି ବିଭାଗ, ରାଜସ୍ୱ ବିଭାଗ ଓ ଜଳସମ୍ପଦ ବିଭାଗ ଦ୍ୱାରା ହୋଇଥିବା ମିଳିତ ତଦନ୍ତର ରିପୋର୍ଟ ପ୍ରକାଶ ପାଉନଥିବା ବେଳେ ଲଘୁ ଖଣିଜ ଦାୟିତ୍ୱରେ ଥିବା ଖଣି ବିଭାଗ ନିରବି ଯାଇଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଆନନ୍ଦପୁର ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆଇନ ଅନୁଯାୟୀ ଉଚିତ ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।



ଆନନ୍ଦପୁର ରିଙ୍ଗରୋଡରେ ବାଲିବୋଝେଇ ଗାଡ଼ି ଓ ଭାରୀଯାନ ଚଳାଚଳ ଯୋଗୁ ବୈତରଣୀ ବନ୍ୟା ସୁରକ୍ଷା ବନ୍ଧ ଓ ଆନନ୍ଦପୁର ବ୍ୟାରେଜ ପ୍ରତି ବିପଦ ସୃଷ୍ଟି ହେଉଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଉଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେଉନଥିବା ଘଟଣା ଆନନ୍ଦପୁର ଅଞ୍ଚଳବାସୀଙ୍କ ଧନଜୀବନ ସହିତ ଖେଳଖେଳିବା ସଦୃଶ ହୋଇଛି। ଏଣୁ କେନ୍ଦୁଝର ଜିଲ୍ଲାପାଳ ଆନନ୍ଦପୁର ସହରବାସୀଙ୍କ ଧନଜୀବନର ସୁରକ୍ଷା ଦୃଷ୍ଟିରୁ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଢ ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ବୈତରଣୀ ନଦୀର ଆନନ୍ଦପୁର ଘାଟରୁ ଆବଶ୍ୟକତାଠାରୁ ଅଧିକ ପରିମାଣର ବାଲି ଉତ୍ତୋଳନ କରାଯାଇଥିବା ତଦନ୍ତକାରୀ ଅଧିକାରୀମାନେ ଜାଣି ପାରିଥିଲେ। ମାତ୍ରାଧିକ ବାଲି ପରିବହନକୁ ନେଇ ହୋଇଥିବା ଅଭିଯୋଗର

## ସାହାରପଡ଼ାରେ ଖୋଲିଲା ଚାରା ବିକ୍ରୟ କେନ୍ଦ୍ର



**ହୁରୁମୁଣ୍ଡା,୧।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡା ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚାରା ବିକ୍ରୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବକୁ ସାହାରପଡା ତହସିଲଦାର ପରମାନନ୍ଦ ଖଣ୍ଡେଇ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ ଜିତେନ୍ଦ୍ର ବେହେରା, ସାହାରପଡା ବିଡିଓ ମାଧବ ଚନ୍ଦ୍ର ବିରୁଆ, ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର, ସାହାରପଡା ବନପାଳ ରୂପଡି ସେଠୀ, ବନରକ୍ଷୀ ଦୀପକ ରଣା, ରଞ୍ଜିତା ମହାନ୍ତ, ପ୍ରଗତି ରାଉତ ସମେତ ପାରା ଷ୍ଟାଫ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଏକ ହଜାରରୁ ଉର୍ଦ୍ଧ୍ୱ ଚାରା ବଣ୍ଟନ କରାଯାଇଥିବା ବେଳେ ଏହି ଚାରା ବଣ୍ଟନ କାର୍ଯ୍ୟ ଏକମାସ ଧରି ଚାଲୁରହିବ। ଏଥିରେ ଏକ ଲକ୍ଷ ୧୦ ହଜାର ଚାରା ବଣ୍ଟନ କରାଯିବାର ଲକ୍ଷ୍ୟ ରହିଥିବା ବନପାଳ ରୂପଡି ସେଠୀ କହିଛନ୍ତି।

## ପ୍ରଧାନଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ଚମ୍ପୁଆ, ୧।୭ (ସମିସ):** ଚମ୍ପୁଆ ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ଗିରିଙ୍କ ଦୀର୍ଘ ୩୫ ବର୍ଷର ଚାକିରି ଜୀବନର ଗତକାଲି ଶେଷଦିନ ଥିଲା। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା




ବରିଷ୍ଠ ଶିକ୍ଷୟିତ୍ରୀ ବୈଦେହୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ତାଙ୍କର ବହୁମୁଖୀ ପ୍ରତିଭାର ଅବତାରଣା କରିବା ସହ ବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ, କର୍ତ୍ତବ୍ୟ ନିଷ୍ଠା, ଛାତ୍ର ବତ୍ସଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ତରଫରୁ ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର ଅବସରକାଳୀନ ପରବର୍ତ୍ତୀ ଜୀବନ ସୁଖ, ଶାନ୍ତି ଓ ନିରୋଗମୟ ହେଉ ବୋଲି ବକ୍ତାମାନେ କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ସମସ୍ତ ଷ୍ଟାଫ ତାଙ୍କୁ ସସମ୍ମାନେ ତାଙ୍କ ବାସଭବନକୁ ପାଛୋଟି ନେଇଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୋସୋ,୧।୭ (ସମିସ):** ହାଟଡିହି ବ୍ଲକ ଦୁଦୁରାଁ ନିଦାନିଜ ସରକାରୀ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ସେନାପତିଙ୍କୁ ବିଦ୍ୟାଳୟ ପକ୍ଷରୁ ବିଦାୟ କାଳିନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମିହିର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ



ମୁଖ୍ୟ ଭାବେ ଗଡ଼ି ତୋଳିବାକୁ ଶିକ୍ଷକଙ୍କ ଉଦ୍ୟମ ଜରୁରୀ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ସହ ଶିକ୍ଷା ଅଧିକାରୀ ସୁରେଶ କୁମାର ଜେନା, ଶିକ୍ଷକ ସଂଘ ସଭାପତି ହରମୋହନ ପଣ୍ଡା, ବିଶିଷ୍ଟ ସାହିତ୍ୟିକ ଅନ୍ତର୍ଯାମୀ ରାଉତ, ମୃତ୍ୟୁଞ୍ଜୟ ଓଝା, ଶିକ୍ଷକ ଅଲେଖ ଚନ୍ଦ୍ର ପରିଡ଼ା, ରବୀନ୍ଦ୍ର ରାଉତ, ଆଦିତ୍ୟ କୁମାର ପଟ୍ଟନାୟକ, ରଞ୍ଜନ ନାୟକ, ସନ୍ତୋଷ କୁମାର ଜେନା, ଲକ୍ଷ୍ମୀପ୍ରିୟା ପତି, ନିରାକାର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍କୁଲ ପରିଚାଳନା କମିଟିର ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ। ସିଆରସିସି ବିନାୟକ ଜେନା ପ୍ରମୁଖ ଯୋଗଦେଇ ବିଦାୟ ଶିକ୍ଷକଙ୍କ କର୍ମମୟ ଜୀବନ ଆଲୋକପାତ କରିଥିଲେ। ଶିକ୍ଷକ ହେଉଛନ୍ତି ସମାଜର ଦର୍ପଣ ଛାତ୍ରଛାତ୍ରୀଙ୍କୁ ଭଲ

## କାମରେ ଲାଗୁନି ଲିଫ୍ଟ
# ହୀନସ୍ତା ହେଉଛନ୍ତି ରୋଗୀ ଓ କର୍ମଚାରୀ
### ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ

**ଚମ୍ପୁଆ, ୧।୭ (ସମିସ):** ୧୯୯୦ ମସିହାରେ ନିର୍ମିତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଉନ୍ନତ ରୋଗୀ ସେବା ଯୋଗାଇ ଦେବା ନିମନ୍ତେ ଆନୁଷଙ୍ଗିକ ତଥା ମୌଳିକ ଆବଶ୍ୟକତା ଉନ୍ନତି ହୋଇଥିବା ବେଳେ ଗର୍ଭବତି ଓ ଶିଶୁ ରୋଗୀ ମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଚିକିତ୍ସା କେନ୍ଦ୍ରର ଲିଫ୍ଟ ଦୀର୍ଘ ଦିନ ହେବ ଅଚଳ ହୋଇ ପଡିରହିଛି। ଫଳରେ ରୋଗୀ ଓ କର୍ମଚାରୀମାନେ ପାଦଚଲା ରାସ୍ତା ତଥା ଶିଡ଼ି ଦ୍ୱାରା ଚାଲି ଚାଲି ଯାଉଥିବା ଦେଖିବାକୁ ମିଳୁଛି। ସୂଚନା ଅନୁସାରେ ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଓ ଶିଶୁ ରୋଗ ବିଭାଗ ନିମିତ୍ତ କୋଟି କୋଟି ଟଙ୍କା ବ୍ୟୟରେ ମାତୃ ଶିଶୁ ବିଭାଗ ନିର୍ମାଣ କରାଯାଇଥିଲା। ଏହି



ମାତୃ ଶିଶୁ ବିଭାଗକୁ ଚିକିତ୍ସା ପାଇଁ ଆସୁଥିବା ଗର୍ଭବତି ଓ ଶିଶୁ ରୋଗୀ ମାନଙ୍କ ସୁବିଧା ନିମନ୍ତେ ଲିଫ୍ଟର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ହେବ ଉକ୍ତ ଦୁଇ ଗୋଟି ଲିଫ୍ଟ ଖରାପ ହୋଇପଡିଥିବା ବେଳେ ରୋଗୀମାନେ ନାନା କଷ୍ଟ ଭୋଗ କରୁଛନ୍ତି। ଏ ନେଇ ଉପଖଣ୍ଡ ଚିକିତ୍ସାଳୟର ଅଧିକାରୀ ଉମାକାନ୍ତ ସାହୁଙ୍କୁ ପଚାରିବାରୁ କହିଛନ୍ତି ଯେ ଲିଫ୍ଟ ଯୋଗାଇ ଦେଇଥିବା ସଂସ୍ଥାକୁ ମରାମତି ପାଇଁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନାହାନ୍ତି।

# କେନ୍ଦୁଝରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର,୧।୭ (ସମିସ)

ସୋମବାର ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଶିବର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୯୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୩୨ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୬୬ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ନିତିନ



କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହେଲ, ଲଳିତ ସୋରେଙ୍ଗ, ଆଇଏଏସ ପ୍ରୋବେସନର ପ୍ରେକ୍ଷା ଅଗ୍ରୱାଲ, ଏସ୍‌ଡିପିଓ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ପ୍ରୁଷ୍ଟି, କେନ୍ଦୁଝର ସଦର ବିଡିଓ ତିଳୋତ୍ତମା ପ୍ରୁଷ୍ଟି, କେନ୍ଦୁଝର ତହସିଲଦାର ଶୁଭେନ୍ଦୁ ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ୬ ଗୋଟି ମୋଟରଚାଳିତ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ପ୍ରଶାସନିକ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ହୋଇଥିବା ଆଚରଣବିଧି ଯୋଗୁଁ ସାମୟିକ ଭାବେ ଏହି ଅଭିଯୋଗ ଶୁଣାଣି ସମଗ୍ର ରାଜ୍ୟରେ ବନ୍ଦ ରହିଥିଲା। ନୂତନଭାବେ ଶପଥ ନେଇଥିବା ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁନର୍ବାର ମିଳିତ ଅଭିଯୋଗ ଶୁଣାଣି ଆଜିଠାରୁ ସମସ୍ତ ଜିଲ୍ଲା ସମେତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଆରମ୍ଭ ହୋଇଛି।

## ଜାଲେଣି କାଠ ସଂଗ୍ରହ ବେଳେ ଗଛରୁ ପଡ଼ି ଯୁବକ ମୃତ

ନୀଳଗିରି, ୧୭ (ସମିସ): ଜଙ୍ଗଲକୁ ଜାଲେଣି କାଠ ସଂଗ୍ରହ ପାଇଁ ଯାଇଥିବା ଜଣେ ଯୁବକ ଗଛରୁ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି । ଘଟଣାଟି ଘଟିଛି ନୀଳଗିରି ଏନଏସି ମିରିଗିଣି ଗ୍ରାମ ଧଡ଼ାସାହିର କୁଟୁରା ପାତ୍ରଙ୍କ ପୁଅ ବିସିକେଶନ ପାତ୍ର (୪୫) । ସୂଚନାରୁ ଜଣାପଡ଼ିଛି ଆଜି ସକାଳେ ବିସିକେଶନ ପାଖରେ ଥିବା କୁଲଡିହା ଜଙ୍ଗଲ ପାଦ ଦେଶକୁ ଜାଲେଣି କାଠ ସଂଗ୍ରହ ପାଇଁ ଯାଇଥିଲେ । ଗଛ ଉପରେ ଚଢ଼ି ଶୁଖିଲା କାଠ ହାଣୁଥିବା ବେଳେ ଗଛ ତଳକୁ ସେ ଖସିପଡ଼ିଥିଲେ । ତଳେ ପଥରରେ ପିଟି ଯିବାରୁ ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା । ପରିବାର ଲୋକେ ନୀଳଗିରି ଡାକ୍ତରଖାନାକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଏନେଇ ଅଞ୍ଚଳରେ ଶୋକାକୋଳ ପରିବେଶ ସୃଷ୍ଟି ହୋଇଛି ।

ଭୋଗରାଇ ଟ୍ରେନ୍ ଟିକଟ୍ ବୁକିଂ କାଉଣ୍ଟରରେ ଦୁରବସ୍ଥା

# ବାରମ୍ବାର ଲିଙ୍କ୍ ଫେଲ୍ ଯୋଗୁଁ ଫେରିଯାଉଛନ୍ତି ଲୋକେ

ଚୌକି, ୧୭ (ସମିସ): ବାଲେଶ୍ୱର ଜିଲ୍ଲାର ଉପାନ୍ତ ଭୋଗରାଇ ବ୍ଲକ ପ୍ରାୟତଃ ସାଢ଼େ ତିନିଲକ୍ଷ ଜନସଂଖ୍ୟା । ରାଜ୍ୟ ତଥା ରାଜ୍ୟ ବାହାରକୁ ରେଳ ଯାତ୍ରା କରିବା ପାଇଁ ଏଠାରୁ କୌଣସି ରେଳ ଯୋଗାଯୋଗ ନାହିଁ । ତେଣୁ ଏଥିପାଇଁ ଲୋକମାନଙ୍କୁ ଏଠାରୁ ୪୦କିମି ଦୂର ଜଳେଶ୍ୱର ଷ୍ଟେସନକୁ ଯିବାକୁ ପଡ଼ିଥାଏ । ସେହିପରି ଆଡ଼ଭାନ୍ସ ଟିକଟ ବୁକିଂ ସିଷ୍ଟମ ବା ଆରକ୍ଷଣ ପାଇଁ ୪୦ କିଲୋମିଟର ଦୂରରେ ଥିବା ଜଳେଶ୍ୱର କିମ୍ବା ୧୫ କିଲୋମିଟର ଦୂରରେ ଥିବା ପଶ୍ଚିମବଙ୍ଗର ଦୀଘା ଯିବାକୁ ପଡୁଥିଲା । ଏହି ଅସୁବିଧାକୁ ଲକ୍ଷ୍ୟ କରି ତତ୍କାଳୀନ ସାଂସଦ ଶ୍ରୀକାନ୍ତ ଜେନା ୬ ଫେବୃଆରୀ ୨୦୧୩ରେ ରେଳ ଷ୍ଟେସନ ନଥାଇ ମଧ୍ୟ ଭୋଗରାଇ ବ୍ଲକ ପରିସର ମଧ୍ୟରେ ଏକ ଟ୍ରେନ୍ ଟିକଟ ବୁକିଂ କାଉଣ୍ଟର ଖୋଲିଥିଲେ । ଆଜକୁ ୧୧ ବର୍ଷ ହେଲା ଟିକେଟ କାଉଣ୍ଟର ଚାଲୁଅଛି । କିନ୍ତୁ କିଛି ମାସହେଲା ଲୋକେ ଟିକେଟ କାଟିବା ପାଇଁ ହଇରାଣ ହରକତ ହେଉଛନ୍ତି । କେତେବେଳେ ବିଦ୍ୟୁତ ନାହିଁ ତ କେତେବେଳେ ଲିଙ୍କ୍ ନାହିଁ । ଏବାବଦରେ ଟିକେଟ କାଉଣ୍ଟର ସୁପରଭାଇଜର ସାଧନ କୁମାର ଦାସଙ୍କୁ ପଚାରିବାରୁ ସେ କହିଥିଲେ ଯେ ଏହି ଟିକେଟ କାଉଣ୍ଟରରେ ଥିବା ଇନଭର୍ଟର ଥିଲା ତାହା ଖରାପ ହୋଇଯାଇଥିବାରୁ କେବଳ ବିଦ୍ୟୁତ ସରବରାହ ଉପରେ ନିର୍ଭର କରିବାକୁ ପଡୁଛି । ଯେତେବେଳେ ବିଦ୍ୟୁତ ସରବରାହ ରହୁଛି ସେତେବେଳେ ଟିକଟ କଟା ଯାଉଛି । ସେହିପରି ଏହି ଟିକେଟ କାଉଣ୍ଟର ଦୁଇଟି ଲିଙ୍କ ମାଧ୍ୟମରେ ଚାଲିଥାଏ । ଗୋଟିଏ ବାଲେଶ୍ୱର ଲିଙ୍କ ଆଉ ଗୋଟେ ପଶ୍ଚିମବଙ୍ଗର ତମଲୁକ୍ ଲିଙ୍କ । ଏବେ ତମଲୁକ୍ ଲିଙ୍କ ସମ୍ପୂର୍ଣ୍ଣ ଫେଲ ହୋଇଯାଇଥିବା ବେଳେ ବାଲେଶ୍ୱର ଲିଙ୍କ ମଧ୍ୟ କେତେବେଳେ ଆସୁଛି ତ କେତେବେଳେ ଆସୁନାହିଁ । ତେଣୁ ତତ୍କାଳ ଟିକଟ ବୁକିଂରେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅନ୍ୟପକ୍ଷରେ ରେଳ ବିଭାଗର ଏଭଳି ଖାମ ଖିଆଲି ନିତି ପାଇଁ ଭୋଗରାଇବାସୀ ହନ୍ତସନ୍ତ ହେଉଛନ୍ତି । ଯଦି ଆଗାମୀ ଦିନରେ ଏନେଇ ରେଳ ବିଭାଗ କୌଣସି ପଦକ୍ଷେପ ନ ନିଅନ୍ତି ତେବେ ଭୋଗରାଇବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସୁକାନ୍ତ ଦାସମହାପାତ୍ର, ତାପସ ମହାନ୍ତି, ରାଜେଶ ସେଠୀ, ପ୍ରଦୀପ ମହାନ୍ତି, ଶିବଶଙ୍କର ଦାସ, ବସନ୍ତ ପ୍ରଧାନ, ସୁବାଶିସ ଦାସ ମହାପାତ୍ର, ବିକାଶ ଦାସ, ସୁଧାକର ତୋଳା ପ୍ରମୁଖ ସ୍ଥାନୀୟ ବ୍ୟକ୍ତିମାନେ ଚେତାବନୀ ଦେଇଛନ୍ତି ।




## ପରିତ୍ୟକ୍ତ ଘରୁ ବୃଦ୍ଧାଙ୍କ ଗଳିତ ଶବ ଉଦ୍ଧାର

ବାଲେଶ୍ୱର, ୧୭ (ସମିସ): ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବାଲେଶ୍ୱର ପୌରପାଳିକାର ଗୋଧିବସା ବସ୍ତି ବାସିନ୍ଦା ସ୍ୱର୍ଗତ କିଷାନ ସିଂଙ୍କ ପତ୍ନୀ କଟି ସିଂ (୬୦)ଙ୍କ ଗଳିତ ଶବ ଲୋକନାଥ ମନ୍ଦିର ନିକଟସ୍ଥ ପରିତ୍ୟକ୍ତ ଫେବୋରିଟ ଭବନ ପରିସରରୁ ଉଦ୍ଧାର କରିଛି ପୁଲିସ । ତାଙ୍କୁ ହତ୍ୟା କରାଯାଇଛି ବୋଲି ସ୍ଥାନୀୟ ଲୋକେ ସନ୍ଦେହରେ କହୁଥିବାବେଳେ ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ତେବେ ତାଙ୍କ ମାନସିକ ଅବସ୍ଥା ଭଲ ନଥିଲା । ବାବା ଲୋକନାଥ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ଭିକ୍ଷା ମାଗି ସେ ଦୈନନ୍ଦିନ ଖାଦ୍ୟ ସଂଗ୍ରହ କରିନେଉଥିଲା । ଅଧିକାଂଶ ଦିନ ଘରକୁ ନଆସି ରାତିରେ ମନ୍ଦିର କିମ୍ବା ଓଭରବ୍ରିଜ ତଳେ ଶୋଇଥିବାର ସ୍ଥାନୀୟ ଲୋକେ କହିଛନ୍ତି ।

**ହତ୍ୟା ସନ୍ଦେହ**

ଗତ ଚାରି ପାଞ୍ଚ ଦିନ ହେଲା ତାଙ୍କୁ କେହି ଦେଖିବାକୁ ନାହାନ୍ତି । ଗତ ଦୁଇଦିନ ଧରି ଫେବୋରିଟ ଭବନର ପରିତ୍ୟକ୍ତ ଘରୁ ନାକଫଟା ଦୁର୍ଗନ୍ଧ ବାହାରୁଥିଲା । ସୋମବାର ଦିନ ସକାଳେ ସ୍ଥାନୀୟ ଦୋକାନୀମାନେ ସେହି ଭବନର ଭଙ୍ଗା ଝରକା ଫାଙ୍କ ଦେଖିବାରୁ ଏକ ମଣିଷର ଗଳିତ ଶବ ପଡ଼ିଥିବା ଖବର ସହଦେବଖୁଣ୍ଟା ପୁଲିସକୁ ଦେଇଥିଲେ । ପୁଲିସ ଶବ ଉଦ୍ଧାର ପରେ କଟିସିଂଙ୍କ ଝିଅ ନିଜ ମା' ବୋଲି ଶବ ଚିହ୍ନଟ କରିଥିଲେ । ମା'କୁ କେହି ମାରିଦେଇ ଏଠାରେ ପକାଇ ଦେଇଛି ବୋଲି ମୃତକଙ୍କ ଝିଅ ଅଭିଯୋଗ କରିଥିଲେ । ହେଲେ ଥାନାରେ ଲିଖିତ ଏତଲା ଦେଇ ନଥିବା ଜଣାଯାଇଛି । ଯଦି ତାଙ୍କର ସ୍ୱାଭାବିକ ମୃତ୍ୟୁ ହେଇଥାଆନ୍ତା ତାହେଲେ ଶବ ଫେବୋରିଟ ଭବନକୁ ଗଲା କେମିତି । କାରଣ ଏହାର ପରିସରର ଅତ୍ୟନ୍ତ ବିପଦ ସଂକୁଳ ଏବଂ କେହି ତା ଭିତରେ ଆଶ୍ରୟ ନେବା ଅସମ୍ଭବ । କେହି ନିଶାସକ୍ତ ବ୍ୟକ୍ତି ତାଙ୍କୁ ରାତିରେ ହତ୍ୟାକରି ସେଠାରେ ଶବକୁ ପକାଇ ଦେଇଛି ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ହେଉଛି । ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ଜୟନ୍ତ ବେହେରା କହିଛନ୍ତି ।

## ଶ୍ରୀରାମପୁର ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

ଜଳେଶ୍ୱର, ୧୭ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ପାଣି ପମ୍ପଘର ଫାଟକର ତାଲା ଭାଙ୍ଗି ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଛି । ସୂଚନା ଅନୁସାରେ ପ୍ରତିଦିନ ଭଳି ଆଜି ସକାଳେ ଗ୍ରାମକୁ ପାଣି ଯୋଗାଇବା ପାଇଁ ପମ୍ପ ଚଳାଇବା ନିଯୁକ୍ତ ଥିବା ପମ୍ପ ଚାଳକ ସୁବେଶ ମଲ୍ଲିକ ପମ୍ପଘର ନିକଟକୁ ଆସିଥିଲେ । ସେ ଦେଖିଲେ ଯେ ଉଭୟ ପମ୍ପଘର ଓ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭଙ୍ଗା ଯାଇଛି । ସେ ସଙ୍ଗେ ସଙ୍ଗେ ସରପଞ୍ଚ ଆଲୋକ ଗିରି ଓ ସମିତି ସଭ୍ୟ ଗୋପାଳ ଚନ୍ଦ୍ର ସାମଲଙ୍କୁ ଫୋନ୍ କରି ଜଣାଇଥିଲେ । ସରପଞ୍ଚ ଓ ସମିତି ସଭ୍ୟ ଆସି ଦେଖିଲେ ପଞ୍ଚାୟତ କାର୍ଯ୍ୟାଳୟ ଉପର ଘରର ସମ୍ମିଳନୀ କକ୍ଷରେ ଲାଗିଥିବା ବଡ଼ ଏଲସିଡି, ହାର୍ଡଡିସ୍କ ଓ ଅନ୍ୟ କେତେକ ସାମଗ୍ରୀ ଚୋରି ହୋଇଛି । ସରପଞ୍ଚ ଏହା ଦେଖିଲା ପରେ ରାଇବଣିଆ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ । ପରେ ରାଇବଣିଆ ପୁଲିସ ଓ ୪ଜଣିଆ ସାଇଣ୍ଟିଫିକ ଦଳ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରି ଫେରି ଯାଇଥିବା ବେଳେ ଅଧିକ ତଦନ୍ତ ଚଳାଇଛି । ତଦନ୍ତ ସମୟରେ ସରପଞ୍ଚ, ସମିତି ସଭ୍ୟ ବହୁ ୱାର୍ଡ ସଭ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ ।



## ପରିବହନ ଆଇନ ବାତିଲ ଦାବିରେ
# ସିଆଇଟିୟୁ ତରଫରୁ ପ୍ରତିବାଦ ସଭା




ଜଳେଶ୍ୱର, ୧୭ (ସମିସ): ସରକାରଙ୍କ କଳା ପରିବହନ ଆଇନକୁ ବାତିଲ କରିବା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ (ସିଆଇଟିୟୁ) ତରଫରୁ ସୋମବାର ଦେଶରେ ପ୍ରତିବାଦ, ବିକ୍ଷୋଭ କରାଯାଉଛି । ଅଂଶ ବିଶେଷ ଭାବେ ଜଳେଶ୍ୱର ଷ୍ଟେସନ ଛକରେ ନେତାଜୀ ସୁବାଷ ବୋଷ ଅଟୋ ସଂଘ, ଜଗନ୍ନାଥ ଅଟୋ ସଂଘ, ମହାତ୍ମା ଗାନ୍ଧୀ ଟଟୋ ସଂଘ ମିଳିତ ଭାବେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ଡ୍ରାଇଭର ମାରଣ ନୀତି ବିରୋଧରେ ଯାହା ହିଟ୍ ଆଣ୍ଡ ରନ୍ ଭଳି ଆଇନ୍ ଲାଗୁ କରି ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଓ ୭ ହଜାର ଟଙ୍କା ଜୋରିମାନା ଦେବା କଠୋର ଆଇନ ଲାଗୁ କରିବା ଦ୍ୱାରା ସେମାନେ ଅସୁରକ୍ଷିତ ତଥା ଭୟଭୀତ । ନିଜ ଜୀବନକୁ ବିପଦରେ ରଖି କରୋନା ଏବଂ କୌଣସି ଜରୁରୀ ପରିସ୍ଥିତିରେ ରୋଗୀ ସେବା ହେଉ କି ଦୁର୍ଘଟଣା ହେଉ ଯେଉଁ ଡ୍ରାଇଭରମାନେ ତୁରନ୍ତ ସେବା ଦେଇ ଅନ୍ୟର ଜୀବନ ବଞ୍ଚାନ୍ତି ଆଜି ସେହିମାନଙ୍କ ଉପରେ କଡ଼ା ଦଣ୍ଡ ଦେବା ଭଳି ଆଇନ୍ ଆଣୁଛନ୍ତି । ନିର୍ବାଚନ ପୂର୍ବରୁ ଏହି ଆଇନ୍‌କୁ ସଂଘ ତରଫରୁ ବିରୋଧ କରିବାରେ ସରକାର ଆଲୋଚନା କରି ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇ ଭୁଲି ଭାରତୀୟ ନ୍ୟାୟ ସଂହିତା ଆଇନ୍ ଆଣୁଛନ୍ତି । ଯାହକୁ ବିରୋଧ କରିବା ସ୍ୱରୂପ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । କୃଷକ ସଂଘର୍ଷ ସମନ୍ୱୟ ସମିତିର ସଭାପତି ଦୀଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିଆଇଟିୟୁର ବ୍ଲକ ସଭାପତି ଦିପ୍ତିମାନ ଆଚାର୍ଯ୍ୟ, ସମ୍ପାଦକ ପଲଟୁ ଦାସ, ଛାତ୍ରନେତା ଚନ୍ଦନ କାମିଲା, ସେକ୍ ଅବଦୁଲ ସାଦିକ, ସୁବାସ ବୋଷ ଅଟୋ ସଂଘର ନେତୃତ୍ୱ ସେକ ସୀତାରୁଦ୍ଦିନ, ସେକ୍ ଜମିରୁଦ୍ଦିନ୍, ଖଗେନ୍ଦ୍ର ମହୁରୀ, ଜଗନ୍ନାଥ ଅଟୋ ସଂଘର ସୁରେନ୍ଦ୍ର କୁମାର ଦେ, ଅଜିତ କୁମାର ପରିଡ଼ା, ଟଟୋ ସଂଘର ମୁକ୍ତି ସାହେବ, ସେକ ମଜବୁର, ଶଙ୍କର ଦେବନାଥ, ସନ୍ତୋଷ ଦେବନାଥ, ବିଶାଳ ଦାସ, ସରପଞ୍ଚ ଦୀଲ୍ଲିପ ପରିଡ଼ା, ଶ୍ରମିକ ନେତା ଗଣେଶ ପାତ୍ର, ଅନ୍ୟତମ ଡ୍ରାଇଭର ନେତା ମଦନ ମାହାଲୀ ଆଦି ନେତୃତ୍ୱ ମାନେ କଡ଼ା ଭାଷାରେ ସରକାରକୁ ସମାଲୋଚନା କରିବା ସହିତ ଏହି କଳା ପରିବହନ ଆଇନକୁ ପ୍ରତ୍ୟାହାର ନ କଲେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଶ୍ରଦ୍ଧାପୁର, ୧୭ (ସମିସ): ଭୋଗରାଇ ବ୍ଲକ ଗୋଛିଦାତେଘରି ପଞ୍ଚାୟତ କୃଷ୍ଣନଗର ଗାଁର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ଜଣକ ହେଲେ ଭୋଗରାଇ ଟୁକୁରିହାଜିରା ପଞ୍ଚାୟତର ରଣକୋଠା ଗାଁର ସୁବାସ ମଲ୍ଲିକଙ୍କ ସ୍ତ୍ରୀ ପ୍ରିୟଙ୍କା (୨୬) । ଏନେଇ ତାଳସାରୀ ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ ବାହାଘରର କିଛି ଦିନ ପରେ ସୁବଳ କୃଷ୍ଣନଗର ଗାଁର ଶ୍ୱଶୁର ଘରେ ରହୁଥିଲେ । ପରେ ସେଠାରେ ଏକ ଅଲଗା ଘର କରି ସ୍ତ୍ରୀ, ପିଲାଙ୍କୁ ନେଇ ରହୁଥିଲେ । ଗତ ଶନିବାର ରାତିରେ ସମସ୍ତେ ଖାଇ ପିଇ ଶୋଇଥିଲେ ମାତ୍ର ରବିବାର ସକାଳେ ଘର ପଛ ପଟେ ଥିବା ଏକ ଗଛରେ ପ୍ରିୟଙ୍କାଙ୍କ ଝୁଲନ୍ତା ମୃତଦେହ ଦେଖି ଥାନାକୁ ଖବର ଦେଇଥିଲେ । ଥାନା ଅଧିକାରୀ ମୃତଦେହ ଜବତ କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେଠାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ଦଳପୂର୍ଣ୍ଣ ପଥରେଶ୍ୱର ନାଳ ସଫା କଲା ଡ୍ରେନେଜ୍ ବିଭାଗ



ଭୋଗରାଇ, ୧୭ (ସମିସ): ଭୋଗରାଇ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ପଥରେଶ୍ୱର ନାଳରୁ ଗତ ରବିବାର ଠାରୁ ଦଳ ସଫା କାର୍ଯ୍ୟ ଆରମ୍ଭ ହୋଇଛି । ଦୀର୍ଘଦିନ ଧରି ଏହି ନାଳଟି ବିଲାତି ଦଳରେ ପରିପୂର୍ଣ୍ଣ ହୋଇଥିଲା ବେଳେ ସ୍ଥାନୀୟ ବାସିନ୍ଦାମାନେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବର୍ଷା ପୂର୍ବରୁ ନାଳଟିକୁ ସଫା କରିବା ପାଇଁ ସ୍ଥାନୀୟ ବାସିନ୍ଦାମାନେ ଅନୁରୋଧ କରିଥିଲେ । ଏ ସଂକ୍ରାନ୍ତରେ ବିଧାୟକ ଶ୍ରୀ ଦାସ ଡ୍ରେନେଜ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବା ସହ ତୁରନ୍ତ ଏହାକୁ ସଫା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତଦନୁଯାୟୀ ଡ୍ରେନେଜ ବିଭାଗ ଗତ ରବିବାର ଠାରୁ ସଫେଇ କାର୍ଯ୍ୟ ଆରମ୍ଭ କରିଛି । ଅନ୍ୟପକ୍ଷରେ ଆଗକୁ ଦକ୍ଷିଣ ଭୋଗରାଇର ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଏହି ନାଳ ସମେତ ଅନ୍ୟ କେତେକ ନାଳର ସମ୍ପୂର୍ଣ୍ଣ ଖନନ କାର୍ଯ୍ୟ ମଧ୍ୟ କରାଯିବ ବୋଲି ବିଧାୟକ ଶ୍ରୀ ଦାସ ସୂଚନା ଦେଇଛନ୍ତି ।

# ଶୃଙ୍ଖଳିତ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପାଳନ ନେଇ ସାଧାରଣ ସଭା

ସୋର, ୧୭ (ସମିସ): ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିରର ରଥଯାତ୍ରା ଓ ବାହୁଡା ଯାତ୍ରାରୁ ଶ୍ରୀ ଜୀଉମାନଙ୍କ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବା ନିମନ୍ତେ ଏକ ସାଧାରଣ ସଭା ମନ୍ଦିର ପରିସରରେ ପରିଚାଳନା କମିଟିର ସଭାପତି ନିତ୍ୟାନନ୍ଦ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆରମ୍ଭରେ ଶାନ୍ତି ପାଠ ବଂଶୀଧର ରାଉତ ଓ ଜଗନ୍ନାଥଙ୍କ ଧ୍ୟାନମନ୍ତ୍ର ବିଜୟ କୁମାର କର ପାଠ କରିଥିଲେ । ଏଥିରେ ମନ୍ଦିର ପରିଚାଳନା କମିଟିର ସଭ୍ୟ, ସଭ୍ୟା, ସେବାୟତ, ସ୍ଥାନୀୟ ସମସ୍ତ ମନ୍ଦିର, ମଠ ଓ ବିଭିନ୍ନ ଯୁବ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ମଠାଧୀଶ ଭାଗବତ ଗାଦି ମନ୍ଦିର ଚିଡ୍ଡୋଳ, ସଭାପତି, ମା' ମଙ୍ଗଳା ଓ ତାରିଣୀ ମନ୍ଦିର, ଅନନ୍ତପୁର, ସଭାପତି ପୁଜ୍ୟପୂଜା ସଂସଦ ସେବା ସଂଗଠନ ରେଓଦା, ସଭାପତି ବେଦମାତା ଗାୟତ୍ରୀ ପରିବାର, ଯୁଗେଶ୍ୱରୀ କ୍ଲବ, ବାବା ଅର୍ଜୁନେଶ୍ୱର ମହାଦେବ ମନ୍ଦିର, ଅଇଁରୀ, ସଭାପତି ବ୍ଲୁ ଷ୍ଟାର ଓ ବାବାମଣି କ୍ଲବ, ମଠସାହି, କାଂଶବାଂଶ ଯୁବ ପରିଷଦ ଜଗନ୍ନାଥ ସେବା ସଂଗଠନ, କର୍ମଭୂମି ସେବା ସଂଗଠନ, ଅନନ୍ତପୁରର କର୍ମକର୍ତ୍ତାମାନେ ଆଲୋଚନାରେ ଭାଗ ନେଇଥିଲେ । ପରିଶେଷରେ ବସନ୍ତ କୁମାର କର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।



## ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ ବିଜେପି ସଂଗଠନର କାର୍ଯ୍ୟକର୍ତ୍ତା

ଭୋଗରାଇ, ୧୭ (ସମିସ): ଭୋଗରାଇ ନିର୍ବାଚନମଣ୍ଡଳୀ ବିଜେପି ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି । ଭୋଗରାଇ ବିଜେପି ନେତା ଆଶିଷ ପାତ୍ରଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଭୋଗରାଇର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ତିନୋଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ସବିଶେଷ କରି ଏସିଆର ସର୍ବବୃହତ ଶୈବପୀଠ ଭୂଷଣ୍ଡେଶ୍ୱର ମନ୍ଦିରର ଉନ୍ନତି କରଣ, ଅଧୁରା ଥିବା ମନ୍ଦିରର ସମ୍ପୂର୍ଣ୍ଣ କରଣ, ତାଳସାରି ଓ ଉଦୟପୁର କୁ ବିଶ୍ୱସ୍ତରୀୟ ବେଳାଭୂମିର ମାନ୍ୟତା ଦେବା ସହିତ ଭିତ୍ତିଭୂମିର ବିକାଶ, ତାଳସାରି ବେଳାଭୂମି ମହୋତ୍ସବ ପାଇଁ ଦିନ ନିର୍ଦ୍ଧାରଣ ଇତ୍ୟାଦି ସମସ୍ୟା ଉପରେ ଆଲୋଚନା କରିଥିଲେ ।

ବିଜେପି ନେତା ଆଶିଷ ପାତ୍ର ସହିତ ମିଡ଼ିଆ ସଂଯୋଜକ ସତ୍ୟବ୍ରତ ଜେନା, ପୂର୍ବତନ ସରପଞ୍ଚ ପ୍ରତିନିଧି ସୁବାସ ଚାନ୍ଦ, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ରଞ୍ଜିତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସୋମବାର ଅପରାହ୍ଣରେ ଏହି ପ୍ରତିନିଧି ଦଳ ସମବାୟମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ଭେଟି ଭୋଗରାଇ ଓ ବାଲେଶ୍ୱର ଜିଲ୍ଲାର ସମବାୟ ଉପରେ ଆଲୋଚନା କରିବା ସହିତ ମନ୍ତ୍ରୀ ଶ୍ରୀ ସାମନ୍ତଙ୍କୁ ଭୋଗରାଇ ଆସିବା ପାଇଁ ଅନୁରୋଧ କରିଛନ୍ତି ।



# ମେରୁଦଣ୍ଡଜନିତ ରୋଗରେ ଆକ୍ରାନ୍ତ କାର୍ତ୍ତିକ ସିଂଙ୍କୁ ସହାୟତା

ଜଳେଶ୍ୱର, ୧୭ (ସମିସ): ସତରେ ଦୁଃଖ ଯେତେବେଳେ ଆସେ ଯେମିତି ତାର ବନ୍ଧୁ ବାନ୍ଧବ କୁ ଧରି ଆସେ । ବେଶ ହସ ଖୁସିରେ ଚାଲିଥିଲା ପରିବାର । ପରିବାର କହିଲେ ବାପା କୃଷ୍ଣ ସିଂ ଓ ମାଆ ମିନା ସିଂ ଏବଂ ଦୁଇ ପୁଅ ଭିତରୁ କାର୍ତ୍ତିକ ସିଂ ବଡ ପୁଅ । ହେଲେ ଏ ପରିବାରକୁ ଅଚାନକ ଯେମିତି ଦୁଃଖର କଳା ବାଦଲ ଛାଇ ଘୋଟି ଆସିଲା । ସୂଚନା ଅନୁସାରେ ଉକ୍ତ ଘଟଣାଟି ଯାଜପୁର ଜିଲ୍ଲାର ବରୁହା ପଞ୍ଚାୟତର ସାନ କୁଝାଲା ଗ୍ରାମରେ ଘଟିଛି । ଭଗବାନଙ୍କର ବିଚିତ୍ର ଲୀଳା, ବଡ ପୁଅ ଶ୍ରମିକ ଭାବରେ ବାହାର ରାଜ୍ୟକୁ ଯାଇ ପରିବାର ପ୍ରତିପୋଷଣ କରୁଥିବା ବେଳେ କାମ କରିବା ସମୟରେ ଏକ ଦୁର୍ଘଟଣା ହୋଇ ମେରୁଦଣ୍ଡ ଭାଙ୍ଗି ଯାଇଥିଲା । ସେଠାରେ ଚିକିତ୍ସିତ ହେବା ପାଇଁ ପାଖରେ ଅର୍ଥ ନ ଥିବାରୁ ଘରକୁ ପଳେଇ ଆସିଲେ । ହେଲେ ବାପା ଦୀନ ମଜୁରିଆ ଥିବା ବେଳେ ବଡ଼ ପୁଅର ଚିକିତ୍ସା ପାଇଁ ଏତେ ଅର୍ଥ କୁଆଡୁ ବା ଆଣିବେ । ତେଣୁ ଚିକିତ୍ସା ହୋଇ ନ ପାରି ଆଜକୁ ଦେଢ଼ ବର୍ଷ ଧରି ପୁଅ କାର୍ତ୍ତିକ ସିଂ ଶଯ୍ୟାସାୟୀ ହୋଇ ଘରେ ଅଛନ୍ତି । ନା ଠିକରେ ଚାଲି ପାରୁଛନ୍ତି ନା ଠିକ୍‌ରେ ଖାଇ ପାରୁଛନ୍ତି । ବିଛଣାରେ ଗୋଟିଏ ସ୍ଥାନରେ ପଡ଼ି ରହିଛନ୍ତି । ଅପରପକ୍ଷରେ ପରିବାର ଅଭାବ ଅନାଟନରେ ଗତି କରୁଥିଲା ବେଳେ ଗୋଟିଏ ଓଳି ଚୁଲି ଜଳୁଛି ତ ଆଉ ଅନ୍ୟ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି । ଏହି ପରିସ୍ଥିତିରେ ସେଠାକାର ଅଞ୍ଚଳ ବାସୀ ଜଳେଶ୍ୱର ବ୍ଲକ ଅଞ୍ଚଳର ହେଲ୍ପ ଫର ୟୁ ଫାଉଣ୍ଡେସନ ସଭାପତି ମାନସ ରଞ୍ଜନ ଧଳଙ୍କୁ ଅବଗତ କରାଇବା ପରେ ସଙ୍ଗଠନ ଅଣ୍ଟା ଭିଡ଼ିଥିଲା ଏହି ପରିବାରକୁ ସହାୟତାର ହାତ ବଢ଼ାଇବା ପାଇଁ ।

ଆଜି ହେଲ୍ପ ଫର ୟୁ ଫାଉଣ୍ଡେସନର ସମସ୍ତ ସଦସ୍ୟ, ସଦସ୍ୟାମାନଙ୍କ କିଛି କିଛି ଆର୍ଥିକ ଅବଦାନ ବଳରେ କାର୍ତ୍ତିକ ସିଂଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଛଅ ହଜାର, କିଛି ମାସର ରାସନ ସାମଗ୍ରୀ, ପରିବାରକୁ ନୂତନ ବସ୍ତ୍ର ପ୍ରଦାନ କରିବା ସହିତ ତାଙ୍କ ଦୁଃଖ ସମୟରେ ପହଞ୍ଚି ସମ ଦୁଃଖି ହେବା ପାଇଁ ପ୍ରୟାସ କରିଛନ୍ତି । ସଙ୍ଗଠନର ସଦସ୍ୟସଦସ୍ୟାଙ୍କ ମହାନତା ପଣିଆ ଯୋଗୁଁ ଜୀବନର ମୂଲ୍ୟ ବୋଧତାକୁ ବୁଝାଇ ଦେଉଛି ଯେ ନିଜ ପାଇଁ ନୁହେଁ ବରଂ ଅନ୍ୟର ଖୁସି ପାଇଁ ବଞ୍ଚିବାଟା ହିଁ ଜୀବନ । ଏହି ଚିନ୍ତାଧାରା ଓ ନିଃସ୍ୱାର୍ଥପର ସେବାକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।



# ମହିଳାଙ୍କୁ ନେଇ ଆୟୋଜିତ ହେଲା 'ଫିଟ୍ କୁଇନ୍' ପ୍ରତିଯୋଗିତା



**ବାଲେଶ୍ୱର,୧।୭(ସମିସ):** ସମୟ ବଦଳିବା ସହ ବଦଳୁଛି ଲୋକଙ୍କ ଜୀବନଶୈଳୀ। ଏପରି ସମୟରେ ମହିଳାମାନେ ମାନସିକ ରୋଗର ଶିକାର ମଧ ହେଉଛନ୍ତି। ବିଶେଷ କରି ଅତ୍ୟାଧୁନିକ ତଥା ଅନିୟମିତ ଖାଦ୍ୟପେୟ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି। ତେବେ ଯାବତୀୟ ସମସ୍ୟାରୁ ମହିଳାଙ୍କୁ ମୁକୁଳାଇବା ପାଇଁ ଉଦ୍ୟମ ଆରମ୍ଭ କରିଛି "ଫିଟ୍ ବାଲେଶ୍ୱର' କ୍ଲବ୍। କ୍ଲବ୍ ପକ୍ଷରୁ ରବିବାର ମଠସାହିସ୍ଥିତ ବିକଳ୍ପ ଜିମ୍ ପରିସରରେ ଆୟୋଜିତ ହୋଇଛି "ଫିଟ୍ କୁଇନ୍' ବିବିଧ ପ୍ରତିଯୋଗିତା। ଅଭ୍ୟାସରତ ୨୫ ଜଣ ଭାରୋତ୍ତଳନକାରୀ ମହିଳା ଏବଂ ଜିମ୍ ଯାଉଥିବା ୪୭ ଜଣ ମହିଳା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଭାରୋତ୍ତଳନ ପ୍ରତିଯୋଗିତାରେ ରୋଜାଲିନ ବୀର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୋନାଲି ଜେନା ଦ୍ୱିତୀୟ ଏବଂ ବର୍ଷା ବର୍ଣ୍ଣାଲୀ ପାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଫ୍ରି ସ୍କ୍ୱାଟ୍ସ ବା ଦଣ୍ଡ ପ୍ରତିଯୋଗିତାରେ ମାନସୀ ସୋରେନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସ୍ମିତୀ ପାଢ଼ୀ ଦ୍ୱିତୀୟ ଏବଂ ପାୟଲ ମଲ୍ଲିକ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ପ୍ଲାଙ୍କ ବା ବ୍ୟାୟାମ ପ୍ରତିଯୋଗିତାରେ ମାନସୀ ସୋରେନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପାୟଲ ମଲ୍ଲିକ ଦ୍ୱିତୀୟ ଓ ସ୍ମିତୀ ପାଢ଼ୀ ତୃତୀୟ ସ୍ଥାନରେ ରହିଥିଲେ। ବରିଷ୍ଠ ଭାରୋତ୍ତଳନକାରୀ ଏସ୍କେ ମେହରାଜ ବିଚାରକ ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣଯୋଗାଯୋଗ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ସ୍ମିତୀ ପାଢ଼ୀ ଏବଂ ବରିଷ୍ଠ ଭାରୋତ୍ତଳନକାରୀ ଶ୍ରୀ ମେହରାଜ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। "ବିକଳ୍ପ ଜିମ୍' ସହଭାଗିତାରେ ଆୟୋଜିତ ଏହି ପ୍ରତିଯୋଗିତା ଜିମ୍‌ର ମୁଖ୍ୟ ଅଭିଷେକ ଦାଶ ଏବଂ ଫିଟ୍ ବାଲେଶ୍ୱରର ଅଭିଜିତ ସାହୁଙ୍କ ସହ ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ହାସ୍ୟରସ, ହାସ୍ୟବିଜ୍ଞାନ, ହସକଥା ଓ ସୁଖର ସନ୍ଧାନ ସମ୍ପର୍କିତ ଆଲୋଚନାଚକ୍ର



**ବାଲେଶ୍ୱର,୧।୭(ସମିସ):** ହସ ହେଉଛି ମାନବ ଜୀବନ ପାଇଁ ଅମୂଲ୍ୟ ସମ୍ପଦ। ମନଖୋଲା ହସ ଟିକେ ହସିପାରିଲେ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ମଣିଷ ସୁସ୍ଥତା ଅନୁଭବ କରେ। ରୋଗ ପ୍ରତିରୋଧକ ଶକ୍ତିବଢ଼ିବା ସହିତ ହୃତ୍‌ପିଣ୍ଡ ସୁସ୍ଥ ରୁହେ। ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ ହସି ପାରୁଥିବା ବ୍ୟକ୍ତିଟିକୁ ଜୀବନରେ ସୁଖର ସନ୍ଧାନ ମିଳିପାରିବ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ "ହାସ୍ୟରସ, ହାସ୍ୟବିଜ୍ଞାନ, ହସକଥା ଓ ସୁଖର ସନ୍ଧାନ' ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଓଡ଼ିଶାର ସୁନାମଧନ୍ୟ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ବିଶିଷ୍ଟ ଗବେଷକ ଡ. ଶିରୀଶ ଚନ୍ଦ୍ର ଜେନା ଓ ପ୍ରସିଦ୍ଧ ସ୍ତମ୍ଭକାର ଡ. ସୁବାସ ଚନ୍ଦ୍ର ପାତ୍ର ଏହି ଆଲୋଚନାଚକ୍ରରେ ବକ୍ତା ଭାବେ ଯୋଗଦେଇ ହସ୍ୟରସ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ। ଏହି ଅବସରରେ ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ ଓ ପ୍ରଭାକର ସାହୁ ସ୍ୱରଚିତ ବ୍ୟଙ୍ଗକବିତା ପାଠ କରିଥିଲେ। ପରିଷଦର ସମ୍ପାଦକ ଦୀପକ ଦୋଷ ପ୍ରାକ୍ କଥନ ରଖିଥିବା ବେଳେ ଯୁଗ୍ମ ସମ୍ପାଦକ ଡ.ସରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିଲେ। ଶେଷରେ ଅନ୍ୟତମ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ସଦର ବ୍ଲକ୍ ପରିସରରେ ପ୍ରଥମ ମିଳିତ ଜନଶୁଣାଣି

**ବାଲେଶ୍ୱର,୧।୭(ସମିସ):** ଚଳିତ ବର୍ଷ ସାଧାରଣ ନିର୍ବାଚନ ପାଇଁ ଗତ ଏପ୍ରିଲ ମାସ ପ୍ରଥମ ସପ୍ତାହରୁ ନିର୍ବାଚନ ଆଚରଣବିଧି ପାଇଁ ମିଳିତ ଜନଶୁଣାଣି ବନ୍ଦ ରହିଥିଲା। ଦୀର୍ଘ ତିନିମାସ

- ■ ମୋଟ ୯୬ଟି ଅଭିଯୋଗର ଶୁଣାଣି
- ■ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଅଭିଯୋଗ ଶୁଣିବା ପାଇଁ ଚେୟାରରୁ ଓହ୍ଲାଇ ଆସିଲେ ଜିଲ୍ଲାପାଳ

ପରେ ସୋମବାର ପ୍ରଥମ ଥର ପାଇଁ ବାଲେଶ୍ୱର ସଦର ବ୍ଲକ ପରିସରରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ଜିଲ୍ଲାପାଳ ଆଶୀଷ ଠାକରେ,ଏସପି ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ପିଡି ଡିଆରଡିଏ ବିଶ୍ୱରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡ. ଦୁଲାଲସେନ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକ ବିଡିଓ ସମରଜିତ କର ଏହି ଶିବିରକୁ ପରିଚାଳନା କରିଥିଲେ। ଏହି ଅଭିଯୋଗରେ ବିଭିନ୍ନ ସ୍ଥାନରୁ ଲୋକେ ଆସି ସେମାନଙ୍କ ଅଭିଯୋଗ ପ୍ରଦାନ କରିଥିଲେ। ବିଶେଷ କରି ଏହି ଶିବିରରେ ମୋଟ ୯୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ୯୬ଟି ଅଭିଯୋଗ ମଧ୍ୟରୁ ଗୋଟିଏ ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇଥିବା ବେଳେ ବାକି ଅନ୍ୟ ଅଭିଯୋଗଗୁଡ଼ିକୁ ବିଭିନ୍ନ ବିଭାଗକୁ ପଠାଯାଇଛି। ଏହାସହ ଆର୍ଥିକ ସହାୟତା ପ୍ରଦାନ କରାଯିବା ପାଇଁ ପାଇଁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ବହୁ ଦୂରଦୂରାନ୍ତରୁ ଲୋକେ ଆସି ଅଭିଯୋଗ କରିଛନ୍ତି। ବିଶେଷ କରି ଆସିଥିବା ଅଭିଯୋଗ ମଧ୍ୟରୁ ଚୋରି, ଛିନତାଇ ମାମଲା ରହିଥିବା ବେଳେ ବାର୍ଦ୍ଧକ୍ୟ ଓ ଦିବ୍ୟାଙ୍ଗ ଭତ୍ତାର ଅଭିଯୋଗ ରହିଛି।




## ଜିଲ୍ଲାପାଳଙ୍କ ପାଖରେ ହୋଇଥିବା ଅଭିଯୋଗ ମଧ୍ୟରୁ କିଛି...

### ତିନିଚକିଆ ଗାଡ଼ି ପାଇଁ ଦିବ୍ୟାଙ୍ଗଙ୍କ ଅନୁରୋଧ



ସଦର ବ୍ଲକ ନଗ୍ରମ ପଞ୍ଚାୟତ ଅର୍ନ୍ତଗତ ଖେଦୁରପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଦାମୋଦର ନାୟକ ତାଙ୍କ ପାଇଁ ତିନି ଚକିଆ ଗାଡି ସହ ତାଙ୍କୁ ଅର୍ନ୍ତୋଦୟ ଯୋଜନାରେ ସାମିଲ କରିବା ପାଇଁ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆଣ୍ଠେଇ ଆଣ୍ଠେଇ ଆସିଥିବା ଦେଖିବାକୁ ମିଳିଛି। ତେବେ ସେ କିଛି ବାଟ ଆସିବା ପରେ ତାଙ୍କୁ ଏକ ହୁଇଲ ଚେୟାରରେ ବସାଇ ସେଠାକୁ ନିଆଯାଇଥିଲା। ଜିଲ୍ଲାପାଳ ଶ୍ରୀ ଠାକରେ ତାଙ୍କ ନିକଟକୁ ଆସି ତାଙ୍କ ସମସ୍ୟା ସମ୍ପର୍କରେ ପଚାରି ଥିଲେ। ତେବେ ତାଙ୍କ ଅଭିଯୋଗ ଅନୁସାରେ, ସେ ଜଣେ ସମ୍ପୂର୍ଣ୍ଣ ଦିବ୍ୟାଙ୍ଗ ବ୍ୟକ୍ତି ଅଟନ୍ତି। ଚଲାବୁଲା କରିବା ତାଙ୍କ ପକ୍ଷେ କଷ୍ଟକର। ଏପରିକି ପ୍ରଶାସନଙ୍କ ପକ୍ଷରୁ ସେ ଏକ ତିନି ଚକିଆ ଗାଡି ନେଇଥିଲେ। ହେଲେ ଉକ୍ତ ଗାଡିଟି ୬ରୁ ୭ଥର ଭାଙ୍ଗିଯିବା କାରଣରୁ ଉକ୍ତଗାଡ଼ିକୁ ଚଳାଇବା ଆଉ ସମ୍ଭବ ନଥିଲା। ଫଳରେ ତାଙ୍କୁ ଏକ ନୂତନ ତିନି ଚକିଆ ଗାଡି ଯୋଗାଇଦେବାକୁ ସେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଏହାସହ ସେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଅର୍ନ୍ତୋଦୟ ଯୋଜନାରେ ସାମିଲ କରିବା ପାଇଁ ମଧ୍ୟ ଅନୁରୋଧ କରିଥିଲେ। ଏନେଇ ଜିଲ୍ଲାପାଳ ତାଙ୍କୁ ତୁରନ୍ତ ଏକ ଗାଡି ଯୋଗାଇ ଦେବା ସହ ତାଙ୍କ ପାଇଁ କିଛି ଆର୍ଥିକ ସହାୟତା ମଧ୍ୟ କରିଥିଲେ। ସିଧାସଳଖ ବ୍ୟାଙ୍କ ଖାତାରେ ତାଙ୍କ ନିକଟକୁ ଯିବ ବୋଲି ଜିଲ୍ଲାପାଳ କହିଥିଲେ। ଏହାସହ ଅର୍ନ୍ତୋଦୟ ଯୋଜନାରେ ତାଙ୍କୁ ସାମିଲ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ।

### ଭୂମିହୀନ ଯୋଜନାରେ ଘରଡିହ ପଟ୍ଟା ପ୍ରଦାନ ପାଇଁ ନିବେଦନ



ସଦର ବ୍ଲକ ଅଧୀନ ଶ୍ରୀରାମପୁର ପଞ୍ଚାୟତ ମଛଡିହା ଗ୍ରାମର ଜଣେ ବିକଳାଙ୍ଗ ବ୍ୟକ୍ତି ଗୌରାଙ୍ଗ ଚରଣ ଜେନା ତାଙ୍କୁ ଭୂମୀହିନ ଯୋଜନାରେ ଏକ ଘର ଡିହ ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେ ଜଣେ ଗରିବ ଦୀନମଜୁରିଆ ହୋଇଥିବା ବେଳେ ଦିବ୍ୟାଙ୍ଗ ମଧ୍ୟ ଅଟନ୍ତି। ତାଙ୍କ ପାଖରେ କୌଣସି ଘରବାଡି ନଥିବାରୁ ୨୦୨୦ମସିହାରେ ତତକାଳୀନ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଏଣୁ ଜିଲ୍ଲାପାଳ ଆରଆଇ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ତାଙ୍କୁ ପଟ୍ଟା ଯୋଗାଇ ଦେଇଥିଲେ। ହେଲେ ତାଙ୍କୁ ପ୍ରଦାନ କରାଯାଇଥିବା ପଟ୍ଟା ନେଟରେ ଉପଲବ୍ଧ ନଥିବାର ସେ ଏହାକୁ ଉପଯୋଗ କରିପାରୁ ନାହାନ୍ତି। ଏଣୁ ତାଙ୍କୁ ସଠିକ ପଟ୍ଟା ଯୋଗାଇ ଦେବାକୁ ଦାବି କରିଛନ୍ତି।

### ଅଙ୍ଗନବାଡ଼ି କର୍ମୀ ଓ ସହକର୍ମୀଙ୍କ ବିରୋଧରେ ଅଭିଯୋଗ

ସଦର ବ୍ଲକ ଅର୍ନ୍ତଗତ ହଳଦୀପଦା ପଞ୍ଚାୟତ ନୟାପଡ଼ା ଗ୍ରାମର ୪ନମ୍ବର ୱାର୍ଡରେ ଥିବା ଅଙ୍ଗନବାଡି କେନ୍ଦ୍ର(୧)ର କର୍ମୀ ଓ ସହକର୍ମୀଙ୍କ ବିରୋଧରେ ଅଧିବାସୀମାନେ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଉକ୍ତ ଅଙ୍ଗନବାଡି କେନ୍ଦ୍ରର ୱାର୍କର ସୁମିତ୍ରା ମହାଲିକ ଓ ହେଲପର ପ୍ରମିଳା ମଲ୍ଲିକ ପ୍ରତି କ୍ଷେତ୍ରରେ ପିଲାମାନଙ୍କୁ ଅବହେଳା କରୁଛନ୍ତି। ଏପରିକି ସେମାନେ ପିଲାମାନଙ୍କୁ ସକାଳେ ଭୋଜନ ଦେଉ ନଥିବା ବେଳେ ମଧ୍ୟାହ୍ନ ଭୋଜନ ଠିକ ଭାବେ ପ୍ରଦାନ କରୁ ନାହାନ୍ତି। ଏହାସହ ପିଲାମାନଙ୍କ ପାଇଁ ଆସିଥିବା ବିଭିନ୍ନ ସରକାରୀ ଅନୁଦାନ ଯଥା, ପିଲାମାନଙ୍କ ଖେଳ ସାମଗ୍ରୀ, ବହି ଆଦି ପ୍ରଦାନ କରୁ ନାହାନ୍ତି। ଏହାଛଡା ପିଲମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏହାଛଡା ପିଲାମାନେ କେନ୍ଦ୍ରରେ ଥିବା ବେଳେ ୱାର୍କର ଏବଂ ହେଲ୍ପର ସେଠାରେ ଶୋଇ ରହୁଛନ୍ତି। ପିଲାମାନଙ୍କ ପାଇଁ ଆସୁଥିବା ବିଭିନ୍ନ ଖାଦ୍ୟ ଯଥା, ଚାଉଳ, ଡାଲି, ବଡି, ଅଣ୍ଡା ଆଦି ପିଲାମାନଙ୍କୁ ସଠିକ ଭାବେ ପ୍ରଦାନ କରାଯାଉ ନାହିଁ। ଏନେଇ ଗ୍ରାମବାସୀମାନେ ଅଭିଯୋଗ କରିବା ଫଳରେ ସେମାନେ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିବା ପାଇଁ ଧମକ ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀମାନେ ପୂର୍ବରୁ ସିଡ଼ିପିଓଙ୍କୁ ଜଣାଇଥିଲେ ମଧ୍ୟ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏଣୁ ଏନେଇ ତୁରନ୍ତ ସମାଧାନ କରାନଗଲେ ଉକ୍ତ କେନ୍ଦ୍ର ସେମାନଙ୍କ ପିଲାମାନଙ୍କୁ କାଢ଼ି ଆଣବା ନଚେତ ରାସ୍ତାରୋକ କରାଯିବ ବୋଲି ଚେତାବନୀ ଦେଇଛନ୍ତି।



### ସ୍ୱାମୀ ପରିତ୍ୟକ୍ତାଙ୍କୁ ମିଳୁନି ଭତ୍ତା

ସଦର ବ୍ଲକ ହିଡିଗାଁ ପଞ୍ଚାୟତ ଅର୍ନ୍ତଗତ ମୁଲଣାନଗର ଅଞ୍ଚଳର ସ୍ୱାମୀ ପରିତ୍ୟକ୍ତାଙ୍କୁ ଭତ୍ତା ମିଳୁନଥିବା ନେଇ ମହିଳାମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ମୁଲଣାନଗର ଗ୍ରାମର ନୂତନ ଭାବେ ବିଭିନ୍ନ ପ୍ରକାର ଭତ୍ତା ପାଇବା ପାଇଁ କିଛି ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇଥିଲେ। ଏପରିକି ଗତ ଫେବୃଆରୀ ମାସ ୨୫ତାରିଖରେ ଭତ୍ତା ପ୍ରଦାନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଡକା ହୋଇଥିଲା। ହେଲେ ସେଠାରେ ପୁଣି ସେମାନଙ୍କ ଠାରୁ ଟଙ୍କା ଓ ଭତ୍ତା ବହି ଫେରାଇ ନିଆଯାଇଥିଲା। ଏବଂ ନୂତନ ହିତାଧିକାରୀମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଭତ୍ତା ଆଣିବାକୁ କୁହାଯାଇଥିଲା। ତେବେ ଏହାରି ମଧ୍ୟରେ ରହିଥିଲା ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଭତ୍ତା ପ୍ରଦାନ। ତେବେ ଦୀର୍ଘଦିନ ଧରି ସେମାନଙ୍କୁ ଭତ୍ତା ମିଳୁ ନଥିବାରୁ ଆଜି ବାଧ ହୋଇ ହିତାଧିକାରୀ ମୀନତି ବେହେରା, ବାସନ୍ତି ବେହେରା, ପ୍ରତିମା ବେହେରା, ସତ୍ୟଭାମା ବେହେରା, ଅହଲ୍ୟା ବେହେରା ଓ ତପୋ ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି।

### ରାସନ କାର୍ଡ ପାଇଁ ଦମ୍ପତିଙ୍କ ଗୁହାରି



ସଦର ବ୍ଲକ ଅର୍ନ୍ତଗତ ସୋଲପଟା ଗ୍ରାମର ଜଣେ ଦମ୍ପତି ମମତା ବେହେରା ଏବଂ ତାଙ୍କ ସ୍ୱାମୀ ଗୟାଧର ବେହେରା ସେମାନଙ୍କୁ ରାସନ କାର୍ଡ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ସେମାନେ ଜଣେ ନିହାତି ଗରିବ ଖଟିଖିଆ ଲୋକ ଅଟନ୍ତି। ଏପରିକି ଆଜି ପର୍ଯ୍ୟନ୍ତ ତାଙ୍କ ପରିବାର ସଦସ୍ୟଙ୍କ ନାମରେ କୌଣସି ରାସନ କାର୍ଡ ହୋଇପାରି ନାହିଁ। ଯାହାଫଳରେ ସେମାନେ ସମସ୍ତ ସରକାରୀ ଅନୁଦାନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏପରିକି ଏହି ରାସନ କାର୍ଡ କରାଇବା ପାଇଁ ତାଙ୍କ ୱାର୍ଡ ମେମ୍ବରଙ୍କ ସହ ସରପଞ୍ଚ ଏବଂ ଡିଲରଙ୍କୁ କହିଥିଲେ ସୁଦ୍ଧା କେହି କିଛି କରି ନାହାନ୍ତି। ଯାହଫଳରେ ତାଙ୍କ ଚଳିବାରେ ବହୁ ଅସୁବିଧା ହେଉଛି। ଏଣୁ ତାଙ୍କୁ ଏକ ରାସନ କାର୍ଡ କରାଇଦେବା ପାଇଁ ଅନୁରୋଧ କରିଛନ୍ତି।

# ଆଉ ଦିନରେ ଜଳିବନି ଷ୍ଟ୍ରିଟ୍ ଲାଇଟ୍

**ବାଲେଶ୍ୱର,୧।୭(ସମିସ):** ସହରରେ ଏବେବି କିଛି ଜାଗାରେ ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍। ପୁଣି ସନ୍ଧ୍ୟା ହେଲେ କିଛି ଜାଗାରେ ସମ୍ପୂର୍ଣ୍ଣ ଅନ୍ଧକାର ରହୁଛି। ଦିନ ଦ୍ୱିପହର ଢହଢହ ଖରାରେ ମଧ ଜଳୁଛି ହାଇମାକ୍ସ ଲାଇଟ୍। ନିକଟରେ ଫକୀରମୋହନ ଗୋଲେଇ ନିକଟରେ ଥିବା ଲାଇଟ୍ ସକାଳ ୧୧ ଘଟିକା ୨୦ ମିନିଟ୍ ସମୟରେ ଜଳୁଥିଲା। ଏହିପରି ଅନେକ ଜାଗାରେ ଜଳୁଛି ବୋଲି ସ୍ଥାନୀୟବାସୀନ୍ଦା ସାନୁ କୁମାର ଶାସମଲ କହିଛନ୍ତି। ଅପରପକ୍ଷରେ ରାତିରେ ବିଦ୍ୟୁତକାଟ ଯୋଗୁଁ ହଇରାଣର ଶିକାର ହେଉଛନ୍ତି

**୩୦୬୪ ନୂଆ ଏଲଇଡି ଲାଇଟ୍ ଯୋଗାଇବ ସୂର୍ଯ୍ୟ ରୋଶନୀ**

**ଲାଗିବ ନୂଆ ଲାଇଟ୍ ଏବଂ ସେଣ୍ଟ୍ରାଲାଇଜ୍‌ଡ କଣ୍ଟ୍ରୋଲ ଆଣ୍ଡ ମନିଟରିଂ ସିଷ୍ଟମ୍ ମେସିନ୍**

**ସ୍ୱୟଂଚାଳିତ ଲାଇଟ୍ ନିୟନ୍ତ୍ରଣ ପାଇଁ ଲାଗିବ ୨୫୦ଟି ସିସିଏମଏସ୍**

ସହରବାସୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ତେବେ ଯଥାଶୀଘ୍ର ଏହିପରି ସମସ୍ୟାର ସମାଧାନ ହୋଇଯିବ ବୋଲି ପୌରପାଳିକାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୂଚନା ମିଳିଛି। କାରଣ ସବୁଠି ସିସିଏମଏସ ଲିଗିଗଲେ ଆଉ ଦିନରେ ଷ୍ଟ୍ରିଟ୍ ଲାଇଟ୍ ଜଳିବ ନାହିଁ। ଅନ୍ୟପଟେ ଚଳିତବର୍ଷ ଫେବୃଆରୀ ମାସରୁ ବାଲେଶ୍ୱର ପୌରପାଳିକା ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ସୂର୍ଯ୍ୟ ରୋଶନୀ ଲାଇଟିଂ କମ୍ପାନୀକୁ ମିଳିଛି। ଦାୟିତ୍ୱ ମିଳିବା ପରେ ଏଜେନ୍ସି ପକ୍ଷରୁ ପୌରାଞ୍ଚଳରେ ସର୍ଭେ ପ୍ରକ୍ରିୟା କରାଯାଇଥିଲା। ରିପୋର୍ଟ ମଧ୍ୟ ଆସିଯାଇଛି। ବର୍ତ୍ତମାନ ପୌରାଞ୍ଚଳରେ ୩୦୬୪ ଟି ନୂଆ ଏଲଇଡି ଷ୍ଟ୍ରିଟ୍




ଲାଇଟ୍ ଲଗାଇବ ସୂର୍ଯ୍ୟ ରୋଶନୀ। ଏଥିସହିତ ପ୍ରାୟ୨୫୦ ଟି ସିସିଏମଏସ୍ ମଧ ଲଗାଇବ। ତେବେ ପୌରାଞ୍ଚଳରେ ଖରାପ ହୋଇ ଯାଇଥିବା ଏବଂ ଲାଇଟ୍ ନଥିବା ବିଦ୍ୟୁତ୍ ଖୁଣ୍ଟରେ ଲାଗିବ ଏହି ନୂଆ ଷ୍ଟ୍ରିଟ୍ ଲାଇଟ୍। ସୂଚନାଯୋଗ୍ୟ, ବିଦ୍ୟୁତ ବିଲ୍ କମାଇବା ସହ ସ୍ୱୟଂଚାଳିତ ବ୍ୟବସ୍ଥା ପରିଚାଳନା କରିବା ଉଦ୍ୟମରେ ୨୦୧୮ ମସିହାରେ ବାଲେଶ୍ୱର ପୌରାଞ୍ଚଳରେ ପ୍ରଥମେ ସ୍ମାର୍ଟ ଲାଇଟିଂ ସିଷ୍ଟମ ଆରମ୍ଭ ହୋଇଥିଲା। ଏହାର କାମ ୨୦୧୯ରେ ସମ୍ପୂର୍ଣ୍ଣ ହୋଇଥିଲା। ସେତେବେଳେ ଭାରତ ସରକାରଙ୍କ ଇଇଏସଏଲ୍‌କୁ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଥିଲା। ତେବେ ସ୍ୱୟଂଚାଳିତ ବ୍ୟବସ୍ଥା ପାଇଁ ସେତେବେଳେ ସହରର ବିଭିନ୍ନ ସ୍ଥାନରେ ୧୮୬ଟି ସିସିଏମଏସ୍ (ସେଣ୍ଟ୍ରାଲାଇଜଡ୍ କଣ୍ଟ୍ରୋଲ ଆଣ୍ଡ ମନିଟରିଂ ସିଷ୍ଟମ୍) ମେସିନ୍ ଏବଂ ୮୪୪୬ ଟି ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା। ଗୋଟିଏ ସିସିଏମଏସ ମେସିନ୍ ଅଧୀନରେ ୪୦/୫୦ଟି ଷ୍ଟ୍ରିଟ୍ ଲାଇଟ୍ ରହିଥାଏ। ଏହି ସିସିଏମଏସ ମାଧ୍ୟମରେ ଟାଇମ୍ ସେଟ୍ କରି ଅନଲାଇନରେ ଲାଇଟ୍ ଅନ୍ ଅଫ୍ କରାଯିବାର ବ୍ୟବସ୍ଥା ହୋଇଥିଲା। ମାତ୍ର ଆରମ୍ଭରୁ ଏହି ସ୍ୱୟଂଚାଳିତ ବ୍ୟବସ୍ଥା ଠିକ୍ ଭାବେ ପରିଚାଳନା ହୋଇପାରୁନଥିଲା। କାରଣ ଲଗାଯାଇଥିବା ମେସିନ୍ କିଛି ଦିନ ମଧ୍ୟରେ ଖରାପ ହୋଇଯାଇଥିଲା। ବର୍ଷେ ମଧ୍ୟରେ ୮୦ ଟି ସିସିଏମଏସ୍ ପୋଡିଯାଇଥିଲା। ଫଳରେ କେତେବେଳେ ଦିନ ତମାମ ଷ୍ଟ୍ରିଟ୍ ଲାଇଟ୍ ଜଳୁଛି ତ କେତେବେଳେ ସନ୍ଧ୍ୟା ହେଲେ ଅନ୍ଧାର ହୋଇଯାଉଛି ସାରା ସହର। ସହରର ଓଟି ରୋଡ୍‌ଠୁ ଆରମ୍ଭ କରି ମିର୍ଜା ପୋଖରୀ, ମାଣିଖମ୍ବ, କୁରୁଡା, ହେମକାପଦା, ଫକୀରମୋହନ ଗୋଲେଇ, ଆଇଟିଆଇ ଛକ ରାସ୍ତା, ଅଙ୍ଗାରଗଡିଆ, କୁରୁଡା ଆଦି ଅଞ୍ଚଳର ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଲାଗି ରହିଛି। ତେବେ ଏସବୁର ସର୍ଭେ ଶେଷ ହୋଇଯାଇଛି। କେଉଁଠି ଲାଇଟ୍ ଖରାପ ଏବଂ କେଉଁଠି ସିସିଏମଏସ ଖରାପ ଏନେଇ ଆକଳନ ବି ରହିଛି। ଏହାପରେ ଲାଇଟ୍ ଲଗାଯିବାର କାମ ଆରମ୍ଭ ହେବ। ପ୍ରକାଶ ଥାଉ କି, ସହରରେ ପୌରପାଳିକା, ବ୍ରିଟ୍ ଏବଂ ପିଡବ୍ଲ୍ୟୁଡି ପକ୍ଷରୁ ଷ୍ଟ୍ରିଟ୍ ଲାଇଟ୍ ଲଗାଯିବାର ବ୍ୟବସ୍ଥା ରହିଛି। ପୌରପାଳିକା ଅଞ୍ଚଳକୁ ବାଦ୍ ଦେଲେ ଓଭରବ୍ରିଜ ଏବଂ ଅନ୍ୟ ଅଞ୍ଚଳରେ ବ୍ରିଟ୍ ଓ ପିଡବ୍ଲ୍ୟୁଡି ଲାଇଟ୍ ମରାମତି କରିବା କଥା। କିନ୍ତୁ ସହରରେ ଲାଗିଥିବା ସୋଲାର୍ ଲାଇଟ୍ ଅନେକ ଜାଗାରେ ଖରାପ ହୋଇ ପଡ଼ିଛି। ଯାହାକୁ ଏପର୍ଯ୍ୟନ୍ତ ସଜଡା ଯାଇନାହିଁ। ସୂଚନା ଅନୁସାରେ, ୨୦୨୪ ଫେବୃୟାରୀ ମାସରୁ ନୂଆ ଏଜେନ୍ସି ସୂର୍ଯ୍ୟ ରୋଶନୀକୁ ଷ୍ଟ୍ରିଟ୍ ଲାଇଟ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ମିଳିଛି। ତେବେ ସହରରେ ପୌରପାଳିକା ଅଧୀନରେ ଥିବା ସମସ୍ତ ଷ୍ଟ୍ରିଟ ଲାଇଟ୍ ର ଅବସ୍ଥାକୁ ନେଇ ଏଜେନ୍ସି ପକ୍ଷରୁ ସର୍ଭେ ଶେଷ ହୋଇଯାଇଛି। ବର୍ତ୍ତମାନ ସହରରେ ରକ୍ଷଣାବେକ୍ଷଣ କାମ ସମ୍ପୂର୍ଣ୍ଣ ଭାବେ ଆରମ୍ଭ ହେବ। ପୂର୍ବରୁ ଖରାପ ହୋଇଥିବା ସିପିଏମଏସ୍ ମଧ୍ୟରୁ ୩୦ଟି ସିସିଏମସି ପରିବର୍ତ୍ତନ କରାସରିଛି। ଏବେ ପ୍ରାୟ ୧୦୦ ଟି ସିସିଏମଏସ ଲଗାଇବ ଏଜେନ୍ସି। ଏଥିସହିତ ଖରାପ ହୋଇଥିବା ଲାଇଟ୍ ଓ ଫାଙ୍କା ଥିବା ଖୁଣ୍ଟରେ ଏଲଇଡି ଲାଇଟ୍ ଲଗାଯିବ।

# ଫେନ୍‌ସି ଡ୍ରେସ୍ ପ୍ରତିଯୋଗିତା



**ବାଲେଶ୍ୱର,୧।୭(ସମିସ):** ମନ୍ଥନ କଲଚୁରାଲ ଏକାଡେମୀ ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫେନ୍‌ସି ଡ୍ରେସ୍ ପ୍ରତିଯୋଗିତା ଏକାଡେମୀ ପରିସରରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ନରୋତ୍ତମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶିକ୍ଷାବିତ ଡ. ଭାଗବତ ପ୍ରସାଦ ଦାସ, ମୁଖ୍ୟବକ୍ତା ନାଟ୍ୟକାର ପ୍ରଦୀପ କୁମାର ମିଶ୍ର, ବରେଣ୍ୟ ଅତିଥି ସାମ୍ବାଦିକ ସର୍ବେଶ୍ୱର ଜେନା, ନୀଳିମା ପ୍ରିୟଦର୍ଶିନୀ ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରି ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ମିତାଲୀ ସାହୁ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ମନ୍ଥନ ଏକାଡେମୀ ପରିବାରର ସଦସ୍ୟମାନେ ସହଯୋଗ କରିଥିଲେ। ଶ୍ରୀମତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ତିନିରଥରେ ଯାତ୍ରା କରନ୍ତି ଋଷିବୃନ୍ଦ

**ପୁରୀ, ୧।୭ (ସମିସ):** ଶ୍ରୀଜଗନ୍ନାଥ ମହାପ୍ରଭୁ ଯୁଗଯୁଗ ଧରି ପରମ ପବନ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଲୀଳା କରିଆସୁଛନ୍ତି। ଶ୍ରୀଗୁଣ୍ଡିଚା ଯାତ୍ରା ହେଉଛି ଚତୁର୍ଦ୍ଧା ବିଗ୍ରହଙ୍କ ଏକ ଅନନ୍ୟ ଲୀଳା। ପ୍ରତିବର୍ଷ ମହାପ୍ରଭୁ ନିଜର ଜନ୍ମସ୍ଥାନ ଶ୍ରୀଗୁଣ୍ଡିଚା ମନ୍ଦିରକୁ ନବଦିନାତ୍ମକ ଯାତ୍ରାରେ ଯାଇଥା'ନ୍ତି। ଏଥିପାଇଁ ନିର୍ମାଣ କରାଯାଏ ରଥ। ଚଳିତବର୍ଷ ରଥଯାତ୍ରା ପାଇଁ ରଥଖଳାରେ ନିର୍ମାଣ କରାଯାଉଛି ତିନିରଥ। ରଥଯାତ୍ରା ସରିବା ପରେ ଏହି ରଥଗୁଡ଼ିକୁ ଭାଙ୍ଗି ଦିଆଯାଏ ଏବଂ ପୁନଶ୍ଚ ଆଗାମୀ ବର୍ଷ ନୂଆରଥ ନିର୍ମାଣ କରାଯାଏ। ତେବେ ମହାପ୍ରଭୁ ଶ୍ରୀଜଗନ୍ନାଥ କେବଳ ରଥରେ ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇନଥା'ନ୍ତି। ଏହି ତିନିରଥରେ ଅନେକ ଦେବଦେବୀ ଏବଂ ଋଷିମାନଙ୍କୁ ମଧ୍ୟ ନେଇଥାନ୍ତି। ରଥରେ ଏମାନେ ସ୍ୱତନ୍ତ୍ର ସ୍ଥାନରେ ଅବସ୍ଥାନ କରିଥା'ନ୍ତି। ତେବେ ଏହି ରଥଗୁଡ଼ିକର ନିର୍ମାଣଶୈଳୀ ବେଶ୍ ସ୍ୱତନ୍ତ୍ର। ଚକଠାରୁ ଆରମ୍ଭ କରି ପତାକା ପର୍ଯ୍ୟନ୍ତ ରଥର ୩୪ଟି ଅଂଶ ରହିଥାଏ। ଏଥିମଧ୍ୟରେ ୫ଟି ପଟା ବ୍ୟବହାର ହୋଇଥାଏ। ଏହି ପଟାଗୁଡ଼ିକକ ହେଲା ହଂସପଟା, ଗାଇପଟା, କୁମ୍ଭପଟା, ରାହୁପଟା ଓ ଋଷିପଟା। ଏଥିମଧ୍ୟରୁ ଋଷିପଟା ଅନ୍ୟତମ। ରଥ ନିର୍ମାଣ ସମୟରେ ଚିତ୍ରକାର ସେବକ ପଟାରେ ଋଷିମାନଙ୍କର ଚିତ୍ର ଆଙ୍କିଥାନ୍ତି।




ଏହି ଋଷିପଟା ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଏଥିରେ ଅନେକ ଋଷି ଅବସ୍ଥାନ କରିଥାନ୍ତି। ପ୍ରତ୍ୟେକ ରଥର ଉପର ଅଂଶରେ ଏହି ଋଷିପଟା ରହିଥାଏ। ଶ୍ରୀବଳଭଦ୍ରଙ୍କ ରଥ ତାଳଧ୍ୱଜର ଋଷିପଟାରେ ୮ ଜଣ ଋଷି ଅବସ୍ଥାନ କରିଥା'ନ୍ତି। ସେମାନେ ହେଲେ, ଅଙ୍ଗିରା, ପୌଲସ୍ତ୍ୟ, କୁଲହ, ଅଗସ୍ତି, କୃଷ୍ଣ, ମୁଦ୍‌ଗଲ, ଆତ୍ରେୟ ଓ କାଶ୍ୟପ। ସେହିଭଳି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଋଷିପଟାରେ ଅଷ୍ଟଋଷି ଅବସ୍ଥାନ କରିଥା'ନ୍ତି। ସେମାନେ ହେଲେ ନାରଦ, ଦେବଳ, ବ୍ୟାସ, ଶୁକଦେବ, ପରାଶର, ବଶିଷ୍ଠ, ବିଶ୍ୱାମିତ୍ର ଓ ରୁଦ୍ର। ମତାନ୍ତରରେ ଏହି ଅଷ୍ଟଋଷିଙ୍କ ନାମ ହେଉଛି ଅମ୍ବରୀଶ, ଜୈମିନୀ, ନାରଦ, ଅଙ୍ଗିରା, ପଣ୍ଡୁ, ମାର୍କଣ୍ଡେୟ, ପୌଲସ୍ତ୍ୟ ଓ ଭାର୍ଗବ। ସେହିପରି ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥର ଋଷିପଟାରେ ଭୃଗୁ, ସୁପ୍ରଭ, ବଜ୍ର, ଶୃଙ୍ଗୀ, ଧ୍ରୁବ, ଉଲୁକ ଓ ପ୍ରବର୍ତ୍ତକ ଋଷିମଣ୍ଡଳ ଅବସ୍ଥାନ କରିଥା'ନ୍ତି। ଏହି ଋଷିମାନେ ରଥରେ ଠାକୁରମାନଙ୍କ ସହ ମହାଆନନ୍ଦରେ ଯାତ୍ରା କରି ନିଜ ଜୀବନକୁ ଧନ୍ୟ ମଣିଥା'ନ୍ତି। ଋଷିମାନଙ୍କ ଉପରେ ଦାରୁରୂପୀ ଚତୁର୍ଦ୍ଧା ବିଗ୍ରହଙ୍କର ଅପାର କରୁଣା ରହିଛି। ଫଳରେ ଏହି ପୁଣ୍ୟାତ୍ମା ଋଷିମାନଙ୍କୁ ନିଜର ଅତି ଆମୋଦଦାୟକ ଯାତ୍ରାରେ ସେ ସାମିଲ କରିଛନ୍ତି ବୋଲି କହିଛନ୍ତି ଗବେଷକ ଡ. ଦାଶ।

**ଅଣସରରେ ଗୁପ୍ତ ସେବା**

# ଚକାକୁ ବିଜେ ହେଲେ ଦାରୁଦିଅଁ

**ପୁରୀ,୧।୭ (ସମିସ):** ଅଣସରରେ ଏବେ ଚତୁର୍ଦ୍ଧାବିଗ୍ରହ। ଅତ୍ୟଧିକ ସ୍ନାନ ଯୋଗୁଁ ଜ୍ୱରରେ ପୀଡ଼ିତ ମହାପ୍ରଭୁଙ୍କ ଉପଚାର ପାଇଁ ଚାଲିଛି ଗୁପ୍ତସେବା। ଅଣସର ପିଣ୍ଡିରେ ଠାକୁରଙ୍କ ସେବା କରୁଛନ୍ତି ଶ୍ରୀଅଙ୍ଗଲାଗି ସେବକ ଦଇତାପତି। ଏହି ଗୁପ୍ତ ସେବାରେ ଗତ ଶୁକ୍ରବାରଠାରୁ ଓଷୁଅ ଲାଗି କରାଯାଉଥିଲା। ରବିବାର ନବମୀରେ ଓଷୁଅ ଲାଗି ଶେଷ ହୋଇଥିବା ବେଳେ ମଙ୍ଗଳବାର ଆଷାଢ଼ କୃଷ୍ଣ ଦଶମୀ ତିଥିରେ ଅଣସର ଘରେ ଦାରୁଦିଅଁଙ୍କ ଚକାବିଜେ ନୀତି ସମ୍ପନ୍ନ ହୋଇଛି। ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ଅଣସର ପିଣ୍ଡିରୁ ଚକାକୁ ବିଜେ କରିଛନ୍ତି।

ଶ୍ରୀମନ୍ଦିରରେ ପତିଦିଅଁଙ୍କ ମଙ୍ଗଳ ଆଳତିଠାରୁ ମଧ୍ୟାହ୍ନ ଧୂପ ପର୍ଯ୍ୟନ୍ତ ସମସ୍ତ ନୀତି ସମ୍ପନ୍ନ ହୋଇଥିଲା। ଦକ୍ଷିଣୀ ଘର ଭୋଗ ବଢ଼ିବା ପରେ ଜୟବିଜୟ ଦ୍ୱାର ବନ୍ଦ ହୋଇ ବେହେରଣ ଦ୍ୱାର (ଅଣସର ଗୃହ) ଖୋଲିଥିଲା। ଏହାକୁ ପତିମହାପାତ୍ର ଖୋଲିଥିଲେ। ଦଇତାପତି ସେବକମାନେ ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ଅଣସର ପିଣ୍ଡିରୁ ଚକାକୁ ବିଜେ କରାଇଥିଲେ। ଦାରୁବିଗ୍ରହଙ୍କ ନିକଟରେ ଚକଟା ଭୋଗ ଏବଂ ପଣାଭୋଗ ପରେ ଅଣସର ଗୃହ ବନ୍ଦ ହୋଇଥିଲା। ଏହାପରେ ଜୟ ବିଜୟ ଦ୍ୱାର ଫିଟିଥିଲା। ପତିଦିଅଁଙ୍କ ସନ୍ଧ୍ୟା ଆଳତି ଓ ଅନ୍ୟାନ୍ୟ ନୀତି ବଢ଼ିଥିଲା। ପତିଦିଅଁଙ୍କ ବଡ଼ସିଂହାର ଭୋଗ ପରେ ପୁଣି ଅଣସର ଗୃହ ଖୋଲାଯାଇ ମହାପ୍ରଭୁଙ୍କ ଅଣସର ନୀତି ସମ୍ପନ୍ନ ହୋଇଥିଲା।

ତେବେ ମଙ୍ଗଳବାର ଖଳିଲାଗି ଏକାଦଶୀ ତିଥିରେ ଅଣସର ଗୃହରେ ପ୍ରଥମ ତୁଳସୀ ଲାଗି ହେବେ ଶ୍ରୀବିଗ୍ରହ। ଅଣସର ଘରେ ଥିବାରୁ ମହାପ୍ରଭୁଙ୍କ ନିକଟରେ ଖଣ୍ଡୁଆ, ରଙ୍ଗୀନ ପୁଷ୍ପ ଏବଂ ତୁଳସୀ ଲାଗି ହେଉନାହିଁ। କେବଳ ଧଳାବସ୍ତ୍ର ଏବଂ ଧଳା ପୁଷ୍ପ ଲାଗି କରାଯାଉଛି। ଖଳିଲାଗି ଏକାଦଶୀରେ ସର୍ବାଙ୍ଗ ବଢ଼ିବା ପରେ ଅଣସର ଗୃହରେ ଚତୁର୍ଦ୍ଧାବିଗ୍ରହଙ୍କୁ ଖଣ୍ଡୁଆ, ରଙ୍ଗୀନ ସୁଗନ୍ଧିତ ପୁଷ୍ପ ଏବଂ ତୁଳସୀ ଲାଗି କରାଯିବ।

## ଶ୍ରୀମନ୍ଦିରରେ ପହଞ୍ଚିଲା ଦଶମୂଳ

**ପୁରୀ, ୧।୭ (ସମିସ):** ଅଣସର ଘରେ ଚାଲିଛି ଦାରୁବିଗ୍ରହଙ୍କ ଗୁପ୍ତସେବା। ଦଇତାପତିମାନେ ଠାକୁରଙ୍କ ସେବା କରୁଛନ୍ତି। ମଙ୍ଗଳବାର ଏକାଦଶୀରେ ମହାପ୍ରଭୁ ଲାଗି ହେବେ ଦଶମୂଳ। ଜ୍ୱରରେ ପୀଡ଼ିତ ଦାରୁବିଗ୍ରହମାନେ ଏହି ଦଶମୂଳ ମୋଦକ ଲାଗି ହେଲେ ସୁସ୍ଥ ହୋଇଥା'ନ୍ତି। ତେଣୁ ଶ୍ରୀମନ୍ଦିରର ବୈଦ୍ୟ



ସେବକମାନେ ମହାପ୍ରଭୁଙ୍କ ପାଇଁ ଦଶମୂଳ ମୋଦକ ପ୍ରସ୍ତୁତ କରି ସୋମବାର ମନ୍ଦିର ଗାରଦରେ ଦାଖଲ କରିଛନ୍ତି।

ଆୟୁର୍ବେଦିକ ପଦ୍ଧତି ଓ ଶାସ୍ତ୍ର ଅନୁସାରେ, ମହାପ୍ରଭୁଙ୍କ ନିମନ୍ତେ ଦଶମୂଳ ମୋଦକ ପ୍ରସ୍ତୁତ ହୋଇଥାଏ। ବୈଦ୍ୟ ସେବକଙ୍କ ସୂଚନା ମୁତାବକ, ଦଶମୂଳ ହେଉଛି ମହାପ୍ରଭୁଙ୍କ ଔଷଧ। ଏକମାସ ପୂର୍ବରୁ ଏହାକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସ୍ନାନପୂର୍ଣ୍ଣିମା ପରେ ଦଶମୂଳ ଯଥା ଗମ୍ଭାରୀ, ଫଣଫଣା, ଶାଳପର୍ନ୍ନି, କୃଷ୍ଣପର୍ନ୍ନି, ଅଗବଥୁ, ଲବିଂ କୋଳି, ବେଲ, ଅଙ୍କରାନ୍ତି, ଗୋଖରା ଏବଂ ନବାଙ୍କୁରୀକୁ ଶୁଖାଯାଇଥାଏ। ଭଲ ଭାବେ ଶୁଖିଗଲା ପରେ ଏହାକୁ ହେମଦସ୍ତାରେ କୁଟି ଗୁଣ୍ଡ କରାଯାଏ। ଏହି ଗୁଣ୍ଡକୁ ଗାମୁଛାରେ ଛଣାଯାଏ। ନୂଆ କାଠଚୁଲିରେ କଡ଼େଇ ବସାଯାଇ ଖୁଆ, ସର୍କରା, ସର, ମହୁ, ଘିଅ ଓ ଅଳ୍ପ ଭାଙ୍ଗ ଇତ୍ୟାଦି ପକାଯାଇ ଦଶମୂଳକୁ ପାଗ କରାଯାଏ। ପାଗ ପରେ ତାହାକୁ କଦଳୀପତ୍ର ଉପରେ ରଖି ଥଣ୍ଡା କରାଯାଏ। ଥଣ୍ଡା ହେଲା ପରେ ଗୋଲାକାର ମୋଦକ ପ୍ରସ୍ତୁତ ହୁଏ। ତିନୋଟି କୁଡୁଆରେ ଦଶମୂଳ ମୋଦକକୁ ରଖି ଏହା ଉପରେ କର୍ପୂର ପକାଇ

### ଆଜି ଲାଗି ହେବେ ମହାପ୍ରଭୁ

ତାଳପତ୍ର ଭୋଗେଇରେ ପ୍ୟାକିଂ କରାଯାଏ। ଦଶମୀ ତିଥିରେ ଶ୍ରୀମନ୍ଦିର ଗାରଦରେ ଏହାକୁ ଦାଖଲ କରାଯାଇଥାଏ। ଏହି ସବୁ କାମ ଶୁଦ୍ଧପୁତ ଭାବେ ଏବଂ ମହାପ୍ରଭୁଙ୍କ ପ୍ରତି ନିଷ୍ଠା ରଖି କରାଯାଏ।

ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ମହାପ୍ରଭୁ ମାନବୀୟ ଲୀଳା କରିଥା'ନ୍ତି। ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ୧୦୮ ଗଡ଼ୁ ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହୁଅନ୍ତି। ଏହା ପରଠାରୁ ଆଷାଢ଼ କୃଷ୍ଣ ଦଶମୀ ଯାଏ ମହାପ୍ରଭୁ ଧଳାବସ୍ତ୍ର ପରିଧାନ କରିଥା'ନ୍ତି। ଠାକୁରଙ୍କୁ ଧଳାପୁଷ୍ପ ଲାଗି ହୋଇଥାଏ। ଆଷାଢ଼ କୃଷ୍ଣ ଏକାଦଶୀରେ ମହାପ୍ରଭୁ ବାରଲାଗି ପାଟ ପରିଧାନ କରିବେ। ଶ୍ରୀବିଗ୍ରହଙ୍କୁ ତୁଳସୀ ଲାଗି ହେବ। ଏହାପରେ ଜ୍ୱରରୁ ଉପଶମ ପାଇଁ ଦାରୁବିଗ୍ରହଙ୍କୁ ଦଶମୂଳ ଲାଗି କରାଯିବ।

**୬ରୁ ରାଷ୍ଟ୍ରପତିଙ୍କ ୪ ଦିନିଆ ଓଡ଼ିଶା ଗସ୍ତ**

# ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୧।୭ (ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୬ରୁ ୯ ତାରିଖ ପର୍ଯ୍ୟନ୍ତ ୪ ଦିନିଆ ଗସ୍ତରେ ଓଡ଼ିଶା ଆସୁଛନ୍ତି। ଏଠାରେ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ତେଣୁ ରାଷ୍ଟ୍ରପତି ଓଡ଼ିଶାରେ ପହଞ୍ଚିବାଠାରୁ ଆରମ୍ଭ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ବ୍ୟାପକ ସୁରକ୍ଷା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସ୍ତୁତି ସଂପର୍କରେ ଆଜି ଏକ ସମୀକ୍ଷା ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଷ୍ଟ୍ରପତିଙ୍କ ରହଣି, ସୁରକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଓ ଚିକିତ୍ସା, ଆମ୍ବୁଲାନ୍ସ, ଉତ୍ସବସ୍ଥଳକୁ ଯାତାୟାତ ରାସ୍ତାର ରକ୍ଷଣାବେକ୍ଷଣ ଓ ତଦାରଖ, ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହକୁ ସୁନିଶ୍ଚିତ ଆଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ସୂଚନାନୁଯାୟୀ, ଜୁଲାଇ ୬ ତାରିଖ ସଂଧ୍ୟାରେ ରାଷ୍ଟ୍ରପତି ଜୟଦେବ ଭବନଠାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ୯୬ତମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବେ।



୭ତାରିଖରେ ପୁରୀ ଗସ୍ତ କରି ଅପରାହ୍ଣରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ଦର୍ଶନ କରିବେ। ୮ତାରିଖ ସକାଳେ ପୁରୀ ସମୁଦ୍ରକୂଳରେ ମର୍ଣ୍ଣିଂ-ୱାକ୍ କରିବା ପରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ପୂର୍ବାହ୍ନରେ ଖଣ୍ଡଗିରି ଏବଂ ଉଦୟଗିରି ଗୁମ୍ଫା ପରିଦର୍ଶନ କରିବା ସହ ବିଭୂତି କାନୁନଗୋ କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ୍‌ର ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରିବେ। ଅପରାହ୍ଣରେ ସେ ମେଣ୍ଢାଶାଳ ହରିଡାମଡ଼ାସ୍ଥିତ ଡିଭାଇନ୍ ରିଟ୍ରିଟ୍ ସେଣ୍ଟର (ଡିଆରସି) ରେ ଏକ କାର୍ଯ୍ୟକ୍ରମରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୯ ତାରିଖ ପୂର୍ବାହ୍ନରେ ଜଟଣୀସ୍ଥିତ ନାଇଜର୍‌ର ତ୍ରୟୋଦଶ ସ୍ନାତକ ସମାରୋହ ଉତ୍ସବରେ ଯୋଗଦାନ କରି ଅପରାହ୍ଣରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ଦେଓରଂଜନ କୁମାର ସିଂ, ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ସଚିବ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ପୁଲିସ୍‌ର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ରାଜ୍ୟ ଗୃହ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ସନ୍ତୋଷ ବାଲା ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ ବିସ୍ତୃତ ସୂଚନା ଉପସ୍ଥାପନ କରିଥିଲେ। ପୁରୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଆଭାସୀ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ।

**ବୀଭତ୍ସ**

# ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା

**ଜଗନ୍ନାଥପ୍ରସାଦ, ୧।୭ (ସମିସ):** ଜଗନ୍ନାଥପ୍ରସାଦ ଥାନା କାହୁଆ ପଞ୍ଚାୟତ ଅଧୀନ ଯୋଡ଼ାବନ୍ଧ ଗ୍ରାମର ଜଣେ ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା କରାଯାଇଛି। ମୃତକ ହେଲେ, ଯୋଡ଼ାବନ୍ଧ ଗ୍ରାମର ଲଡ଼ୁ କିଶୋର ସାହୁଙ୍କ ପୁଅ ଚିତ୍ତରଞ୍ଜନ ସାହୁ (୪୩)। ହତ୍ୟା କରିବା ପରେ ଧାରୁଆ ଅସ୍ତ୍ରରେ ତାଙ୍କ ଯୌନାଙ୍ଗକୁ କାଟି ହାତରେ ଧରାଇ ଦିଆଯାଇଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି।

- ଚାଷ ଜମିରୁ ମିଳିଲା ମୃତଦେହ
- ପୁଲିସ୍ ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ
- ଘଟଣାସ୍ଥଳରୁ ବ୍ଲେଡ୍, ଚପଲ ଓ ମୋବାଇଲ୍ ଜବତ
- ସିସିଟିଭି ଅଣ୍ଡାଳୁଛି ପୁଲିସ୍, ଜଣେ ଅଟକ

ପୁଲିସ ଘଟଣାସ୍ଥଳରୁ ବ୍ଲେଡ୍, ଚପଲ ଏବଂ ମୋବାଇଲ ଜବତ କରିଛି। ଚିତ୍ତରଞ୍ଜନ କିଛି ଦିନ ହେବ ଜିରାବାଡି ଆଇଟିଆଇରେ ରୋଷେଇ କାମରେ ନିୟୋଜିତ ଥିଲେ। ତେବେ କିଏ ଓ କେଉଁ କାରଣରୁ ତାଙ୍କୁ ହତ୍ୟା କରିଛି, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ୍ ସ୍ଥାନୀୟ ବଜାରରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। ଏହି ଘଟଣାରେ ପୁଲିସ ଜଣକୁ ଅଟକ ରଖି ପଚରାଉଚରା କରୁଛି।

ସୂଚନା ଅନୁସାରେ, ଲଡ଼ୁକିଶୋର ସାହୁଙ୍କ ତିନି ପୁଅ ମଧ୍ୟରୁ ଚିତ୍ତରଞ୍ଜନ ମଝିଆ ପୁଅ। ରବିବାର ନିଜ ଗ୍ରାମ ଛକରେ ଏକ ନୂଆ ଫାଷ୍ଟଫୁଡ ଦୋକାନ ଖୋଲା ହେଉଥିବାରୁ ଦିନବେଳା ସେଠାରେ ସେ ଉପସ୍ଥିତ ଥିଲେ। କିନ୍ତୁ ସଂଧ୍ୟା ପରଠାରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଅପରପକ୍ଷେ, ଘରେ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କ ବଡ଼ଭାଇ ସୀମାଞ୍ଚଳ ଏବଂ ଜେଜେବାପା ଦଣ୍ଡପାଣି ସାହୁ ଯୋଡ଼ାବନ୍ଧ ଛକ ସମେତ ସାଙ୍ଗସାଥୀ ଏବଂ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର ଖୋଜଖବର ମିଳିନଥିଲା। ତେବେ ସୋମବାର ସକାଳୁ ଯୋଡ଼ାବନ୍ଧ ରାସ୍ତାପାର୍ଶ୍ୱରେ ଥିବା କାଜୁତୋଟାରୁ ଚିତ୍ତଙ୍କ ଚପଲ ମିଳିଥିଲା। ଚପଲଠାରୁ ଅଳ୍ପ ଦୂର ଗୁଡ଼ିଖାତ ଚାଷ ଜମି ହୁଡ଼ାରେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଜଗନ୍ନାଥପ୍ରସାଦ ଥାନାଧିକାରୀ ଅରୁଣ କୁମାର ସିଂଙ୍କ ନେତୃତ୍ୱରେ ପୁଲିସ ଟିମ୍ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲା। ଏହି ଘଟଣାରେ ପୁଲିସ୍ ନମ୍ବର୨୬୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଅରୁଣ କୁମାର ସିଂ ସୂଚନା ଦେଇଛନ୍ତି।

# ଦନ୍ତା ଆକ୍ରମଣରେ ଜଣେ ମୃତ

**କୋଇଡ଼ା, ୧।୭ (ସମିସ):** କୋଇଡ଼ା ବନଖଣ୍ଡ ଅନ୍ତର୍ଗତ କାଲଟା ରେଞ୍ଜରେ ପୁଣି ଏକ ଦୁଃଖଦ ଘଟଣା ଘଟିଛି। ସୋମବାର ସକାଳେ କାଲଟା ନିକଟ ଝିରପାଣି ଗ୍ରାମର ସାମୁଏଲ ଆଇନ୍ଦ (୪୮) ଗାଁ ନିକଟ ନାଳକୁ ଶୌଚ ହେବାକୁ ଯାଇଥିବା ବେଳେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ଗୋଟିଏ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ସାମୁଏଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ କୋଇଡ଼ା ବନ କର୍ମଚାରୀ ଓ କୋଇଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋଇଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ପରିବାରଲୋକଙ୍କୁ ପ୍ରଥମେ ୬୦ ହଜାର ଟଙ୍କା ଓ କାଗଜପତ୍ର ଯାଞ୍ଚ ସମ୍ପୂର୍ଣ୍ଣ ପରେ ୫ଲକ୍ଷ ୪୦ ହଜାର ଟଙ୍କା ମିଳିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

- କୋଇଡାରେ ହାତୀ ଉପଦ୍ରବ
- ଅଞ୍ଚଳବାସୀ ଆତଙ୍କିତ, ବନ ବିଭାଗ ନାକେଦମ

ସୂଚନାଯୋଗ୍ୟ, ଗତ କିଛି ଦିନ ହେଲା ୧୪ ଟିକିଆ ଏକ ହାତୀପଲ କୋଇଡ଼ା ବନଖଣ୍ଡ ଅଞ୍ଚଳରେ ଘୂରି ବୁଲୁଛନ୍ତି। ଅନ୍ୟପଟେ ଝାଡ଼ଖଣ୍ଡ ସୀମାନ୍ତରେ ଘୂରି ବୁଲୁଥିବା ଗୋଠଛଡ଼ା ଦନ୍ତାହାତୀର ଉପଦ୍ରବ ଯୋଗୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। କିଛି ଦିନ ପୂର୍ବରୁ ଏହି ହାତୀ କାଲଟାରେ ଜଣକୁ ଦଳି ମାରିଥିଲା। ସେହି ଘଟଣା ପରେ ଦନ୍ତାର ଗତିବିଧି ଉପରେ ବନ ବିଭାଗ ନଜର ରଖିଥିଲା। କୋଇଡ଼ା ବନ ବିଭାଗର ହାତୀ ସ୍କ୍ୱାଡ୍ ଟିମ ହାତୀଟିକୁ ଜଙ୍ଗଲକୁ ଘଉଡ଼ାଇଥିଲେ ମଧ୍ୟ ବାରମ୍ବାର ରାତିରେ ହାତୀଟି ଜନବସତି ଆଡ଼କୁ ଆସି ବହୁ କ୍ଷୟକ୍ଷତି କରୁଛି। କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ମିଳୁଛି ସତ କିନ୍ତୁ ବାରମ୍ବାର ଧନଜୀବନ ନଷ୍ଟ କରୁଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଦୁଇଜଣଙ୍କୁ ବିଦାରିପକାଇଲା ଭାଲୁ

**ବାଲିବନ୍ଧ, ୧।୭ (ସମିସ):** କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ପଲାଶପଙ୍ଗା ଫରେଷ୍ଟ ସେକ୍ସନ ଅଧୀନ ରାଇକଳା ଗ୍ରାମରେ ସୋମବାର ଏକ ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନେ ହେଲେ, ସେହି ଗ୍ରାମର ମହେଶ୍ୱର ମହାନ୍ତଙ୍କ ସ୍ତ୍ରୀ ସୁମିତ୍ରା ମହାନ୍ତ (୪୭) ଓ ତ୍ରିଲୋଚନ ବାରିକଙ୍କ ପୁଅ ପ୍ରିୟରାଜ ବାରିକ (୨୭)।





ସୂଚନା ମୁତାବକ, ସୋମବାର ଭୋର୍‌ରେ ବାଡ଼ିକୁ ଶୌଚ ହେବାକୁ ଯାଇଥିବା ବେଳେ ସୁମିତ୍ରା ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁଟି ଦୌଡ଼ି ଆସି ତାଙ୍କୁ ଆକ୍ରମଣ କରିଥିଲେ। ସୁମିତ୍ରାଙ୍କୁ ତଳେ ପକାଇ ତାଙ୍କ ବାମ ଜଙ୍ଘକୁ ଝୁଣି ପକାଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ପାଟିତୁଣ୍ଡ କରି ଦୌଡ଼ି ଆସିବାରୁ ଭାଲୁଟି ସେଠାରୁ ପଳାଇଥିଲା। ପରେ ସେହି ଭାଲୁଟି ଫୁଲପାହାଡ଼ି (ରାଇକଳା) ହୁଡ଼ିକୁ ଯାଉଥିବା ବେଳେ ରାଇକଳା କାଜୁ ଜଙ୍ଗଲ ଭିତରକୁ ଶୌଚ ପାଇଁ ଯାଇଥିବା ପ୍ରିୟରାଜଙ୍କୁ ଆକ୍ରମଣ କରିଥିଲା। ଭାଲୁଟି ତାଙ୍କୁ ତଳେ ପକାଇ ଦୁଇ ଗୋଡ଼କୁ ଝୁଣି କ୍ଷତବିକ୍ଷତ କରିଦେଇଥିଲା। ଭାଲୁ ସହ ପ୍ରିୟରାଜ ଲଢ଼େଇ କରି ବହୁ କଷ୍ଟରେ ଜୀବନ ବଞ୍ଚାଇ ରାସ୍ତା ନିକଟକୁ ଆସିଥିଲେ। ଉଭୟଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ତେବେ ଉକ୍ତ ଅଞ୍ଚଳରେ ଦୁଇଟି ଛୁଆ ଓ ଦୁଇଟି ବଡ଼ ଭାଲୁ ଥିବା ସ୍ଥାନୀୟ ଲୋକ

**ଶୌଚ ଯାଇଥିବା ବେଳେ ମାଡ଼ି ଆସିଲା**

ସୂଚନା ଦେଇଛନ୍ତି। ଖବର ପାଇ ପଲାଶପଙ୍ଗା ଫରେଷ୍ଟର୍ ଜୟକୃଷ୍ଣ ଦାସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିବା ସହ ସରକାରୀ ନିୟମ ଅନୁଯାୟୀ ଗୁରୁତରମାନଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଜଣାପଡ଼ିଛି।

**୨୦ ବର୍ଷରେ ରାଜ୍ୟରେ ଧାନ ଉତ୍ପାଦନ ତିନିଗୁଣ**

# ପଣ୍ୟାଗାର ନିର୍ମାଣ ପାଇଁ କେନ୍ଦ୍ର ଦେଖାଉନି ଆନ୍ତରିକତା

**ଭୁବନେଶ୍ୱର, ୧।୭ (ସମିସ):** ଆମ ଗୋଦାମ ପୂରି ଗଲାଣି। ଆଉ ଖାଲି ଜାଗା ନ ଥିବାରୁ ଓଡ଼ିଶାରୁ ଚାଷୀଙ୍କର ବଳକା ଚାଉଳ ସଂଗ୍ରହ କରାଯାଇ ପାରିବ ନାହିଁ। ଏପରି ବାହାନା ଦେଖାଇ ଏଫ୍‌ସିଆଇ ଓଡ଼ିଶାରୁ ବଳକା ଚାଉଳ ସଂଗ୍ରହ କରୁନାହିଁ। କେନ୍ଦ୍ର ସରକାରଙ୍କ ନିକଟରେ ରାଜ୍ୟ ସରକାର ଏହାର ପ୍ରତିବାଦ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଗତ ୨୦ ବର୍ଷ ଭିତରେ ଓଡ଼ିଶାରେ ଧାନ ଅମଳ ତିନି ଗୁଣା ବୃଦ୍ଧି ପାଇଥିବା ବେଳେ କେନ୍ଦ୍ରୀୟ ପଣ୍ୟାଗାରର କ୍ଷମତା ପୂର୍ବପରି ରହିଛି। ଗଞ୍ଜାମ ଜିଲ୍ଲା ଆସ୍କା ସ୍ଥିତ କେନ୍ଦ୍ରୀୟ ପଣ୍ୟାଗାର ଦୁଇ ମାସ ହେଲା ଅଚଳ ପଡ଼ିଛି। ଫଳରେ ଧରାକୋଟ ଓ ଆସ୍କା ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ମିଲ୍‌ରେ ହଜାର ହଜାର କ୍ୱିଣ୍ଟାଲ ଚାଉଳ ପଡ଼ି ରହିଛି। ଚାଉଳ ବସ୍ତାରେ ପୋକ ଲାଗି ଗଲାଣି। ଯାନ୍ତ୍ରିକ ତ୍ରୁଟି ବାହାନାରେ କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଛନ୍ତି। କେବଳ ଗଞ୍ଜାମ ନୁହେଁ ଅଧିକାଂଶ ସମୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା କେନ୍ଦ୍ରୀୟ ପଣ୍ୟାଗାରରେ ଏପରି ଅଚଳାବସ୍ଥା ଲାଗି ରହିଛି। ଏହାର ସିଧାସଳଖ ପ୍ରଭାବ ଲକ୍ଷ ଲକ୍ଷ ଚାଷୀ ପରିବାରଙ୍କ ଉପରେ ପଡ଼ିଛି।

ସବୁଜ ବିପ୍ଳବ ସମୟରେ ପଞ୍ଜାବରେ ବ୍ୟାପକ କେନ୍ଦ୍ରୀୟ ପଣ୍ୟାଗାର ନିର୍ମାଣ କରାଯାଇଥିଲା। ଏହା ପରେ ଅନ୍ୟ ରାଜ୍ୟରେ ମଧ୍ୟ ପଣ୍ୟାଗାର କ୍ଷମତା ବୃଦ୍ଧି କରାଯାଇଛି। ଏଫ୍‌ସିଆଇ ସମୁଦାୟ ୨୧୯୯ ପଣ୍ୟାଗାର ପରିଚାଳନା କରୁଛି। ବିହାର, ଝାଡ଼ଖଣ୍ଡ, ରାଜସ୍ଥାନ, କର୍ଣ୍ଣାଟକ, ତେଲେଙ୍ଗାନାରେ ଓଡ଼ିଶା

- ଅଧିକାଂଶ ଜିଲ୍ଲାରେ ନାହିଁ ପଣ୍ୟାଗାର, ଗଞ୍ଜାମରେ ଅଚଳାବସ୍ଥା
- ବିଭିନ୍ନ ଚାଉଳ ମିଲ୍‌ରେ ପଡ଼ିଛି ହଜାର ହଜାର କ୍ୱିଣ୍ଟାଲ ଚାଉଳ

ତୁଳନାରେ ଯଥେଷ୍ଟ ଅଧିକ ପଣ୍ୟାଗାର ରହିଛି। ପଞ୍ଜାବରେ ସମୁଦାୟ ୬୧୧ ପଣ୍ୟାଗାର ଥିବା ବେଳେ ବିହାରରେ ୮୦, ଝାଡ଼ଖଣ୍ଡରେ ୪୮, କର୍ଣ୍ଣାଟକରେ ୬୨, ତେଲେଙ୍ଗାନାରେ ୭୨, ଛତିଶଗଡ଼ରେ ୬୩ଟି ପଣ୍ୟାଗାର ରହିଛି। ସେହିପରି ଜମ୍ମୁ ଓ କାଶ୍ମୀରରେ ୨୬, ଆନ୍ଧ୍ରରେ ୪୦, ତେଲେଙ୍ଗାନାରେ ୭୨, ମହାରାଷ୍ଟ୍ରରେ ୮୯, ଉତ୍ତର ପ୍ରଦେଶରେ ୨୪୮, ଆସାମରେ ୪୦ଟି ପଣ୍ୟାଗାରକୁ ଏଫ୍‌ସିଆଇ ବ୍ୟବହାର କରୁଛି। ଓଡ଼ିଶାର ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ଜୟପୁର, ସମ୍ବଲପୁର, ଟିଟିଲାଗଡ଼ ଏଫ୍‌ସିଆଇ ଡିଭିଜନ୍ ଅଧୀନରେ ୨୪ଟି ନିଜସ୍ୱ ପଣ୍ୟାଗାର ରହିଛି। ସେହିପରି ଏଫ୍‌ସିଆଇ ବିଭିନ୍ନ ସ୍ଥାନରେ ଭଡ଼ାରେ ୧୨ଟି ପଣ୍ୟାଗାର ନେଇଛି ଓ ପଣ୍ୟାଗାରଗୁଡ଼ିକର ସମୁଦାୟ କ୍ଷମତା ୫, ୫୧, ୭୦୭ ମେଟ୍ରିକ୍ ଟନ୍। ସେଥିରୁ ଅଧିକାଂଶ ପଣ୍ୟାଗାରକୁ ଓଡ଼ିଶା ଖାଉଟି ଯୋଗାଣ ନିଗମ ଭଡ଼ାରେ ନେଇଛି। ତେବେ ସମସ୍ୟା ହେଉଛି ଓଡ଼ିଶାରେ ଯେତିକି ଧାନ ଉତ୍ପାଦନ ହେଉଛି ସେହି ତୁଳନାରେ ସଂରକ୍ଷଣ ପାଇଁ ପର୍ଯ୍ୟାପ୍ତ ସ୍ଥାନର ଅଭାବ। ଏଫ୍‌ସିଆଇ ନିଜସ୍ୱ ପଣ୍ୟାଗାର ନିର୍ମାଣ କରିବା ପରିବର୍ତ୍ତେ ଘରୋଇ ସଂସ୍ଥା ଠାରୁ ପଣ୍ୟାଗାର ଭଡ଼ାରେ ଆଣି ପାରିବ। ହେଲେ ଏଥିପାଇଁ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହୋଇଛି।

ଗତ କିଛି ବର୍ଷ ହେଲା ଓଡ଼ିଶାରୁ ଚାଉଳ ସଂଗ୍ରହ କରିବାରେ ଏଫ୍‌ସିଆଇ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। କେନ୍ଦ୍ର ସରକାରଙ୍କ ମାର୍ଫତରେ ରାଜ୍ୟ ସରକାର ଚାଷୀମାନଙ୍କ ଠାରୁ ଧାନ ସଂଗ୍ରହ କରୁଛନ୍ତି। ବ୍ୟାଙ୍କରୁ ଋଣ କରି ମିଲିଂ ଚାର୍ଜ ଓ ଚାଷୀଙ୍କୁ ଧାନ ମୂଲ୍ୟ ପୈଠ କରୁଛନ୍ତି। ସେ ବାବଦରେ ଶତାଧିକ କୋଟି ଟଙ୍କା ବକେୟା ପଡ଼ିଛି। ତେବେ ଏଫ୍‌ସିଆଇ ଚାଉଳ ନ ଉଠାଇବା ଦ୍ୱାରା ଓଡ଼ିଶାର ଲକ୍ଷାଧିକ ଚାଷୀ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ବଳକା ଚାଉଳ ସଂଗ୍ରହ ପାଇଁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଧିକବାର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଥିବା ବେଳେ ବିଜେଡି ସାଂସଦମାନେ ବାରମ୍ବାର ସଂସଦରେ ଏହି ପ୍ରସଙ୍ଗ ଉଠାଇଛନ୍ତି। କିନ୍ତୁ ଚାଉଳ ରଖିବା ପାଇଁ ଆଉ ଜାଗା।। ନାହିଁ କହି ଓଡ଼ିଶାର ଦାବିକୁ କେନ୍ଦ୍ର ସରକାର ଓ ଏଫ୍‌ସିଆଇ ଏଡ଼ାଇ ଚାଲିଛନ୍ତି।

**■ ନୂଆ ଆଇନ୍ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ବିଭାଗର ବିଜ୍ଞପ୍ତି**

# ବଳାତ୍କାର ପୀଡ଼ିତାଙ୍କ ଡାକ୍ତରୀ ମାଇନା ପାଇଁ ଅନୁମତି ଜରୁରୀ

**ଭୁବନେଶ୍ୱର, ୧।୭ (ସମିସ):** ବଳାତ୍କାର ପୀଡିତାଙ୍କ ଡାକ୍ତରୀ ମାଇନା ଅବିଳମ୍ବେ କରାଯିବ। କିନ୍ତୁ ଏହା ପୂର୍ବରୁ ସମ୍ପୃକ୍ତ ପୀଡିତାଙ୍କ ସ୍ୱିକାରୋକ୍ତି ଜରୁରୀ ହେବ। ଯଦି ପୀଡିତାଙ୍କ ବୟସ ୧୨ ବର୍ଷରୁ କମ୍ ହୋଇଥାଏ ତା ହେଲେ ଡାକ୍ତରୀ ମାଇନା ପାଇଁ ତାଙ୍କ ପିତାମାତାଙ୍କ

**ଗିରଫ ଅଭିଯୁକ୍ତକୁ ମିଳିବ ଡାକ୍ତରୀ ମାଇନା ରିପୋର୍ଟ**

ଅନୁମତି ଜରୁରୀ ହେବ। ଡାକ୍ତରୀ ମାଇନା ଶେଷ ହେବା ପରେ ଅଭିଯୁକ୍ତଙ୍କୁ ତାହାର ଏକ ନକଲ ଦେବାରେ କର୍ତ୍ତୃପକ୍ଷ ଅବହେଳା କରିପାରିବେ ନାହିଁ। ଆଜି ଠାରୁ ସମଗ୍ର ଦେଶରେ ଲାଗୁ ହୋଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ୧୮୪ ଅନୁସାରେ ଏହି ପଦକ୍ଷେପ ନିଆଯିବ। ଆଜି ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଘରୋଇ ଡାକ୍ତରଖାନା ପାଇଁ ଏହି ନିୟମ ଲାଗୁ ହେବ। ପୁଲିସ କୌଣସି ବଳାତ୍କାର ପୀଡିତାଙ୍କୁ ଡାକ୍ତରୀ ମାଇନା ପାଇଁ ଡାକ୍ତରଙ୍କ ନିକଟରେ ହଜାର କରିବା ପରେ ଅବିଳମ୍ବେ ତାଙ୍କର ପରୀକ୍ଷା ନୀରିକ୍ଷା ଆରମ୍ଭ କରାଯିବ। ତେବେ ଏହା ପୂର୍ବରୁ ସମ୍ପୃକ୍ତ ଡାକ୍ତର ଏଥିପାଇଁ ପୀଡିତା କିମ୍ବା ପରିବାର ସଦସ୍ୟଙ୍କ ଅନୁମତି ନେବା ଜରୁରୀ ହେବ। ଅନୁମିତି ମିଳିଥିବା ସମ୍ପର୍କରେ ରିପୋର୍ଟରେ ଦର୍ଶାଯିବ। ଏଥିରେ ଅବହେଳା କିମ୍ବା ବିଳମ୍ବ ଆଦୌ ଗ୍ରହଣୀୟ ନୁହେଁ। ଯଦି ଡାକ୍ତରୀ ମାଇନା କରିବାରେ ବିଳମ୍ବ ହୁଏ ତା ହେଲେ ତାହାର କାରଣ ରେଜିଷ୍ଟ୍ରାର ଏବଂ ପରୀକ୍ଷା ରିପୋର୍ଟରେ ଉଲ୍ଲେଖ ରହିବା ଜରୁରୀ। ସେହିପରି ଡାକ୍ତରୀମାଇନା କେତେବେଳେ ଆରମ୍ଭ ହେଲା ଏବଂ କେତେବେଳେ ଶେଷ ହେଲା ତାହା ମଧ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ପୀଡିତାଙ୍କ ମେଡିକାଲ ପରୀକ୍ଷା ଶେଷ ହେବାର ୭ ଦିନ ମଧ୍ୟରେ ଡାକ୍ତର ନିଜ ରିପୋର୍ଟ ତଦନ୍ତକାରୀ ପୁଲିସ ଅଧିକାରୀଙ୍କୁ ହସ୍ତାନ୍ତର କରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସକାଳ
THE SAKALA

## ଭାରତର ଡିଜିଟାଲ୍ ଅର୍ଥନୀତି ପାଇଁ ପ୍ରଶିକ୍ଷିତ ମାନବ ସମ୍ବଳ

# ଶ୍ରମିକ ସୁରକ୍ଷା ଓ ଦକ୍ଷତା ବିକାଶ ପାଇଁ ନୂଆ ନୀତି ଲୋଡ଼ା

ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍ଓ)ର ତଥ୍ୟ ଅନୁସାରେ ଭାରତରେ ପ୍ରତିବର୍ଷ ୭୦ ରୁ ୮୦ ଲକ୍ଷ ଯୁବକ ଯୁବତୀ ଶ୍ରମ ବଜାରରେ ପ୍ରବେଶ କରନ୍ତି। ରୋଜଗାର ପାଇଁ ସେମାନେ ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ହେଉଥିଲେ ମଧ୍ୟ ସେଥିପାଇଁ ସେମାନଙ୍କର ଆବଶ୍ୟକ କର୍ମକୁଶଳତା ବା ଦକ୍ଷତା ନଥାଏ। ଦକ୍ଷ ଲୋକଶକ୍ତି ସୃଷ୍ଟି କରିବାକୁ ୨୦୧୫ ରୁ ୨୦୨୩ ମଧ୍ୟରେ ଭାରତ ସରକାର ଯେଉଁ ଦକ୍ଷତା ବିକାଶ ଯୋଜନା ଓ ଅଭିଯାନ କାର୍ଯ୍ୟକାରୀ କରିଆସୁଥିଲେ, ତାହା ଏ ପର୍ଯ୍ୟନ୍ତ ନୂଆ ଶ୍ରମଶକ୍ତିର ମାତ୍ର ୨୫ ଶତାଂଶ ଦକ୍ଷ ଏବଂ ନିଯୁକ୍ତି ଉପଯୋଗୀ କରିବାକୁ ସମର୍ଥ ହୋଇଛି। ଏହି ତଥ୍ୟର ଅର୍ଥ ହେଲା ପ୍ରତିବର୍ଷ ଭାରତୀୟ ଶ୍ରମ ବଜାରକୁ ଯେତେ ଶ୍ରମିକ ଓ କାର୍ମିକ ଆସୁଛନ୍ତି, ସେମାନଙ୍କ ମଧ୍ୟରୁ ୭୫ ଭାଗ ନୂଆ ଟେକ୍ନୋଲୋଜି, ନୂତନ ଶ୍ରମ ସଂସ୍କୃତି ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ ନୁହନ୍ତି। ଅତଏବ ଦକ୍ଷତା ବା କୁଶଳତା ଦୃଷ୍ଟିରୁ ସେମାନେ ଅନୁପଯୁକ୍ତ ହୋଇଥିବାରୁ ଯଥାର୍ଥ ନିଯୁକ୍ତି ଓ ଉପାର୍ଜନର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଦକ୍ଷ ଲୋକଶକ୍ତି ଅଭାବର ସିଧାସଳଖ କୁପ୍ରଭାବ ଶ୍ରମବଜାର, ରୋଜଗାର, ନିଯୁକ୍ତି, ଉତ୍ପାଦନ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଉପରେ ପଡୁଛି। ଉଦ୍ୟୋଗ କ୍ଷେତ୍ରର ନୂଆ ଟେକ୍ନୋଲୋଜି ଦକ୍ଷ ଲୋକଶକ୍ତି ଅଭାବରୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଛି। ବେକାରୀ ବଢ଼ିବା ସହିତ ଭାରତ ତାହାର ବିପୁଳ ଲୋକଶକ୍ତିର ଜନସାଂଖ୍ୟିକ ଲାଭ ଉଠାଇ ପାରୁନାହିଁ।

କେନ୍ଦ୍ର ସରକାର ଏ ସମ୍ପର୍କରେ ଭଲ ଭାବେ ଅବଗତ ଏବଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ୨୦୧୫ର ଦକ୍ଷତା ବିକାଶ ନୀତିର ପରିବର୍ତ୍ତନ କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି। ନୂଆନୀତି ପ୍ରସ୍ତୁତ କରିବାକୁ ବୋଷ୍ଟନ କନ୍ସଲଟିଂ ଗ୍ରୁପ୍‌କୁ ନିଯୋଜିତ କରାଯାଇଥିବା ଖବର ପ୍ରକାଶ ପାଇଛି। ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ନୀତି ଯେତେଶୀଘ୍ର ପ୍ରସ୍ତୁତ ହୋଇ କାର୍ଯ୍ୟକାରୀ ହେବ, ସେତେ ମଙ୍ଗଳକାରୀ। ଏଠାରେ ସୂଚନାଯୋଗ୍ୟ ଯେ ୨୦୧୫ ଠାରୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ୨୦୨୩ ଡିସେମ୍ବର ସୁଦ୍ଧା ଭାରତରେ ମାତ୍ର ୧୪ ନିୟୁତ ନିଯୁକ୍ତି ଆଶାୟୀ (ପ୍ରାର୍ଥୀ)ଙ୍କୁ ତାଲିମ ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଭାରତର ଅର୍ଥନୀତି ଯେଉଁ ବେଗରେ ବଢୁଛି ଓ ଟେକ୍ନୋଲୋଜିର ପରିବର୍ତ୍ତନ ହେଉଛି, ତଦନୁସାରେ ଯୋଗ୍ୟ ଓ ଦକ୍ଷ ଲୋକଶକ୍ତି ଆବଶ୍ୟକ ପରିମାଣରେ ମିଳୁନାହାନ୍ତି। ଆହୁରି ମଧ୍ୟ ଦକ୍ଷ ଶ୍ରମ ଶକ୍ତିର ଅଭାବ ଯୋଗୁଁ ଭାରତୀୟ ଯୁବ ଶ୍ରମିକ / କର୍ମଚାରୀମାନେ ବିଶ୍ୱ ଶ୍ରମ ବଜାରରେ ମଧ୍ୟ ଉପଯୁକ୍ତ ସ୍ଥାନ ପାଉ ନାହାନ୍ତି। ଏହି କାରଣରୁ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ପ୍ରଚଳିତ ନୀତି ବଦଳାଇ ଏହାକୁ ଆହୁରି ଅଧୁନାତନ ଏବଂ ବ୍ୟାପକ କରିବାକୁ କ୍ଷେତ୍ର ପ୍ରସ୍ତୁତି କରିଛି। ଏହାଛଡ଼ା ପ୍ରତିମାସରେ କେତେ ଶ୍ରମିକଙ୍କ ଦକ୍ଷତା ବିକାଶ କରାଯାଉଛି, ତାହା ଅନୁଧ୍ୟାନ କରିବାକୁ ସମ୍ପୃକ୍ତ ମନ୍ତ୍ରଣାଳୟର ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ବୋଷ୍ଟନ କନ୍ସଲଟାନ୍ସି ଗ୍ରୁପ୍ (ବିସିଜି) ନୂଆ ନୀତି ଓ ଯୋଜନା ସମ୍ପର୍କରେ ଚଳିତବର୍ଷ ଶେଷ ସୁଦ୍ଧା ରିପୋର୍ଟ ଦେବ ବୋଲି ଆଶା କରାଯାଉଛି।

ଏହି କାମଟି ଟିକିଏ ବିଳମ୍ବ ହୋଇଯାଇଛି କହିଲେ ଭୁଲ୍ ହେବ ନାହିଁ; ତେବେ ଭାରତ ଭଳି ଏକ ପ୍ରକାଣ୍ଡ ତଥା ଦ୍ରୁତ ବିକାଶଶୀଳ ଦେଶରେ କୌଶଳ ବିକାଶ ଏକ ସହଜସାଧ୍ୟ କାମ ନୁହେଁ। କେନ୍ଦ୍ର ସରକାରଙ୍କ ନୀତିକୁ କାର୍ଯ୍ୟକାରୀ କରିବା ରାଜ୍ୟମାନଙ୍କର ଦାୟିତ୍ୱ। ତେଣୁ ସବୁ ରାଜ୍ୟରେ ଏହା ଆଶାନୁରୂପ ପ୍ରଗତି କରିପାରୁନାହିଁ। ଏହି ବିଳମ୍ବ ଫଳରେ ଏହାର ପ୍ରଭାବ ଶ୍ରମ ବଜାର ଉପରେ ପଡୁଛି ଏବଂ ଇପିଏଫ୍‌ର ମୋଟ୍ ସଭ୍ୟ ସଂଖ୍ୟାରେ ହ୍ରାସ ଲକ୍ଷ୍ୟ କରାଯାଉଛି। ନିଯୁକ୍ତି ଓ ବେକାରୀ ସମସ୍ୟା ସହିତ ରାଜନୀତିର ମଧ୍ୟ ସିଧା ସମ୍ପର୍କ ଥାଏ। ଏଥର ଲୋକସଭା ନିର୍ବାଚନରେ କେତେକ ପ୍ରମୁଖ ରାଜ୍ୟରେ ଏନ୍‌ଡିଏର ଖରାପ ପ୍ରଦର୍ଶନ ପଛରେ ଏହି ବେକାରୀ ସମସ୍ୟା ହିଁ ମୁଖ୍ୟ କାରଣ ବୋଲି କୁହାଯାଉଛି।

ଏବେ ଭାରତୀୟ ଶ୍ରମ ନିଯୁକ୍ତି କ୍ଷେତ୍ରରେ ଏକ ନୂତନ ପରିସ୍ଥିତି ସୃଷ୍ଟି ହୋଇଛି। ନୂତନ ଡିଜିଟାଲ୍ ଅନ୍‌ଲାଇନ୍ ବ୍ୟବସାୟରେ ଯେଉଁମାନେ ଅସ୍ଥାୟୀ ବା ସାମୟିକ କର୍ମଚାରୀ ଭାବେ କାମ କରୁଛନ୍ତି, ସେମାନଙ୍କ ପାଇଁ କୌଣସି ସାମାଜିକ ଓ ଆର୍ଥିକ ସୁରକ୍ଷା ନିୟମ ପ୍ରଣୟନର ଆବଶ୍ୟକତା ଦେଖାଦେଲାଣି। ସମ୍ପ୍ରତି ବିସ୍ତାର ଲାଭ କରୁଥିବା ଡିଜିଟାଲ୍ ଅର୍ଥନୀତି(ଗିଗ୍ ଇକନୋମି)ରେ ଯେଉଁ ନୂତନ ଅଣକୁଶଳୀ ବା ଅର୍ଦ୍ଧକୁଶଳୀ କର୍ମଚାରୀଙ୍କ କ୍ରମବର୍ଦ୍ଧିଷ୍ଣୁ ଆବଶ୍ୟକତା ଦେଖାଯାଉଛି, ସେମାନଙ୍କ ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ନିମନ୍ତେ ନୂତନ ଆଇନର ଆବଶ୍ୟକତା ରହିଛି। ଡିଜିଟାଲ୍ ଅର୍ଥନୀତିରେ କାମ କରୁଥିବା କର୍ମଚାରୀମାନେ 'ଗିଗ୍ ୱାର୍କର୍ସ' ଭାବରେ ପରିଚିତ। ବର୍ଷକ ତଳେ ରାଜସ୍ଥାନ ସରକାର ଦେଶର ପ୍ରଥମ ରାଜ୍ୟ ଭାବେ ଗିଗ୍ ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଏକ ବିଲ୍ ଆଣିଥିଲେ। ଏବେ କର୍ଣ୍ଣାଟକ ସରକାର ସେହି ବିଲ୍ ଢାଞ୍ଚାରେ ଏକ ଉନ୍ନତ ଚିଠାବିଲ୍ ପ୍ରସ୍ତୁତ କରିଛନ୍ତି। କାଳକ୍ରମେ ସବୁ ରାଜ୍ୟରେ ଏଭଳି ବିଲ୍‌ର ଆବଶ୍ୟକତା ପଡ଼ିବ; କାରଣ ଏବେ ଗିଗ୍ ଶ୍ରମ ସଂସ୍କୃତି ବଢୁଛି ଏବଂ ସ୍ଥାୟୀ ନିଯୁକ୍ତି ହ୍ରାସ ପାଉଛି। ବିଭିନ୍ନ ବଡ଼ ବଡ଼ କମ୍ପାନୀ, ବାଣିଜ୍ୟିକ ସଂସ୍ଥା ଓ ସଂଗଠନରେ ଏହିଭଳି ଅଣଆନୁଷ୍ଠାନିକ ଶ୍ରମିକଙ୍କ ଚାହିଦା ବଢୁଛି। ଡୁନ୍‌ଜୋ, ଜମାଟୋ, ସୁଇଗୀ, ବ୍ଲିଙ୍କିଟ୍, ଫ୍ଲିପକାର୍ଟ ଭଳି ବିଭିନ୍ନ ଡେଲିଭରୀ ସଂସ୍ଥାରେ ଏଭଳି କର୍ମଚାରୀ ବହୁସଂଖ୍ୟାରେ କାମ କରୁଛନ୍ତି। ସେମାନଙ୍କର ବେତନ ଓ ସାମାଜିକ ସୁରକ୍ଷା ସୁନିଶ୍ଚିତ ହେବା ଆବଶ୍ୟକ।

ଶ୍ରମ ନିୟମରେ ଶ୍ରମିକର ଅଧିକାର ଓ ସ୍ୱାର୍ଥ ସୁରକ୍ଷିତ ହେବା ପ୍ରଥମ ଆବଶ୍ୟକତା। ଶ୍ରମ ଆଇନର ପରିବର୍ତ୍ତନ ଓ ଚାରି ପ୍ରକାର ଶ୍ରମ ନୀତି (ଲେବର କୋଡ୍) ପ୍ରବର୍ତ୍ତନ ଫଳରେ ଯେଉଁ ନୂଆ ସମସ୍ୟା ଉପୁଜିଛି, ତାହାର ସମାଧାନ ହେବା ଆବଶ୍ୟକ। କୌଣସି ଦାୟିତ୍ୱବାନ ଓ ସଂବେଦନଶୀଳ ସରକାର ପ୍ରଚଳିତ ସମୟର ବାସ୍ତବତାକୁ ଉପେକ୍ଷା କରିପାରିବେ ନାହିଁ। କେନ୍ଦ୍ର ସରକାରଙ୍କ ଉପରେ ଏ କ୍ଷେତ୍ରରେ ସବୁ କଥା ଛାଡ଼ି ଦେଲେ ଚଳିବ ନାହିଁ। ଓଡ଼ିଶା ଭଳି ଯେଉଁ ସବୁ ରାଜ୍ୟରେ ଅଭିବୃଦ୍ଧି ହାର ଭଲ, ସେଠାରେ ଦକ୍ଷତା ବିକାଶ ଭଳି ଶ୍ରମ ସମସ୍ୟାର ସମାଧାନ ପ୍ରକ୍ରିୟା ଅଭିନବ ଢଙ୍ଗରେ ତ୍ୱରାନ୍ୱିତ ହେବାର ଆବଶ୍ୟକତା ରହିଛି।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ନେତୃତ୍ୱର ନୂତନ ପରିଭାଷା



ଡ.ସତ୍ୟ ନାରାୟଣ ମିଶ୍ର
ମୋ: ୯୯୩୭୩୪୫୯୦୦

ସାମାଜିକ ବିଧିବ୍ୟବସ୍ଥାର ଅୟମାରମ୍ଭରୁ ତଥା ସଭ୍ୟତାର ଆଦିମ କାଳରୁ ସଂଘବଦ୍ଧ ଜୀବନଶୈଳୀର ପ୍ରତ୍ୟେକ ପୃଷ୍ଠଭୂମିରେ ଜଣେ ଜଣେ ନେତାର ଉପସ୍ଥିତ ରହିଥାଏ, ଯିଏ ଉକ୍ତ ବର୍ଗ ବା କ୍ଷେତ୍ରର ପ୍ରତିନିଧିତ୍ୱ କରି ସମସ୍ୟାର ସମାଧାନ କରିଥା'ନ୍ତି। ନେତା ହେଉଛନ୍ତି ସିଏ, ଯିଏ ସମସ୍ୟାକୁ ହୃଦୟଙ୍ଗମ କରି ତାହାର ନୈତିକ ଓ ଆଇନଗତ ସମାଧାନ କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିବେ। ନେତାର ଆବଶ୍ୟକୀୟ ମାନଦଣ୍ଡକୁ ବିଚାର କଲେ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହୋଇଥାଏ ଯେ, ଯିଏ ବାସ୍ତବତାରେ ଦୃଷ୍ଟିକୋଣକୁ ପରିଣତ କରିବା ଦିଗରେ କାର୍ଯ୍ୟ କରି ସାମୂହିକ ସ୍ୱାର୍ଥର ପ୍ରହରୀ ହୋଇଥାଏ। ଜନସାଧାରଣଙ୍କ ମଧ୍ୟରେ ଉତ୍ସାହିତ କରିବାରେ ସକ୍ଷମ ହେବା କେବଳ ଯଥେଷ୍ଟ ନୁହେଁ, ନେତାମାନେ ସହାନୁଭୂତିଶୀଳ ହେବା ଓ ସଫଳ ହେବା ପାଇଁ ଜନତା ବା ବ୍ୟକ୍ତି ସମାଜ ସହ ଯୋଡି ହେବା ଆବଶ୍ୟକ ତଥା ସୁଖ ଦୁଃଖରେ ସହଭାଗିତା କରିବା ଉଚିତ।

ସମ୍ପ୍ରତି ସମାଜରେ ଅନେକଙ୍କର ଧାରଣା ରହିଅଛି ଯେ ନେତାର ଅର୍ଥ କେବଳ ରାଜନୈତିକ ବା ରାଜନୀତିରେ ଯେଉଁମାନେ ନେତୃତ୍ୱ ନେଉଛନ୍ତି ସେମାନେ କେବଳ ନେତା। ମାତ୍ର ଉକ୍ତ ଧାରଣା ସମ୍ପୂର୍ଣ୍ଣ ଭାବେ ଭୁଲ। ଗୋଷ୍ଠୀ, ସମାଜ ବା ଅନୁଷ୍ଠାନର ହିତ ଦୃଷ୍ଟିରୁ ଯିଏ ନେତୃତ୍ୱ ନେଇଥାଏ ସେ ହୋଇଥା'ନ୍ତି ଆଦରର ନେତା। ଅନ୍ୟପକ୍ଷରେ କେବଳ ରାଜନୈତିକ ନହୋଇ କଳା, ସଂସ୍କାର, ସଂସ୍କୃତି, ଅର୍ଥନୀତି ଆଦିରେ ମଧ୍ୟ ନେତୃତ୍ୱ ନେଇ ସମାଜର ସାମୂହିକ ବିକାଶ ଏକ ନେତାର ବୃହତ୍ତର ଲକ୍ଷ୍ୟ ହେବା ଆବଶ୍ୟକ। ଏ ସମସ୍ତ ନେତୃତ୍ୱ ପଛରେ କେବଳ ଗୋଟିଏ ସାର୍ବଜନୀନ ପଦ୍ଧତି ବା ସଂଜ୍ଞା ନିହିତ ଥାଏ। ତାହା ହେଉଛି ନୈତିକ ନେତୃତ୍ୱ। ବର୍ତ୍ତମାନ ସମାଜରେ ଅନେକ ବ୍ୟକ୍ତି, ଗୋଷ୍ଠୀ ବା ଅନୁଷ୍ଠାନମାନଙ୍କରେ ନେତା ଓ ନେତୃତ୍ୱ ଅଛନ୍ତି, କିନ୍ତୁ ଉପଯୁକ୍ତ ନୈତିକତା, ଆଧ୍ୟାତ୍ମିକତା, ବୌଦ୍ଧିକ ଚିନ୍ତନ, ମୌଳିକ ଚିନ୍ତାଧାରାର ଦାର୍ଶନିକ ନେତୃତ୍ୱର ଘୋର ଅଭାବ ଦେଖାଦେଉଛି। ନେତୃତ୍ୱ ସମାଜକୁ ଅଗ୍ରଗାମୀ କରିଥାଏ, ଯଦି ତାହା ସ୍ୱଧର୍ମରେ ଧାବମାନ ହୁଏ। ଯଦି ନେତୃତ୍ୱ ବିପରୀତ ଧର୍ମରେ ଧାବମାନ ହୁଏ ତେବେ ସମାଜର ସମ୍ପୂର୍ଣ୍ଣ ବ୍ୟବସ୍ଥା ଦୋହୋଲି ଯାଏ।

ନୀତି ଓ ନୈତିକ ମାନଦଣ୍ଡ ହେଉଛି ଜଣେ ନେତାର ଭୂଷଣ। ନେତୃତ୍ୱ ହେଉଛି ଏକ ବ୍ୟକ୍ତି କିମ୍ବା ଏକ ଗୋଷ୍ଠୀର ଅନୁଗାମୀ କିମ୍ବା ଏକ ସଂଗଠନ, ସମାଜ କିମ୍ବା ଦଳର ସଦସ୍ୟଙ୍କୁ ପ୍ରଭାବିତ ବା ମାର୍ଗଦର୍ଶନ କରିବାର କ୍ଷମତା। ନେତୃତ୍ୱ ପ୍ରାୟତଃ ଏକ ଗୁଣ। ଜଣେ ବ୍ୟକ୍ତିଙ୍କ ଆଖ୍ୟା, ବରିଷ୍ଠତା କିମ୍ବା ଏକକ୍ରମରେ ମାର୍ଗଦର୍ଶନ ସହିତ ଜଡ଼ିତ। ସମ୍ପ୍ରତି



ବିଶ୍ୱର ଜନସାଧାରଣଙ୍କ ମନରେ ରାଜନୈତିକ ନେତୃତ୍ୱ ସର୍ବାଦୌ ନେତା ଓ ନେତୃତ୍ୱର ଅର୍ଥକୁ ପ୍ରତିପାଦିତ କରୁଛି। ଏହି ପୃଷ୍ଠଭୂମିରେ ଜଣେ ନେତାଙ୍କୁ କ'ଣ କରିବାକୁ ହେବ ତାହା ଚିହ୍ନିବାକୁ ପଡ଼ିବ ଏବଂ ନେତାମାନଙ୍କୁ କିପରି ଗ୍ରହଣ କରିବେ ସେ ବିଷୟରେ ଅନୁଧ୍ୟାନ କରିବାକୁ ପଡ଼ିବ। ସମସ୍ତ ନେତା ନେତୃତ୍ୱ ନେବାକୁ ପ୍ରବୃତ୍ତ ଓ ପ୍ରସ୍ତୁତ। କାରଣ ନେତା ସହିତ ସ୍ୱାର୍ଥ ରହିଥାଏ। ଉକ୍ତ ସ୍ୱାର୍ଥ ଅର୍ଥ ଦ୍ୱାରା ହୋଇପାରେ ବା ପ୍ରତିଷ୍ଠା, ଯଶ, ମାନ, ସମ୍ମାନ, ପରିଚୟ, ଇତ୍ୟାଦି ପାଇଁ ହୋଇପାରେ। ମାତ୍ର ଯେଉଁଠି ନେତା ସହିତ ନୈତିକତା ଥାଏ, ସେଇଠି ନେତା ଓ ନେତୃତ୍ୱର ପରିଭାଷା ଓ ସଂଜ୍ଞା ଭିନ୍ନ ଶୈଳୀରେ ଦୃଶ୍ୟମାନ ହୁଏ।

ଗୋଟିଏ ପ୍ରଶ୍ନ ମନରେ ଅଙ୍କୁରିତ ହୋଇଥାଏ ଯେ ଜଣେ ଭଲ ମଣିଷ କ'ଣ ଓ ଉତ୍କୃଷ୍ଟ ସମାଜ କ'ଣ? ଏହାର ଉତ୍ତର ନେତା ଓ ନେତୃତ୍ୱରୁ ଯଥେଷ୍ଟ ପ୍ରତୀୟମାନ ହୋଇଥାଏ। ନେତୃତ୍ୱ ଓ ନୈତିକତା ସମାଜ ପାଇଁ ଭବିଷ୍ୟତ ନିର୍ଣ୍ଣୟ କରିବାରେ ସହାୟକ ହୋଇଥାଏ। ନୈତିକତା ରାଜନୀତିର ମୂଳଦୁଆ। କାରଣ ଯେତେବେଳେ ନେତା ପ୍ରତିଶ୍ରୁତି ଦେଇଥା'ନ୍ତି ଓ ଅଙ୍ଗୀକାରବଦ୍ଧ ହୋଇ ଉଚ୍ଚ ସ୍ୱରରେ କାର୍ଯ୍ୟ ସମ୍ପାଦନ ପାଇଁ ଦୃଢ଼ୋକ୍ତି ପ୍ରକାଶ କରିଥା'ନ୍ତି, ସେତେବେଳେ ଜନତା ନିଶ୍ଚିତ ହୋଇଥା'ନ୍ତି ଯେ ନେତାଠାରେ ନେତୃତ୍ୱ ନେବାର ଦକ୍ଷତା ଅଛି କି ନାହିଁ। ଲୋକଙ୍କ ମନରେ ଏହି ବିଶ୍ୱାସ ଜନ୍ମାଇବାର ଦକ୍ଷତା ବର୍ତ୍ତମାନର ସମାଜରେ ନେତାଙ୍କ ପାଖରେ ଅତି ଆବଶ୍ୟକ ହୋଇଛି। ବାକ୍ୟରେ ପ୍ରତିଶ୍ରୁତି ଦେବା ଓ କାର୍ଯ୍ୟରେ ତାହାର ରୂପାୟନ ମଧ୍ୟରେ ଅନେକ ତଫାତ ପରିଲକ୍ଷିତ ହୋଇଥାଏ।

ଯେତେବେଳେ ବାକ୍ୟ ଓ କାର୍ଯ୍ୟ ସମାନ୍ତରାଳ ଗତିରେ ଏକ ସରଳରେଖାରେ ନୈତିକତାର ଧାରଣାରେ ଗତି କରେ, ସେତେବେଳେ ନେତା ଓ ନେତୃତ୍ୱର ଉଦ୍ଦେଶ୍ୟ ବାସ୍ତବତାରେ ପରିପୂର୍ଣ୍ଣ ହୋଇଥାଏ। ନେତାର ଅର୍ଥ ସାଧାରଣ ଲୋକଙ୍କ ଦୃଷ୍ଟିରେ କେବଳ ଏକ ଉଚ୍ଚ ମାନ୍ୟତା ପାଇବା ଉଚିତ ନୁହେଁ, ଜନତାଙ୍କୁ ଏକ ଉଚ୍ଚ ମାନର ମାନ୍ୟତା ଦେବା। ଜଣେ ଭଲ ନେତା ତଥ୍ୟ ଉପରେ ଧ୍ୟାନ ଦିଅନ୍ତି ଏବଂ ସେହି ତଥ୍ୟଗୁଡ଼ିକର ତତ୍ତ୍ୱ ଉପରେ ଆଧାର କରି ନିଷ୍ପତ୍ତି ନିଅନ୍ତି। ନେତା ହେଉଛନ୍ତି ସେହି ବ୍ୟକ୍ତି, ଯିଏ ଗୋଷ୍ଠୀକୁ ବିକାଶ ଓ ସହଭାଗୀ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥା'ନ୍ତି। ସମାଜରେ ଆଦରଣୀୟ ନେତାମାନଙ୍କୁ ଉଚିତ ମାନ୍ୟତା ଦିଆଯାଇଥାଏ ଓ ପ୍ରଶଂସା ମଧ୍ୟ କରାଯାଏ, କାରଣ ସେମାନଙ୍କର ଜୀବନ ଥାଏ ଉତ୍ସର୍ଗୀକୃତ ଓ ସାମାଜିକ ସମର୍ପିତ ସାଧନା। ଉକ୍ତ ସମୟରେ ସେହି ସମାଜରେ ମଧ୍ୟ ଅସାଧୁ ନେତାମାନଙ୍କୁ ଏ ସମାଜ ଘୃଣା କରିଥା'ନ୍ତି। ତେଣୁ ସାଧୁ ଓ ଅସାଧୁର ସଂଜ୍ଞା ନୈତିକତା ଓ ଅନୈତିକତାର ମୂଲ୍ୟାୟନରୁ ନିର୍ଦ୍ଧାରିତ ହୋଇଥାଏ। ଅତଏବ ଉନ୍ନତ ନେତାମାନଙ୍କୁ ଶ୍ରଦ୍ଧା ଓ ଭଲ ପାଇବା ଉଚିତ୍ ଯାହାଙ୍କ ନିକଟରେ ମାନବିକ ମୂଲ୍ୟବୋଧ ସହିତ ବିଚାରଧାରାର ବ୍ୟବସ୍ଥିତ ଚିନ୍ତାଧାରା ରହିଥାଏ। ଅନେକ ନେତା କେବଳ ପୁରସ୍କାର ପ୍ରଶଂସା ଯଶ ଆଦି ପାଇଁ ନିଜର ନୈତିକ ମୂଲ୍ୟବୋଧକୁ ବଳି ଦେଇଥା'ନ୍ତି। ଅନ୍ୟପକ୍ଷରେ ଅନେକ ନେତା ମଧ୍ୟ ସମାଜ ବା ଗୋଷ୍ଠୀ ପାଇଁ ଜୀବନ ତ୍ୟାଗ କରିଥା'ନ୍ତି।

ନେତୃତ୍ୱ ମୁଖ୍ୟତଃ ନମନୀୟ ଶକ୍ତି ଅପେକ୍ଷା ଦୃଢ଼ ଶକ୍ତି ଉପରେ ନିର୍ଭର କରେ। ସାମୂହିକ ଉଦ୍ଦେଶ୍ୟରେ ନେତୃତ୍ୱର ନିର୍ଦ୍ଦିଷ୍ଟ ସେବାଗୁଡ଼ିକ ହେଉଛି ପ୍ରୋତ୍ସାହନ। ତଥାପି, ଅଧିକାଂଶ ନେତା ଯେଉଁମାନେ ପ୍ରାଧିକୃତ ପଦବୀ ଗ୍ରହଣ କରନ୍ତି, ସେମାନେ ଉଭୟ ନମନୀୟ ଓ ଦୃଢ଼ଶକ୍ତିର ଏକୀକରଣ କରିବାରେ ସକ୍ଷମ ଅଟନ୍ତି। ଦୃଢ଼ ଓ ନମନୀୟ ଶକ୍ତିଗୁଡ଼ିକୁ ଏକତ୍ର କରିବା ପାଇଁ ବ୍ୟକ୍ତିର ଅନୁସରଣକାରୀ ଗୁଣଗୁଡ଼ିକ ରହିବା ଆବଶ୍ୟକ। ଅତଏବ ନେତାଙ୍କର ଏକ ସ୍ପଷ୍ଟ ଦର୍ଶନ ରହିବା ଉଚିତ୍। ଉକ୍ତ ଦର୍ଶନ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ନେତା ତାଙ୍କ ଅନୁଗାମୀମାନଙ୍କ ପ୍ରତି ଯେଉଁ ଚିତ୍ର ଆଙ୍କିଥା'ନ୍ତି, ତାହା ସମାଜ ଆଖିରେ ସ୍ୱୀକୃତ ହେବା ଆବଶ୍ୟକ। ଦର୍ଶନ ଓ ବାସ୍ତବତା ମଧ୍ୟରେ ଏକ ସମ୍ବେଦନଶୀଳ ସନ୍ତୁଳନ ସୃଷ୍ଟି କରିବାକୁ ସମର୍ଥ ହେବା ଉଚିତ୍, ଯାହା ସମାଜର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ସାଧନ କରିଥାଏ। ରାଜନୈତିକ ନେତାଙ୍କ ଦର୍ଶନ ଓ ପ୍ରେରଣା ଦ୍ୱାରା ଅନ୍ତର୍ନିହିତ ଦୃଷ୍ଟିକୁ ମଧ୍ୟ ସଠିକ୍ ଭାବରେ କାର୍ଯ୍ୟକାରୀ କରାଯିବା ଉଚିତ। ଦୃଷ୍ଟିକୋଣ ଓ ଜ୍ଞାନଶୈଳୀର ବିଷୟଗୁଡ଼ିକ ବ୍ୟକ୍ତିଗତ ଶକ୍ତି ବିଷୟରେ ସମାଜକୁ ପ୍ରଭାବିତ କରିଥାଏ, ଯାହା ଭାବପ୍ରବଣ ସହିତ ବୁଦ୍ଧି ଆବଶ୍ୟକ କରେ। ଏହା ନେତାମାନଙ୍କୁ ଅଧିକ ଲୋକପ୍ରିୟ କରିବାକୁ ସମର୍ଥ କରେ ଓ ରାଜନୈତିକ ନେତୃତ୍ୱର ଧାରଣା ସୃଷ୍ଟିକରେ।

ନେତାଙ୍କ ପାଇଁ ମଧ୍ୟ ପ୍ରଭାବଶାଳୀ ନେତୃତ୍ୱ ଓ ବ୍ୟକ୍ତିଗତ ଉଦାହରଣ ଦ୍ୱାରା ନିଜକୁ ସଠିକ୍ ଭାବରେ ପ୍ରକାଶ କରିବାର କ୍ଷମତା ରହିବା ଆବଶ୍ୟକ। ଏହା ପରବର୍ତ୍ତୀ ସମୟରେ ସମୟ ସଞ୍ଚୟ କରି ସାଂଗଠନିକ କ୍ଷମତାକୁ ଦୃଢ଼ୀଭୂତ କରିବାରେ ସହାୟକ ହୋଇଥାଏ ଲବଯ ପରିଚାଳନା ସଂରଚନା ସହିତ ମୂଲ୍ୟବୋଧର ପ୍ରତିଷ୍ଠା କରିବାରେ ଅଗ୍ରଗାମୀ ହୋଇଥାଏ।

ତେଣୁ ନେତାର ନେତୃତ୍ୱର ସ୍ଥିତି ନୈତିକ ବିଚାରଧାରାର ଆଧାର ଉପରେ ଦଣ୍ଡାୟମାନ ହେବା ଉଚିତ। ଅତଏବ କିଛି ଲୋକଙ୍କ ସମର୍ଥନରେ ନୁହେଁ, ବରଂ ନେତୃତ୍ୱର ନୈତିକ ମୂଲ୍ୟବୋଧର ଶୃଙ୍ଖଳା ମଧ୍ୟରେ ନିହିତ ରହିବା ଆବଶ୍ୟକ।

ସହାୟକ ନିର୍ଦ୍ଦେଶକ
ଜାତୀୟ ଅଭିଲେଖାଗାର, ଭୁବନେଶ୍ୱର

# ଅଣସର ଓ ପଟ୍ଟବ୍ରହ୍ମ



ଡ. ଭାସ୍କର ମିଶ୍ର
ମୋ: ୯୪୩୭୭୨୮୧୧୦୨

ବିଶ୍ୱର ଚରମ ରହସ୍ୟମୟ ବିଗ୍ରହ ଦାରୁବ୍ରହ୍ମରୂପୀ ଚତୁର୍ଦ୍ଧା ବିଗ୍ରହଙ୍କର ଅଣସର ସମୟରେ ଭକ୍ତ ତଥା ଦର୍ଶନାର୍ଥୀମାନଙ୍କୁ ଦର୍ଶନ ସୁଯୋଗ ମିଳି ନଥାଏ। ଏହି ସମୟରେ ରତ୍ନ ସିଂହାସନସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କର ଅଣସର ଗୃହଠାରେ ଦଇତାପତି ସେବକମାନଙ୍କ ଦ୍ୱାରା ଗୁପ୍ତ ନୀତି ସମେତ ଚକଟା ଭୋଗ, ପଣା ଭୋଗ, ମଇଲମ ଭୋଗ, ଫୁଲରି ତେଲ ଲାଗି, ସପ୍ତାବରଣ କାର୍ଯ୍ୟ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରର ଏହି ଅନନ୍ୟ ଉପାସନାରେ ଏହି ଅଣସର ୧୫ ଦିନ ପାଇଁ ମହାପ୍ରଭୁଙ୍କର ବିରଳ ପଟ୍ଟବ୍ରହ୍ମଙ୍କର ଦର୍ଶନ ମିଳିଥାଏ। 'ଅଣସର' ଏକ ଦେଶଜ ଶବ୍ଦ, ଯାହା ସଂସ୍କୃତ 'ଅନବସର' ଶବ୍ଦରୁ ନିଷ୍ପନ୍ନ। ଏହି ସମୟରେ ପ୍ରଭୁଙ୍କ ଶ୍ରୀଅଙ୍ଗର ଗୁପ୍ତ ସେବା ଚାଲିଥାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ମଧ୍ୟ ଏହା 'ଅଣସର' ଭାବରେ ଅଭିହିତ କରାଯାଇଛି। ସାଧାରଣତଃ ଆଷାଢ଼ କୃଷ୍ଣ ପ୍ରତିପଦାଠାରୁ ଅମାବାସ୍ୟା ପର୍ଯ୍ୟନ୍ତ ପନ୍ଦର ଦିନ ଶ୍ରୀବିଗ୍ରହମାନଙ୍କର ଅଣସର ନୀତି ପାଳିତ ହୋଇଥାଏ।

ଅଣସର ତାଟି ଉପରେ ପଟ୍ଟଚିତ୍ର ପ୍ରତିମା 'ପଟ୍ଟ ବ୍ରହ୍ମ' ରୂପରେ ତ୍ରିଧା ଆବିର୍ଭୂତ ହୋଇଥା'ନ୍ତି। 'ନୀଳାଦ୍ରି ମହୋଦୟ' ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କ ଅଣସର ସମୟରେ ପଟିରେ ଅଙ୍କିତ ଶ୍ରୀନାରାୟଣ, ଶ୍ରୀବାସୁଦେବ ଓ ଶ୍ରୀଭୁବନେଶ୍ୱରୀ ରୂପରେ ତିନି ପ୍ରତିମା ପୂଜିତ ହେବାର ବିଧାନ ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କ ଆଦେଶରେ ହୋଇଥିବା ଉଲ୍ଲେଖ ରହିଛି। ଶ୍ରୀମନ୍ଦିର ଉପାସନାରେ ଏହି ବିରଳ ପଟ୍ଟଚିତ୍ର ପ୍ରତିମା ପ୍ରସ୍ତୁତିର ପାରମ୍ପରିକ ବିଧି ବିଧାନ ରହିଛି। ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ପଟି ଦିଅଁମାନଙ୍କର ପ୍ରସ୍ତୁତି କାର୍ଯ୍ୟର ଶୁଭ ଅନୁକୂଳ ହୋଇଥାଏ। ଶ୍ରୀମନ୍ଦିରର ୧୧୯ ପ୍ରକାର ସେବା ଅନ୍ତର୍ଭୁକ୍ତ ଚିତ୍ରକର ସେବକମାନେ ଏହି ଦିନଠାରୁ ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ହବିଷ୍ୟ ପାଳନ ପୂର୍ବକ ଉକ୍ତ ପବିତ୍ର କାର୍ଯ୍ୟରେ ନିୟୋଜିତ ହୋଇଥା'ନ୍ତି। ଏକାଦଶୀ ତିଥି ଦିନ ସକାଳ ସମୟରେ ଚିତ୍ରକାର ସେବକ ପରିବାରର ମହିଳା ସଦସ୍ୟାମାନେ ସ୍ନାନପୂର୍ବକ ନୂତନ ବସ୍ତ୍ର ପରିଧାନ କରି ଇଷ୍ଟଦେବତାଙ୍କୁ ସ୍ମରଣ କରିଥା'ନ୍ତି।

ପଟ୍ଟଚିତ୍ର ପ୍ରତିମାଙ୍କ ଚିତ୍ରଣ କାର୍ଯ୍ୟ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ୩ ଖଣ୍ଡ ୧୨ ହାତିଆ ଗଡ଼ାବସ୍ତ୍ର ଯୋଗାଯାଇଥିବା ମୋଟା ସୂତାବସ୍ତ୍ରରେ ତେନ୍ତୁଳି ମଞ୍ଜିକୁ ବତୁରାଇବା ସହ ଉତ୍ତମ ରୂପେ ତାହାକୁ ଶିଳରେ ବାଟି ତହିଁରେ ଏକପ୍ରକାର ଅଠା ପ୍ରସ୍ତୁତ କରିଥା'ନ୍ତି ଚିତ୍ରକାର ସେବକମାନେ। ସେହି ତେନ୍ତୁଳି ମଞ୍ଜି ଅଠାକୁ କନା ବା ବସ୍ତ୍ରର ଗୋଟିଏ ପାର୍ଶ୍ୱରେ ଉତ୍ତମ ରୂପେ ବୋଳି ଖରାରେ ଶୁଖାଇ ଦିଆଯାଏ। ତପ୍ରେ ବସ୍ତ୍ରରେ ଧଳା ଖଡ଼ି ଗୁଣ୍ଡ ରଙ୍ଗ ଲେପନ କରାଯାଇଥାଏ। ତିନି ପଟି ଦିଅଁଙ୍କ ଚିତ୍ର କାର୍ଯ୍ୟ ପୂର୍ବରୁ ପ୍ରଥମେ ଏକ ସ୍ୱତନ୍ତ୍ର ମାପର କନାର ଏକ ପାର୍ଶ୍ୱରେ ଲେପ ଦିଆଯିବା ପରେ ତାହା ଶୁଖିଗଲା ପରେ ଅନ୍ୟ ପାର୍ଶ୍ୱରେ ତେନ୍ତୁଳି ମଞ୍ଜିବଟା ଅଠା ଲେପ ଦିଆଯାଏ। ମାପ ଅନୁଯାୟୀ ବାଡ଼ଗ୍ରାହୀ ଚିତ୍ରକାର ସେବକମାନେ ପଟି କାଟିଥା'ନ୍ତି। ଏହାପରେ ପଟିରେ ଉପର ଓ ତଳ ମୁଣ୍ଡରେ ବାଉଁଶ ପାତିଆରେ ବନ୍ଧାଯାଏ। ଏହାକୁ ଚିତ୍ରକାରମାନଙ୍କ ପାରମ୍ପରିକ ଭାଷାରେ 'କାଠିବନ୍ଧା' କୁହାଯାଏ। ଚିତ୍ରକାର ସେବକ ପରିବାରର ମହିଳା ସଦସ୍ୟାମାନେ ପଟିକୁ ଘଷା ପଥରରେ ଘଷି ଚିତ୍ର ଉପଯୋଗୀ କରିଥା'ନ୍ତି। ଏହାପରେ ଦିଅଁଙ୍କ ଟିପ୍ପଣୀ କାର୍ଯ୍ୟ ହୋଇଥାଏ। ଅର୍ଥାତ୍ ପ୍ରତିମାମାନଙ୍କ ରେଖା ଅଙ୍କନ କରାଯାଏ। ସାଧାରଣତଃ ଗୋଟିଏ ପଟ୍ଟଚିତ୍ର ପ୍ରତିମାନଙ୍କ ପ୍ରସ୍ତୁତି ପାଇଁ ନୂଆମୋଟା କନା ୩ ମିଟର, ଖଡ଼ି କୁଣ୍ଡ ୨ କିଲୋଗ୍ରାମ, ତେନ୍ତୁଳି ମଞ୍ଜି ୨ କିଲୋଗ୍ରାମ, କଇଁଥ ଅଠା ୫୦୦ ଗ୍ରାମ, ପଇତା ୪ଟା ଓ ପାରମ୍ପରିକ ରଙ୍ଗ ହେଙ୍ଗୁଳ (ନାଲି), ଶଙ୍ଖଚୂର୍ଣ୍ଣ (ଧଳା), ହରିତାଳ (ହଳଦିଆ), ଦୀପ କଳା, ଗେରୁ ପଥର- ଢାଉ ରଙ୍ଗ ଇତ୍ୟାଦିରେ କଇଁଥ ଅଠା ମିଶ୍ରଣ ପୂର୍ବକ ଚିତ୍ର କାର୍ଯ୍ୟରେ ବ୍ୟବହାର କରାଯାଏ। ଏକ ସ୍ୱତନ୍ତ୍ର ମାପ ଅନୁଯାୟୀ ୭ ଫୁଟ ଲମ୍ବ ଓ ୪ ଫୁଟ ଚଉଡ଼ା ବିଶିଷ୍ଟ ପଟି ଉପରେ ଚିତ୍ରକାର ସେବକମାନେ ପାରମ୍ପରିକ ଶୈଳୀରେ ଚିତ୍ର ପ୍ରତିମାମାନ ଅଙ୍କନ କରିଥା'ନ୍ତି। ସ୍ୱତନ୍ତ୍ର ତୂଳିକାରେ ଏହି ଚିତ୍ର ପ୍ରତିମାଙ୍କ ସୂକ୍ଷ୍ମ ଚାରୁକଳା ଅତୀବ ମନୋମୁଗ୍ଧକର ତଥା ଆକର୍ଷଣୀୟ ଅଟେ। ସାଧାରଣତଃ ତିନୋଟି ଚିତ୍ର ପ୍ରତିମା ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ସ୍ୱରୂପ ଶ୍ରୀନାରାୟଣ (ମତାନ୍ତରେ ଶ୍ରୀଅନନ୍ତ ନାରାୟଣ) ଶ୍ରୀବଳଭଦ୍ରଙ୍କ ସ୍ୱରୂପ ଶ୍ରୀ ବାସୁଦେବ (ମତାନ୍ତରେ ଶ୍ରୀ ଅନନ୍ତ ବାସୁଦେବ) ଓ ଦେବୀ ସୁଭଦ୍ରାଙ୍କ ସ୍ୱରୂପ ଶ୍ରୀଭୁବନେଶ୍ୱରୀ ଅଟନ୍ତି। ପଟିରେ ସୁଶୋଭିତ ଶ୍ରୀନାରାୟଣ ଚିତ୍ର ପ୍ରତିମା ପଦ୍ମାସନରେ ବିରାଜିତ ପୂର୍ବକ ଚାରି ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥା'ନ୍ତି। ଦକ୍ଷିଣ ପାର୍ଶ୍ୱ ବକ୍ଷରେ ଶ୍ରୀବତ୍ସ ପଦ ଚିହ୍ନ ରହିଥାଏ। ଗଳା ଦେଶରେ କୌସ୍ତୁଭ ମଣି ହାର ଶୋଭା ପାଇଥାଏ। କୃଷ୍ଣବର୍ଣ୍ଣା ଶ୍ରୀନାରାୟଣଙ୍କ ଉଭୟ ପାର୍ଶ୍ୱରେ ଚନ୍ଦ୍ର, ସୂର୍ଯ୍ୟଙ୍କ ସହିତ ବାମପାର୍ଶ୍ୱରେ ବଶିଷ୍ଠ, ଅଙ୍ଗିରା, ପୁଲସ୍ତ, ଦଧିଚି, ଗର୍ଗ, ପରାଶର ଓ ଭୃଗୁ ଆଦି ସପ୍ତଋଷି ଦଣ୍ଡାୟମାନ ହୋଇଥା'ନ୍ତି। ପଟ୍ଟଚିତ୍ରର ଚାଳି ଉପରେ ୪ଟି ଧଳା ପାରା ଶୋଭିତ ହୋଇଥାଏ। ଶ୍ରୀବାସୁଦେବ ଶ୍ୱେତ ବର୍ଣ୍ଣାଚିତ୍ର ପ୍ରତିମା ରୂପେ ପଦ୍ମାସନରେ ବିରାଜିତ ପୂର୍ବକ ତାଙ୍କ ମସ୍ତକରେ ସପ୍ତଫେଣୀ ସର୍ପ ବିଦ୍ୟମାନ ହୋଇଥା'ନ୍ତି। ବାସୁଦେବ ଉପର ହସ୍ତରେ ଶଙ୍ଖ, ଚକ୍ର, ନିମ୍ନ ଦୁଇ ହସ୍ତରେ ହଳ, ମୂଷଳ ଆୟୁଧ ଧାରଣ କରିଥା'ନ୍ତି। ନୀଳ ରଙ୍ଗର ବସ୍ତ୍ର ପରିଧାନ ପୂର୍ବକ ଚାଳି ମନ୍ଦିରରେ ଅନନ୍ତ ବାସୁଦେବ ଅବସ୍ଥାନ କରିଥା'ନ୍ତି। ଚାଳିର ଉଭୟ ପାର୍ଶ୍ୱରେ ୬ଟି ପାରା, ଚକ୍ରରାଜ ଓ ଦୁଇଟି ଓଲଟ ଶୁଆ ବିରାଜମାନ କରିଥା'ନ୍ତି। ବାମପାର୍ଶ୍ୱରେ ଦେବର୍ଷି ନାରଦ ଓ ଡାହାଣ ପାର୍ଶ୍ୱରେ ଶିବ ଯୋଡ଼ହସ୍ତରେ ଦଣ୍ଡାୟମାନ ହୋଇଥା'ନ୍ତି। ଶ୍ରୀଭୁବନେଶ୍ୱରୀ ଶ୍ୱେତବସ୍ତ୍ର ପରିହିତା ପୂର୍ବକ ଚାଳିମନ୍ଦିରରେ ଉପବିଷ୍ଟ ହୋଇଥା'ନ୍ତି। ହରିତାଳ ବର୍ଣ୍ଣା ଓ ଚର୍ତୁଭୁଜା ଭୁବନେଶ୍ୱରୀଙ୍କ ଦୁଇହସ୍ତରେ ପଦ୍ମ ଏବଂ ଅନ୍ୟ ଦୁଇ ହସ୍ତ ଅଭୟ ଓ ବରଦ ମୁଦ୍ରାରେ ସୁଶୋଭିତ ଥାଏ। ଚାଳି ମନ୍ଦିରର ଶୀର୍ଷ ଭାଗରେ ୬ଟି ପାରା, ୨ଟି ଶୁଆ ଓ ଚକ୍ରରାଜ ରହିଥା'ନ୍ତି। ଦୁଇପାର୍ଶ୍ୱରେ ଜୟା ଓ ବିଜୟା ଆଲଟ ଚାମର ଧରି ସେବା କରୁଥିବା ଦୃଶ୍ୟ ପ୍ରତୀୟମାନ ହୁଏ।

ସ୍ନାନ ପୂର୍ଣ୍ଣିମା ଦିନ ବିଳମ୍ବିତ ରାତ୍ରରେ ଶ୍ରୀବିଗ୍ରହମାନେ ସ୍ନାନ ମଣ୍ଡପରୁ ଅଣସର ଗୃହକୁ ପହଣ୍ଡି ବିଜେ କରିବା ପରେ ଚିତ୍ରକାରମାନଙ୍କ ଗୃହରୁ ଅତ୍ୟନ୍ତ ପବିତ୍ରତାର ସହ ଛତି, କାହାଳି, ବଜନ୍ତରୀ ବାଦ୍ୟ ସହ ପଟ୍ଟଚିତ୍ର ପ୍ରତିମାମାନଙ୍କୁ ଶ୍ରୀମନ୍ଦିର ସିଂହଦ୍ୱାର ବାଟେ ଜୟବିଜୟ ଦ୍ୱାର ନିକଟକୁ ବିଜେ କରାଯାଇଥାଏ। ଏଥିପୂର୍ବରୁ ସାତ ଜଣ ସଧବା ସ୍ତ୍ରୀଲୋକ ପଟ୍ଟଚିତ୍ର ପ୍ରତିମାଙ୍କୁ ବନ୍ଦାପନା କରିବା ପରେ ଶ୍ରୀମନ୍ଦିରରୁ ଆସିଥିବା ଖଣ୍ଡୁଆ ପାଟ ବସ୍ତ୍ରରେ ପଟ୍ଟଚିତ୍ରଙ୍କୁ ଗୁଡ଼ା ଯାଇ ଛତି ତଳେ ବିଜେ କରାଯାଇଥାଏ। ସ୍ନାନପୂର୍ଣ୍ଣିମା ପର ଦିନ ପ୍ରତ୍ୟୁଷରୁ ଅଣସର ତାଟି ସମ୍ମୁଖରେ ଏକ ଖଟ ପଡ଼ି ବିଜେ ପ୍ରତିମା (ଚିତ୍ର ପଟି ଠାକୁର) ମାନଙ୍କୁ ଅଣସର ତାଟିରେ ରୁନ୍ଧା ଯାଇଥାଏ। ଏହା ପରେ ପଟି ଦିଅଁଙ୍କ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥାଏ। ଏହାପରେ ପଟିଦିଅଁଙ୍କ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଆରମ୍ଭ ହୋଇଥାଏ। ଉଲ୍ଲେଖଯୋଗ୍ୟ ଯେ ଶ୍ରୀବିଗ୍ରହମାନଙ୍କ ଉଦ୍ଦେଶ୍ୟରେ ହେଉଥିବା ଆଳତି, ଅବକାଶ, ଅନ୍ନଭୋଗାଦି ଅଣସର ସମୟରେ ଏହି ପଟ୍ଟଚିତ୍ର ପ୍ରତିମାଙ୍କ ସମ୍ମୁଖରେ ନୈବେଦ୍ୟ ବଢ଼ା ଯାଇ ଭୋଗ ହୋଇଥାଏ। ଅଣସରରେ ତିନି ପଟ୍ଟଚିତ୍ର ପ୍ରତିମା ନାରାୟଣ, ବାସୁଦେବ ଓ ଭୁବନେଶ୍ୱରୀଙ୍କ ସହ ସପ୍ତ ଚଳନ୍ତି ପ୍ରତିମା ବା ବିଜେ ପ୍ରତିମା ଏକ କାଷ୍ଠ ନିର୍ମିତ ଖଟ ଉପରେ ଯଥାକ୍ରମେ ବାସୁଦେବଙ୍କ ବାଡ଼ରେ ନୃସିଂହ, ରାମ, ଦୋଳଗୋବିନ୍ଦ, ଶ୍ରୀଭୁବନେଶ୍ୱରୀଙ୍କ ବାଡ଼ରେ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀନାରାୟଣ ଚିତ୍ର ପ୍ରତିମାଙ୍କ ବାଡ଼ରେ ଶ୍ରୀମଦନମୋହନ, କୃଷ୍ଣ ବିରାଜିତ ହୋଇ ପୂଜିତ ହୋଇଥା'ନ୍ତି। ଶ୍ରୀମନ୍ଦିର ପରିଭାଷାରେ ଏହି ଦିଅଁମାନଙ୍କୁ 'ଦଶାବତାର ମୂର୍ତ୍ତି' ନାମରେ ଅଭିହିତ କରାଯାଇଥାଏ।

ନବଯୌବନ ଦର୍ଶନ ଦିନ ପ୍ରଭାତରେ ପଟିଦିଅଁଙ୍କଠାରେ ଆଳତି, ଅବକାଶ ନୀତି ପରେ ଚଳନ୍ତି ପ୍ରତିମାମାନଙ୍କୁ ଦକ୍ଷିଣଘର ଓ ଖଟ ଶେଯ ଘରକୁ ବିଜେ କରାଯାଇଥାଏ। ସେହିପରି ତିନି ପଟ୍ଟଚିତ୍ର ପ୍ରତିମାଙ୍କୁ ବିମଳା ମନ୍ଦିର ପାର୍ଶ୍ୱସ୍ଥିତ ମଣ୍ଡଣି ଘରେ ରଖାଯାଇଥାଏ। ଅଣସର ସମୟରେ ଦାରୁବ୍ରହ୍ମଙ୍କ ପରିବର୍ତ୍ତେ ପଟ୍ଟବ୍ରହ୍ମ ଉପାସନା ବାସ୍ତବରେ ରହସ୍ୟମୟ ମନେହୁଏ।

ଶ୍ରୀଜଗନ୍ନାଥ ଧାମ, ପୁରୀ



ଶ୍ରୀବାସୁଦେବ ମା' ଭୁବନେଶ୍ୱରୀ ଶ୍ରୀନାରାୟଣ

## ଅବଶିଷ୍ଟାଂଶ...

### ସରକାରଙ୍କୁ ଘାଇଲା...

ହିନ୍ଦୁ ସମାଜ ପ୍ରତି ରାହୁଲ ଯେଭଳି ଟିପ୍ପଣୀ ଦେଇଛନ୍ତି ତାହା ଅତ୍ୟନ୍ତ ଗମ୍ଭୀର ବିଷୟ ବୋଲି ଶାହ କହିବା ସହିତ ଏଥିପାଇଁ ରାହୁଲ ଗୃହରେ କ୍ଷମାପ୍ରାର୍ଥନା କରିବା ଉଚିତ ବୋଲି ଶ୍ରୀ ଶାହ ଦାବି କରିଥିଲେ। ସେହିଭଳି ଗୃହରେ କୌଣସି ମହାପୁରୁଷ କିମ୍ବା ଭଗବାନଙ୍କ ଫଟୋ ପ୍ରଦର୍ଶନ କରିବା ରୁଲ ବୁକ୍ ଅନୁଯାୟୀ ସମୀଚିନ ନୁହେଁ ବୋଲି ବାଚସ୍ପତି ଓମ୍ ବିର୍ଲା ରାହୁଲଙ୍କୁ ତାଗିଦ୍ କରିବା ପରେ ରାହୁଲ ଫଟୋ ପ୍ରଦର୍ଶନ କରିବା ବନ୍ଦ କରିଥିଲେ ସତ ; ହେଲେ ବିଭିନ୍ନ ଧର୍ମର ମୂଳ ଲକ୍ଷ୍ୟ ଏବଂ ଆଦର୍ଶକୁ ରଖି ବିଜେପି ବିରୋଧରେ ଗୃହରେ ତୁମ୍ବି ତୋଫାନ କରିଥିଲେ। ସେହିପରି ଅଗ୍ନିବୀର, କୃଷକ ସମସ୍ୟା ନିଟ୍ ଏବଂ ମଣିପୁର ଆଦି ପ୍ରସଙ୍ଗରେ ମଧ ରାହୁଲ ପ୍ରଧାନମନ୍ତ୍ରୀଙ୍କୁ ନିଶାଣ କରି ବର୍ଷିଥିଲେ। ଅଗ୍ନିବୀର ଯୋଜନାରେ ଯବାନଙ୍କୁ ଠିକା ଶ୍ରମିକ କରି ଦିଆଯାଇଥିଲା ବେଳେ ସେମାନଙ୍କୁ ବ୍ୟବହାର କରି ଫିଙ୍ଗି ଦିଆଯାଉଛି ବୋଲି କହିଥିଲେ। କିନ୍ତୁ ଏହି ପ୍ରସଙ୍ଗକୁ ତାଙ୍କ ଦଳ ଗୁରୁତ୍ୱ ଦେଇ ବିଚାର କରୁଛି ଏବଂ ତାଙ୍କ ସରକାର କ୍ଷମତାକୁ ଆସିଲେ ଏହି ଯୋଜନାକୁ ରଦ୍ଦ କରିଦିଆଯିବ ବୋଲି ରାହୁଲ କହିଥିଲେ। ସେହିପରି କୃଷକମାନଙ୍କ ଏମଏସପି ପ୍ରସଙ୍ଗରେ ରାହୁଲ କହିଥିଲେ ଯେ, ଯେଉଁଠି ଶିଳ୍ପପତିଙ୍କ ହଜାର ହଜାର କୋଟି ଟଙ୍କାର ଋଣ ମାଫ୍ କରି ଦିଆଯାଉଛି ସେଠାରେ ଚାଷୀଙ୍କ ପାଇଁ ଏମଏସପିକୁ ନେଇ ଗ୍ୟାରେଣ୍ଟି ବ୍ୟବସ୍ଥା ଆଣିବାକୁ ସରକାର ପଛଘୁଞ୍ଚା ଦେଉଛନ୍ତି। ସେହିପରି ନିଟ୍ ପରୀକ୍ଷା ପ୍ରସଙ୍ଗରେ କହିବାକୁ ଯାଇ ବର୍ତ୍ତମାନ ସବୁ ପରୀକ୍ଷାକୁ ବ୍ୟାବସାୟିକ ଢଙ୍ଗରେ ପରିଚାଳିତ କରାଯାଉଛି ଏବଂ ଯୁବଗୋଷ୍ଠୀଙ୍କୁ ଭୟଭୀତ କରାଯାଉଛି ବୋଲି ରାହୁଲ କହିଥିଲେ। ଭାରତର ବିଚାରଧାରା, ସମ୍ବିଧାନ ଓ ସମ୍ବିଧାନ ଉପରେ ହେଉଥିବା ଆକ୍ରମଣକୁ ରୋକିବା ପାଇଁ ଉଦ୍ୟମ କରୁଥିବା ଲୋକଙ୍କ ଉପରେ ସଂପୂର୍ଣ୍ଣ ଭାବେ ବ୍ୟବସ୍ଥିତ ଢଙ୍ଗରେ ଆକ୍ରମଣ କରାଯାଉଥିବା ରାହୁଲ କହିଥିଲେ।ଅନେକ ବିରୋଧୀ ଦଳର ନେତାଙ୍କୁ ବ୍ୟକ୍ତିଗତ ଭାବେ ଆକ୍ରମଣ କରାଯାଉଥିବା ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପରୋକ୍ଷରେ ସୂଚିତ କରି ଆଉ କିଛି ନେତାଙ୍କୁ ଏବେ ବି ଜେଲରେ ରଖାଯାଇଥିବା ରାହୁଲ କହିଥିଲେ।

### ରାଷ୍ଟ୍ରପତିଙ୍କ ଭାଷଣ...

ମାନୁନଥିଲେ, ପ୍ରଶ୍ନପତ୍ର ଲିକ୍ ହୋଇଥିବା ସ୍ୱୀକାର କରୁନଥିଲେ। ପରେ ସ୍ୱୀକାର କରିବାକୁ ବାଧ୍ୟ ହୋଇଛନ୍ତି। କ୍ଷମତାର ଦୁରୁପଯୋଗ କରାଯାଇ ବିରୋଧୀ ଦଳର ନେତାମାନଙ୍କୁ ଯେପରି ଗିରଫ କରାଯାଉଛି ଖଡ଼୍ଗେ ତାହାର ତୀବ୍ର ନିନ୍ଦା କରିଛନ୍ତି। ଖଡ଼୍ଗେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ଭାରତକୁ ଲଜ୍ଜିତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ବିରୋଧୀ ପକ୍ଷଙ୍କୁ ଘମଣ୍ଡିଆଙ୍କ ମେଣ୍ଟ କହିଛନ୍ତି। ବିଜେପି କହିଛି ମୋଦୀ ଥିଲେ ସବୁକିଛି ସମ୍ଭବ। କିନ୍ତୁ ଲୋକସଭା ନିର୍ବାଚନ ବିଜେପିର ଏହି ଅହଂକାରକୁ ଚୂର୍ଣ୍ଣ କରିଛି। ସମ୍ବିଧାନ ଓ ଜନସାଧାରଣ ସର୍ବୋପରି-ନିର୍ବାଚନ ଏହି ବାର୍ତ୍ତା ଦେଇଛି। ନିର୍ବାଚନରୁ ସ୍ପଷ୍ଟ ହୋଇଛି ଯେ ସମ୍ବିଧାନର ସୁରକ୍ଷା ହେଉଛି ସବୁଠାରୁ ବଡ଼ ପ୍ରସଙ୍ଗ। ବିଭିନ୍ନ ପ୍ରସଙ୍ଗ ଆସିବ ଓ ଯିବ, କିନ୍ତୁ ସମ୍ବିଧାନ, ଗଣତନ୍ତ୍ର ରହିଥିବ, ନିର୍ବାଚନ ହେଉଥିବ ଓ ବିରୋଧୀ ପକ୍ଷ ସଦନକୁ ନିର୍ବାଚିତ ହୋଇ ଆସୁଥିବେ ବୋଲି ଖଡ଼୍ଗେ କହିଛନ୍ତି। ଲୋକସଭା ନିର୍ବାଚନରେ ବିଜେପି ୨୪୦ ଆସନରେ ସୀମିତ ରହିଛି ଓ ସରକାର ତିଷ୍ଠିବା ପାଇଁ ସହଯୋଗୀ ଦଳଙ୍କ ଉପରେ ନିର୍ଭରଶୀଳ ହୋଇଛି। ଅପରପକ୍ଷେ କଂଗ୍ରେସ ତା'ର ଶକ୍ତିକୁ ଦ୍ୱିଗୁଣିତ କରିଛି, ୫୨ରୁ ୯୯ରେ ପହଞ୍ଚିଛି। ସମ୍ବିଧାନର ସୁରକ୍ଷା ପାଇଁ ବିରୋଧୀ ଦଳଙ୍କ ଲଢ଼େଇରେ ଲୋକେ ବିରୋଧୀ ପକ୍ଷଙ୍କୁ ସମର୍ଥନ ଦେଇଛନ୍ତି। ବିରୋଧୀ ପକ୍ଷ ସାଧାରଣ ଲୋକଙ୍କ କଥା କହୁଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ କେବଳ ତାଙ୍କ ମନ କି ବାତ୍ ଶୁଣାଉଛନ୍ତି। ମଣିପୁର ବର୍ଷେ ହେଲା ଜଳୁଛି, ହିଂସା କବଳିତ ମଣିପୁରକୁ ସେ ଯାଇନାହାନ୍ତି। ସଂସଦରେ ଥିବା ମହାତ୍ମା ଗାନ୍ଧୀ ଓ ବାବାସାହେବ ଭୀମାରାଓ ଅମ୍ବେଦକରଙ୍କ ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରାଯିବା ପୂର୍ବରୁ କୌଣସି ବୈଠକ ହୋଇନଥିବା, କାହାର ମତାମତ ଲୋଡ଼ାଯାଇ ନଥିବା ଦର୍ଶାଇ ପୂର୍ବ ସ୍ଥାନକୁ ଜାତୀୟ ନେତୃବୃନ୍ଦଙ୍କ ପ୍ରତିମୂର୍ତ୍ତି ଫେରାଇ ଅଣାଯିବାର ବ୍ୟବସ୍ଥା କରିବାକୁ ଖଡ଼୍ଗେ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ନିବେଦନ କରିଛନ୍ତି।

### ଜନତା-ସରକାର...

କରିଛନ୍ତି। ସୂଚନା ଅନୁଯାୟୀ ଆଜି ପ୍ରାୟ ୫ ହଜାର ଲୋକ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିଥିବାବେଳେ ୧୫୪୦ଟି ଅଭିଯୋଗ ପଞ୍ଜୀକୃତ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସରକାର ଓ ଲୋକଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର ହୋଇଛି। ଲୋକ ଓ ସରକାରଙ୍କ ମଧ୍ୟରେ ସିଧା ସଳଖ ସମ୍ପର୍କ ସ୍ଥାପନ ହୋଇଛି। ଗଣତନ୍ତ୍ରରେ ଲୋକଙ୍କ କଥା ଶୁଣିବା ଓ ସମାଧାନ ପାଇଁ ଚେଷ୍ଟା କରିବା ଏକ ପ୍ରାଥମିକତା। ଆଜି ଠାରୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ଶୁଣାଣି ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାକୁ ଆଗକୁ ଆହୁରି ସୁଦୃଢ଼ କରାଯିବ। ମୋ ସହିତ ଉପ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଉପସ୍ଥିତ ରହିଛନ୍ତି। ଜିଲ୍ଲା ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ ହୋଇ ପାରିଲେ ରାଜ୍ୟ ସ୍ତରରେ ଅଭିଯୋଗ କମ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଆଜିର ଶୁଣାଣିରେ ପ୍ରାୟ ୯୯ ପ୍ରତିଶତ ଅଭିଯୋଗର ସମାଧାନ ହେବ ଓ ପ୍ରତି ସୋମବାର ସେ ନିଜେ ଲୋକଙ୍କ ଅଭିଯୋଗ ଶୁଣିବେ ବୋଲି ଶ୍ରୀ ମାଝୀ କହିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀ ଧୈର୍ଯ୍ୟର ସହ ପ୍ରତିଟି ଲୋକଙ୍କ ଅଭିଯୋଗ ଶୁଣିବା ସହ ଏହାର ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀଙ୍କ ମଧ୍ୟରେ ଜଣେ ବୟୋବୃଦ୍ଧା ମହିଳା ସରସ୍ୱତୀ ତ୍ରିପାଠୀ ନିଜର ଦୁଃଖ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ତାଙ୍କର ପିଲାମାନେ ସମ୍ପତ୍ତି ହଡପ୍ କରି ତାଙ୍କୁ ଘରୁ ବାହାର କରିଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ବୃଦ୍ଧାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କେନ୍ଦୁଝରର ଗୋଟିଏ ସ୍କୁଲରେ କାମ କରୁଥିବା ଜଣେ ମହିଳା ଅନେକ ଦିନ ଧରି ଦରମା ପାଉନାହାନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କର ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଥାଲାସେମିଆରେ ପୀଡିତ ଗୋଟିଏ ଛୋଟ ଝିଅର ବାପା ଯାଜପୁରର ସତ୍ୟଜିତ୍ ଆସିଥିଲେ ଚିକିତ୍ସା ସହାୟତା ପାଇଁ। ତାଙ୍କ ଝିଅର ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟେସନ୍ର ଆବଶ୍ୟକତା ଥିବାରୁ ତାଙ୍କ ଚିକିତ୍ସାର ବ୍ୟବସ୍ଥା କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏମିତି ଅନେକ ପୀଡିତ, ଦିବ୍ୟାଙ୍ଗ, ବୟୋବୃଦ୍ଧମାନେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସେମାନଙ୍କ ସମସ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଶୁଣାଇ ସମାଧାନର ପ୍ରତିଶ୍ରୁତି ନେଇ ଫେରିଥିଲେ। ସୂଚନାଯୋଗ୍ୟ ଯେ ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପାଇଁ ସାଧାରଣ ପ୍ରଶାସନ ବିଭାଗ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### ଆର୍ଏସ୍ପି ବ୍ଲାଷ୍ଟ...

କ୍ଲାରିଫାୟର ଏରିଆରେ ଏକ ମେଣ୍ଟେନାନ୍ସ କାର୍ଯ୍ୟ ଚାଲିଥିଲା। ସେଥିରେ ଆରଏସପି କର୍ମଚାରୀ, ଅଧିକାରୀ ଏବଂ ଟାଟା ପ୍ରୋଜେକ୍ଟ ଲିମିଟେଡ୍ର ଠିକା କର୍ମଚାରୀମାନେ ନିୟୋଜିତ ଥିଲେ। ତେବେ ଏହି ମରାମତି କାର୍ଯ୍ୟ ହେଉଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ଏକ ପ୍ରକାର ରାସାୟନିକ ଗ୍ୟାସ ଲିକ୍ ହୋଇଥିଲା। ଫଳରେ ସେଠାରେ କାର୍ଯ୍ୟରତ ୯ ଜଣ ଏହି ଗ୍ୟାସ ସଂସ୍ପର୍ଶରେ ଆସିବାରୁ ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଠିକା ଶ୍ରମିକ ପାନ ସୋରେନଙ୍କୁ ଆରଏସପି ଅକ୍ୟୁପେସନାଲ ହେଲ୍ଥ ସେଣ୍ଟରରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା। ଅନ୍ୟ ୮ ଜଣଙ୍କୁ ତୁରନ୍ତ ଆଇଜିଏଚର ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ପରେ ୬ ଜଣଙ୍କ ଅବସ୍ଥା ସ୍ୱାଭାବିକ ହେବାରୁ ସେମାନଙ୍କୁ ଆଇସିୟୁରୁ ୱାର୍ଡକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା କରାଯାଉଛି। ତେବେ ଟିପିଏଲର ଠିକା ଶ୍ରମିକ ରାଜୁ ମାଇତିଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏବେ ବି ଆଇସିୟୁରେ ଚିକିତ୍ସା କରାଯାଉଥିବା ବେଳେ ଆରଏସପି କର୍ମଚାରୀ ପ୍ରଦୀପ କୁମାର ଦାସଙ୍କ ଅବସ୍ଥା କମ୍ ଗୁରୁତର ଥିବାରୁ ତାଙ୍କୁ ମଧ ଆଇସିୟୁରେ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି।

ଖବର ପାଇ ଆର୍ଏସ୍ପି ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଅତନୁ ଭୌମିକ ଆଇଜିଏଚ୍ରେ ପହଞ୍ଚି କର୍ମଚାରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ଗ୍ୟାସ ଲିକ୍ ହେବାର କାରଣ ଜାଣିବା ପାଇଁ ତୁରନ୍ତ ଏକ ତଦନ୍ତ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଏହି ଦୁର୍ଘଟଣା ପାଇଁ ଯିଏ ଦାୟୀ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଆଇସି ପ୍ରତିଶ୍ରୁତି ଦେଇଛନ୍ତି। ଡିଆଇସିଙ୍କ ନିର୍ଦ୍ଦେଶ ପରେ କାରଖାନାର ୩ ଜଣ ସିଜିଏମଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଛି। କେଉଁ କାରଣରୁ ଏହି ଦୁର୍ଘଟଣା ଘଟିଲା, କମିଟି ତା'ର ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ କୁହାଯାଇଛି। ଏହି ରିପୋର୍ଟ ଆସିବା ପରେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆରଏସପି ସୂତ୍ରରୁ ସୂଚନା ମିଳିଛି। ତେବେ ହସ୍ପିଟାଲର ଉଭୟ ଆଇସିୟୁ ଏବଂ ୱାର୍ଡରେ ଚିକିତ୍ସାଧୀନ ଥିବା ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ବିପଦମୁକ୍ତ ଥିବା ଆରଏସପି ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ କହିଛନ୍ତି।

ସେପଟେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଉରକେଲା ଶ୍ରମିକ ସଂଘ (ଆର୍ଏସ୍ଏସ୍) ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଦୃଢ଼ ଦାବି କରିଛନ୍ତି। ସୁରକ୍ଷା ପ୍ରୋଟୋକଲ ଓ ସୁରକ୍ଷା ବ୍ୟବସ୍ଥାର ଅବହେଳାକୁ ଆଦୌ ବରଦାସ୍ତ କରାଯିବା ଉଚିତ ନୁହେଁ ବୋଲି ସେ କହିବା ସହ ବିଭାଗୀୟ ଅଧିକାରୀମାନେ ଦାୟିତ୍ୱବାନ ହୋଇ କାର୍ଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ବିଭାଗୀୟ ସୁରକ୍ଷା କମିଟି, ସେଣ୍ଟ୍ରାଲ ସେଫ୍ଟି କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ ସେ ଆରଏସପି ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ୫ ନମ୍ବର ବ୍ଲାଷ୍ଟ ଫର୍ଣ୍ଣେସର କର୍ମଚାରୀ, ଠିକା ଶ୍ରମିକ ଓ ଆରଏସ୍ଏସ୍ ୟୁନିଅନ୍ କର୍ମକର୍ତ୍ତାମାନେ ଠିକଣା ସମୟରେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଅସୁସ୍ଥମାନଙ୍କୁ ଉଦ୍ଧାର କରି ଆଇଜିଏଚକୁ ନେଇଥିବାରୁ ସେ ପ୍ରଶଂସା କରିଛନ୍ତି।

### ଘୋଷଣାରେ ଅଟକିଛି...

ଅନେକ କ୍ଷେତ୍ରରେ ଏଠାରେ ପରୀକ୍ଷା ନିରୀକ୍ଷା ସମ୍ଭବ ହେଉ ନାହିଁ। ଏବେ ବି ଡିପଥେରିଆ ଏବଂ ଅନ୍ୟ ଜଟିଳ ସଂକ୍ରାମକ ରୋଗର ନମୁନା ପରୀକ୍ଷା ପାଇଁ କୋଲକାତା, ହାଇଦ୍ରାବାଦ, ପୁଣେ, ଚଣ୍ଡିଗଡ଼ ଉପରେ ନିର୍ଭର କରିବାକୁ ପଡୁଛି। ଯେଉଁ ରିପୋର୍ଟ ତିନି ଦିନରେ ମିଳିବା କଥା, ସେଥିପାଇଁ ୧୫ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି। ୬ ବର୍ଷ ପୂର୍ବେ ଭୁବନେଶ୍ୱରର ଜଟଣୀଠାରେ ଭାରତ ସରକାରଙ୍କ ପକ୍ଷରୁ ଫୁଟ୍ ଆଣ୍ଡ ମାଉଥ୍ ଡିଜିଜ୍ (ଏଫ୍ଏମ୍ଡି) କାର୍ଯ୍ୟକ୍ଷମ ହୋଇଛି। ସେଠାରେ ବିଏସ୍ଏଲ୍-୩ ଭଳି ଅତ୍ୟାଧୁନିକ ପରୀକ୍ଷାଗାର ରହିଛି। କିନ୍ତୁ ସେଠାରେ ମାନବସମ୍ବଳର ଘୋର ଅଭାବ ହେତୁ କୋଟି କୋଟି ଟଙ୍କାର ମେସିନ୍ ଖତ ଖାଉଥିବା ଅଭିଯୋଗ ହୋଇଛି। ଅପରପକ୍ଷେ ଘୋଷଣାର ତିନି ବର୍ଷ ପରେ ଭାରତ ସରକାର ଚଳିତ ବର୍ଷ ଜାନୁଆରୀ ମାସରେ ନ୍ୟାସନାଲ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ (ଏନ୍ସିଡିସି) ପ୍ରତିଷ୍ଠା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କିନ୍ତୁ ତାହା କେବେ କାର୍ଯ୍ୟକ୍ଷମ ହେବ ସ୍ପଷ୍ଟ ହେଉନାହିଁ। ନ୍ୟାସନାଲ ସେଣ୍ଟର ଫର୍ ଭେକ୍ଟର ବୋର୍ଣ୍ଣ ଡିଜିଜ୍ କଣ୍ଟ୍ରୋଲ (ଏନ୍ସିଭିବିଡିସି)ର ଏକ ଶାଖା ଜଟଣୀରେ ପ୍ରତିଷ୍ଠା କରିବା ପାଇଁ ଘୋଷଣା ହୋଇଥିଲେ ସୁଦ୍ଧା ତାହା ଏପର୍ଯ୍ୟନ୍ତ କରାଯାଇ ନାହିଁ। ସଂକ୍ରାମକ ଏବଂ ଅନ୍ୟ ରୋଗର ନିଦାନ ପାଇଁ ପୁଣେସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଏନ୍ଆଇଭି) ପ୍ରତିଷ୍ଠା ପାଇଁ ମଧ ୨୦୧୫ରେ ଘୋଷଣା ହୋଇଥିଲା; କିନ୍ତୁ ତାହାର ଆଜିଯାଏ ଦେଖା ନାହିଁ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଓଡ଼ିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ବ୍ୟାପକ ସୁଧାର ଆସିଛି। ଦକ୍ଷ ମାନବସମ୍ବଳ ବି ବଢ଼ୁଛି। କିନ୍ତୁ ଏହା ସତ୍ତ୍ୱେ ଆଜି ବି ଜନସ୍ୱାସ୍ଥ୍ୟ ପରିସ୍ଥିତି ରାଜ୍ୟ ପାଇଁ ଆହ୍ୱାନ ପାଲଟିଛି। ଗତ ତିନି/ଚାରି ବର୍ଷ ଭିତରେ ରାଜ୍ୟରେ ୮ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଡାକ୍ତର ଅଭାବ ଅନେକାଂଶରେ ଦୂର ହୋଇଛି; କିନ୍ତୁ ଯେପର୍ଯ୍ୟନ୍ତ ରୋଗର ପରୀକ୍ଷା ରିପୋର୍ଟ ନ ଆସିଛି ସେ ପର୍ଯ୍ୟନ୍ତ ରୋଗୀଙ୍କୁ ନିର୍ଦ୍ଦିଷ୍ଟ ଚିକିତ୍ସା ଦିଆଯାଇ ପାରୁନାହିଁ। ଏହା ଏପରି ଏକ ଆହ୍ୱାନ ଯାହାର ମୁକାବିଲା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ କରିବାର ଆବଶ୍ୟକତା ଅଛି। କୌଣସି ବାହାନା ନେଇ ସ୍ୱାସ୍ଥ୍ୟ ସମ୍ପର୍କିତ ଆହ୍ୱାନକୁ ଅଣଦେଖା କରାଯାଇ ପାରିବ ନାହିଁ। ଯେତିକି ଜାତୀୟ ସ୍ୱାସ୍ଥ୍ୟ ନିଦାନ ପ୍ରତିଷ୍ଠାନ ଘୋଷଣା ହୋଇଛି, ସେତିକି ଯଦି କାର୍ଯ୍ୟକାରୀ ହୋଇପାରନ୍ତା, ତା'ହେଲେ ଅନେକ ରୋଗର ସମୟୋଚିତ ମୁକାବିଲା କରାଯାଇ ପାରନ୍ତା ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

### ଯାଞ୍ଚ ହେବ ଡାକ୍ତର...

କ୍ୟାପିଟାଲ ହସ୍ପିଟାଲ ଏବଂ ଆରଜିଏଚ୍ ନିର୍ଦ୍ଦେଶକଙ୍କୁ ପତ୍ର ଲେଖି କହିଛନ୍ତି ଯେ ଜନ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍ସି), ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚ୍ସି)ରେ ଡାଏଲିସିସ୍, ସିଟି ସ୍କାନ୍, ଏମ୍ଆରଆଇ ଏବଂ ଲାବୋରେଟୋରୀ ସେବା ଆଦି ପ୍ରଦାନ କରାଯାଉଛି। ଅନେକ ସ୍ଥାନରେ ନୂଆ କରି ଏହି ସ୍ୱାସ୍ଥ୍ୟ ସେବା ଆରମ୍ଭ ହେବ। ପିପିପି ମୋଡ୍ରେ ଏସବୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉ ଥିବାରୁ ସମ୍ପୃକ୍ତ ସଂସ୍ଥା ନିଜ ପକ୍ଷରୁ ଡାକ୍ତର, ବିଶେଷଜ୍ଞ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଉଛି। ତେବେ ସେମାନେ ନିଜ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିପାରୁଛନ୍ତି କି ନାହିଁ, ସେମାନଙ୍କ ଡିଗ୍ରୀ ଠିକ୍ ଅଛି କି ନାହିଁ ତାହା ଯାଞ୍ଚ କରିବା ଜରୁରୀ। ଜିଲ୍ଲାସ୍ତରରେ ସେମାନଙ୍କର ଯୋଗ୍ୟତା ଯାଞ୍ଚ କରି ସପ୍ତାହେ ଭିତରେ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ପାଇଁ ଶ୍ରୀମତି ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଯାଞ୍ଚ ସମୟରେ ପିପିପି ମୋଡ୍ରେ ସ୍ୱାସ୍ଥ୍ୟ ସେବା ପାଇଁ ନିୟୋଜିତ ଡାକ୍ତର, ବିଶେଷଜ୍ଞ ଏବଂ ସ୍ୱାସ୍ଥ୍ୟକର୍ମୀ ବ୍ୟକ୍ତିଗତ ଭାବେ ନିଜ ପ୍ରମାଣପତ୍ର ସହିତ ଉପସ୍ଥିତ ରହିବା ଜରୁରୀ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାର ସରକାରୀ ଡାକ୍ତରଖାନାରୁ କ୍ରମାଗତ ଭାବେ ନକଲି ଡାକ୍ତର ଧରାପଡୁଛନ୍ତି। ଏପରିକି ଜିଲ୍ଲାସ୍ତରରେ ସରକାରୀ ଡାକ୍ତରଙ୍କ ଯୋଗ୍ୟତା ଯାଞ୍ଚ କରାଯିବା ସତ୍ତ୍ୱେ ନକଲି ଡାକ୍ତର ବର୍ଷ ବର୍ଷ ଧରି କାମ କରୁଛନ୍ତି। ସରକାରଙ୍କ ପକ୍ଷରୁ ନିୟୋଜିତ ଡାକ୍ତରମାନଙ୍କର ଯୋଗ୍ୟତା ପୁନଃ ଯାଞ୍ଚ ପାଇଁ ସାଧାରଣରେ ଦାବି ହେଉଛି।

## ୧୦ ହଜାର ଲିଟର ମହୁଲ ପୋଚ ଓ ୮୫୦ ଲିଟର ମଦ ଜବତ

**ରାୟଗଡ଼ା, ୧୭ (ସମିସ):** ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳସାମନ୍ତଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ଶେଷଖାଲ ଥାନା ଅଧୀନସ୍ଥ ବୋରହାଲୁଆ, କେରଡ଼ା ଏବଂ ଅନିଜା ଗ୍ରାମରେ ଅବକାରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଚଢ଼ଉ ଅଭିଯାନ କରାଯାଇଥିଲା। ଉକ୍ତ ତିନୋଟି ଗ୍ରାମରୁ ୧୦,୧୦୦ ଲିଟର ମହୁଲ ପୋଚ ଓ ୮୫୦ ଲିଟର ଦେଶୀ ରନ୍ଧାମଦ ଜବତ କରାଯାଇ ନଷ୍ଟ କରାଯାଇଥିଲା। ତେବେ ଘଟଣାରେ କାହାରିକୁ ଗିରଫ କରାଯାଇ ନଥିବା ଜଣାପଡ଼ିଛି। ବୋରହାଲୁଆ ଗ୍ରାମରେ ୩୮୦ ଲିଟର ଦେଶୀ ରନ୍ଧାମଦ ସହ ୪୨୦୦ଲିଟର ମହୁଲ ପୋଚ ଜବତ ଓ ନଷ୍ଟ କରାଯାଇଥିବା ବେଳେ କେରଡ଼ାଠାରେ ୨୧୦ଲିଟର ଦେଶୀ ରନ୍ଧାମଦ ସହ ୩୩୦୦ ଲିଟର ମହୁଲ ପୋଚ ଏବଂ ଅନିଜା ଗ୍ରାମରେ ୨୬୦ ଲିଟର ଦେଶୀ ରନ୍ଧାମଦ ସହ ୨୬୦୦ ଲିଟର ମହୁଲ ପୋଚକୁ ଜବତ ଓ ନଷ୍ଟ କରାଯାଇଥିଲା। ଏନେଇ ରାୟଗଡ଼ା ଅବକାରୀ ଥାନାରେ ୩ଟି ଅଣଅଭିଯୋଗ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଏହି ସ୍ୱତନ୍ତ୍ର ଚଢ଼ଉ ଅଭିଯାନରେ ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ ଧଳସାମନ୍ତଙ୍କ ସମେତ ଓଆଇସି ସଞ୍ଜୟ ପ୍ରଧାନ, ଏଏସ୍ଆଇ ରାଶି ନାଏକ, ସଂଗ୍ରାମ ପ୍ରଧାନ, କନେଷ୍ଟବଳ ଜି. ଧର୍ମାରାଓ, ଅମର ଦଳାଇ, କିଶୋର ବିଡ଼ିକା, ସନ୍ଦୀପ ପାତ୍ର, ମେଲେକା କୁମାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଘ ଆକ୍ରମଣରେ ବାଛୁରୀ ମୃତ

**ଭଞ୍ଜନଗର, ୧୭ (ସମିସ):** କିଛି ଦିନର ବ୍ୟବଧାନରେ ଉତ୍ତର ଘୁମୁସର ବନଖଣ୍ଡରେ ପୁଣି ବାଘ ଆତଙ୍କ ଦେଖାଦେଇଛି। ଏହି ବନଖଣ୍ଡ ଅନ୍ତର୍ଗତ କେନ୍ଦ୍ରୀୟ ବନାଞ୍ଚଳର ଡୁମାକୁମ୍ଭା ବଡ଼ରାଉଳ ନିକଟରେ ଆଜି ରାତି ପ୍ରାୟ ସାଢ଼େ ୮ଟା ସମୟରେ ଏକ ଗାଇ ଗୋଠରେ ଏକ ବାଛୁରୀକୁ ବାଘ ଆକ୍ରମଣ କରି ମାରି ଦେଇଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକେମାନେ ବାଘ ଦେଖି ଭୟଭୀତ ଅବସ୍ଥାରେ ଥିବା ପ୍ରକାଶ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପୂର୍ବରୁ ଉକ୍ତ ଅଞ୍ଚଳରେ ବାଘ ଚଳପ୍ରଚଳ ସମ୍ପର୍କରେ କୌଣସି ସଠିକ ସୂଚନା ନଥିଲା।


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**



**WALK IN INTERVIEW**

WANTED TEACHING GUEST FACULTIES for Education, Logic, Sanskrit, Odia, Commerce, I.T., subjects and one Office Assistant for Tally, DTP in English and Odia will be held in the office of the undersigned at 09:00 a.m. on 09/07/2024. Interested candidates having minimum 50% of marks in concerned subjects in Master Degree level should attend the interview with their original and photo copied testimonials.

Sd/- Principal
RAGHUNATHJEW HIGHER SECONDARY SCHOOL, DEULASAHI, CUTTACK-753008.



**ଶ୍ରୀ ସତ୍ୟସାଇ ବିଦ୍ୟାବିହାର, ଭଦ୍ରକ**

ଶ୍ରୀ ସତ୍ୟସାଇ ବିଦ୍ୟାବିହାର, ଭଦ୍ରକର କୋରକରାସ୍ଥିତ ବିଲାବାଡି ମୌଜାର ୬୪୯/୪୧ ନମ୍ବର ଖତିଆନ ସମ୍ବଳିତ ୨ ଏକର ଜମି ବିକ୍ରୟ କରିବାକୁ ସ୍ଥିର ହୋଇଛି । ଉକ୍ତଜମି କ୍ରୟକରିବା ନିମନ୍ତେ ଉତ୍ସୁକବ୍ୟକ୍ତି ବିଶେଷଙ୍କୁ ଅନୁରୋଧ ସେମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜୁଲାଇ ୧୦ତାରିଖ ସୁଦ୍ଧା ଯୋଗାଯୋଗ କରିବେ।

ଯୋଗାଯୋଗ କରିବା ବ୍ୟକ୍ତିଙ୍କ ନାମ : ଶ୍ରୀ ନାରାୟଣ ଚନ୍ଦ୍ର ନାୟକ
ଦୂରାଭାଷ ନମ୍ବର : ୯୯୩୭୩୨୮୪୭୯, ୯୯୩୭୩୨୮୪୭୯



**ODISHA CONSTRUCTION CORPORATION LTD.**
(A Government of Odisha undertaking)
OFFICE OF SENIOR MANAGER (MECH) REGIONAL WORKSHOP, JEYPORE, KORAPUT- 764002, ODISHA
E-Mail: smreaionalworkshoptagmail.com

**Tender Call Notice No.: OCCL/RWS/TCN/04/2024-25 Dated.01.07.2024**

Name of work :- Painting of Workshop shed of Regional Workshop, Jeypore.
Total No.of work -01 (One)
Period of completion:- 30 (Thirty) Days.

| Tendering Officer | Bid Identification No. | Cost of bid document (including GST) (in Rs) | Availability of tender | submissi on of Bid | License |
|---|---|---|---|---|---|
| Senior Manager (Mech.), Regional Workshop, Jeypore, Koraput. | OCCL/RWS/ TCN/04/2024-25 Dated. 01.07.2024 | 4,720/-(Non-refund able) | From 02.07.2024, 10.00 A.M. to 09.07.2024, 5.30 P.M. | Upto 10.07.24, 11A.M. | M-IV grade Job-worker enlisted in OCCL |

Date of opening of the Technical Bid : 10.07.2024 at 11.30 AM
Further details can be seen from the OCCL website www.odishaconstruction.com or Govt of Odisha website www.odisha.gov.in

Sd/- Senior Manager (Mech.)
Regional workshop, Jeypore

CAD-403 OIPR - 34168/11/0005/2425


**IN THE COURT OF SENIOR CIVIL JUDGE, RAIRAKHOL**
**C.S. (MAT) No. 36/2022**
**Alok Kumar Behera......................Petitioner Vrs.**
**Prangyamayee Naik........................Respondent**
**SUMMONS FOR SETTLEMENT OF ISSUE**
**(U/o 5 Rule 20 of C.P.C.)**

To,
Prangyamayee Naik, W/o- Alok Kumar Behera, D/o Late Nakul Chandra Naik, Resident of village Charmal, Po/Ps-Charmal, Dist- Sambalpur, At present C/o Amar Tandia, S/o Late Ramsingh Tandia, (Senior Clerk), Reasident of District Head Quarter Hospital, Sambalpur, pin-768004

Whereas the petitioner has instituted a matrimonial dispute (proceeding) against you for relief of dissolve the marriage between the parties. You are hereby summoned to appear in this court by person or by a pleader duly instructed; and able to answer all material question relating to the proceeding or who shall be accompanied by some person able to answer all such questions on the 2nd day of August, 2024 at 10:30 A.M. to answer the claim and further you are directed to file on that say a written statement of your defence and to produce on the same day all documents in your possession or power upon which you base your defence claim and where you rely on any other documents whether in your possession or power or not as evidence in support of your claim or defence for self or counter claim you shall enter such documents in a list to be annexed to the written statement or show cause.

AND whereas you are avoiding to recieve the summons of the case through normal processes.

Take notice through this paper publication that you are to appear before the court on the 02nd Day of August, 2024 at 10:30 A.M. and in default of your appearance on the day or before mentioned the proceeding will be heard and determined in your absence.

Given under my hand and seal of the court, this court on this 24th day of June 2024.

**Sd/- Senior Civil Judge**
**Rairakhol**


**GOVERNMENT OF ODISHA, "e "- PROCUREMENT NOTICE Bid Identification No. E.E. GTN (R&B) - 03/2024-25 E-mail address- eeghatagaon2015@gmail.com**

Letter No. 5186 dt.25.06.2024

1. The Executive Engineer, Ghatagaon (R&B) Division on behalf of Governor of Odisha invites percentage rate Bids in **Single Cover** system in online mode from the eligible contractor for Civil/EI/PH works as mentioned below.
2. Nature of the work: - Civil, EI & PH Works
3. Numbers of work - **06** (Six) Nos.
4. Estimated cost: - Rs. 7.18 Lakhs & 14.43 Lakhs
5. Period of completion - **01** (One) - **02** (Two) Calendar Months.
6. Date & Time of availability of bid document in the portal- **From 11.30 A.M of dt.03.07.2024_to 05.00 P.M of dt.11.07.2024**
7. Last Date/ Time for receipt of bids in the portal - **05.00 P.M of dt. 11.07.2024**
8. Date of opening of Bid -**11.00 A.M of dt.12.07.2024**
9. Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the same website only.

Sd/- Executive Engineer
Ghatagaon (R&B) Division

B-56 OIPR - 34140/11/0002/2425



GOVT. OF ODISHA
OFFICE OF THE SUPERINTENDING ENGINEER MAHANADI BARRAGE DIVISION, CUTTACK Phone No. 0671-2440118
Email-eembarragedivnctc@gmail.com
**'e' PROCUREMENT NOTICE NO. -03/ (MBD 24-28) /2024-25**

| | |
|---|---|
| Name of work | **"Bed Clearance ,repair and Maintenance to Minors and Sub-Minors,Construction of Boundary wall".** |
| Total No. of works | **05 (Five) Nos. of works.** |
| Tender Cost | **1.03 lakhs to 4.98 lakhs.** |
| Mode of Payment of EMD(Bid Security) & Bid Cost | The bidder shall transfer the required amount of EMD (Bid Security) and cost of Bid by online through electronic payment as per Govt, of Odisha **WDOM No.I7254/W dtd.05.12.2017 as mentioned in DTCN.** |
| Period of completion | **07 to 30 Days** |
| Other details as follows Procurement Officer | **Superintending Engineer**, Mahanadi Barrage Division, Cuttack. |
| Availability of Tender online for Bidding | **02.07.2024 from 10.00 A.M to 11.07.2024 up to 5.00 P.M.** |
| Date, Time & Venue of opening of Bid through Online | **Dtd.12.07.2024 - 09.00 A.M.** for Technical Bid, in the Office of the Superintending Engineer, Mahanadi Barrage Division, Cuttack. |
| Date of Transparent Lottery to be Conducted (if required) | **On 16.07.2024 at 11.30 P.M in the office Chamber of the Superintending Engineer, Mahanadi Barrage Division, Gandarpur, Cuttack.** (Bidders shall furnish their present e-mail id, address and Telephone No. for further correspondence) |

Further details can be seen from the Govt, web site www.tendersodisha.gov.in.

**Sd/- Superintending Engineer, Mahanadi Barrage Division, Cuttack**

A-87 OIPR - 32477/11/0004/2425



**OFFICE OF THE CHIEF EXECUTIVE OFFICER, WATCO.** C-129
**Ground Floor, Unnati Bhawan, H.B. Colony, Satyanagar, Bhubaneswar-751007,Odisha, India Telefax: - +91-674-2391444**
E-mail - mail@watcoodisha.in/ md(o)watcoodisha.in
WATCO
**INVITATION FOR BID (IFB)**
**Bid Identification No. WATCO (W) - 01 /2024-25 Dtd.28.06.2024**
**WATCO No. 4006** **Date: 28.06.2024**

1. Name of the work :- "Procurement of ISI marked DI K-7, socket & spigot pressure pipes of different diameters for **WATCO** Division-1, Bhubaneswar."
2. Types of Bid - Double Cover (Technical & Financial)
3. Estimated cost :-Rs.348.94 Lakh
4. Period of completion :- 2 (Two calendar) Months.
5. Class of Contractor :- Manufacturer
6. Date & time of availability of bid document in the portal :- From 11.00 AM of Dt.03.07.2024 to 5.00 PM of 18.07.2024
7. Last date / time of receipt of bids in the portal :- 5.00 PM of 18.07.2024.
8. Date & time of opening of technical bids :-11.00 AM of 19.07.2024
9. Name and address of the Officer Inviting Bid :- CEO, WATCO Telefax:-0674-2391444. E-Mail: mail@watcoodisha.in md@watcoodisha.in
10. The bidders have to participate in ONLINE bidding only. Further details can be seen from the web site www.tendersodisha.gov.in

OIPR - 13194/11/0002/2425


**AFFIDAVIT**

I, Haripriya Patel W/o- Chaitanya Patel, At/Po- Tikilipada, Ps-Jamankira, Dist- Sambalpur. By Affidavit No-1513 dtd 28.06.2024 Notary Jamankira. That, I am one and same person by name and title **Haripriya Patel @ Rukmani Patel.**

**AFFIDAVIT**

I, Sujata Pattanaik, W/o-Pradipta Kumar Pattanaik,resident of At- Plot No.2946/7, Gouri Nagar, Old Town, Bhubaneswar, Dist- Khurda-751002 declare by this affidavit No.42, dated- 06/03/2024 that now onwards I shall be known as **SUJATA PATTNAIK, W/O- PRADIPTA KUMAR PATNAIK** for all purpose.

**AFFIDAVIT**

By virtue of an affidavit before the Executive Magistrate, Kujang. I Kadambini Nayak, W/o of Ssushanta Swain of Old Bhima Bhoi Colony, Housing Board Colony, Paradip, Jagatsinghpur, in my Son's Birth Certificate Vide No 437/2024 and in my Aadhar Card vide no 5733 0593 6973 my name has been mentioned as **KADAMBINI NAYAK**. But in his School admission Register my name has been registered as **KADAMBINI** SWAIN. By this Affidavit no 1862, dated 25/06/2024 both **KADAMBINI NAYAK** and **KADAMBINI SWAIN** are same and one person i.e; me and I shall be known as **KADAMBINI NAYAK** for all future purposes.

**AFFIDAVIT**

By virtue of an Affidavit sworn before the Executive Magistrate, Kujanga, Dated 17.05.2024, I **Bira Kishore Mohapatra**, S/o Late **Abhimanyu Mohapatra** of Sandhakud, Badapadia, Paradeep, Jagatsinghpur, Odisha 754142 declare that my name and Father's name has been wrongly Mentioned as **BIRAJ KUMAR MOHAPATRA** S/o **Abhimanyu Sahoo** in my Aadhar Card. Henceforth I shall be known as **BIRA KISHORE MOHAPATRA** S/o Late **Abhimanyu Mohapatra** for all future purposes.

**AFFIDAVIT**

I, Kanwaljeet Kaur, W/o- Jasdeep Singh Chhabra, resident of Nagpur Hotel Main Road, Crazy Cool, Ps-Plant site, Rourkela, Pin-769001, Odisha declare by this affidavit No. 4988, Dated : 29/06/2024, that now onwards I shall be known as **KANWALJIT KAUR** for all future purposes.

**AFFIDAVIT**

I, Pradipta Kumar Pattanaik, S/o-Late Prafulla Kumar Pattanaik, resident of At- Plot No.2946/7, Gouri Nagar, Old Town, Bhubaneswar, Dist- Khurda - 751002 declare by this affidavit No.41 dated 06/03/2024 that now onwards I shall be known as **PRADIPTA KUMAR PATNAIK, S/o-LATE PRAFULLA KUMAR PATNAIK** for all purpose.

**AFFIDAVIT**

I, Sardar Sarbajit Singh, S/O- Late Amrik Singh, Resident At- Jagannath Mandirpada, Po/PS -Bhawanipatna, Dist - Kalahandi, Pin- 766001, Odisha declare by this affidavit No- 238, date- 28/06/2024, That now onwards I shall be known as **SARBAJIT SINGH** for all future purposes.

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୨୫ ● ପାଉଣ୍ଡ ୧୦୫.୭୮
- ୟୁରୋ ୮୯.୧୬ ● ୟେନ୍ ୦.୫୧

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୫,୬୦୦ (ନୂଆଦିଲ୍ଲୀ)
- ରୁପା : ୯୧,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୭୯,୪୭୬.୦୦
- ନିଫ୍ଟି ୨୪,୧୪୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ବାଣିଜ୍ୟିକ ସିଲିଣ୍ଡର ଦର ୩୦ ଟଙ୍କା କମିଲା

# ଘରୋଇ ଏଲ୍‌ପିଜି ଉପଭୋକ୍ତା ହତାଶ



**ନୂଆଦିଲ୍ଲୀ,୧।୭ (ଏଜେନ୍ସି):** କମିଛି ରନ୍ଧନ ଗ୍ୟାସ୍ ବା ଏଲପିଜି ଗ୍ୟାସ ସିଲିଣ୍ଡର ଦର। ୧୯ କେଜି ବାଣିଜ୍ୟିକ ସିଲିଣ୍ଡର ଦରରେ ୩୦ ଟଙ୍କା ହ୍ରାସ ଘଟିଛି। ତେବେ ସୋମବାର କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏହି ନିଷ୍ପତ୍ତିରେ ହତାଶ ହୋଇଛନ୍ତି ଘରୋଇ ଏଲ୍‌ପିଜି ଉପଭୋକ୍ତା। ମୋଦୀ ୩.୦ ସରକାରର କାର୍ଯ୍ୟକାଳ ଆରମ୍ଭ ହେବା ପରେ ଏଲପିଜି ମୂଲ୍ୟରେ ଏହା ହେଉଛି ପ୍ରଥମ ପରିବର୍ତ୍ତନ। ଆଜିରାଜଧାନୀ ନୂଆଦିଲ୍ଲୀରେ ସିଲିଣ୍ଡର ମୂଲ୍ୟ ୩୦ ଟଙ୍କା ହ୍ରାସ ହୋଇଛି। ଏଲପିଜି ଗ୍ୟାସ ସିଲିଣ୍ଡର ମୂଲ୍ୟରେ ଏହି ପରିବର୍ତ୍ତନ କେବଳ ବାଣିଜ୍ୟିକ ସିଲିଣ୍ଡର କ୍ଷେତ୍ରରେ ଘଟିଛି। ଅପରପକ୍ଷେ ଘରୋଇ ଗ୍ୟାସ୍ ସିଲିଣ୍ଡର ମଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଭୁବନେଶ୍ୱରରେ (୧୪.୨ କେଜି) ଘରୋଇ ଗ୍ୟାସ ସିଲିଣ୍ଡର ମୂଲ୍ୟ ପୂର୍ବ ଭଳି ୮୩୦ ଟଙ୍କା ରହିଛି। ବାଣିଜ୍ୟିକ ଗ୍ୟାସ୍ ସିଲିଣ୍ଡର ମୂଲ୍ୟରେ ଏହି ହ୍ରାସରେ ଘରୋଇ ଏଲ୍‌ପିଜି ଉପଭୋକ୍ତା ବେଶ ହତାଶ ହୋଇଛନ୍ତି। କାରଣ ଦୀର୍ଘ ଦିନ ରନ୍ଧନ ଗ୍ୟାସ୍‌ର ଉଚ୍ଚ ଦର ସହ ଯୁଝୁଥିବା ଉପଭୋକ୍ତାଙ୍କୁ ଏହି ଦର ହ୍ରାସରୁ କୌଣସି ଆଶ୍ୱସ୍ତି ମିଳିନାହିଁ।

ଆରବିଆଇର ସୂଚନା


ବ୍ୟାଙ୍କକୁ ଫେରିଛି ୯୭% ଅଧିକ ଦୁଇ ହଜାର ଟଙ୍କିଆ ନୋଟ୍

# ଏବେ ବି ଲୋକଙ୍କ ପାଖରେ ୭୫୦୦ କୋଟିର ନୋଟ୍

**ନୂଆଦିଲ୍ଲୀ,୧।୭ (ଏଜେନ୍ସି)**

୨୦୨୩ ମେ' ୧୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୦୦୦ ଟଙ୍କିଆ ନୋଟ୍‌କୁ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ବା ସର୍କୁଲାରରୁ ପ୍ରତ୍ୟାହାର କରିବାକୁ ଘୋଷଣା କରିଥିଲା। ହେଲେ ଏବେ ବି ହଜାର ହଜାର କୋଟି ଟଙ୍କା ମୂଲ୍ୟର ଦୁଇ ହଜାର ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିପାରିନାହିଁ। ୨୦୦୦ ଟଙ୍କିଆ ନୋଟ୍‌ରୁ ୯୭.୮୭ ପ୍ରତିଶତ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଫେରିଆସିଥିବାବେଳେ ୭୫୮୧ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ଏବେ ମଧ୍ୟ ଲୋକଙ୍କ ପାଖରେ ରହିଥିବା ସୋମବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ କୁହାଯାଇଛି।

ରିଜର୍ଭ ବ୍ୟାଙ୍କର ସୂଚନାନୁଯାୟୀ, ୨୦୨୩ ମସିହା ମେ' ୧୯ ତାରିଖରେ ୨୦୦୦ ଟଙ୍କା ମୂଲ୍ୟର ମୋଟ ୩.୫୬ ଲକ୍ଷ କୋଟି ଟଙ୍କା କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ରହିଥିଲା। ଥିଲା। ୨୦୨୪ ଜୁନ୍ ୨୮ ସୁଦ୍ଧା ୭୫୮୧ କୋଟି ଟଙ୍କା ମୂଲ୍ୟର ୨୦୦୦ ଟଙ୍କିଆ ନୋଟ୍ ଲୋକଙ୍କ ପାଖରେ ରହିଯାଇଛି। ୭ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ଦେଶର ସମସ୍ତ ବ୍ୟାଙ୍କ ଶାଖାରେ ୨୦୦୦ ଟଙ୍କା ନୋଟ୍ ଜମା କିମ୍ବା ବିନିମୟ କରିବାର ସୁବିଧା ଉପଲବ୍ଧ ଥିଲା । ୨୦୦୦ ଟଙ୍କା ନୋଟ୍ ବିନିମୟ କରିବାର ସୁବିଧା ୧୯ ମଇ ୨୦୨୩ ରୁ ରିଜର୍ଭ ବ୍ୟାଙ୍କର ୧୯ ଟି ଇସ୍ୟୁ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଥିଲା। ଆରବିଆଇ ଇସ୍ୟୁ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ଅକ୍ଟୋବର ୯, ୨୦୨୩ରୁ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ଲୋକ ଏବଂ ଅନୁଷ୍ଠାନରୁ ୨୦୦୦ ଟଙ୍କା ନୋଟ୍ ଗ୍ରହଣ କରୁଛନ୍ତି। ଏହାବ୍ୟତୀତ ଲୋକମାନେ ଦେଶର ଯେ କୌଣସି ଡାକଘରରୁ







୨୦୦୦ ଟଙ୍କିଆ ବ୍ୟାଙ୍କ ନୋଟ୍ ପଠାଉଛନ୍ତି ଯାହାକି ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ ଆରବିଆଇର କ ଣସି ଇସୁ କାର୍ଯ୍ୟାଳୟକୁ ପଠାଉଛି। ବ୍ୟାଙ୍କ ନୋଟ୍ ଜମା/ବିନିମୟ ପାଇଁ ଆରବିଆଇର ୧୯ଟି କାର୍ଯ୍ୟାଳୟ ଅହମ୍ମଦାବାଦ, ବେଙ୍ଗାଲୁରୁ, ବେଲାପୁର, ଭୋପାଳ, ଭୁବନେଶ୍ୱର, ଚଣ୍ଡିଗଡ଼, ଚେନ୍ନାଇ, ଗୁଆହାଟି, ହାଇଦ୍ରାବାଦ, ଜୟପୁର, ଜାମ୍ମୁ, କାନପୁର, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ନୂଆଦିଲ୍ଲୀ, ପାଟନା ଏବଂ ଥିରୁବନନ୍ତପୁରମରେ ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ନଭେମ୍ବର ୨୦୧୬ରେ, ୧୦୦୦ରୁ ୫୦୦ ଟଙ୍କିଆ ବ୍ୟାଙ୍କ ନୋଟ୍ ପ୍ରଚଳନରୁ ହଟାଯିବା ପରେ ୨୦୦୦ ଟଙ୍କା ନୋଟ୍ ପ୍ରଚଳନ କରାଯାଇଥିଲା।

## ଜୁନ୍‌ରେ ହୋଣ୍ଡା କାର୍‌ସର ୯୭୭୬ ୟୁନିଟ୍ ଗାଡ଼ି ବିକ୍ରି

ମୁମ୍ବାଇ,୧।୭: ପ୍ରିମିୟମ୍ କାର ବିକ୍ରେତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ଜୁନ୍‌ରେ ୯୭୭୬ ୟୁନିଟ୍ ଗାଡ଼ି ବିକ୍ରି କରିଛି। ଏହାଫଳରେ କଥିତ ମାସରେ କମ୍ପାନୀର ଘରୋଇ ଗାଡ଼ି ବିକ୍ରି ୪୮୦୬ ୟୁନିଟ୍ ଏବଂ ରପ୍ତାନି ୪୯୭୨ ୟୁନିଟ୍‌ରେ ପହଞ୍ଚିଛି। ଏ ସମ୍ପର୍କରେ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍‌ର ଉପସଭାପତି (ମାର୍କେଟିଂ ଏବଂ ସେଲ୍ସ) କୁନାଲ ବେହଲ୍ କହିଛନ୍ତି ଯେ, ବଜାର ସ୍ଥିତି ଯାହା ରହିଛି ସେଥିରେ ଗ୍ରାହକଙ୍କ ଆଡୁ ଗାଡି ଯୋଗାଣ ଚାହିଦା ପୂରଣ କରିବା ଏବେ ଏକ ବଡ଼ ଆହ୍ୱାନ। ଗାଡ଼ିକୁ କିଣା କ୍ଷେତ୍ରରେ ଗ୍ରାହକଙ୍କୁ ଅଧିକ ଲାଭ ଦେବା ପାଇଁ ଜୁନ୍ ମାସରେ ଆମେ ଆକର୍ଷଣୀୟ ପ୍ରମୋସନାଲ କ୍ୟାମ୍ପେନ୍ ଆରମ୍ଭ କରିଥିଲୁ। ସେଥରେ ଆମେ ରିଟେଲ ବିକ୍ରି ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ କରିଥିଲୁ। ରପ୍ତାନୀ କ୍ଷେତ୍ରରେ ଆମେ କ୍ରମାଗତ ଭାବେ ଆଖିଦୃଶିଆ ଅଗ୍ରଗତି ହାସଲ କରିଛୁ। ଜୁନ୍‌ରେ କମ୍ପାନୀ ୫୦୮୦ ୟୁନିଟ୍‌ର ଘରୋଇ ବିକ୍ରି ସଫଳତା ହାସଲ କରିଛି।

# ୪୦ ଦିନରେ ସୁନା ଦର ୩୪୦୦ ଟଙ୍କା କମିଲା

**ନୂଆଦିଲ୍ଲୀ,୧।୭ (ଏଜେନ୍ସି)**





ଜୁଲାଇ ପ୍ରଥମ ଦିନରେ ସୁନା ଏବଂ ରୂପା ମୂଲ୍ୟରେ ହ୍ରାସ ଘଟିଛି। ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୭୧,୫୦୦ ଟଙ୍କାକୁ ଖସିଆସିଛି। ଅନ୍ୟପକ୍ଷରେ ରୂପା ମୂଲ୍ୟ ମଧ୍ୟ କିଲୋଗ୍ରାମ ପିଛା ୮୬ ହଜାର ଟଙ୍କା ସ୍ତରରେ କାରବାର କରୁଥିବା ଦେଖିବାକୁ ମିଳିଛି। ଏଥିରେ ବିଶେଷ କଥା ହେଉଛି ଯେ ମାତ୍ର ୪୦ ଦିନ ମଧ୍ୟରେ ସୁନା ମୂଲ୍ୟରେ ପ୍ରାୟ ୩୪୦୦ ଟଙ୍କାରୁ ଅଧିକ ହ୍ରାସ ଘଟିଛି। ଅନ୍ୟପକ୍ଷରେ ରୂପା ମଧ୍ୟ ପ୍ରାୟ ଏକ ମାସରେ 10 ହଜାର ଟଙ୍କା ଶସ୍ତା ହୋଇଛି।

ବିଶେଷଜ୍ଞଙ୍କ ରିପୋର୍ଟ ଅନୁଯାୟୀ ସୁନା ଓ ରୂପା ମୂଲ୍ୟରେ ବୃଦ୍ଧି ପାଇଁ କୌଣସି ନୂଆ କାରଣ ଏବେ ପଣାପଡିନାହିଁ। କେଉଁ କାରଣରୁ ରୂପା ମୂଲ୍ୟରେ ଅସ୍ଥିରତା ଦେଖାଯାଉଛି ତାହା ମଧ୍ୟ ଏବେ ଆଶଙ୍କାରେ। ଆଗାମୀ ଦିନରେ ସୁନା ଓ ରୂପା ମୂଲ୍ୟରେ ମଧ୍ୟ ସମାନ ପରିସ୍ଥିତି ଜାରି ରହିବାର ଯଥେଷ୍ଟ ସମ୍ଭାବନା ରହିଛି। ଜୁଲାଇ ପହିଲାରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୨୦୭ ଟଙ୍କା ହ୍ରାସ ପାଇ ୭୧,୩୭୫ ଟଙ୍କାକୁ ଆସିଥିଲା। ବିଶେଷ କଥା ହେଉଛି ରେକର୍ଡ ଉଚ୍ଚ ସ୍ତରରୁ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ୩୪୦୦ ଟଙ୍କା ଶସ୍ତା ହୋଇଛି। ତଥ୍ୟ ଅନୁଯାୟୀ, ମେ ୨୦ରେ ସୁନା ମୂଲ୍ୟ ସର୍ବକାଳୀନ ରେକର୍ଡ୭୪,୭୭୭ ଟଙ୍କା ସ୍ତର ପର୍ଯ୍ୟନ୍ତ ଯାଇଥିଲା। ତେବେ ସୋମବାର ୧୦ ଗ୍ରାମ ପିଛା ସୁନା ମୂଲ୍ୟ ୭୧,୬୦୬ ଟଙ୍କାରେ କାରବାର ହୋଇଛି। ଗତ ମାସର ବାଣିଜ୍ୟ ଅଧିବେଶନରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୧,୫୮୨ ଟଙ୍କା ରହିଥିଲା।

ଅନ୍ୟପକ୍ଷରେ ରୂପା ମୂଲ୍ୟରେ ମଧ୍ୟ ବୃହତ୍ ହ୍ରାସ ଘଟିଛି। ସୋମବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜଠାରେ ରୂପା ମୂଲ୍ୟ କିଲୋଗ୍ରାମ ପିଛା ୮୬,୭୦୯ ଟଙ୍କାକୁ ଖସିଆସିଛି। ଉଲ୍ଲେଖଥାଉ ଯେ, ରୂପା ମୂଲ୍ୟ ପ୍ରାୟ ଏକ ମାସ ପୂର୍ବରୁ ୯୬,୪୯୩ ଟଙ୍କା ରେକର୍ଡ ସ୍ତରରେ ପହଞ୍ଚିଛି। ସେବେଠାରୁ ରୂପା ମୂଲ୍ୟ ୯୭୮୪ ଟଙ୍କା ହ୍ରାସ ପାଇଛି। ବିଦେଶ ବଜାରରେ ସୁନା ଏବଂ ରୁପା ମୂଲ୍ୟରେ ଆଉନ୍ସ ପିଛା ପ୍ରାୟ ୪ ଡଲାର ହ୍ରାସ ଘଟି ୨୩୩୫ ଡଲାରରେ କାରବାର ହେଉଛି। ଅନ୍ୟପକ୍ଷରେ, ରାଜଧାନୀ ଭୁବନେଶ୍ୱରରେ ସୋମବାର ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟ ୬୫,୬୦୦ ଟଙ୍କା ରହିଥିବାବେଳେ ରୁପା କିଲୋ ଗ୍ରାମ ପିଛା ୯୧,୦୦୦ ଟଙ୍କା ରହିଛି।

ରିଅଲ୍‌ମି ସି୬୩ର ଶୁଭାରମ୍ଭ

## ମାତ୍ର ୮୯୯୯ ଟଙ୍କା ମୂଲ୍ୟରେ ଭେଗାନ ଲେଦର ଡିଜାଇନ୍

**ନୂଆଦିଲ୍ଲୀ,୧।୭ (ଏଜେନ୍ସି):** ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ୍ ରିଅଲ୍‌ମି ପକ୍ଷରୁ ରିଅଲମି ସି୬୩ର ଶୁଭାରମ୍ଭ କରାଯାଇଛି। ରିଅଲମି ସି୬୩ ହେଉଛି ଏକ ସୁଲଭ ମୂଲ୍ୟର ସ୍ମାର୍ଟଫୋନ୍ ଯାହା ଉକ୍ତ ବିଭାଗରେ ଏକମାତ୍ର ଭେଗାନ ଲେଦର ଡିଜାଇନ ସହ ଆସୁଛି। ରିଅଲମି ସି୬୩ ଏକ ୪୫ୱାଟ୍ ଫାଷ୍ଟ ଚାର୍ଜିଂ ଫିଚର ସହ ସୁସଜ୍ଜିତ ହୋଇଆସୁଛି ଯାହା ଦ୍ରୁତ ଚାର୍ଜିଙ୍ଗ୍ ଓ କମ୍ ଡାଉନ୍‌ଟାଇମ୍ ସୁନିଶ୍ଚିତ କରୁଛି। ଏଥିରେ ଏକ ଉନ୍ନତ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ରହିଛି ଯାହା ସାରା ଦିନର ବ୍ୟବହାର ପାଇଁ ଦୀର୍ଘସ୍ଥାୟୀ ଶକ୍ତି ପ୍ରଦାନ କରୁଛି। ରିଅଲମି ସି୬୩ ଏଆର ଜେସ୍ଚର, ରେନ୍‌ୱାଟର ସ୍ମାର୍ଟ ଟଚ୍ ଓ ଲୋକପ୍ରିୟ ମିନି କ୍ୟାପ୍ସୁଲ ୨.୦ ଭଳି ଅଭିନବ ଫିଚରଗୁଡିକ ସହ ଫ୍ଲାଗ୍‌ସିପ-ଲେଭେଲ ଏଆଇ ଅନୁଭୂତି ଦେଉଛି। ଏହି ଶୁଭାରମ୍ଭ ସମ୍ପର୍କରେ ରିଅଲ୍ମିର ଜଣେ



ପ୍ରବକ୍ତା କହିଛନ୍ତି, ଆମେ ଆମର ଚାମ୍ପିଅନ ସିରିଜରେ ନୂତନ ରିଅଲମି ସି୬୩ର ଶୁଭାରମ୍ଭ କରି ଉତ୍ସାହିତ ଅଛୁ। ରିଅଲ୍‌ମିରେ, ଆମେ ଆମର ଯୁବ ଉପଭୋକ୍ତାଙ୍କ ଆବଶ୍ୟକତା ଓ ଆକାଂକ୍ଷାଗୁଡ଼ିକୁ ପୂରଣ କରିବା ପାଇଁ ଅଭିନବ ଟେକ୍ନୋଲୋଜି ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ରିଅଲ୍ମି ସି୬୩ ହେଉଛି ଉକ୍ତ ପ୍ରତିବଦ୍ଧତା ପ୍ରତି ଏକ ପ୍ରମାଣ, ଯାହା ଏକ ପହଞ୍ଚଯୋଗ୍ୟ ମୂଲ୍ୟ ବର୍ଗରେ ଆଧୁନିକ ଫିଚରଗୁଡ଼ିକର ଏକ ଶୃଙ୍ଖଳା ପ୍ରଦାନ କରୁଛି। ଆମେ ବିଶ୍ୱାସ କରୁଛୁ ଯେ, ରିଅଲମି ସି୬୩ ଏହାର ଷ୍ଟାଇଲ, ସ୍ଥାୟୀତ୍ୱ ଓ ଅତ୍ୟାଧୁନିକ ଟେକ୍ନୋଲୋଜିର ସ୍ୱତନ୍ତ୍ର ମିଶ୍ରଣ ସହିତ ବଜେଟ ସ୍ମାର୍ଟଫୋନ ସେଗମେଣ୍ଟରରେ ଏକ ନୂଆ ବେଞ୍ଚମାର୍କ ଧାର୍ଯ୍ୟ କରିବ।

## ସାଲିମାର ପେଣ୍ଟ ପକ୍ଷରୁ 'ହିରୋ'ର ଶୁଭାରମ୍ଭ

**କଲକାତା,୧।୭:** ସାଲିମାର ପେଣ୍ଟସ ଲିମିଟେଡ ପକ୍ଷରୁ ଏହାର ଫ୍ଲାଗ୍‌ଶିପ ଉତ୍ପାଦ 'ହିରୋ'ର ଶୁଭାରମ୍ଭ କରାଯାଇଛି। ଏହା କମ୍ପାନୀର ଅଭିନବ କ୍ୟାମ୍ପେନ, 'ଅପ୍‌ଗ୍ରେଡ୍ କିୟା କ୍ୟା'ର ଏକ ଅଂଶ ରହିଛି, ଯାହା ଉପଭୋକ୍ତାମାନଙ୍କୁ ଉତ୍କୃଷ୍ଟମାନର ଟେକ୍ନୋଲୋଜିର ବ୍ୟବହାରକରି ପ୍ରସ୍ତୁତ କରାଯାଇଥିବା ପେଣ୍ଟଗୁଡିକ ସହ ନିଜର ଘରଗୁଡ଼ିକୁ ଉନ୍ନତ କରିବା ପାଇଁ ଅନୁପ୍ରାଣିତ କରୁଛି। ସାଲିମାର ଫେଟ୍ସ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ଇଲାଷ୍ଟୋମେରିକ ଗୁଣ ଓ ଫାଇବରର ସୁଦୃଢତା ବିଶିଷ୍ଟ ୱାଟରପ୍ରୁଫିଂଗ୍ ସଲ୍ୟୁଶନ୍ସଗୁଡିକର ଏକ ଆଧୁନିକ କଲେକ୍ସନ। ଏହା ୱାଟର ସିପେଜ ଓ ଢାଂଚାଗତ କ୍ଷତିକୁ ରୋକିବା ପାଇଁ ଉତ୍କୃଷ୍ଟ କ୍ରାକ୍-ବ୍ରିଜିଂ କ୍ଷମତା ସୁନିଶ୍ଚିତ କରିଥାଏ, ପ୍ରଭାବୀ ରୂପେ କ୍ଷୁଦ୍ରତମ ଫାଟଗୁଡ଼ିକୁ ମଧ୍ୟ ବନ୍ଦ ବା ସିଲ୍ କରିଥାଏ। ସ୍ଥାୟିତ୍ୱ ପ୍ରତି କମ୍ପାନୀର ପ୍ରତିବଦ୍ଧତା ଜିରୋ ଡ୍ୟାମ୍ପ ଆଡ୍ଭାନ୍ସ ଓ ଜିରୋ ଡ୍ୟାମ୍ପ ସ୍ମାର୍ଟ ଭଳି ଉତ୍ପାଦଗୁଡିକରେ ପ୍ରଦର୍ଶିତ ହେଉଛି ଯାହା ଡୁଆଲ ସିପେଜ ରେଜିଷ୍ଟାନ୍ସ ଦେଇଥାଏ ଯାହାକି ଅତ୍ୟଧିକ ଆର୍ଦ୍ରତା କିମ୍ବା ବୃଷ୍ଟିପାତର ସମ୍ମୁଖୀନ ହେଉଥିବା ଘରଗୁଡିକ ପାଇଁ ଉପଯୁକ୍ତ ଅଟେ। ଏହାବ୍ୟତୀତ କମ୍ପାନୀର ମେଲାମାଇନ୍, ଏକ୍ସି ଲାକ୍ୱେର, ସିଲର ଓ ୧କେ ପିୟୁ ଫିନିଶ୍ ସମେତ ବିସ୍ତୃତ ଶୃଙ୍ଖଳାର ଉଡ୍ କୋଟିଂଗୁ କାଠ ସାମଗ୍ରୀଗୁଡ଼ିକୁ ସଂରକ୍ଷିତ ରଖିବା ଓ ଉନ୍ନତ କରିବା ପାଇଁ ଗ୍ରାହକଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ଲାଗି ଯତ୍ନର ସହ ନିର୍ମାଣ କରାଯାଇଛି, ଏହା ଉନ୍ନତ ସୁରକ୍ଷା ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ଆବେଗକୁ ଏକତ୍ରିତ କରୁଛି।

ଜିଏସ୍‌ଟି କାର୍ଯ୍ୟକାରିତାକୁ ପୂରିଲା ୭ ବର୍ଷ

# ଟିକସ ସଂଗ୍ରହ ବଢ଼ିଲା: ଜାଲ୍ ଆଇଟିସି ଏବେ ବି ଆହ୍ୱାନପୂର୍ଣ୍ଣ

**ନୂଆଦିଲ୍ଲୀ,୧।୭ (ଏଜେନ୍ସି)**





ଦେଶର ପରୋକ୍ଷ ଟିକସ ବ୍ୟବସ୍ଥା କାର୍ଯ୍ୟକାରିତା ପାଇଁ ଜୁଲାଇ ୧ ତାରିଖ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏବେ ଦେଶରେ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) କାର୍ଯ୍ୟକାରିତାକୁ ୭ ବର୍ଷ ପୂରିଛି। ଏହି ୭ ବର୍ଷ ମଧ୍ୟରେ ସରକାରଙ୍କ ଜିଏସ୍‌ଟି ସଂଗ୍ରହରେ ଏହାଦ୍ୱାରା ସରକାରଙ୍କ ରାଜସ୍ୱ ସଂଗ୍ରହ ଢ଼େର ବଢ଼ିଛି। ଏହି ସାତ ବର୍ଷ ମଧ୍ୟରେ ଦ୍ରବ୍ୟ ଏବଂ ସେବା କର ବ୍ୟବସ୍ଥାର ଅନୁପାଳନକୁ ସରଳୀକୃତ ହୋଇଛି। ହେଲେ

### ୧.୯୮ ଲକ୍ଷ କୋଟିରୁ ଅଧିକ ଟିକସ ଚୋରି ଧରାପଡିଛି

ଟିକସ ଚୋରିକୁ ରୋକିବା ପାଇଁ ନୀତି ନିର୍ଦ୍ଧାରଣକାରୀମାନେ ବ୍ୟବହୃତ ହେଉଥିବା ନକଲି ଇନଭଏସ୍ ବା ଚାଲାଣ ଏବଂ ଜାଲ୍ ପଞ୍ଜୀକରଣ ଏବେ ବି ଏକ ପ୍ରମୁଖ ଆହ୍ୱାନ ହୋଇ ରହିଛି।

୨୦୧୭ ଜୁଲାଇ ପହିଲାରେ ଲାଗୁ ହୋଇଥିବା ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ଟିକସ ବ୍ୟବସ୍ଥାର ସରଳୀକରଣ କରାଯାଇଛି। ଜିଏସ୍‌ଟିର ୫ସ୍ତରୀୟ ସଂରଚନାରେ ୧୭ଟି ଟିକସ ଏବଂ ୧୩ ସେସ୍ ବା ଉପକରକୁ ବ୍ୟବସ୍ଥିତ କରାଯାଇଛି। ଏଥିରେ ପଞ୍ଜୀକରଣ ପାଇଁ କାରବାର ସୀମା ସାମଗ୍ରୀ ପାଇଁ ୪୦ ଲକ୍ଷ ଟଙ୍କା ଏବଂ ସେବା ପାଇଁ ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି। ଯେତେବେଳେ ମୂଲ୍ୟଯୁକ୍ତ ଟିକସ କିମ୍ବା ଭ୍ୟାଟ୍ ଥିଲା, ସେତେବେଳେ ଏହି ସୀମା ହାରାହାରି ୫ ଲକ୍ଷ ଟଙ୍କା ରହିଥିଲା। ଜିଏସ୍‌ଟି ବ୍ୟବସ୍ଥାରେ ରାଜ୍ୟଗୁଡିକରେ ୪୯୫ ଟି ଭିନ୍ନ ଉପସ୍ଥାପନା (ଇନଭଏସ୍, ଫର୍ମ, ଘୋଷଣା ଇତ୍ୟାଦି) କୁ ମାତ୍ର ୧୨ କୁ ହ୍ରାସ କରିଛି। ଜିଏସ୍‌ଟିର ଲାଗୁ କରାଯିବାର ୭ ବର୍ଷ ମଧ୍ୟରେ ପଞ୍ଜୀକୃତ ଟିକସଦାତାଙ୍କ ସଂଖ୍ୟା ୧.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୧୭ ମସିହାରେ ଏହି ସଂଖ୍ୟା ୬୫ ଲକ୍ଷ ରହିଥିଲା। କେବଳ ଏତିକି ନୁହେଁ, ୨୦୨୪-୨୫ ବର୍ଷରେ ହାରାହାରି ମାସିକ ଜିଏସ୍‌ଟି ରାଜସ୍ୱ ପ୍ରାୟ ୧.୯୦ ଲକ୍ଷ କୋଟି ଟଙ୍କା ହୋଇଛି। ୨୦୧୭-୧୮ରେ ଏହା ୯୦ ହଜାର କୋଟି ଟଙ୍କା ରହିଲା।

ଜିଏସ୍‌ଟି ବ୍ୟବସ୍ଥା ଲାଗୁ କରାଯିବା ଫଳରେ ଅନେକ ସାମଗ୍ରୀ ଉପରେ ଟିକସ ହାର ହ୍ରାସ ପାଇଛି। ପୂର୍ବ ଜିଏସ୍‌ଟି ଅବଧି ତୁଳନାରେ ଅନେକ ଜରୁରୀ ଦ୍ରବ୍ୟ ଉପରେ ଟିକସ ହାର ହ୍ରାସ ପାଇଛି। ଉଦାହରଣ ସ୍ୱରୂପ, କେଶ ତେଲ ଏବଂ ସାବୁନ ଭଳି ସାଧାରଣ ଜିନିଷ ଉପରେ ପୂର୍ବର ଟିକସ ୨୮ ପ୍ରତିଶତ ରହିଥିଲା। ଜିଏସ୍‌ଟି ଅବଧିରେ ଏହା ୧୮ ପ୍ରତିଶତକୁ ହ୍ରାସ କରାଯାଇଥିଲା। ବୈଦ୍ୟୁତିକ ଉପକରଣ ଉପରେ ଟିକସ ହାର ପୂର୍ବରୁ ୩୧.୫ ପ୍ରତିଶତ ଥିଲା, ଏହାକୁ ୧୨ ପ୍ରତିଶତକୁ ହ୍ରାସ କରାଯାଇଥିଲା। ଜିଏସ୍‌ଟିରେ ଅନେକ ଜରୁରୀ ସାମଗ୍ରୀ ଏବଂ ସେବାକୁ ଟିକସରୁ ମୁକ୍ତ ରଖାଯାଇଛି। ଯେପରିକି ବ୍ରାଣ୍ଡେଡ୍ ଖାଦ୍ୟ ସାମଗ୍ରୀ, କିଛି ଜୀବନ ରକ୍ଷାକାରୀ ଔଷଧ, ସ୍ୱାସ୍ଥ୍ୟ ସେବା, ଶିକ୍ଷା, ସାଧାରଣ ପରିବହନ, ସାନିଟାରୀ ନାପକିନ୍, ଶ୍ରବଣ ଉପକରଣର କିଛି ଅଂଶ, କୃଷି ସେବା ଇତ୍ୟାଦି

ଏସବୁ ପରେ ମଧ୍ୟ ଜିଏସ୍‌ଟି କାର୍ଯ୍ୟକାରିତାରେ ଚ୍ୟାଲେଞ୍ଜ ଶେଷ ହୋଇନାହିଁ। ଟିକସ ଛାଡକାରୀମାନେ ମଧ୍ୟ ଠକିବା ପାଇଁ ନୂଆ ଉପାୟ ଖୋଜୁଛନ୍ତି। ନକଲି ଇନଭଏସ୍ ତିଆରି କରୁଥିବା ଏବଂ ନକଲି ଜିଏସ୍‌ଟି ପଞ୍ଜୀକରଣ କରୁଥିବା ବ୍ୟକ୍ତିଙ୍କ ସହ ଟିକସ ଅଧିକାରୀମାନେ ଲଢ଼ୁଛନ୍ତି। ଯଦି ଆମେ ୨୦୨୩ ବର୍ଷର ତଥ୍ୟକୁ ବିଚାରକୁ ନେବା ତେବେ ଜିଏସ୍‌ଟି ଗୁଇନ୍ଦା ନିର୍ଦ୍ଦେଶାଳୟ(ଡିଜିଜିଆଇ)୧.୯୮ ଲକ୍ଷ କୋଟିରୁ ଅଧିକ ଟିକସ ଚୋରି ଧରିଛି। ଏହିସବୁ ଠକେଇ ଘଟଣାରେ ୧୪୦ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯାଇଛି। ଅନଲାଇନ୍ ଗେମିଂ, କ୍ୟାସିନୋ, ବୀମା ଏବଂ ସେକେଣ୍ଡମେଣ୍ଟ (ମାନବ ସେବା ଆମଦାନୀ) ଭଳି ବିଭିନ୍ନ କ୍ଷେତ୍ରରେ ଜିଏସ୍‌ଟି ଠକେଇକୁ ଚିହ୍ନଟ କରାଯାଇଛି।

## ସ୍କୋଡା ଅଟୋ ଇଣ୍ଡିଆ କୁଶାକ ଏବଂ ସ୍ଲାଭିଆର ନୂତନ ମୂଲ୍ୟ ଘୋଷଣା

ମୁମ୍ବାଇ, ୧।୭: ସ୍କୋଡ଼ା ଅଟୋ ଇଣ୍ଡିଆ, ଅବିରତ ଭାବରେ ଏହାର ପଦକ୍ଷେପ ଗୁଡ଼ିକୁ ଆଗକୁ ନେଇ ଏହି ବ୍ରାଣ୍ଡକୁ ଅଧିକ ଆକର୍ଷିତ କରିବା ପାଇଁ କୁଶାକ ଏବଂ ସ୍ଲାଭିଆର ଉଚ୍ଚ ମୂଲ୍ୟ ସହିତ ଘୋଷଣା କରିଛି ତଥା ବର୍ଦ୍ଧିତ ଆକର୍ଷଣୀୟକୁ ଏହାର କାର ମଧ୍ୟରେ ସକ୍ଷମ କରିପାରିଛି ପଞ୍ଚତାରକା ହାର ପ୍ରାପ୍ତି ତଥା ଉଭୟ ବୟସ୍କ ତଥା ଶିଶୁ ସୁରକ୍ଷାକୁ ନେଇ। ଏହି ବୃଦ୍ଧି ଉପରେ ମତବ୍ୟକ୍ତ କରି ପିଟର ଜାନେବା, ବ୍ରାଣ୍ଡ ନିର୍ଦ୍ଦେଶକ, ସ୍କୋଡ଼ା ଅଟୋ ଇଣ୍ଡିଆ କହିଛନ୍ତି,ପାଖାପାଖି ଶତାବ୍ଦୀର ଚତୁର୍ଥାଂଶ ସମୟ ପର୍ଯ୍ୟନ୍ତ ଆମେ ଭାରତରେ ଅବସ୍ଥାପିତ ଏବଂ ବଜାର ଉପରେ ଆମର ପ୍ରତିଶ୍ରୁତିବଦ୍ଧତା ସମ୍ପୂର୍ଣ୍ଣ ଅଟେ। ଆମେ ସବୁବେଳେ ଉତ୍ପାଦନ ତଥା ସହବଦ୍ଧ କାର୍ଯ୍ୟ କଳାପ ପ୍ରଦାନ ଉପରେ ଅଧିକ ଦୃଷ୍ଟି ଦେଇଥାଉ। ୨୦୨୫ରେ ଆମର ଯୋଜନାବଦ୍ଧ ନୂତନ ଏସୟୁଭି ଘୋଷଣା ଅବ୍ୟବହିତ ପୂର୍ବରୁ ଆମେ ଏହି ନୂତନ କାରର





ପରି.ଳନା ସଠିକ୍ ଢ଼ଙ୍ଗରେ କରିବା ସହିତ, ନୂଆ ନୂଆ ବଜାରକୁ ଆମର ଲକ୍ଷ୍ୟ ଭିତରେ ସୀମାବଦ୍ଧ କରିଛୁ ତଥା ଏହି ବ୍ରାଣ୍ଡ ପାଇଁ ଆମେ ଯୁବ ଗ୍ରାହକ ତଥା ଏହାକୁ ଅଧିକ ଆକର୍ଷଣୀୟ କରିବାରେ ଲାଗିପଡ଼ିଛୁ। ନୂଆ କମ୍ପାକ୍ ଏସୟୁଭି ଆମ ପାଇଁ ନୂଆ ବଜାର ଖୋଲିବା ସହିତ, ଆମେ କୁଶାକ ଏବଂ ସ୍ଲାଭିଆରେ ଦକ୍ଷତାର ସଫଳତା ଆଣିପାରିବୁ ଯାହାକି ଆମକୁ ଅଫର ପ୍ରଦାନ ସମୟରେ ଅଧିକ ମୂଲ୍ୟଯୁକ୍ତ ହେବା ସହିତ ଆମର ପ୍ରିୟ ଗ୍ରାହକ ତଥା ଫ୍ୟାନ ମାନଙ୍କୁ ଏହା ଅନେକ ସୁବିଧା ପ୍ରଦାନ କରିପାରିବ। ପ୍ରକାର ଭେଦ କୁଶାକ ଏବଂ ସ୍ଲାଭିଆ ଯାହାକି ପୂର୍ବରୁ ଆକଟିଭ, ଆମବିସନ ତଥା ଷ୍ଟାଇଲରେ ଉପଲବ୍ଧ ହେଉଥିଲା ବର୍ତ୍ତମାନ ତାହା ନୂଆ ରୂପରେ କ୍ଲାସିକ, ସିଗନେଚର ତଥା ପ୍ରେସଟିଜରେ ଉପଲବ୍ଧ।

## ୮ ଶହ ବସ୍ତା କୋଇଲା ଜବତ



**ଭଦ୍ରକ,୧।୭ (ସମିସ):** ଭଦ୍ରକ ସାବରଙ୍ଗ ପୁଲିସ ପକ୍ଷରୁ ଚାଲାଣ ପାଇଁ ମହଜୁତ ଥିବା ୮ଶହ ବସ୍ତା ଚୋରା କୋଇଲା ବସ୍ତାକୁ ଜବତ କରାଯାଇଛି। ଆଇଆଇସି ରୀନା ବକ୍ସାଲଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ଏହି ଥାନା ଅଧୀନ ବାଲିବିଲ, ସେରପୁର ଧାମରା ରେଳ ଲାଇନ୍ କଡରୁ ଉକ୍ତ କୋଇଲା ଜବତ କରି ଡିପିସିଏଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

## ହରିହଂସରେ ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କୁ ସମ୍ବର୍ଦ୍ଧନା



**ଅସୁରାଲି,୧।୭ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ପଞ୍ଚାୟତର ହରିହଂସ ଗାଁରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ହରିହଂସ ସ୍ଥିତ ମା' ମଣ୍ଡୁଅ ନାୟକାନି କୀର୍ତ୍ତନ ମଣ୍ଡପ ଉଦ୍‌ଘାଟନ କରିବା ସହ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହା ପରେ ଶ୍ରୀମା' ଅରବିନ୍ଦ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟ ପରିସରରେ ଥିବା ଶ୍ରୀମା' ଶ୍ରୀ ଅରବିନ୍ଦଙ୍କ ମାତୃ କୃପା ଆଶିଷ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଗାଁର ବରିଷ୍ଠ ବ୍ୟକ୍ତି ପୂର୍ବତନ ପ୍ରଧାନ ଶିକ୍ଷକ ବଲେଖ ନାୟକ, ଶିକ୍ଷକ କୈଳାସ ନାୟକ, ଶିକ୍ଷକ ଭୀମସେନ ନାୟକ, ଶାନ୍ତନୁ ନାୟକ, ସମାଜସେବୀ ଚତୁର୍ଭୁଜ ନାୟକ, ସମାଜସେବୀ ଭୂପେନ୍ଦ୍ର ନାୟକ, ସମାଜସେବୀ ସୁଧୀର ନାୟକ, ସମାଜସେବୀ ଗିରିଶ ନାୟକ, ମଧୁମିତା ନାୟକ, ଜଗତା ନନ୍ଦ ନାୟକ, ଶୁକଦେବ ନାୟକ, ଆନନ୍ଦ ନାୟକ, ପ୍ରଶାନ୍ତ ନାୟକ, ପ୍ରମୋଦ କର, ରବୀନ୍ଦ୍ର କର, ଯଶୋବନ୍ତ ନାୟକ, ସାମ୍ବାଦିକ ରତିକାନ୍ତ ନାୟକ ଅତିଥି ଭାବେ ଓ ଶିକ୍ଷାବିତ ରବୀନ୍ଦ୍ର ବେହୁରିଆ ପ୍ରମୁଖ ଏହି ସମ୍ବର୍ଦ୍ଧନା ଏବଂ ଉଦ୍‌ଘାଟନୀ ଉତ୍ସବରେ ଅଂଶଗ୍ରହଣ କରିଥିଲେ।

## ମୁଗ ପ୍ୟାକେଟରୁ ବାହାରିଲା ମଲା ପିମ୍ପୁଡ଼ି



**ବାରିକପୁର,୧।୭ (ସମିସ):** ବଜାରକୁ ଆସୁଥିବା ବିଭିନ୍ନ ଖାଦ୍ୟ ପଦାର୍ଥ ମାନ ଯାଞ୍ଚ ହେଉନଥିବାରୁ ଅନେକ ସମୟରେ ଏଥିରୁ ମୃତ ସରୀସୃପ ଓ ଜନ୍ଦା ପିମ୍ପୁଡି ବାହାରୁଥିବା ଦେଖାଯାଉଛି। କେତେବେଳେ ଥଣ୍ଡା ପାନୀୟ ବୋତଲରୁ ମଲା ଝିଟିପିଟି ବାହାରୁଛି ତ ପୁଣି କେତେବେଳେ ବିସ୍କୁଟ ପ୍ୟାକେଟରୁ ମଲା ଅସରପା ବାହାରୁଥିବା ଦେଖିବାକୁ ମିଳୁଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ରାଢୋ ଗ୍ରାମର ଜଣେ ବ୍ୟକ୍ତି ଆଜି ଅପରାହ୍ନରେ ପାଖ ବଜାରକୁ ଚାହା ପିଇବା ପାଇଁ ଆସିଥିଲେ। ଚାହା ପିଇବା ପୂର୍ବରୁ ଦୋକାନରୁ ଏକ କମ୍ପାନୀର ୫ଟଙ୍କିଆ ମୁଗ ପ୍ୟାକେଟ କିଣିଥିଲେ। ପ୍ୟାକେଟ ଖୋଲି ମୁଗ ଖାଇବା ପାଇଁ ଦେଖନ୍ତି ତ ସେଥିରେ ମଲା ପିମ୍ପୁଡ଼ି ଭର୍ତ୍ତି ହୋଇଯାଇଛି। ପ୍ୟାକେଟରେ ଯେତିକି ମୁଗ ଦାନା ଥିଲା ସେତିକି ଖଣ୍ଡ ଖଣ୍ଡ ମଲା କାଇ ଗୁଡିକ ଥିବା ବ୍ୟକ୍ତି ଜଣକ ଦେଖିବାକୁ ପାଇଥିଲେ। ଚିକ୍କଣ ଦିଶୁଥିବା ପ୍ୟାକେଟ ଭିତରେ ଏଭଳି ବିଷଯୁକ୍ତ ମିଶ୍ରଣ ଖାଦ୍ୟ କେଉଁଭଳି ବିକ୍ରୟ ହେଉଛି ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ବିଭିନ୍ନ କମ୍ପାନୀର ପ୍ୟାକେଟ ଖାଦ୍ୟ ପ୍ରସ୍ତୁତି ସମୟରେ ଯାଞ୍ଚକାରୀ ସଂସ୍ଥା ନିୟମିତ ପରୀକ୍ଷା ନିରୀକ୍ଷା କରୁନଥିବାରୁ ଏଭଳି ଅପମିଶ୍ରଣ ଖାଦ୍ୟ ବଜାରକୁ ଆସୁଥିବା ଜଣାପଡିଛି।

### ମିଳିତ ଜନ ଶୁଣାଣି ଶିବିରରେ ୧୨୮ ଅଭିଯୋଗ

# ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

**ଭଦ୍ରକ,୧।୭ (ସମିସ)**



ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସର ପ୍ରଥମ ଜନଶୁଣାଣି ଶିବିର ସୋମବାର ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୧୨୮ଟି ଅଭିଯୋଗ ଶୁଣିଥିଲେ। ସେଥି ମଧ୍ୟରେ ୧୦୬ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିଲା ବେଳେ ୨୨ଟି ସାମୂହିକ ସମସ୍ୟା ଭିତିକ ଥିଲା। ସମୁଦାୟ ଅଭିଯୋଗ ମଧ୍ୟରେ ୪ଟି ରେଡ୍‌କ୍ରସ୍ ଓ ୫ଟି ସିଏମ୍‌ଆର୍‌ଏଫ୍ ସମ୍ବନ୍ଧରେ ଆବେଦନ ଥିଲା। ଏ ବାବଦ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଓ ସିଏମ୍‌ଆର୍‌ଏଫ୍ ପାଣ୍ଠିରୁ ୭୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ରେଡ୍‌କ୍ରସ୍ ପାଣ୍ଠିରୁ ସରମରାର ଝରଣା ନାୟକଙ୍କୁ ୫ହଜାର, ପୁରୁଣାବଜାରରର ଓକିଲ ଅହମ୍ମଦଙ୍କୁ ୧୦ ହଜାର, ଚାରିଗାଁର କାର୍ତ୍ତିକ ପୃଷ୍ଟିଙ୍କୁ ୫ ହଜାର, ରଘୁନାଥପୁରରେ ଶ୍ରୁତି ନାୟକଙ୍କୁ ୧୦ ହଜାର ଏବଂ ସିଏମ୍‌ଆର୍‌ଏଫ୍‌ରୁ ଚରମ୍ପାର ସୁନିଲ ମହାକୁଡ଼ଙ୍କୁ ୧୨ ହଜାର, ଗୋହିରାଣୀର ସଦାନନ୍ଦ ସାହୁଙ୍କୁ ୧୨ ହଜାର, ଅଳଡତିର ବୀଣାପାଣି ସାହୁଙ୍କୁ ୧୨ ହଜାର, କଣ୍ଡିଦୋଳର ରଜନୀକାନ୍ତ ମିଶ୍ରଙ୍କୁ ୨୫ ହଜାର, ମଠସାହିର ଇନ୍ଦୁମତୀ ଦାସଙ୍କୁ ୧୨ ହଜାର ଟଙ୍କାର ଆର୍ଥିକ ସହାୟତା ବୃହତ୍ତର ଚିକିତ୍ସା ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ବର୍ଷାଦିନ ଆସିଯାଇଥିବାରୁ ଅତ୍ୟନ୍ତ ଖରାପ ଥିବା ରାସ୍ତାର ମରାମତି, ଚାଷକୁ କ୍ଷତିଗ୍ରସ୍ତ କରୁଥିବା ବଳକାଜଳର ନିଷ୍କାସନ ବ୍ୟବସ୍ଥା, ଜମି ଜବର ଦଖଲ, ନାମଜାରି, ଜମି ଚିହ୍ନଟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ଠିକା ସଂସ୍ଥା ଦ୍ୱାରା ନିଯୁକ୍ତ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନ ଆଦି ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଗ୍ରହଣ କରି ଯଥା ସମ୍ଭବ ଆଶୁ ସମାଧାନ ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ଗଡ଼ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ। ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ଆବଶ୍ୟକ ମତେ ଜିଲ୍ଲାପାଳଙ୍କ ଠାରେ ତଥ୍ୟ ଉପସ୍ଥାପନ କରିଥିଲେ।

### ରୋଟାରୀ ନୂଆବର୍ଷ ପାଳିତ

## ଡାକ୍ତର ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ସମ୍ବର୍ଦ୍ଧନା



**ଭଦ୍ରକ,୧।୭ (ସମିସ):** ରୋଟାରୀ ନୂଆବର୍ଷ ଅବସରରେ ରୋଟାରୀ କ୍ଲବ ମିଡ୍‌ଟାଉନ୍ ତରଫରୁ ଚରମ୍ପା ଅଗ୍ରୱାଲା ପାଲେସ୍‌ରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବଟି ଭଦ୍ରକ ମିଡ୍‌ଟାଉନ୍ କ୍ଲବର ପୂରାତନ ସଦସ୍ୟ ବେଦ୍ ପ୍ରକାଶ ଗୁପ୍ତା, ଶିଶିର କୁମାର ମିଶ୍ର ଏବଂ ଅତିସ୍ ବେହେରାଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଆଜିର ଏହି ଉତ୍ସବରେ ଭଦ୍ରକ ବିଧାୟକ ସୀତାଂସୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ରୋଟାରୀ ନୂତନ ବର୍ଷ ଅବସରରେ ରୋଟାରୀ ମିଡ୍‌ଟାଉନ୍ କ୍ଲବର ନୂତନ ସଭାପତି ଭାବେ ଗୌରବ ଅଗ୍ରୱାଲ ଏବଂ ସମ୍ପାଦକ ଭାବେ ଦାୟିତ୍ୱ ବହନ କରିଥିଲେ। ଏହି ଅବସରରେ ଡା. ସଂଗୀତା ବଳ, ଡା.ସନ୍ତୋଷ ଜେନା, ସିଏ ସନ୍ଦିପ ଲଖାନୀ ଓ ସିଏ ରିଚା ଅଗ୍ରୱାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ସୀତାଂଶୁ ଶେଖର ମହାପାତ୍ର ରୋଟାରୀ କ୍ଲବ ମିଡ୍‌ଟାଉନ୍ ବିଭିନ୍ନ ସେବାମୂଳକ କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି ବୋଲି ନିଜ ଅଭିଭାଷଣରେ କହିଥିଲେ। ଉକ୍ତ ଉତ୍ସବରେ କ୍ଲବର ସଦସ୍ୟ ପ୍ରୀତିରଞ୍ଜନ ଜେନା, ପବିତ୍ର ଖିଲାର, ମନୋଜ ଗୁପ୍ତା, ରାହୁଲ ଖେରିଆ, ରତନ ଗୁପ୍ତା, ପ୍ରଦୀପ ବେହେରା ସମିତା ମିଶ୍ର, ଚୈତାଳୀ ଖିଲାର ପ୍ରମୁଖ ଉପସ୍ଥିତ ରହି ସଭା ପରିଚାଳନାରେ ସାହାଯ୍ୟ କରିଥିଲେ।

## ଏଲ୍‌ଆଇ ପଏଣ୍ଟକୁ ବିଦ୍ୟୁତ ସଂଯୋଗ ଦାବି



**ବାରିକପୁର,୧।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଗତ ଜୁନ ମାସ ତମାମ ବୃଷ୍ଟିପାତ ଅପେକ୍ଷାକୃତ କମ ରହିଛି। ଫଳରେ ଖରିଫ ଚାଷ ପାଇଁ ଚାଷୀ ଭାଇ ମାନେ ଏବେ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି। ସେପଟେ ବର୍ଷା ଅଭାବକୁ ଏପେଟେ କେନାଲ ମଧ ଶୁଖିଲା ପଡିଛି। ବିକଳ୍ପ ବ୍ୟବସ୍ଥା ଭାବେ କେତେକ ଅଞ୍ଚଳରେ ଉଠା ଜଳସେଚନ ପ୍ରକଳ୍ପ ରହିଥିଲେ ସୁଦ୍ଧା ତାହା ମଧ ବିଭିନ୍ନ କାରଣରୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଫଳରେ ଖରିଫ ଧାନ ଚାଷର ବେଉଷଣ କାର୍ଯ୍ୟ ବିଳମ୍ବ ହେଉଥିବା ଅନେକ ଅଞ୍ଚଳର ଚାଷୀ ମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ରାଜେନ୍ଦ୍ରପୁର ଠାରେ ଉଠା ଜଳସେଚନ ନିଗମ ପକ୍ଷରୁ ଏକ ଏଲଆଇ ପଏଣ୍ଟ ନିର୍ମାଣ ହୋଇଥିଲେ ସୁଦ୍ଧା କିଛି ବର୍ଷ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। କିଛିବର୍ଷ ପୂର୍ବରୁ ଉକ୍ତ ଗ୍ରାମର ଚାଷୀ ମାନଙ୍କ ପାଇଁ ପ୍ରକଳ୍ପଟି ନିର୍ମାଣ ହୋଇଥିବା ବେଳେ ବିଦ୍ୟୁତ ସଂଯୋଗ ବିନା ଏହା ଏଯାଏଁ କାର୍ଯ୍ୟକାରୀ ହୋଇନଥିବା ଜଣାଯାଇଛି। ପଏଣ୍ଟ ନିକଟରେ ଇଲେଭେନ କେଭି ବିଦ୍ୟୁତ ତାର ସହିତ ଟ୍ରାନ୍ସଫରମର ରହିଥିଲେ ସୁଦ୍ଧା ଏହା ପ୍ରକଳ୍ପ ସହିତ ସଂଯୋଗ ହୋଇପାରିନାହିଁ। ଠିକାଦାର କେବଳ ପ୍ରକଳ୍ପ ନିର୍ମାଣ ସହିତ ପଏଣ୍ଟ ନିକଟରେ ବିଦ୍ୟୁତ ଖୁଣ୍ଟ ପୋତିଦେଇ ଦାୟିତ୍ୱ ସାରିଦେଇଥିଲା। ପରବର୍ତ୍ତୀ ସମୟରେ କିଛି ଅସୁବିଧା ଦେଖା ଦେବାରୁ ବିଦ୍ୟୁତ ସଂଯୋଗ ହୋଇପାରିନଥିଲା। ପଏଣ୍ଟଟି କାର୍ଯ୍ୟକ୍ଷମ ହେଲେ ପ୍ରାୟ ୩୦ରୁ ୪୦ହେକ୍ଟର ଜମି ଜଳସେଚିତ ହୋଇପାରିବ। ନିଅଣ୍ଟିଆ ବର୍ଷା ଅଭାବରୁ କୃଷି କ୍ଷେତ୍ର ଗୁଡିକ ଶୁଷ୍କ ହୋଇ ଯାଇଥିବା ବେଳେ ଏଲଆଇ ପଏଣ୍ଟକୁ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି। ଗ୍ରାମର ସୁଦର୍ଶନ ସେଠୀ, ନାରାୟଣ ଚନ୍ଦ୍ର ମହାନ୍ତି, ବାଇଧର ସ୍ୱାଇଁ, କୀର୍ତ୍ତନ ବେହେରା, ଶରତ ସେଠୀ, ବଟକୃଷ୍ଣ ଜେନା, ବ୍ୟୋମକେଶ ସେଠୀ, ରମେଶ ସେଠୀ, ନବଘନ ସେନାପତି, ସୁରେନ୍ଦ୍ର ବାରିକ, କୁଳମଣି ଜେନା, ପ୍ରଦ୍ୟୁମ୍ନ ସେନାପତି, ଭାଗିରଥି ସେନାପତି ପ୍ରମୁଖ ବିଭାଗୀୟ କାର୍ଯ୍ୟାଳୟ ଠାରେ ପହଞ୍ଚି ପଏଂଟକୁ ବିଦ୍ୟୁତ ସଂଯୋଗ ପାଇଁ ଦାବି କରିଛନ୍ତି। ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ବିଭାଗର ଯନ୍ତ୍ରୀମାନେ ପ୍ରତିଶୃତି ଦେଇଛନ୍ତି।

## ବିଡିଓଙ୍କୁ ଭେଟିଲେ ବିଜେଡିର ପ୍ରତିନିଧି ଦଳ

**ତିହିଡ଼ି,୧।୭ (ସମିସ):** ବାସୁଦେବପୁର ନିର୍ବାଚନ ମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ୯ ପଞ୍ଚାୟତର ବିଜେଡିର ଏକ ପ୍ରତିନିଧି ଦଳ ଆଜି ତିହିଡ଼ି ବିଡିଓ ଜ୍ୟୋତିର୍ମୟ କରଙ୍କୁ ସାକ୍ଷାତ କରି ସାଂପ୍ରତିକ ରାଜନୈତିକ ପରିସ୍ଥିତିରେ ବିଜେଡିର କ'ଣ ଆଭିମୁଖ୍ୟ ରହିବ ସେ ନେଇ ଆଲୋଚନା କରିଛନ୍ତି। ବିଜେଡିର ବ୍ଲକ ସଭାପତି ରଘୁନାଥ ପଣ୍ଡା, ଜିଲ୍ଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ପୂର୍ବତନ ସମିତି ସଭ୍ୟ କମଳାକାନ୍ତ ଦାସ, ସଂଗ୍ରାମ କେଶରୀ ଦାସ, ଗଣେଶ ପ୍ରସାଦ ନାୟକ ପ୍ରମୁଖ ବିଜେଡି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଅବନ୍ତୀ ଦାସ ମଧ ଉପସ୍ଥିତ ରହିଥିଲେ। ୩୦ ତାରିଖ ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟ ବନ୍ଦ ରହିଛି ତାହା ତୁରନ୍ତ ପ୍ରତ୍ୟାହାର କରାଯାଇ ପୂର୍ବପରି ଉନ୍ନୟନ କାର୍ଯ୍ୟ ଚାଲୁ କରିବାକୁ ଦାବି କରାଯାଇଥିଲା। ସେହିପରି ଶାସକ ଦଳ କଥାରେ ପରିଚାଳିତ ନ ହୋଇ ନିରପେକ୍ଷ ଭାବେ କାର୍ଯ୍ୟ କରିବାକୁ ବିଜେଡି ପକ୍ଷରୁ ବିଡିଓଙ୍କୁ ଅନୁରୋଧ କରାଯାଇଥିଲା। ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ବିଜେଡିର ପରାଜୟ ହୋଇଥିବାରୁ ଦଳ ମୁଖ୍ୟ ବିରୋଧୀ ଦଳ ଭାବେ ତାର ଦାୟିତ୍ୱ ନିର୍ବାହ କରିବ ଓ ନ୍ୟାୟୋଚିତ କାର୍ଯ୍ୟ ନ ହେଲେ ଦଳ ପ୍ରତିବାଦ କରିବ ବୋଲି ମଧ ସ୍ପଷ୍ଟ କରିଦିଆଯାଇଥିଲା। ଆନ୍ଦୋଳନାତ୍ମକ ପଦକ୍ଷେପ ମଧ ନିଆଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ତେବେ ତିହିଡ଼ି ବ୍ଲକ ପ୍ରଶାସନ ନିଶ୍ଚିତ ଭାବେ ନିରପେକ୍ଷ ଭାବେ କାର୍ଯ୍ୟ କରିବ ଓ ଏ ନେଇ ବିଜେଡି ନେତାଙ୍କ ମଧ୍ୟରେ କୌଣସି ସନ୍ଦେହ ରହିବା ଉଚିତ ନୁହେଁ ବୋଲି ବିଡିଓ ଜ୍ୟୋତିର୍ମୟ କର ପ୍ରତିଶ୍ରୁତି ପ୍ରଦାନ କରିଥିଲେ।



# ମଦଭାଟି ଓ ନିଶା କାରବାର ବନ୍ଦ ପାଇଁ ଦାବିପତ୍ର

**ଭଦ୍ରକ,୧।୭ (ସମିସ)**

ତିହିଡି ବ୍ଲକ ତାଳପଦା ପଞ୍ଚାୟତରେ ମଦଭାଟି ଓ ନିଶା କାରବାର ବନ୍ଦ କରିବାକୁ ଦାବି ହୋଇଛି। ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତି ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଏ ନେଇ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଛି।

ଅଭିଯୋଗ ଅନୁସାରେ, ମହାପୁରୁଷ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜନ୍ମସ୍ଥାନ ତାଳପଦା। ଏଠାରେ କାନ୍ତକବି ସ୍ମୃତି ମନ୍ଦିର, ସମାଧୀ ଓ ପାଠାଗାର ମଧ ରହିଛି। ଏଠାକୁ ଅନେକ ସମୟରେ ବାହାର ଜିଲ୍ଲାରୁ ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଏଠାକୁ ଆସୁଛନ୍ତି। କିନ୍ତୁ ଘୋର ପରିତାପର ବିଷୟ ମହିଳା ମହାବିଦ୍ୟାଳୟ ନିକଟରେ ଏକାଧିକ ବିଷାକ୍ତ ଦେଶୀ ମଦଭାଟି ଚାଲୁଥିବାରୁ ପର୍ଯ୍ୟଟକ ଓ ଛାତ୍ରଛାତ୍ରୀ କଲେଜ ଯିବା ବାଟରେ ମଦ୍ୟପମାନଙ୍କ ଯୋଗୁଁ ଅଶାନ୍ତ ବାତାବରଣ ଓ ଶାନ୍ତି ପରିବେଶ ନଷ୍ଟ ହେଉଛି। ଏହି ପଞ୍ଚାୟତରେ ବେଆଇନ୍ ରନ୍ଧା ମଦ ବିକ୍ରି ବିକ୍ରି ଚାଲିଛି। ସଂପୃକ୍ତ ଅଞ୍ଚଳର ପାନ ଦୋକାନ, ତେଜରାତି ଦୋକାନ, ଗାଁ ମୁଣ୍ଡ ଛକମାନଙ୍କରେ ଅବାଧରେ ବିକ୍ରି ଚାଲିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାର ଆଖପାଖ ଯଥା -ଗୁଆମାଳ, କୁବେରା, ଅଚକ, ମୁକୁନ୍ଦପୁର ଆଦି ପଞ୍ଚାୟତରୁ ମଦ୍ୟପମାନେ ଆସି ଏଠାରେ ମଦ୍ୟପାନ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଠାରେ ତିଆରି ହେଉଥିବା ରନ୍ଧା ମଦ ଏହାର ଆଖପାଖ ଅଞ୍ଚଳ ଚମାରସାହି, ମାଝିସାହି (ଗୋପଗଦାଧରପୁର,ଆଗିରିଆ, ଅମୃତପୁର) ନିୟମିତ ବାହାରକୁ ଚାଲାଣ ହେଉଛି। ଏହି ମଦ ଯୋଗୁଁ ଅନେକ ଜୀବନ ଉଜୁଡି ଗଲାଣି ଓ ଅନେକ ରୋଗାକ୍ରାନ୍ତ ହେଲେଣି। ସେହିଭଳି ପାରିବାରିକ କଳହ, ଅସାମାଜିକ କାର୍ଯ୍ୟ ବଢିଚାଲିଛି। ଅନ୍ୟପକ୍ଷରେ ଏହି ତାଳପଦା ପଞ୍ଚାୟତରେ ମହିଳା କଲେଜ, ବାଳିକା ବିଦ୍ୟାଳୟ, ବାଳକ ବିଦ୍ୟାଳୟ, ପୋଷ୍ଟ ଅଫିସ୍, ଡାକ୍ତରଖାନା ଏବଂ ପଞ୍ଚାୟତ ଅଫିସ୍ ଆଦି ସରକାରୀ ଅନୁଷ୍ଠାନଗୁଡ଼ିକ ରହିଛି।

ବିଗତ ୫ ବର୍ଷ ଭିତରେ ପ୍ରାୟ ୧୫ ଜଣରୁ ଊର୍ଦ୍ଧ୍ୱ ବ୍ୟକ୍ତି ମଦ୍ୟପାନ କରି ବିଭିନ୍ନ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଅକାଳ ମୃତ୍ୟୁବରଣ କରୁଛନ୍ତି ବୋଲି ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତି ଭଦ୍ରକ ଜିଲ୍ଲା କମିଟି ତରଫରୁ ଅଭିଯୋଗପତ୍ରରେ ଦର୍ଶାଯାଇଛି। ବେଆଇନ ଦେଶୀ ମଦ ବ୍ୟତୀତ ସନ୍ଧ୍ୟାହେଲେ ପଞ୍ଚାୟତ ଅଫିସ୍ ପାଖ ମା' ବଡ଼ମ୍ମା ଠାକୁରାଣୀଙ୍କ ପୀଠରେ ବ୍ରାଉନ ସୁଗର (ଧଳାଜହର)ଅସାଧୁ ଚୋରାମଦ ବେପାରୀମାନଙ୍କର ଆଡ୍ଡା ସ୍ଥଳି ପାଲଟିଛି । ଏଥିରେ ଛୋଟପିଲାମାନେ ମଧ ଆକ୍ରାନ୍ତ ହୋଇଛନ୍ତି। ତାଳପଦା ପଞ୍ଚାୟତରେ ଚୋରା ମଦ ମାଫିଆଙ୍କ ବିରୋଦ୍ଧରେ ଯେଉଁମାନେ ସ୍ୱର ଉତ୍ତୋଳନ କରୁଛନ୍ତି ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଉଛି। ଅବାକାରୀ ବିଭାଗର ନିଷ୍କ୍ରିୟତାର ସୁଯୋଗ ନେଇ ମଦ ଓ ନିଶା କାରବାର ବଢି ଚାଲିଛି ବୋଲି ମହିଳା ସମିତି ପକ୍ଷରୁ ଆଜି ଜିଲ୍ଲା ପ୍ରଶାସନ ଠାରେ ମହିଳାମାନେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ଦୃଢ କାର୍ଯ୍ୟାନୁଷ୍ଠାନ କରାନଗଲେ ଆସନ୍ତା ୧୫ ଦିନ ଭିତରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଜିଲ୍ଲା ସମ୍ପାଦିକା ଜୟନ୍ତୀ ବିଶ୍ୱାଳ, ଶାନ୍ତିଲତା ଜେନା, ସୁଲୋଚନା ଜେନା, ଶକୁନ୍ତଳା ଜେନା, ଗୀତାରାଣୀ ଜେନା, ମାନସୀ ଜେନା, ରଣଜିତା ସେଠୀ, ସନ୍ଧ୍ୟାରାଣୀ ଜେନା ଓ ସୁମିତ୍ରା ଜେନା ପ୍ରମୁଖ ମହିଳା ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ସଂପର୍କରେ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ଦେଇଛନ୍ତି।




### ଏସ୍‌ଏସ୍ ନିଗମାନନ୍ଦ ହାଇସ୍କୁଲ

## ଯୁକ୍ତ ୨ ଉନ୍ନତୀକରଣକୁ ମାନ୍ୟତା

**ଭଦ୍ରକ,୧।୭ (ସମିସ):** ଚଳିତ ଶିକ୍ଷାବର୍ଷରେ ନୂତନ ଭାବେ ମାନ୍ୟତା ପାଇଥିବା +୨ ହାଇରସେକେଣ୍ଡାରୀ ବିଦ୍ୟାଳୟରେ ନାମ ଲେଖା ହେବା ସହ ପାଠ ପଢା ଆରମ୍ଭ ହେବ। ଜୁନ ୨୬ ତାରିଖରେ ଶିକ୍ଷା ବିଭାଗର ନିର୍ଦ୍ଦେଶରେ ଭଦ୍ରକ ଜିଲ୍ଲାରେ ୪ ହାଇସ୍କୁଲକୁ +୨ ବିଦ୍ୟାଳୟକୁ ଉନ୍ନତୀକରଣ ହୋଇଥିବା ଜଣାପଡିଛି। ୨୦୨୪-୨୫ ଶିକ୍ଷା ବର୍ଷରେ ଏହି ବିଦ୍ୟାଳୟରେ ଶିକ୍ଷାବର୍ଷ ଆରମ୍ଭ ହେବ ବୋଲି ଜଣାଯାଇଛି। ଏହି କ୍ରମରେ ଭଦ୍ରକ ଜିଲ୍ଲାରେ ବାସୁଦେବପୁର ବ୍ଲକରେ ଥିବା କେକେଜିପି (ଚାନ୍ଦିମାଳ), ତିହିଡି ବ୍ଲକରେ ଥିବା ବାସୁଳି ନୋଡାଲ ହାଇସ୍କୁଲ (କାଁପଡା), ବନ୍ତ ବ୍ଲକରେ ଥିବା କାଦବରାଙ୍ଗ ନୋଡାଲ ହାଇସ୍କୁଲ ଏବଂ ଚାନ୍ଦବାଲି ବ୍ଲକ ଅଧୀନସ୍ଥ କରଞ୍ଜମାଳ ପଞ୍ଚାୟତରେ ଥିବା ଏସ୍‌ଏସ୍ ନିଗମାନନ୍ଦ ହାଇସ୍କୁଲକୁ ଉନ୍ନତୀକରଣ କରାଯାଇଛି। ଏହି ସମସ୍ତ ଉନ୍ନତୀକରଣ ବିଦ୍ୟାଳୟରେ କେବଳ +୨ କଳାରେ ଛାତ୍ରଛାତ୍ରୀ ଚୟନ କରାଯାଇ ଶିକ୍ଷାଦାନ ଆରମ୍ଭ ହେବ। ଏହି ସମସ୍ତ ଉନ୍ନତୀକରଣ ବିଦ୍ୟାଳୟରେ ଓଡ଼ିଆ, ଇଂରାଜୀ, ଇତିହାସ, ରାଜନୀତି ବିଜ୍ଞାନ, ଅର୍ଥଶାସ୍ତ୍ର ଏବଂ ତର୍କ ବିଜ୍ଞାନ ବିଷୟକୁ ପାଠ୍ୟକ୍ରମ ଭାବେ ଚୟନ କରାଯାଇଛି। ଏହି କ୍ରମରେ ସାରା ରାଜ୍ୟରେ ୧୪ଟି ଜିଲ୍ଲାରେ ୭୯ଟି ହାଇସ୍କୁଲ ଏହି ଉନ୍ନତୀକରଣ ବିଦ୍ୟାଳୟର ମାନ୍ୟତା ପାଇଛି। ଧାମରା ଅଞ୍ଚଳରେ ଶଶିକାଦେଇପୁରଠାରେ ଥିବା ଏସ୍‌ଏସ୍ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ +୨ ବିଦ୍ୟାଳୟର ମାନ୍ୟତା ପାଇଥିବା ବେଳେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏହି କ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରେବତୀକାନ୍ତ ବେହେରା, ମହେଶ୍ୱେତା ଦାସ ଶିକ୍ଷା ବିଭାଗକୁ ନିଜର କୃତଜ୍ଞତା ଜ୍ଞାପନ କରିଥିବା ବେଳେ କରଞ୍ଜମାଳ ପଞ୍ଚାୟତର ସମାଜସେବୀ ରୁଦ୍ର ମହାନ୍ତି, ରମେଶ ନାୟକ, ଭାଷ ମହାଳିକ, ପୂର୍ଣ୍ଣଚନ୍ଦ୍ର ମାଝୀ, କେଶବ ନାୟକ, ନରହରି ମଲିକ, ରବିନ୍ଦ୍ର ବାରିକ ପ୍ରମୁଖ ଶିକ୍ଷା ବିଭାଗକୁ ନିଜର କୃତଜ୍ଞତା ଜଣାଇବା ସହ ଏହି ଅଞ୍ଚଳରେ ଶିକ୍ଷାର ବିକାଶ ଦିନକୁ ଦିନ ଘଟୁଛି ବୋଲି ମଧ ମତ ପ୍ରକାଶ ପାଇଛି।

### ଚଳିତ ବର୍ଷରୁ ଶିକ୍ଷାଦାନ ଆରମ୍ଭ



# ବିଭିନ୍ନ ଦାବି ନେଇ ମିଳିତ ଶ୍ରମିକ ସଂଗଠନ ପକ୍ଷରୁ ଡାଲ୍‌ମିଆ ରିଫ୍ରାକ୍ଟୋରିଜ୍ କାରଖାନା ସମ୍ମୁଖରେ ଧାରଣା




**ବାଲେଶ୍ୱର,୧।୭ (ସମିସ):** ପୁରୁଣା କର୍ମଚାରୀଙ୍କୁ କୋର୍ଟ ଅର୍ଡର ଅନୁସାରେ ସବୁ ବର୍ଗର କର୍ମଚାରୀଙ୍କୁ ନିଯୁକ୍ତି ଦେବା,୧ବର୍ଷର ବକେୟା ଦରମା ପ୍ରଦାନ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବସରକାଳୀନ ପ୍ରମାଣପତ୍ର ଦେବା, ୮ମାସର ଗ୍ରାଚ୍ୟୁଇଟି ପ୍ରଦାନ କରିବା ଭଳି ବିଭିନ୍ନ ଦାବି ନେଇ ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ସୋମବାର ଠାରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଏଥିରେ

## ଦାବି ପୂରଣ ନହେବା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ

ବହୁ କର୍ମଚାରୀ ସାମିଲ ହୋଇଛନ୍ତି। ସକାଳ ୬ଟାରେ କାରଖାନା ପ୍ରଥମ ସିଫଟ ଆରମ୍ଭ ହେବା ପୂର୍ବରୁ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ ବାମପଦାସ୍ଥିତ ଡାଲମିଆ ଭାରତ ରିଫ୍ରାକ୍ଟୋରିଜ୍ ଅର୍ଥାତ ପୁରୁଣା ବିରଳା ଟାୟାର୍ସ କାରଖାନା ସାମନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏପରିକି କାରଖାନାର କର୍ତ୍ତୃପକ୍ଷଙ୍କୁ ଭିତରକୁ ନ ଛାଡ଼ି ମୁଖ୍ୟ ଫାଟକ ସାମନାରେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମିଳିତ ଶ୍ରମିକ ସଙ୍ଗଠନ ଚେତାବନୀ ଦେଇଛି। ପୂର୍ବର ବିରଳା ଟାୟାର୍ସ କାରଖାନା ଡାଲମିଆ ଭାରତ ଓ ହିମାଦ୍ରୀ କେମିକାଲସ ହାତକୁ ଯିବା ପରେ ବିଭିନ୍ନ ସମସ୍ୟା ଦେଖା ଦେଇଛି ବୋଲି ଶ୍ରମିକ ସଙ୍ଗଠନମାନେ କହିଛନ୍ତି। ପୂର୍ବରୁ ବିରଳା ଟାୟାର୍ସରେ କାମ କରୁଥିବା ଶ୍ରମିକମାନଙ୍କୁ କାମରେ ନ ରଖି ବାହାର ଶ୍ରମିକମାନଙ୍କୁ ନିଯୁକ୍ତି ଦିଆଯାଇଛି। ଫଳରେ ପୁରୁଣା ଶ୍ରମିକମାନଙ୍କର ଆର୍ଥିକ ପରିସ୍ଥିତି ବିଗିଡ଼ିବାରେ ଲାଗିଛି ବୋଲି ଶ୍ରମିକ ସଙ୍ଗଠନ ଅଭିଯୋଗ କରିଛି। ଗତ ଏପ୍ରିଲ ମାସ ୫ ତାରିଖରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ବୈଠକ ହୋଇଥିଲା। ୬ ତାରିଖ ଦିନ ଜିଲ୍ଲାପାଳ ଏକ କମିଟି ଗଠନ କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କାରଖାନା କର୍ତ୍ତୃପକ୍ଷ ପ୍ରଶାସନର ନିର୍ଦ୍ଦେଶକୁ ଖାତିର ନ କରି ବାହାରୁ ଶ୍ରମିକମାନଙ୍କୁ ନିଯୁକ୍ତି ଦେଉଛି। ଏହାକୁ ନେଇ ସଙ୍ଗଠନର କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବାଧ୍ୟ ହୋଇ ଶେଷରେ ୯ଟି ସଙ୍ଗଠନ ମିଳିତ ହୋଇ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଏହା ସହ ଶ୍ରମିକଙ୍କ ସମସ୍ୟା ନେଇ ସଙ୍ଗଠନର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି ଏବଂ ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି। ସତ୍ୟନାରାୟଣ ଆଚାର୍ଯ୍ୟ, ଶରତ ଦାସ, ଶିବ ପ୍ରସାଦ ଦାସ, ଛବିନ୍ଦ୍ର ମହାନ୍ତି, ସେକ ମଇଉଦିନ, ମାନସ ରଞ୍ଜନ ପଣ୍ଡା, ଉପେନ୍ଦ୍ର ପ୍ରସାଦ ବେହେରା, ଅଜୟ ବିଶ୍ୱାଳ, ପିକେ ସିଂ ସାମନ୍ତ ପ୍ରଥମ ଦିନ ଧାରଣାର ନେତୃତ୍ୱ ନେଇଥିଲେ।

## ସୋର କୋର୍ଟରେ ୨ ନୂତନ ବିଚାରପତିଙ୍କ ଯୋଗଦାନ



**ସୋର,୧।୭ (ସମିସ):** ସୋର କୋର୍ଟରେ ୨ ନୂତନ ବିଚାରପତି ଆଜି ଯୋଗଦାନ କରିଛନ୍ତି। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଭାବେ ରାଜେଶ କୁମାର ଦାସ ଯୋଗଦାନ କରିଥିବା ବେଳେ ଜୁନିୟର ସିଭିଲ ଜଜ ଭାବେ ରାକେଶ କୁମାର ସାହୁ ଯୋଗଦାନ କରିଛନ୍ତି। ସୋର ଓକିଲ ସଂଘ ତରଫରୁ ଏଥିପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ସୋର କୋର୍ଟର ସିନିୟର ସିଭିଲ ଜଜ ଶିଳ ପ୍ରିୟଦର୍ଶିନୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିବା ବେଳେ ଓକିଲ ସଂଘର ସଭାପତି ପଦ୍ମଲୋଚନ ମହାପାତ୍ର ସଭା ପରିଚାଳନା କରିଥିଲେ। ସୋର ଓକିଲ ସଂଘର ସଂଘର ସମସ୍ତ ସଦସ୍ୟମାନେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନୂତନ ଭାବେ ଯୋଗଦାନ କରିଥିବା ବିଚାରପତି ଦ୍ୱୟ ତ୍ୱରିତ ନ୍ୟାୟ ପ୍ରଦାନ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଶେଷରେ ସଂଘର ସଂପାଦକ ବିଜୟ କୃଷ୍ଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେନ୍‌ରୁ ଖସି ରେଳଯାତ୍ରୀଙ୍କ ମୃତ୍ୟୁ

**ବାଲେଶ୍ୱର/ରୂପସା,୧।୭ (ସମିସ):** ଖଡ଼ଗପୁର ରେଳ ଡିଭିଜନ ଅନ୍ତର୍ଗତ ବାଲେଶ୍ୱର ଜିଲା ରୂପସା ରେଳ ଷ୍ଟେସନ ଉତ୍ତର କେବିନ ନିକଟରେ ସୋମବାର ଟ୍ରେନରୁ ଖସି ପଡି ଜଣେ ରେଳ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତଯାତ୍ରୀ ହେଲେ ଆସାମର କେଲଭିନ କୁସ୍କୁ (୩୨)। ରୂପସା ଆରପିଏଫ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅପ କନ୍ୟାକୁମାରୀ ଏକ୍ସପ୍ରେସ ଟ୍ରେନରେ ଯାତ୍ରୀ ଜଣକ ଆସାମରୁ ଚେନ୍ନାଇ ଯାଉଥିଲେ। ରୂପସା ଉତ୍ତର କେବିନ ନିକଟ ହାଟଠାରେ ସେ ଅକସ୍ମାତ ଟ୍ରେନରୁ ଖସି ପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଯାତ୍ରୀଙ୍କ ପରିବାର ଲୋକଙ୍କ ସହ ଆରପିଏଫ ଥାନା ପକ୍ଷରୁ ଯୋଗାଯୋଗ କରାଯାଇଛି।

## ସୁତେଇବଡ଼ଗାଁ ବାଇପାସ୍‌ରେ ଗୁଳିମାଡ଼ରେ ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ବାଲେଶ୍ୱର,୧।୭ (ସମିସ):** ଗତ ଜୁନ ୪ ତାରିଖ ଅପରାହ୍ଣରେ ଶିକ୍ଷାଞ୍ଚଳ ଥାନା ସୁତେଇ ବଡ଼ଗାଁ ବାଇପାସ ଠାରେ ସମ୍ବଲପୁର ଅଞ୍ଚଳର ବ୍ୟବସାୟୀ ସେକ ଜସିମଙ୍କୁ ଦୁର୍ବୃତ୍ତମାନେ ଗୁଳି କରିଥିଲେ। ଗୁଳି ତାଙ୍କ ଡାହାଣ ପଟ ଛାତି, ଡାହାଣ ହାତ ଓ ପିଠିରେ ଲାଗିଥିଲା। ଶଙ୍କଟାପନ୍ନ ଅବସ୍ଥାରେ ପ୍ରଥମେ ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ କଟକ ବଡ଼ ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସେକ ଜସିମଙ୍କ ଗତ ରବିବାର ମୃତ୍ୟୁ ହୋଇଯାଇଛି। ତେବେ ଏହି ଗୁଳିକାଣ୍ଡ ଘଟଣା ଘଟିବାର ପ୍ରାୟ ୨୫ ଦିନ ବିତିଯାଇଛି। ମାତ୍ର ପୁଲିସକୁ ଗୁଳି କରିଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇଛି। ଏହି ପୁଲିସ ଟିମ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ ବାହାର ରାଜ୍ୟକୁ ଯାଇଛନ୍ତି। ଖୁବଶୀଘ୍ର ଅଭିଯୁକ୍ତ ଅପରାଧୀମାନେ

### ଗୁଳିକାଣ୍ଡ ଘଟାଇଥିବା ବ୍ୟକ୍ତିଙ୍କୁ ଧରିବାରେ ପୁଲିସ ବିଫଳ

ଗିରଫ ହେବେ ବୋଲି ଶିକ୍ଷାଞ୍ଚଳ ଥାନା ଅଧିକାରୀ ଘନଶ୍ୟାମ ବେହେରା କହିଛନ୍ତି। ତେବେ ଶିକ୍ଷାଞ୍ଚଳ ଥାନା ସମ୍ବଲପୁର ଅଞ୍ଚଳର ବ୍ୟବସାୟୀ ସେକ ଜସିମ (୪୩) ଗତ ଜୁନ ୪ ତାରିଖ ମଙ୍ଗଳବାର ଅପରାହ୍ଣ ୫ଟା ସମୟରେ ସେ ନିଜ କାର ଡ୍ରାଇଭିଂ କରି ଯାଉଥିଲେ। ସୁତେଇବଡ଼ଗାଁ ବାଇପାସ୍‌ରେ ଅନ୍ୟ ଏକ କାରରେ ୩ ଜଣ ଦୁର୍ବୃତ୍ତ ଆସି ଜସିମଙ୍କୁ ଲକ୍ଷ୍ୟ କରି ତିନି ରାଉଣ୍ଡ ଗୁଳି କରି ସେଠାରୁ ଖସି ପଳାଇ ଥିଲେ। ଗୁଳି ଜସିମଙ୍କ ଡାହାଣ ପଟ ଛାତି, ଡାହାଣ ହାତ ଓ ପିଠିରେ ବାଜିଥିଲା। ଖବର ପାଇ ତାଙ୍କର ଜଣେ ବନ୍ଧୁ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଥିବା ତାଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ସ୍ୱାସ୍ଥ୍ୟଗତ ଅବସ୍ଥା ସାଙ୍ଘାତିକ ହେବା ଯୋଗୁଁ କଟକ ବଡ ଡାକ୍ତରଖାନାକୁ ତାଙ୍କୁ ସ୍ଥାନାନ୍ତର କରାଯାଇ ଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ତାଙ୍କର ଗତ ରବିବାର ଦିନ ମୃତ୍ୟୁ ହେଇଯାଇଛି।

## ବରିଷ୍ଠ ନାଗରିକ ମଞ୍ଚର ଡାକ୍ତର ଦିବସ



**ଖଇରା,୧।୭ (ସମିସ):** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ଡାକ୍ତର ଦିବସ ପାଳିତ ହୋଇ ଯାଇଛି। ବରିଷ୍ଠ ନାଗରିକ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚର ସମ୍ପାଦକ ମୁକ୍ତିକାନ୍ତ ଶତପଥୀ ଅଧ୍ୟକ୍ଷତା କରିଥିଲେ. ପ୍ରଥମେ ମଞ୍ଚର ସଦସ୍ୟମାନେ ଖଇରା ମେଡିକାଲର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ପ୍ରଭାକର ମିଶ୍ର ତଥା କାର୍ଯ୍ୟରତ ଅନ୍ୟ ଚିକିତ୍ସିକ ଡା. ଅନୋଲା ଜଗଦେବ, ଡା. ମୃତ୍ୟୁଞ୍ଜୟ ବିଶ୍ୱାଳ, ଡା.ଚନ୍ଦ୍ରକାନ୍ତ ଦାସ, ଡା. ସଞ୍ଜିବା ବିଶ୍ୱାଳଙ୍କୁ ଫୁଲତୋରା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ, ବୁଦ୍ଧିରାମ ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅନ୍ୟତମ ହୋମିଓପାଥି ଚିକିତ୍ସକ ଡା. ହରେକୃଷ୍ଣ ରାଉତଙ୍କୁ କ୍ଲିନିକ ପରିସରରେ ସମ୍ମାନିତ କରାଯାଇଥିଲା। ମଞ୍ଚର ସଦସ୍ୟ ବସନ୍ତ ଖିଲାର, ଅନାମ ଚରଣ ପଣ୍ଡା, ଅନ୍ତର୍ଯ୍ୟାମୀ ପାତ୍ର, ସନ୍ତୋଷ ଶତପଥୀ, ଅରୁଣ ସ୍ୱାଇଁ ମେଡିକାଲ କର୍ମଚାରୀ ମୁକ୍ତିକାନ୍ତ ପଣ୍ଡା, ସୂର୍ଯ୍ୟକାନ୍ତ ବାରିକ, ଜୀବନ କୁମାର ଦାସ, ମନୋଜ କୁମାର ରଣା ତଥା ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀ ଉପସ୍ଥିତ ଥିଲେ। ପଦ୍ମଲୋଚନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟ ପରିସରରେ ବନ ମହୋତ୍ସବ




**ନୀଳଗିରି,୧।୭ (ସମିସ):** ବୃକ୍ଷ ସାଥି, ପ୍ରକୃତି ମିତ୍ର ତଥା ସମାଜ ସେବୀ ରାଜେନ୍ଦ୍ର ଜେନାଙ୍କ ଉଦ୍ୟମରେ ନୀଳଗିରି କୈଳାଶ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜନା କରାଯାଇଥିଲା। ବୃକ୍ଷରୋପଣ ଏବଂ ସବୁଜ ସୁନ୍ଦର ପରିବେଶ ନିମନ୍ତେ ପିଲାମାନଙ୍କ ଭିତରେ ବକ୍ତୃତା ପତିଯୋଗିତା କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଔଷଧୀୟ ଓ ଫଳ ବୃକ୍ଷ ମାନ ରୋପଣ କରାଯାଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ଉତ୍ସବରେ ସ୍କୁଲର ପ୍ରଧାନଶିକ୍ଷକ ଭୀମସେନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଶ୍ରୀ ଜେନାଙ୍କ ଆଭିମୁଖ୍ୟ ପିଲାମାନଙ୍କ ଭିତରେ ବଣ୍ଟନ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ବିମାନ ଚରଣ ମହାନ୍ତି ଗଛ ଓ ପରିବେଶର ଆବଶ୍ୟକ ଉପରେ ପିଲାମାନଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ରାଉଳ ଏବଂ ନିମନ୍ତ୍ରିତ ସମ୍ମାନିତ ଅତିଥି ବୃକ୍ଷର ଆବଶ୍ୟକତା ବାବଦରେ ପିଲାମାନଙ୍କ ବହୁମୂଲ୍ୟ ବକ୍ତବ୍ୟ ମାନ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକଶିକ୍ଷୟିତ୍ରୀ ଓ ଅଣଶିକ୍ଷା ଷ୍ଟାଫ୍ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ




**ଖଇରା,୧।୭ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ପାର୍ବତୀପୁର ଗ୍ରାମରେ ମା’ କେନ୍ଦୁରୀ ପଶ୍ଚିମା କ୍ଲବ ଆନୁକୂଲ୍ୟରେ ଚାରରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ସମ୍ମାନୀତ ଅତିଥି ଭାବେ ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କୋଷାଧ୍ୟକ୍ଷ ରାଜେଶ କୁମାର ମହାକୁଡ ଯୋଗଦେଇ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପରେ ବିଧାୟକ ପ୍ରଥମ ଗଛ ଲଗାଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରିବେଶବିତ ପଦ୍ମଲୋଚନ ଜେନା, କ୍ଲବ ସଭାପତି ଅରଶରଣ ମହାକୁଡ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା ବିଭିନ୍ନ ପ୍ରଜାତିର ୩୦ରୁ ଉର୍ଦ୍ଧ୍ୱର୍ ଗଛଲଗାଯାଇଥିଲା।

## ବ୍ୟବସାୟୀଙ୍କ ପରଲୋକ



**ଖଇରା,୧।୭ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ତୁଡିଗଡ଼ିଆ ବଜାରରେ ଔଷଧ ବ୍ୟବସାୟୀ ମହେଶ୍ୱର ବାରିକ(୫୯)ଙ୍କ ଶନିବାର ସନ୍ଧ୍ୟାରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ଏଭଳି ଆକସ୍ମିକ ମୃତ୍ୟୁରେ ସମଗ୍ର ତୁଡିଗଡିଆ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପ୍ରହରାଜପୁର ଗ୍ରାମ ନିବାସୀ ମହେଶ୍ୱର ୪୦ବର୍ଷ ଧରି ତୁଡିଗଡିଆରେ ମେଡିସିନ ଦୋକାନ କରି ଜୀବିକା ନିର୍ବାହ କରୁଥିଲେ। କିଛି ଦିନ ତଳେ ହୃଦଘାତ ଯୋଗୁଁ ତାଙ୍କୁ ଚିକିତ୍ସାପାଇଁ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ବଜାର କମଟି ତରଫରୁ ଶୋକପ୍ରକଟ କରାଯାଇଛି।

## ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କମିଟିରେ ଜଳେଶ୍ୱର ବିଧାୟକ ସଦସ୍ୟ

**ଜଳେଶ୍ୱର,୧।୭ (ସମିସ):** ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନର ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ କମିଟିର ସଦସ୍ୟ ତାଲିକା ପ୍ରକାଶ ପାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଥିବା ବେଳେ ଦୁଇ ଉପମୁଖ୍ୟମନ୍ତ୍ରୀ ଓ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସହିତ ୧୨ଜଣ ମନ୍ତ୍ରୀ ସଦସ୍ୟ ଅଛନ୍ତି। ୫ଜଣ ଏମ୍‌ପି ଓ ୧୯ଜଣ ବିଧାୟକ ସଦସ୍ୟଭାବେ ଥିବାର ବିଭାଗୀୟ କମିଶନର ସତ୍ୟବ୍ରତ ସାହୁଙ୍କ ଚିଠିରେ ପ୍ରକାଶ ପାଇଛି। ଏଥିରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ ପାତ୍ରଙ୍କ ନାମ ଉଲ୍ଲେଖ ଥିବାରୁ ଜଳେଶ୍ୱରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌରାଧ୍ୟକ୍ଷ ପ୍ରତୀପ ପ୍ରଧାନ, ଜିଲ୍ଲା ପରିଷଦ ଉପସଭାପତି ଅନସୂୟା ପ୍ରଧାନ ଓ ବହୁ ନେତୃମଣ୍ଡଳୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

## ଆଦିବାସୀଙ୍କ ବିକାଶ ନେଇ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ



**ବାଲେଶ୍ୱର,୧।୭ (ସମିସ):** ଆଦିବାସୀମାନଙ୍କ ବିକାଶ ପାଇଁ ସୋମବାର ମାଝୀ ପାରଗାନା ମହଲ ବାଲେଶ୍ୱର ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିମାନେ କହିଛନ୍ତି ଯେ, ସେମାନେ ଏ ପର୍ଯ୍ୟନ୍ତ ମୁଖ୍ୟସ୍ରୋତରେ ସାମିଲ ହୋଇପାରିଲେ ନାହିଁ। ରାଜ୍ୟରେ ଥିବା ଆଦିବାସୀଙ୍କ ସ୍ୱତନ୍ତ୍ର ସାମ୍ବିଧାନିକ ବ୍ୟବସ୍ଥା ସଠିକ ଭାବେ କାର୍ଯ୍ୟକାରୀ ହେଉ ନାହିଁ। ଫଳରେ ଓଡ଼ିଶାରେ ଆଦିବାସୀମାନଙ୍କର ବିକାଶ ଯଥା ସ୍ୱାସ୍ଥ୍ୟ, ଶିକ୍ଷା, ସାଂସ୍କୃତିକ, ପରମ୍ପରା, ଅର୍ଥନୈତିକ, ସାମାଜିକ ଏବଂ ବିଭିନ୍ନ ଉନ୍ନତି ମୂଳକ ବିକାଶ ହୋଇପାରୁ ନାହିଁ। ଓଡ଼ିଶାରେ ଟ୍ରିବ୍ୟୁନାଲ ଆଡଭାଇଜରୀ କାଉନସିଲ ସଠିକ ଭାବେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ କରାଯାଉ ବୋଲି ଦାବି କରିଛନ୍ତି। ଏହାଛଡ଼ା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ୧୩(୩)କ ଅନୁସାରେ ଅନୁସୂଚିତ ଜନଜାତିମାନଙ୍କର ସୁଶାସନ ନିୟନ୍ତ୍ରଣ କଲ୍ୟାଣ, ଶାନ୍ତି ଓ ସୁରକ୍ଷାର ବ୍ୟବସ୍ଥା ପ୍ରାବଧାନ ଅନୁସାରେ ଆଦିବାସୀମାନଙ୍କର ସ୍ୱଶାସନ ବ୍ୟବସ୍ଥା ପାରମ୍ପରିକ ଅଟେ। ଏଣୁ ଉକ୍ତ ଗ୍ରାମସଭାକୁ ସରକାରୀ ଭାବେ ମାନ୍ୟତା ପ୍ରଦାନ କରାଯିବା ସହ ଏହାକୁ ଦୀର୍ଘଦିନ ଧରି ପରିଚାଳିତ କରୁଥିବା ଗ୍ରାମର ମୁଖ୍ୟ ମାଝୀ ବାବା, ଜଗମାଝୀ ବାବା, ପାରାନିକ ବାବା ଆଦି ଅନ୍ୟ ବାବାମାନଙ୍କୁ ଭତ୍ତା ପ୍ରଦାନ କରିବା ଦାବି କରିଛନ୍ତି। ଏହାଛଡ଼ା ସେମାନେ ଦାବି କରିଛନ୍ତି ଯେ, ଓଡ଼ିଶାରେ ଆଦିବାସୀମାନଙ୍କର ଶିକ୍ଷାର ବିକାଶ ପାଇଁ ଅଲଚିକି ଲିପିକୁ ପ୍ରତ୍ୟେକ ଆଦିବାସୀ ଗ୍ରାମରେ ପ୍ରାଥମିକ ଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଏହି ଲିପିକୁ ନୂଆ ଶିକ୍ଷା ନୀତିରେ ସାମିଲ କରାଯିବା, ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ସାରନା ଧର୍ମ ପୂଜାସ୍ଥଳ ଜାହିରା ପୀଠର ଉନ୍ନତି କରଣ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉ, ଆଦିବାସୀମାନଙ୍କର ଧର୍ମ ସାରନା ଧର୍ମ କୋର୍ଡ ଦିଆଯାଉ ବୋଲି କହିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଜିଲ୍ଲା ମାଝୀ ପାରଗାନା ମହଲର ବୁଧାନ ମାଝୀ, ଇଶ୍ୱର ହାସଁଦା, ରଘୁନାଥ ହେମ୍ବ୍ରମ, ଦୁଖୀରାମ ମାଝୀ ଓ ମଦନ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୨ ବାଲି ବୋଝେଇ ଡମ୍ପର ଜବତ, ଚାଳକ କୋର୍ଟ ଚାଲାଣ



**ଶ୍ରଦ୍ଧାପୁର/ଚୌକି,୧।୭ (ସମିସ):** ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ୨ଟି ବାଲି ବୋଝେଇ ଡମ୍ପରକୁ ଜବତ କରିଛନ୍ତି ତାଳସାରୀ ସାମୁଦ୍ରିକ ଥାନାର ପୁଲିସ। ଏଥିସହ ଜଣେ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇ ଥିବା କଥା ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି। ବିବରଣୀରୁ ପ୍ରକାଶ, ପ୍ରତିଦିନ ଶତାଧିକ ବାଲି ବୋଝେଇ ଡମ୍ପର ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ପୂର୍ବରୁ ତହସିଲଦାର ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ମାତ୍ର ଯେବେଠୁ ମିନେରାଲ ଓ ମାଇନ୍ସ ବିଭାଗ ହାତକୁ ଏହା ଯିବା ପରେ ମାଫିଆମାନେ ଅଧିକ ଭାବରେ ଚାଲାଣ କରୁଥିବା ନଜରକୁ ଆସୁଛି। ଦିନ ହେଉ ଅଥବା ରାତି ସବୁବେଳେ ଅଭରଲଡିଂ ଡମ୍ପର ସବୁ ଜଳେଶ୍ୱର, ଭୋଗରାଇ ହୋଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଛି। ଦୁଇ ବାଲି ବୋଝେଇ ଡମ୍ପର ୨ଟିକୁ ସାମୁଦ୍ରିକ ଥାନାର ପୁଲିସ ଧରି ଥାନାକୁ ନେଇଥିଲେ। ପରେ କାଗଜପତ୍ର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେଇ ଛନ୍ତି। ତେବେ ପ୍ରତିଦିନ ଯାଇ ଥିବା ଏହି ଚୋରା ବାଲି ବୋଝେଇ ଡମ୍ପର ସବୁ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

### ଶଯ୍ୟାଶାୟୀ କାଞ୍ଚନଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ନିବେଦନ ଘଟଣା

# ଚିକିତ୍ସାରେ ଅବହେଳା କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି



**ଜଳେଶ୍ୱର,୧।୭ (ସମିସ):** ଠିକ୍ ଭାବେ ଚିକିତ୍ସା ନ ପାଇ ଅସହାୟା କାଞ୍ଚନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଇଚ୍ଛାମୃତ୍ୟୁ ଭିକ୍ଷା ପରେ ତାଙ୍କ ଘରକୁ ଯାଇ ସମବେଦନା ଜଣାଇଛନ୍ତି ଜଳେଶ୍ୱରର କଂଗ୍ରେସ କର୍ମୀ। ସୂଚନା ଅନୁସାରେ ପୌରାଞ୍ଚଳ ୯ ନମ୍ବର

### ସହାୟତା ପାଇଁ ଦାବିକଲା କଂଗ୍ରେସ

ୱାର୍ଡର ନିରାଶ୍ରୟ ମହିଳା କାଞ୍ଚନ ନାୟକ ଗତ ୧୭ ତାରିଖ ଲୁହା ସିଡିରୁ ଗୋଡ଼ ଖସି ଯିବାରୁ ପଡି ଗୁରୁତର ହେବା ସହିତ ଗୋଡ଼ ଓ କମର ହାଡ଼ ଭାଙ୍ଗି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସପିଟାଲ ଓ ପରେ କଟକ ବଡ଼ଡାକ୍ତରଖାନାକୁ ନେବାରୁ ସେଠି ଅସ୍ତ୍ରୋପ୍ରଚାର ହୋଇଥିଲା। କିନ୍ତୁ ସୁସ୍ଥ ନ ହେଉଣୁ ଦୁଇ ଦିନ ପରେ ତାଙ୍କୁ ହସପିଟାଲରୁ ଡିସଚାର୍ଜ କରିବାରୁ ସ୍ଥାନୀୟ ଲୋକେ ଏକ ଘରୋଇ ଆମ୍ବୁଲାନ୍ସରେ ଜଳେଶ୍ୱରକୁ ନେଇ ଆସି ତାଙ୍କର ଭଡାଘରେ ଛାଡି ଦେଇଥିଲେ। ବର୍ତ୍ତମାନ ସେ ପଙ୍ଗୁ ଅବସ୍ଥାରେ ବିଛଣାରେ କଷ୍ଟ ଯନ୍ତ୍ରଣା ଭୋଗିବା ସହିତ ଛଟପଟ ହେଉଛନ୍ତି। ହାତ ଗୋଡ ଚାଲୁ ନ ଥିବା ବେଳେ ପରିବାର ଲୋକେ ଆର୍ଥିକ ସାହାଯ୍ୟ କରିବା ଦୁରର କଥା ପାଖ ଭିଡୁ ନାହାଁନ୍ତି। ତେଣୁ କାଞ୍ଚନ ଦୁଃଖ ଯନ୍ତ୍ରଣାରେ ଦୟନୀୟ ଭାବେ କେବଳ ଭଗବାନଙ୍କୁ ଡାକୁଛନ୍ତି। ତେଣୁ ଶେଷରେ ନିରୁପାୟ ହୋଇ ଏହି କଷ୍ଟରୁ ମୁକ୍ତି ପାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ ଜରିଆରେ ଇଚ୍ଛାମୃତ୍ୟୁ ନିବେଦନ କରିଛନ୍ତି। ଯାହାକୁ ନେଇ ବର୍ତ୍ତମାନ ଏହି ଟୁଇଟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଜିଲ୍ଲା କଂଗ୍ରେସ ନେତା ତଥା ପ୍ରାକ୍ତନ ସାଂସଦ ଶ୍ରୀକାନ୍ତ ଜେନା ଓ ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ନିର୍ଦ୍ଦେଶରେ ସୋମବାର ସ୍ଥାନୀୟ କଂଗ୍ରେସ ନେତୃମଣ୍ଡଳୀ ପୀଡ଼ିତା କାଞ୍ଚନକୁ ଯାଇ ଭେଟିଥିଲେ। ଏପରିକି ସମାଜସେବୀ ଶ୍ରୀ ଦାସ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ତୁରନ୍ତ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହେମନ୍ତ ଗିରି, ଜିଲ୍ଲା ଯୁବ ସଂଯୋଜକ ସର୍ବେଶ୍ୱର ଦାସ, ରାଜୀବଗାନ୍ଧୀ ପଞ୍ଚାୟତ ସଂଗଠନର ବ୍ଲକ ସଂଯୋଜକ ପଦ୍ମଲୋଚନ ବେହେରା, ଯୁବ ନେତା ଅଫସର ଅଲ୍ଲୀ, କର୍ମୀ ଦୁର୍ଗା ଶଙ୍କର ଆସ, ଶୌଭିକ ଜେନା ପ୍ରମୁଖ ଭେଟି ଆର୍ଥିକ ସହାୟତା ଦେବା ସହିତ ଉଚ୍ଚ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ଦେବା ସହିତ ଚିକିତ୍ସାରେ ଅବହେଳା କରିଥିବା ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।




# ଧାନ ତଳିଘରା ପ୍ରସ୍ତୁତି

**ଆମ ଦେଶରେ ବର୍ଷକୁ ସାଧାରଣତଃ ଦୁଇଥର ଧାନ ଚାଷ କରାଯାଇଥାଏ । ବର୍ଷାଦିନେ ଖରିଫ ଧାନ ଓ ଖରାଦିନେ ରବି ଧାନ ଚାଷ କରାଯାଇଥାଏ । ବର୍ଷାଦିନେ ଚାଷୀମାନେ ବିଭିନ୍ନ କିସମର ଧାନ ଚାଷ କରିଥା'ନ୍ତି । ଯେହେତୁ ଧାନ ଚାଷରେ ଜମିର କିସମ ଦେଖି ବିହନ ଚୟନ କରାଯାଏ, ତେଣୁ ୧୨୦ ଦିନ ମଧ୍ୟରେ ମଧ୍ୟମ କିସମ ବିହନ, ୧୪୫ ଦିନ ମଧ୍ୟରେ ମଧ୍ୟମ ବିଳମ୍ବ କିସମ ଓ ୧୫୫ ଦିନ ମଧ୍ୟରେ ବିଳମ୍ବ କିସମ ବିହନ ଚୟନ କରି ଧାନ ଚାଷ କରିଲେ ଚାଷୀ ଅଧିକ ଅମଳ ପାଇପାରିବେ । ଏଥିପାଇଁ କିପରି ଧାନ ତଳିଘରା ପ୍ରସ୍ତୁତି କରିବେ, ଜାଣିରଖନ୍ତୁ ।**





**ଏକର ଜମି ପାଇଁ ୧୦ ଡେସିମିଲ ତଳିଘରା:** ଖରିଫ ଧାନ ରୋଇବା ପାଇଁ ସୁସ୍ଥ ତଳିର ଆବଶ୍ୟକତା ରହିଛି । ଅଳ୍ପ ପରିମିତ ଜାଗାରେ ତଳି ପକାଇଲେ ତଳିଗୁଡ଼ିକ ସରୁଆ ଓ ଦୁର୍ବଳ ହୋଇଯାଏ । ଏଥିପାଇଁ ମୁଖ୍ୟ କ୍ଷେତରେ ଅଧିକ ତଳି ରୋଇବାକୁ ପଡ଼େ । ସାଧାରଣତଃ ଏକ ଏକର ଜମି ପାଇଁ ୧୦ ଡେସିମିଲ ତଳିଘରା ପ୍ରସ୍ତୁତ କରିବାକୁ ପଡ଼େ । ତଳିଘରାରେ ଖତ ଓ ସାର ପ୍ରୟୋଗ କରିବା ଏକାନ୍ତ ଆବଶ୍ୟକ । ଏଥିପାଇଁ ୪୦୦ ବର୍ଗମିଟର ତଳିଘରା ପାଇଁ ୨୦୦ କିଗ୍ରା ଖତ ପ୍ରୟୋଗ କରିବା ଆବଶ୍ୟକ । ଏହାସହିତ ଶେଷ ଓଡ଼ ଚାଷ ପୂର୍ବରୁ ଦଶ ଡେସିମିଲ ତଳିଘରାରେ ୪ କିଗ୍ରା ଡିଏପି ଏବଂ ୪ କିଗ୍ରା ପଟାସ ପ୍ରୟୋଗ କରାଯାଏ । ତଳିଘରାକୁ ଓଦା ରଖନ୍ତୁ । ଠିଆପାଣି କିପରି ନ ହେବ ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ଦଶ ଡେସିମିଲି ଜାଗାରେ ସାଧାରଣତଃ ୨୦ କିଗ୍ରା ବିହନ ଆବଶ୍ୟକ ହୋଇଥାଏ । ହଳ ପରେ ମଇଦେଇ ଜମି ସମାନ କଲା ପରେ ନାଳି କାଟି ଦିଆଯାଏ । ଏହି ନାଳିରେ ଅତ୍ୟଧିକ ବର୍ଷା ଜଳ ନିଷ୍କାସିତ ହୋଇଥାଏ । ବିହନ ଗଜା କରି ଗାଲି ଫାଟିଗଲେ ଏହି ତଳିଘରାରେ ବୁଣି ଦିଅନ୍ତୁ । ଏହା ପରେ ଖତ ପକାଇଦେଲେ ମଞ୍ଜି ଉଷୁମ ରୁହେ, ଗଜା ଭଲ ବଢ଼େ । ପକ୍ଷୀମାନେ ବିହନ ଖାଇ ନଷ୍ଟ କରି ନ ଥା'ନ୍ତି । ଗଛ ଉଠିଲା ପରେ ଉପଯୁକ୍ତ ଭାବେ ଜଳ ପରିଚାଳନା କରନ୍ତୁ ।


ଜଳ ନିଷ୍କାସନ ସୁବିଧା ଥିବା ଅଞ୍ଚଳରେ କାଦୁଅ ତଳିଘରା ପ୍ରସ୍ତୁତ କରିବା ଭଲ । ତେବେ ରୋଗପୋକ ଲାଗିଲେ ଏହାର ପ୍ରତିକାର ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ । ସୁସ୍ଥ ତଳି ଉତ୍ତମ ଅମଳର ପ୍ରତିଶ୍ରୁତି ବହନ କରେ ।

## ସୌରଚାଳିତ ବହୁମୁଖୀ ଯନ୍ତ୍ର

# ଘାସମରା, ବିହନବୁଣା ସହ କରେ ସିଞ୍ଚନ କାମ

**ଚାଷ ପାଇଁ ସମୟକୁ ସମୟ ବିଭିନ୍ନ କାର୍ଯ୍ୟ କରିବାକୁ ପଡ଼ିଥାଏ । ଏଥିପାଇଁ ଶ୍ରମ ଓ ଅର୍ଥର ଆବଶ୍ୟକତା ପଡ଼େ । ଏହାକୁ ହ୍ରାସ କରିବା ପାଇଁ ମଝିରେ ମଝିରେ ନୂଆ ନୂଆ ଯନ୍ତ୍ରପାତି ସବୁ ବିକଶିତ ହୋଇଛି । ଏବେ ରାଜସ୍ଥାନ, ଝାଲୱାରର ରାମଧନ ଲୋଢ଼ା ଏକ ବହୁମୁଖୀ ସୌରଚାଳିତ ମେସିନ୍ ବିକଶିତ କରିଛନ୍ତି, ଯାହା ଘାସ ନିୟନ୍ତ୍ରଣ, ବିହନବୁଣିବା, କୀଟନାଶକ ସିଞ୍ଚନ, ସାର ପ୍ରୟୋଗ ଆଦି କରିବାର କ୍ଷମତା ରଖିଛି ।**

ବିଜ୍ଞାନ ପ୍ରତି ରୁଚି ରଖିଥିବା ରାମଧନ ଅଧିକାଂଶ ସମୟ ବିଭିନ୍ନ ମେସିନ୍‌ର ଉଦ୍‌ଭାବନ ଉପରେ ଗୁରୁତ୍ୱ ଦେଉଥିଲେ । କ୍ଷୁଦ୍ର ଚାଷୀଙ୍କ ଶ୍ରମଲାଘବ ଓ ଖର୍ଚ୍ଚ କମାଇବାକୁ ସେ ଗୋଟିଏ ମେସିନ୍‌ରେ ସାର ସିଞ୍ଚନ, ଘାସ ନିୟନ୍ତ୍ରଣ ଓ ଅନ୍ୟାନ୍ୟ କାମ କରିବାକୁ ଏକ ସକ୍ଷମ ସୌରଚାଳିତ ଘାସମରା ଯନ୍ତ୍ର ବିକଶିତ କରିଥିଲେ । ଏହି ପ୍ରୋଜେକ୍ଟଟିକୁ ବିଜ୍ଞାନ ମେଳାରେ ପ୍ରଦର୍ଶିତ କରି ତାଙ୍କୁ ମିଳିଥିବା ପୁରସ୍କାର ରାଶିକୁ ଉପଯୋଗ କରି ଏହି ସୌରଚଳିତ ମେସିନ୍ ସଫଳତାପୂର୍ବକ ବନାଇଥିଲେ । ପରିବେଶ ଅନୁକୂଳ ଉପକରଣଟି ଘାସ ନିୟନ୍ତ୍ରଣ ସହ ବିହନ ବୁଣିବା, କୀଟନାଶକ ଓ ଉର୍ବର ସିଞ୍ଚନ, ଜମିରେ ଗୋବର ଖତ ମିଶାଇବା କାର୍ଯ୍ୟ କରିଥାଏ । ଏଥିରେ ପରିଶ୍ରମ କମ୍ । ଏହି ସୌରଚାଳିତ ମେସିନ୍‌ରେ ସାଇକଲର କିଛି ଯନ୍ତ୍ରାଂଶ, ବ୍ୟାଟେରୀ, ସୌରପ୍ୟାନେଲ, ସିଞ୍ଚନ ପମ୍ପ, ଘାସ ନିୟନ୍ତ୍ରଣ ପାଇଁ ଯନ୍ତ୍ର ଲଗାଯାଇଛି । ବର୍ଷାଦିନେ ଚାଷୀ ଏଥିରେ ବ୍ୟାଟେରୀ ସୁବିଧା ମଧ୍ୟ ପାଇପାରିବେ । ଚାଷୀ ନିଜ ସୁବିଧାରେ ଏହାକୁ ବଡ଼ ବା ଛୋଟ କରିପାରିବେ । ଏହାର ଦାମ୍ ବହୁତ କମ୍ ହୋଇଥିବାରୁ କ୍ଷୁଦ୍ର ଚାଷୀଙ୍କୁ ବେଶ୍ ସହାୟକ ହୋଇପାରିବ । ଯେହେତୁ ଏହି ସୌରଚାଳିତ ମେସିନ୍‌ରେ ଏକ ବଲ୍‌ବ ଲାଗିଛି, ତେଣୁ ଚାଷୀମାନେ ସହଜରେ ରାତିରେ କାମ କରିପାରିବେ । ଏପରି ନିଆରା କାର୍ଯ୍ୟ ପାଇଁ ରାମଧନଙ୍କୁ ବିଭିନ୍ନ କ୍ଷେତ୍ରରୁ ସମ୍ମାନିତ କରାଯାଇଛି ।





# ଛେଳିଙ୍କୁ ବିପଦ ଆନ୍ଥ୍ରାକ୍ସ



**ଆମ ରାଜ୍ୟର କିଛି ଲୋକ ଗାଇ, ମଇଁଷି , ଛେଳି ଓ କୁକୁଡ଼ା ଆଦି ପାଳିଥା'ନ୍ତି । ଏଥି ମଧ୍ୟରେ ଛେଳି ପାଳନ ସବୁଠୁ ସହଜ ଓ ସୁଲଭ । ହେଲେ ଛେଳିଙ୍କୁ ହେଉଥିବା ଆନ୍ଥ୍ରାକ୍ସ ରୋଗ ସବୁଠୁ ବିପଜ୍ଜନକ । ସମୟ ପୂର୍ବରୁ ଚିହ୍ନି ଏହାର ଚିକିତ୍ସା ନ କଲେ କ୍ଷତି ସହିବାକୁ ପଡ଼ିଥାଏ । ତେଣୁ ଛେଳିଙ୍କ ଠାରେ ଦେଖାଯାଉଥିବା ଆନ୍ଥ୍ରାକ୍ସକୁ କେମିତି ଚିହ୍ନିବେ ଓ ଏହାର ଚିକିତ୍ସା ପଦ୍ଧତି କ'ଣ ଜାଣନ୍ତୁ...**



- ଏହି ରୋଗ ଗାଇ, ଛେଳି ଓ ମଇଁଷିଙ୍କୁ ହୋଇଥାଏ । ଛେଳିଙ୍କ ଠାରେ କେସିୟସ୍ ଲିମ୍ଫେଡେନାଇଟିସ୍ ତଥା ଆନ୍ଥ୍ରାକ୍ସ ଏକ ପୁରୁଣା ରୋଗ । ଏହା କର୍ଣ୍ଣବ୍ୟାକ୍ଟେରିୟମ ସୁଡୋଟ୍ୟୁବରକୁଲୋସିସ ନାମକ ଜୀବାଣୁ ଦ୍ୱାରା ବ୍ୟାପିଥାଏ । ଆକ୍ରାନ୍ତ ଛେଳିର ଲାଳ, ମଳମୂତ୍ରରେ ଥିବା ଜୀବାଣୁ ଦ୍ୱାରା ଏହା ଅନ୍ୟ ପ୍ରାଣୀଙ୍କୁ ବ୍ୟାପିଥାଏ । ସଂକ୍ରମିତ ଛେଳି ସହ ଅନ୍ୟ ସୁସ୍ଥ ଛେଳିଙ୍କୁ ରଖିବା ମଧ୍ୟ ଏହି ରୋଗ ବ୍ୟାପିବାର ଅନ୍ୟ ଏକ କାରଣ ।
- ଆନ୍ଥ୍ରାକ୍ସ ଆକ୍ରାନ୍ତ ଛେଳିଙ୍କୁ ପ୍ରବଳ ଜ୍ୱର ହେବାସହ ଶରୀରର ବିଭିନ୍ନ ଅଂଶରେ ଫୋଟକା ହୋଇଥାଏ । ଏହାଦ୍ୱାରା ଦୁଗ୍ଧ ଉତ୍ପାଦନ ହ୍ରାସ ପାଇବା, ଓଜନ ହ୍ରାସ ପାଇବା, ନ ଖାଇବା, ମାନ୍ଦା ରହିବା ସହ ଶରୀରରେ ଦାଗ ପଡ଼ିଯିବା ଆଦି ଲକ୍ଷଣ ଦେଖାଯାଇଥାଏ ।
- ଏହି ଜୀବାଣୁ ଛେଳିଙ୍କ ଶରୀରରେ ଦୀର୍ଘ ସମୟ ରହିଥାଏ । ତେଣୁ ରୋଗ ଚିହ୍ନଟ କରି ଚିକିତ୍ସା ନ କରିବା ଦ୍ୱାରା ପ୍ରାଣୀଙ୍କ ମୃତ୍ୟୁ ଘଟିଥାଏ । ମୃତ୍ୟୁ ପରେ ସେମାନଙ୍କ କାନ, ନାକ ପାଟି ଆଉ ମଳଦ୍ୱାରରୁ କଞ୍ଚାରକ୍ତ ବାହାରିଥାଏ । ଏହା ବାୟୁ ଦ୍ୱାରା ଅନ୍ୟ ପ୍ରାଣୀ ସମେତ ମନୁଷ୍ୟଙ୍କୁ ମଧ୍ୟ ଆକ୍ରାନ୍ତ କରିଥାଏ ।
- ଏହି ରୋଗ ଉପଚାର ପାଇଁ ସର୍ବଦା ସଂକ୍ରମିତ ପ୍ରାଣୀଠାରୁ ଅନ୍ୟ ସୁସ୍ଥ ପ୍ରାଣୀଙ୍କୁ ଅଲଗା ରଖନ୍ତୁ । ଡାକ୍ତରଙ୍କ ପରାମର୍ଶରେ ଛେଳିଙ୍କୁ ଆନ୍ଥ୍ରାକ୍ସ ଟିକା ଦିଅନ୍ତୁ । ଏହି ରୋଗରେ ମୃତ୍ୟୁବରଣ କରିଥିବା ଛେଳିଙ୍କୁ ଏଣେତେଣେ ନ ଫିଙ୍ଗି ଛଅ ଫୁଟ ଗଭୀର ଗାତ ଖୋଳି ଚୂନ ଦେଇ ପୋତିଦେବା ଉଚିତ ।

# କପା ଚାଷ



**ସମଗ୍ର ବିଶ୍ୱରେ କପା ଚାଷ କରାଯାଉଥିବାବେଳେ ଭାରତର ପ୍ରାୟ ୬୦ ଲକ୍ଷ ଲୋକ ଏହି ଚାଷକୁ ଜୀବିକା ଭାବେ ଗ୍ରହଣ କରିଛନ୍ତି । କପଡ଼ା ଠାରୁ ଆରମ୍ଭ କରି ରଶି ଆଦି ବ୍ୟବହାରରେ କପାକୁ ଉପଯୋଗ କରାଯାଏ । ଏହା ମଧ୍ୟ ପ୍ରାଣୀ ଆହାର ଭାବେ ବ୍ୟବହାର କରାଯାଇଥାଏ । ନିଗିଡ଼ା, ଉର୍ବର ଓ ଗଭୀର ମାଟି କପା ଚାଷ ପାଇଁ ସର୍ବୋତ୍ତମ । ଯେହେତୁ କପା ଚାଷ ପାଇଁ ଜୁଲାଇ, ସେପ୍ଟେମ୍ବର ଓ ଅକ୍ଟୋବର ମାସ ସବୁଠୁ ଉପଯୁକ୍ତ ସମୟ, ତେଣୁ ଏହି ଚାଷ ପାଇଁ ସର୍ବଦା ଉନ୍ନତ କିସମ ଯଥା -ଏମ୍-ସି.ୟୁ-୫, ଏସ୍.ଆର୍ ଟି-୧, ଏଚ୍୭୭୭ ଏବଂ ସଙ୍କର କିସମ ବାଣୀ, ସବିତା ବ୍ୟବହାର କରିପାରିବେ ।**

ଏକର ପିଛା ପ୍ରାୟ ୫ କିଗ୍ରା ଦେଶୀ ଓ ସଙ୍କର କିସମ ୨ କିଗ୍ରା ବିହନ ଆବଶ୍ୟକ ହୁଏ । ତେବେ ଜୀବାଣୁଜନିତ ରୋଗର ନିୟନ୍ତ୍ରଣ ପାଇଁ ଗୋବର ବା ବାଭିଷ୍ଟିନ୍‌ରେ ବିହନ ବିଶୋଧନ କରିପାରିବେ । ଚାଷ କରିବା ପୂର୍ବରୁ ଜମିକୁ ଗୁଣ୍ଡଚାଷ କରି ପ୍ରାୟ ଏକର ପିଛା ୫ଟନ୍ ଖତ ବ୍ୟବହାର କରିବାକୁ ପଡ଼େ । ଗଛକୁ ଗଛ ଓ ଗଭୀରର ଦୂରତ୍ୱକୁ ଧ୍ୟାନ ଦେବା ସହ ୫ ସେମି ଗଭୀରରେ ବୁଦା ପ୍ରତି ୨ଟି ମଞ୍ଜି ପ୍ରୟୋଗ କରିବା ଭଲ । ଦେଶୀ କପା ବୁଣିବାକୁ ମେସିନ୍ ପ୍ରୟୋଗ କରିପାରିବେ । ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଗଛରେ ପାଣି ଦେବା ଉଚିତ । ଯଦି ଚାହିଁବେ, ଜୈବିକ ଖତ ମଧ୍ୟ ଗଛମୂଳରେ ପ୍ରୟୋଗ କରିପାରିବେ । କେବଳ ସେତିକି ନୁହେଁ, କପା ଚାଷରେ ଫୁଲ ଓ ବକରା ସମୟରେ ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗଛରେ ବକରା ଆସିବା ବିଳମ୍ବ ହେଲେ, ଏଥିପାଇଁ ପ୍ରତି ୪.୫ ଲିଟର ପାଣିରେ ୧ ମିଲି ଅଲ୍ଫା ନାପ୍ଥାଇଲ ଏସିଟିକ୍ ଏସିଡ ମିଶାଇ ସିଞ୍ଚନ କରନ୍ତୁ । ମୂଳଶଢ଼ା ରୋଗର ଲକ୍ଷଣ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ ମେଟାଲାକ୍ସିଲ ୮% +ମାଙ୍କୋଜେବ୍ ୬୪ ଡବ୍ଲୁ ପି ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଞ୍ଚନ କରିପାରିବେ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...



- ଛଟାବୁଣା ଧାନ ପାଇଁ ଏକର ପ୍ରତି ୨୪ରୁ ୩୦ କିଗ୍ରା ଏବଂ ସିଡଡ୍ରିଲ୍ ଦ୍ୱାରା ବୁଣା ଧାନ ପାଇଁ ଏକର ପ୍ରତି ୧୨ରୁ ୧୬ କିଗ୍ରା ଉତ୍କୃଷ୍ଟ ବିହନ ବ୍ୟବହାର କରନ୍ତୁ ।
- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛିଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ଚିନାବାଦାମ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ବୁଣିବାର ୧ରୁ ୨ ଦିନ ମଧ୍ୟରେ ୮୦ ମିଲି ଅକ୍ସିଫ୍ଲୁରୋଫେନ୍ ନାମକ ଘାସମରା ଔଷଧ କିମ୍ବା ଲିଟର ପେଣ୍ଡିମିଥାଲିନ୍ ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ବାଇଗଣ ଫସଲରେ ମୂଳସାର ହିସାବରେ ଏକର ପ୍ରତି ୨୦ କିଗ୍ରା ୟୁରିଆ, ୫୨ କିଗ୍ରା ଡିଏପି ଏବଂ ୨୦ କିଗ୍ରା ମ୍ୟୁରେଟ୍ ଅଫ୍ ପଟାସ ସାର ପ୍ରୟୋଗ କରନ୍ତୁ ।
- ବର୍ଷାଋତୁରେ କୁକୁଡ଼ା ଫାର୍ମରେ ବାୟୁ ଚଳାଚଳ ପାଇଁ ଉପଯୁକ୍ତ ବନ୍ଦୋବସ୍ତ କରନ୍ତୁ । କୀଟମାନଙ୍କ ଆକ୍ରମଣରୁ କୁକୁଡ଼ାଙ୍କୁ ରକ୍ଷା କରିବାକୁ ସେଡର ଚାରିପାଖରେ ଥିବା ନାଳିଗୁଡିକୁ ସ୍ୱଚ୍ଛ ଓ ଶୃଙ୍ଖଳା ରଖନ୍ତୁ । ବର୍ଷା ଜଳ କିପରି ସେଡ୍ ଭିତରକୁ ସିଧାସଳଖ ପ୍ରବେଶ ନ କରିବ, ସେଥିପାଇଁ ଉଚିତ ବ୍ୟବସ୍ଥା କରନ୍ତୁ ।

# ଟେରାସ୍ ଗାର୍ଡେନ୍‌ରେ ୩୦୦ ବୃକ୍ଷ

**କରୋନା ସମୟରେ ଅମ୍ଳଜାନ ଅଭାବରୁ ପ୍ରାଣ ହରାଇଥିବା ଶାଶୂଙ୍କ ସ୍ମୃତିରେ ଉତ୍ତରପ୍ରଦେଶ, ମିରଟର ସୁରଭି ଯାଦବ ଅଲୋଡ଼ା ସାମଗ୍ରୀକୁ ଉପଯୋଗ କରି ନିଜ ଘରକୁ ଏକ ଟେରାସ ଗାର୍ଡେନର ରୂପ ଦେଇଛନ୍ତି । ଶାଶୂଙ୍କ ଶୋଇବା କୋଠରିରୁ ସେ ବହୁତ କିଛି ସାମଗ୍ରୀ ପାଇଥିଲେ । ଏସବୁ ସାଇତି ରଖି ଶାଶୂଙ୍କୁ ହରାଇବାର ଅବସାଦ ଭୁଲିବାକୁ ସେ ପୁରୁଣା ଲଣ୍ଠନ, କେଟିଲ୍, ପ୍ଲେଟ୍ ଆଦି ଉପଯୋଗ କରି ବିଭିନ୍ନ ଗଛ ଲଗାଇବାକୁ ଗୁରୁତ୍ୱ ଦେଇଥିଲେ ।**

## ଲଣ୍ଠନ, କେଟିଲ୍ ଓ ପ୍ଲେଟ୍‌ର ଉପଯୋଗ

ବର୍ଜ୍ୟ ଓ ଅଲୋଡା ସାମଗ୍ରୀକୁ ବ୍ୟବହାର କରି ସେ ଚାଷ ଆରମ୍ଭ କରିଥିଲେ । ଏଥିପାଇଁ ସେ କେଟିଲ୍, ବୋତଲ, ମାଠିଆ, ଲଣ୍ଠନ ଆଦିକୁ ଉପଯୋଗ କରି ଗଛ ଲଗାଇଥିଲେ । ତାଙ୍କ ଟେରାସ ଗାର୍ଡେନରେ ବିଭିନ୍ନ ଅଳଙ୍କାରିକ ଫୁଲ ଗଛ ଯଥା- ମନ୍ଦାର, ଚମେଲି, କାଗିଜି ଫୁଲ ସହ ଛୋଟ ଖଜୁରି ଆରେକା, ତାଳ ଆଦି ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଗଛ ରହିଛି । ଏହାସହିତ ଟମାଟୋ, ବାଇଗଣ, ପାଳଙ୍ଗ, ମେଥି, ଶିମ୍ବ, କଞ୍ଚାଲଙ୍କା ଆଦି ପନିପରିବା ଚାଷ ସେ କରୁଛନ୍ତି । ଏବେ ଏହି ଗଛରୁ ସେ ନିଜ ଘରକୁ ଅମ୍ଳଜାନ ଯୋଗାଇ ପାରୁଥିବା ସୁରଭି କହିଛନ୍ତି ।

ମୃତ୍ତିକାର ଉର୍ବରଶକ୍ତି ବଢ଼ାଇବାକୁ ସେ ଗୋବର, ବାୟୋଏନ୍‌ଜାଇମ୍ ଏବଂ ଜିଆଖତ ଆଦି ବ୍ୟବହାର କରନ୍ତି । ଅଧିକାଂଶ ସମୟରେ ସେ ରୋଷେଇ ଘରୁ ବାହାରୁଥିବା ପରିବାଚୋପାକୁ ଚାଷ କୁଣ୍ଡରେ ବ୍ୟବହାର କରିଥାନ୍ତି । ଏହାଦ୍ୱାରା ତାଙ୍କୁ ବଜାରର ରାସାୟିନକ ସାର ଉପରେ ଆଉ ନିର୍ଭରଶୀଳ ହେବାକୁ ପଡୁନାହିଁ । ଘରେ ମଧ୍ୟ ସେ ଜୈବିକ ପରିବା ଫଳାଇ ପାରୁଛନ୍ତି । କେବଳ ସେତିକି ନୁହେଁ, ସେ ପୁରୁଣା ଲଣ୍ଠନ, ରୋଷେଇ ସାମଗ୍ରୀ, ପ୍ଲେଟ୍ ଆଦିକୁ ନୂଆ ରୂପ ଦେଇ ଏହାକୁ ଝୁଲନ୍ତା କୁଣ୍ଡ ଭାବେ ବ୍ୟବହାର କରିଛନ୍ତି । ଏ ସମସ୍ତ ସାମଗ୍ରୀକୁ ଦେଖିଲେ ତାଙ୍କୁ ଏକ ଭିନ୍ନ ଖୁସି ମିଳିଥାଏ ବୋଲି ସେ କୁହନ୍ତି ।







ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

# ଜଣାପଡ଼ିଲା ଦୀର୍ଘଜୀବୀ ଓଲଟବୃକ୍ଷ ବାଓବାବର ଉତ୍ପତ୍ତିସ୍ଥଳ



ଓଲଟ ବୃକ୍ଷ ଭାବେ ପରିଚିତ ଆଫ୍ରିକାର ବାଓବାବ ବୃକ୍ଷ। ଏହି ବୃକ୍ଷ ସାଧାରଣତଃ ମାଡାଗାସ୍କାର ଦ୍ୱୀପ, ଆଫ୍ରିକା ଏବଂ ଉତ୍ତର ପଶ୍ଚିମ ଅଷ୍ଟ୍ରେଲିଆର ଜଙ୍ଗଲରେ ଦେଖାଯାଏ। ଅସାଧାରଣ ଜଳଧାରଣ ଓ ଖାଦ୍ୟଯୋଗାଣ କ୍ଷମତା ସହ ଏହାର ପତ୍ରର ଔଷଧୀୟ ଗୁଣ ଯୋଗୁଁ ଏହାକୁ 'ଜୀବନ ବୃକ୍ଷ' ମଧ୍ୟ କୁହାଯାଏ। ପ୍ରାୟ ୮୨ ଫୁଟ ଉଚ୍ଚ ଯାଏ ବଢ଼ି ପାରୁଥିବା ଏହି ଗଛ ହଜାର ହଜାର ବର୍ଷ ଧରି ବଞ୍ଚି ରହିବାର ସାମର୍ଥ୍ୟ ରଖିଛି। ଏହି ଗଛର ପ୍ରାୟ ସମସ୍ତ ଅଂଶକୁ ଉଭୟ ମଣିଷ ଓ ଜୀବଜନ୍ତୁ ବ୍ୟବହାର କରୁଥିବାରୁ ଏହାକୁ ଜଙ୍ଗଲର ମା' ବୋଲି ମଧ୍ୟ କୁହାଯାଏ। ଅନ୍ୟପଟେ ଏହି ଗଛକୁ ନେଇ ଏବେ ସୁଦ୍ଧା ବୈଜ୍ଞାନିକମାନେ ଅନେକ ପରସ୍ପର ବିରୋଧୀ ମତ ରଖି ଆସୁଥିବା ବେଳେ ଗଛର ଉତ୍ପତ୍ତି ଆଫ୍ରିକାରୁ ହୋଇଥିବା କୁହାଯାଏ। ଏହାରି ଭିତରେ ଗତ ମାସରେ ନେଚର ପତ୍ରିକାରେ ପ୍ରକାଶିତ ଏକ ଅଧ୍ୟୟନରୁ ଏହି ଗଛର ଉତ୍ପତ୍ତିସ୍ଥଳ ଆଫ୍ରିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ଶିକ୍ଷାବିତ୍‌ମାନଙ୍କର ଏକ ଦଳ ସଫଳତାର ସହିତ ଆଠଟି ବାଓବାବ ପ୍ରଜାତି ମଧ୍ୟରୁ ପ୍ରତ୍ୟେକର ଜିନୋମ୍‌କୁ କ୍ରମାନୁସାରେ ଅନୁସନ୍ଧାନ କରିଥିଲେ। ଏପରିକି ପରସ୍ପର ମଧ୍ୟରେ ଥିବା ସମ୍ବନ୍ଧକୁ ପରୀକ୍ଷା କରାଗଲା ଏବଂ ସେଥିରୁ ସେମାନେ ଉପନୀତ ହେଲେ ଯେ, ଏହାର ଉତ୍ପତ୍ତିସ୍ଥଳ ମାଡାଗାସ୍କାର। ତେବେ ଏଠାରେ ଗଛ ସଂଖ୍ୟା ହ୍ରାସ ପାଉଥିବା ସମୟରେ ଏହି ତଥ୍ୟ ସାମ୍ନାକୁ ଆସିଛି। ଗବେଷଣା ଅନୁସାରେ, ଏଠାରେ ଛଅଟି ପ୍ରଜାତିର ବାଓବାବ ଗଛ ଦେଖାଯାଏ। ସେଥିରୁ ଗୋଟିଏ ପ୍ରଜାତି ୨୦୮୦ ସୁଦ୍ଧା ବିଲୁପ୍ତ ହୋଇପାରେ। ଚୀନ୍‌ର ୱୁହାନ୍ ବଟାନିକାଲ ଗାର୍ଡେନର ଗବେଷକଙ୍କ ଅନୁସାରେ, ଜୀବବିଜ୍ଞାନୀଙ୍କୁ ଗଛର ଉତ୍ପତ୍ତି ସମ୍ପର୍କରେ ଜାଣିବା ପାଇଁ ବହୁତ ସଂଘର୍ଷ କରିବାକୁ ପଡ଼ିଛି। କାରଣ ସେମାନଙ୍କୁ ପ୍ରାଚୀନ ବାଓବାବର ଜୀବାଶ୍ମ ମିଳି ନାହିଁ। ସେହିପରି ପୂର୍ବ ଅଧ୍ୟୟନରୁ ବାଓବାବକୁ ନେଇ ଯେଉଁ ଆନୁବଂଶିକ ତଥ୍ୟ ମିଳିଥିଲା, ତାହା ବେଶ୍ ସୀମିତ ଥିଲା। ମାଡାଗାସ୍କରରେ ବାଓବାବର ଉତ୍ପତ୍ତି ପ୍ରାୟ ୨୧ କୋଟି ବର୍ଷ ପୂର୍ବରୁ ହୋଇଥିଲା। ଅନ୍ୟପକ୍ଷରେ ଅଧ୍ୟୟନ ନିଷ୍କର୍ଷରୁ ଜଣାପଡ଼ିଛି ଯେ, ବାଓବାବ ସଂଖ୍ୟା ଏଠାରେ ହଜାରେ ବର୍ଷରୁ ହ୍ରାସ ପାଇ ଚାଲିଛି। ନିରନ୍ତର ଜଙ୍ଗଲ କାଟ୍ ଯୋଗୁଁ ବାଓବାବ ଗଛ ହ୍ରାସ ପାଇବାରେ ଲାଗିଛି। ତେବେ ଏହି ଅଧ୍ୟୟନ ମାଡାଗାସ୍କାରରେ ବାଓବାବର ସଂରକ୍ଷଣ ଏବଂ ପ୍ରୟାସକୁ ଆଗକୁ ନେବାରେ ସାହାଯ୍ୟ କରିବ ବୋଲି ଗବେଷକମାନେ ଆଶାବାଦୀ ଅଛନ୍ତି।

# 'ସିକନ୍ଦର'ର ପୋଷ୍ଟର ସେୟାର କଲେ ସାଜିଦ୍

ସଲମାନ୍ ଖାନ୍ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ସିକନ୍ଦର'କୁ ନେଇ ବ୍ୟସ୍ତ। ଏ. ଆର୍. ମୁରୁଗାଦୋସ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିଭଳି ସାଜିଦ୍ ନାଡିୟାଡୱାଲା ଏହାର ପ୍ରଯୋଜନା ଭାର ସମ୍ଭାଳିବେ। ନିକଟରେ ସାଜିଦ୍ ଫିଲ୍ମର ଏକ ପୋଷ୍ଟର ସେୟାର କରିଛନ୍ତି। ଏଥିରେ ପୋଷ୍ଟର ସହ ସଲମାନ୍‌ଙ୍କ ଆଇକନିକ୍ ବ୍ରେସ୍‌ଲେଟ୍ ସ୍ଥାନ ପାଇଛି। ତେବେ ଏହି ବ୍ରେସ୍‌ଲେଟ୍‌କୁ ଦେଖି ସଲମାନ୍‌ଙ୍କ ପ୍ରଶଂସକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ସାଜିଦ୍ ଏହି ପୋଷ୍ଟର୍ ସେୟାର୍ କରି ଲେଖିଛନ୍ତି- 'ଲାଇଟ୍...କ୍ୟାମେରା...ଆସିଗଲା ସିକନ୍ଦର। ଏହା ୨୦୨୫ ଇଦ୍ ଅବସରରେ ଆସିବ।' ଏହାପୂର୍ବରୁ ମେ' ୯ ତାରିଖରେ ଫିଲ୍ମ ନିର୍ମାତା ଏକ ଘୋଷଣା କରିଥିଲେ। ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ରଶ୍ମିକା ମନ୍ଦାନା ଅଭିନୟ କରିବେ ବୋଲି ଘୋଷଣା କରାଯାଇଥିଲା। ସାଜିଦ୍‌ଙ୍କ ସହ ସଲମାନ୍ ବଲିଉଡ୍‌କୁ 'ଜୁଡଓ୍ୱା', 'ମୁଝସେ ଶାଦି କରୋଗି', 'କିକ୍' ଭଳି ହିଟ୍ ଫିଲ୍ମ ଦେଇଛନ୍ତି। ସେହିଭଳି ଏହାପୂର୍ବରୁ ମୁରୁଗାଦୋସଙ୍କ ସହ ସଲମାନ୍ 'ଜୟ ହୋ' ଫିଲ୍ମରେ କାମ କରିଥିଲେ।






# ଜିମ୍ ଟ୍ରେନର ସ୍ୱାମୀଙ୍କ ପାଇଁ ସର୍ତ୍ତ

## ଓଜନ ନ କମିବାରୁ ଛାଡ଼ପତ୍ର

ପତି-ପତ୍ନୀଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଏକ ଆଇନଗତ ପ୍ରକ୍ରିୟା। ଯେଉଁଥିରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ବୈବାହିକ ସମ୍ପର୍କରେ ପୂର୍ଣ୍ଣଚ୍ଛେଦ ପଡ଼ିଥାଏ। ସାଧାରଣତଃ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହ ବଢ଼ିଲେ, କିମ୍ବା ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ନ ରହିବା ଦ୍ୱାରା ବିବାହ ବିଚ୍ଛେଦ ହୋଇଥାଏ। ହେଲେ କେଉଁଠି ଓଜନ ହ୍ରାସ ନ ହେବା ପାଇଁ ବିବାହ ବିଚ୍ଛେଦ ହୁଏ, ଏକଥା ପ୍ରାୟ କମ୍ ଶୁଣିଥିବେ। ଏପରି ଏକ ଘଟଣା ଆଗ୍ରାରେ ଦେଖିବାକୁ ମିଳିଛି। ଏଠାର ଜଣେ ଯୁବତୀ ନିଜର ମୋଟାପଣକୁ ନେଇ ଚିନ୍ତାରେ ରହିଥିଲେ। ସେ ଓଜନ କମାଇବାକୁ ଅନେକ ପ୍ରୟାସ କରିଥିଲେ ମଧ୍ୟ ଖାଦ୍ୟାଭ୍ୟାସରେ ନିୟନ୍ତ୍ରଣ କରି ପାରି ନ ଥିଲେ। ତାଙ୍କୁ ଓଜନ କମାଇବା ନିଶା ଏମିତି ଲାଗିଥିଲା ଯେ, ସେ ଏଥିପାଇଁ ଜଣେ ଜିମ୍ ଟ୍ରେନର୍‌ଙ୍କୁ ପ୍ରେମ କରିଥିଲେ। ପରେ ଉକ୍ତ ବ୍ୟକ୍ତିଙ୍କ ସହ ସେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ତେବେ ବିବାହ ପୂର୍ବରୁ ଏହି ମହିଳା ଜଣକ ଓଜନ ଥିଲା ୭୫ କେଜି। ବିବାହ ପୂର୍ବରୁ ମଧ୍ୟ ଯୁବକ ଜଣକ ମହିଳାଙ୍କ ଓଜନ କମ୍ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ବିବାହ ବର୍ଷକ ପରେ ମଧ୍ୟ ମହିଳାଙ୍କ ଓଜନ ହ୍ରାସ ପାଇ ନ ଥିଲା। ତେଣୁ ଏବେ ମହିଳା ଜଣକ ନିଜ ସ୍ୱାମୀ ଠାରୁ ଛାଡ଼ପତ୍ର ଚାହୁଁଛନ୍ତି। ଘଟଣା ଏପରି ହେଲା ଯେ ଉଭୟ ପରିବାର ପରାମର୍ଶ କେନ୍ଦ୍ରରେ ପହଞ୍ଚିଥିଲେ। ତେବେ ଏ ବିଷୟରେ ପରାମର୍ଶ କେନ୍ଦ୍ର କାଉନସିଲର କୁହନ୍ତି, ମହିଳା ଜଣକ ଜିମ୍ ଟ୍ରେନରଙ୍କ ବଡ଼ିକୁ ଦେଖି ବିବାହ କରିଥିଲେ। ଏହାସହ ମହିଳା ଜଣକ ଓଜନ କମାଇବାରେ ସେ ସାହାଯ୍ୟ କରିବେ ବୋଲି ସର୍ତ୍ତ ରଖିଥିଲେ। ମହିଳାଙ୍କ ଏହି ସର୍ତ୍ତରେ ଯୁବକ ମଧ୍ୟ ସହମତ ହୋଇଥିଲେ। ହେଲେ ଦୁଃଖର କଥା, ବିବାହ ପୂର୍ବରୁ ମହିଳାଙ୍କ ଓଜନ ୭୫କେଜି ଥିଲା ବିବାହ ପରେ ମଧ୍ୟ ସମାନ ଓଜନ ରହିଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନଥିଲା। ଏହି ପରିସ୍ଥିତିରେ ସ୍ୱାମୀ ଜଣକ ତାଙ୍କ ସ୍ତ୍ରୀ ସହ ରହିବାକୁ ଚାହୁଁଥିଲେ ମଧ୍ୟ ମହିଳା ଜଣକ କୌଣସି ପ୍ରକାରରେ ଜିମ୍ ଟ୍ରେନରଙ୍କ ସହିତ ଆଉ ରହିବାକୁ ଚାହୁଁ ନ ଥିବା କହିଥିଲେ। ତେବେ ଏକ୍ଷେତ୍ରରେ ଉକ୍ତ ମହିଳାଙ୍କୁ ବୁଝାସୁଝା କରାଯାଉଛି। ତେବେ ଏହି ମାମଲାରେ ଶୁଣାଣି ହୋଇ ନାହିଁ। ତେବେ ଏବେ ଏହି ପତିପତ୍ନୀ ସାଙ୍ଗରେ ରହୁଛନ୍ତି କି ଅଲଗା ହୋଇଯାଉଛନ୍ତି ତାହା ଦେଖିବାକୁ ବାକି ରହିଲା।





# ପ୍ଲାଷ୍ଟିକ୍ ବୋତଲରୁ ମଧୁମେହ

ପାଣି ପିଇବା ଲାଗି ପ୍ଲାଷ୍ଟିକ୍ ବୋତଲର ବ୍ୟବହାର କିଛି ବର୍ଷ ହେଲା ବଢ଼ିଯାଇଛି। ଏହି ଅଭ୍ୟାସ କେବଳ ପରିବେଶ ପାଇଁ କ୍ଷତିକାରକ ନୁହେଁ, ଏହା ସ୍ୱାସ୍ଥ୍ୟ ଉପରେ ମଧ୍ୟ ନକାରାତ୍ମକ ପ୍ରଭାବ ପକାଏ। ନିକଟରେ ହୋଇଥିବା ଏକ ଅଧ୍ୟୟନ ଅନୁଯାୟୀ, ପ୍ଲାଷ୍ଟିକ୍ ବୋତଲ ପାଣି ପିଇବା ଦ୍ୱାରା ମଧୁମେହ ହେବା ଆଶଙ୍କା ବୃଦ୍ଧି ପାଇଥାଏ। ଆମେରିକା ଡାଇବେଟିସ୍ ଆସୋସିଏସନ୍‌ର ଏକ ସର୍ଭେ ଅଧ୍ୟୟନ ଅନୁଯାୟୀ, 'ବିପିଏ' ବା 'ବିସ୍ଫେନଲ ଏ' ଖାଦ୍ୟ ତଥା ପାନୀୟ ପ୍ୟାକେଜିଂରେ ଅଧିକ ମାତ୍ରାରେ ବ୍ୟବହୃତ ହୋଇଥାଏ। ତେବେ ପ୍ଲାଷ୍ଟିକ୍‌ରେ ବ୍ୟବହୃତ ଏହି ବିପିଏ ଇନ୍‌ସୁଲିନ୍‌କୁ ହ୍ରାସ କରିଥାଏ। ଯାହାର ଫଳସ୍ୱରୂପ ଟାଇପ-୨ ମଧୁମେହ ରୋଗ ଆଶଙ୍କା ବୃଦ୍ଧି ହୋଇଥାଏ। ତେବେ ଫୁଡ୍ ଆଣ୍ଡ୍ ଡ୍ରଗ୍ ଆଡମିନିଷ୍ଟ୍ରେସନର ରିପୋର୍ଟ ଅନୁଯାୟୀ, ଖାଦ୍ୟ, ପାନୀୟ ପାତ୍ର ପ୍ରଭୃତିରେ ୫ ମିଲିଗ୍ରାମ ବିପିଏ ବ୍ୟବହାରକୁ ସୁରକ୍ଷିତ ମଣାଯାଏ। କିନ୍ତୁ ନୂତନ ଅଧ୍ୟୟନ ଅନୁଯାୟୀ, ବର୍ତ୍ତମାନ ଏହାର ମାତ୍ରା ବିପଦଜନକ ଭାବେ ବୃଦ୍ଧି ହେବାରେ ଲାଗିଛି। ତେଣୁ ବିଶେଷଜ୍ଞମାନେ ୨୦୨୪ରେ ଶେଷଆଡ଼କୁ ଖାଦ୍ୟ ତଥା ପାନୀୟ ସଂସ୍ପର୍ଶରେ ଆସୁଥିବା ଏହି ବିପିଏକୁ ନିଷେଧ କରିବାପାଇଁ ଦାବି କରିଛନ୍ତି। ଏହି ଅଧ୍ୟୟନର ନିଷ୍କର୍ଷ ଅନୁସାରେ, ଏହି ବିପିଏ ପରିମାଣକୁ ହ୍ରାସ କରିବାପାଇଁ ଷ୍ଟେନଲେସ ଷ୍ଟିଲ୍, କାଚବୋତଲ, ବିପିଏ ମୁକ୍ତ କଣ୍ଟେନର ବ୍ୟବହାର କରି ମଧୁମେହ ରୋଗକୁ ରୋକା ଯାଇପାରିବ। ତେବେ ବିପିଏ ବା ବିସ୍ଫେନେଲ ପ୍ଲାଷ୍ଟିକ୍ ତଥା ଖାଦ୍ୟ କଣ୍ଟେନରରେ ବ୍ୟବହାର କରାଯାଇଥାଏ।



## ଆଜି ଆସିଥିଲେ...

### 'ମାଟିର ମଣିଷ'ର ସ୍ରଷ୍ଟା

# କାଳିନ୍ଦୀ ଚରଣ ପାଣିଗ୍ରାହୀ



କାଳିନ୍ଦୀ ଚରଣ ପାଣିଗ୍ରାହୀ ଥିଲେ ଜଣେ ଖ୍ୟାତନାମା କବି ଓ ଔପନ୍ୟାସିକ। ସେ ଅନ୍ନଦା ଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ ଓ ଶରତ ଚନ୍ଦ୍ରଙ୍କ ସହ ମିଶି ଓଡ଼ିଆ ସାହିତ୍ୟରେ ସବୁଜ ଯୁଗ ନାମରେ ଏକ ନୂଆଯୁଗର ଆରମ୍ଭ କରିଥିଲେ। ଓଡ଼ିଆ ଉପନ୍ୟାସ ଜଗତକୁ ସମୃଦ୍ଧ କରିଛି ତାଙ୍କର ଲେଖା 'ମାଟିର ମଣିଷ', 'ଲୁହାର ମଣିଷ', 'ଆଜିର ମଣିଷ', 'ଅମର ଚିତା', 'ଅମରାବତୀ' ଓ 'ମୁକ୍ତାଗଡ଼ର କ୍ଷୁଧା' ଆଦି ଉପନ୍ୟାସ। ନାଟ୍ୟକାର ଭାବେ ପରିଚିତ ହେଲେ ସେ 'ପଦ୍ମିନୀ', 'ପ୍ରିୟଦର୍ଶୀ', 'ସୌମ୍ୟା' ଆଦି ନାଟକ ରଚନାରେ। ତାଙ୍କର ସର୍ବଶ୍ରେଷ୍ଠ ଉପନ୍ୟାସ ହେଉଛି 'ମାଟିର ମଣିଷ'। ଯୌଥ ପରିବାରର ଏକ ଜୀବନ୍ତ ଆଲେଖ୍ୟ ହେଉଛି ଏହି ଉପନ୍ୟାସ।

କାଳିନ୍ଦୀ ଚରଣ ପୁରୀ ଜିଲ୍ଲାର ବିଶ୍ୱନାଥପୁର ଗ୍ରାମରେ ୧୯୦୧ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଜଣେ ଆଇନଜୀବୀ ଥିଲେ। ପୁରୀରେ ହିଁ କାଳିନ୍ଦୀଚରଣ ବାଲ୍ୟଜୀବନ ଓ ଶିକ୍ଷା ସମାପ୍ତ କରିଥିଲେ। ହାଇସ୍କୁଲ ସମାପ୍ତ କରି ସେ ରେଭେନ୍ସାରେ ନାମ ଲେଖାଇଥିଲେ। ରେଭେନ୍ସା ମହାବିଦ୍ୟାଳୟରେ ପଢ଼ିବା କାଳରେ କାଳିନ୍ଦୀ ଚରଣଙ୍କ ସାହିତ୍ୟ ପ୍ରତିଭାର ପରିଚୟ ମିଳିଲା। କଲେଜର ପଢ଼ିବା ସମୟରେ, ସେ "ନନସେନ୍ସ କ୍ଲବ୍" ଗଠନ କରିଥିଲେ। ଏହି ସମୟରେ "ସବୁଜ ଗୋଷ୍ଠୀ"ର ମୁଖପତ୍ର "ଯୁଗବୀଣା"ରେ କାଳିନ୍ଦୀ ଚରଣଙ୍କ ଲେଖାମାନ ମଧ୍ୟ ପ୍ରକାଶ ପାଉଥିଲା। ପରବର୍ତ୍ତୀ ସମୟରେ, ବାଲେଶ୍ୱରରୁ ପ୍ରକାଶ ପାଉଥିବା ଏକ ଇଂରାଜୀ ଓ ତାଙ୍କ ନିଜ ଓଡ଼ିଆ ପତ୍ରିକାର ସେ ସମ୍ପାଦନା କରିବାକୁ ଲାଗିଲେ। କବିତାରୁ ହିଁ କାଳିନ୍ଦୀ ଚରଣଙ୍କ ସାହିତ୍ୟ ସର୍ଜନା ଆରମ୍ଭ ହୋଇଥିଲା। ଶବ୍ଦ ସଂଯୋଜନା ସହ ବିରହ ମିଳନ, ଆନନ୍ଦାଶ୍ରୁ, ପାଇବା ଓ ହଜାଇବାର ଭାରସାମ୍ୟ ପ୍ରତିଫଳିତ ହୋଇଥାଏ ତାଙ୍କ କବିତାରେ। ତାଙ୍କ ଲେଖାରେ ଓଡ଼ିଶାର ଗ୍ରାମ୍ୟ ପରିବେଶ, ଲୋକଙ୍କର ଆଚାରବିଚାର ପ୍ରମୁଖ ସ୍ଥାନ ପାଉଥିଲା। ଅନ୍ୟାୟ, ଅନୀତି ବିରୁଦ୍ଧରେ ତାଙ୍କ ସାହିତ୍ୟ ସ୍ୱର ଉତ୍ତୋଳନ କରୁଥିଲା। ସେ ଜଣେ ଦରଦୀ କବି ଓ ଜୀବନବାଦୀ ସାହିତ୍ୟିକ ଭାବରେ ପରିଚିତ। ୧୯୭୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀର ଫେଲୋ ସମ୍ମାନ ସହିତ ବହୁ ପୁରସ୍କାର ଓ ସମ୍ମାନର ମଧ୍ୟ ସେ ଅଧିକାରୀ ହୋଇଛନ୍ତି। ସେହିବର୍ଷ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଭୂଷଣ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ୧୯୯୧ ମସିହା ମେ' ୧୫ ତାରିଖରେ ଏହି ମହାନ୍ ଲେଖକ ଦେହତ୍ୟାଗ କରିଥିଲେ। ଓଡ଼ିଆ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଅବିସ୍ମରଣୀୟ।

# ରାତିରେ ସଫା କରନ୍ତୁ ନାହିଁ ଠାକୁର ଘର

ଘରକୁ ସଫାସୁତରା ରଖିବା ଦ୍ୱାରା ସକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଯେଉଁ ଘର ସଫାସୁତରା ଥାଏ, ସେଠାରେ ମା' ଲକ୍ଷ୍ମୀ ବାସ କରିଥାନ୍ତି। ତେବେ ଘରେ ଥିବା ପୂଜାସ୍ଥଳକୁ ସବୁଦିନ ସଫାସୁତରା ରଖିବା ବହୁତ ଜରୁରି। ଶାସ୍ତ୍ର ଅନୁଯାୟୀ, ଏଥିପାଇଁ ମଧ୍ୟ କିଛି ନିର୍ଦ୍ଦିଷ୍ଟ ନୀତିନିୟମ ଅଛି। ତେବେ ରାତିରେ ଠାକୁର ଘର ସଫା କରାଯାଏ ନାହିଁ। ଏହାର କ'ଣ କାରଣ ଥାଇପାରେ, ଆସନ୍ତୁ ଜାଣିବା।

### କ'ଣ ରହିଛି ନିୟମ

ରାତିରେ କେବେ ମଧ୍ୟ ପୂଜାଘର କିମ୍ବା ପୂଜାସ୍ଥଳକୁ ସଫା କରନ୍ତୁ ନାହିଁ। କାରଣ ଏହାଦ୍ୱାରା ମା' ଲକ୍ଷ୍ମୀ ଘର ଛାଡ଼ି ଚାଲିଯାଆନ୍ତି ଏବଂ ଅର୍ଥାଭାବ ଦେଖାଯାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରାତି ସମୟରେ ପୂଜାସ୍ଥଳ ସଫା କରିବା ଦ୍ୱାରା ଦେବଦେବୀଙ୍କ ନିଦ୍ରାରେ ବ୍ୟାଘାତ ଘଟେ ଏବଂ ଏହା ଦେବଦେବୀଙ୍କ ଅପମାନ ସଦୃଶ ହୋଇଥାଏ। ତେଣୁ ଘରର ସୁଖସମୃଦ୍ଧି ଓ ବୈଭବ ହ୍ରାସ ହୋଇଥାଏ।

### ଶରୀର ଅସୁସ୍ଥ ଥାଏ

ରାତିରେ ଶରୀର ଓ ମନ, ଉଭୟ ଅସୁସ୍ଥ ହୋଇଥାଏ। ତେଣୁ ରାତିରେ ପୂଜାଘରକୁ ସଫା କରନ୍ତୁ ନାହିଁ। ଅନେକଥର ସଫାସୁତରା ପୋଷାକ ନ ପିନ୍ଧି ଆମେ ପୂଜାଘର ଓ ପୂଜାସ୍ଥଳ ସଫା କରିଥାନ୍ତି। ଏହାଦ୍ୱାରା ଘରେ ଅଶାନ୍ତି ଓ ନକାରାତ୍ମକ ଶକ୍ତି ସୃଷ୍ଟି ହୁଏ। ତେଣୁ ସବୁବେଳେ ସ୍ନାନ ସାରିବା ପରେ ସଫା ବସ୍ତ୍ର ପିନ୍ଧି ପୂଜାସ୍ଥଳକୁ ସଫା କରିବା ଉଚିତ।

### ଦୀପ ପ୍ରଜ୍ୱଳନ ପରେ ପୂଜାସ୍ଥଳକୁ ସଫା କରିବା ଅନୁଚିତ

ପୂଜାସ୍ଥଳରେ ଦୀପ ପ୍ରଜ୍ୱଳନ ପରେ ବା ସନ୍ଧ୍ୟା ଆଳତି ପରେ ପୂଜାସ୍ଥଳକୁ ସଫା କରନ୍ତୁ ନାହିଁ। ଏଭଳି କରିବା ଦ୍ୱାରା ଘରେ ସୁଖସମୃଦ୍ଧିର ନାଶ ହେବା ସହ ଅନେକ ବାଧାବିଘ୍ନ ସୃଷ୍ଟି ହୁଏ।



## ଆଜିର ଇତିହାସ

- ୧୩୦୬- ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ସିନ୍ଧାନା ଉପରେ ଆକ୍ରମଣ କଲେ।
- ୧୯୧୬- ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ସ୍ଥାପନା କରାଗଲା।
- ୧୯୪୦- ବ୍ରିଟିଶ୍ ସରକାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କୁ ଗିରଫ କଲେ।
- ୧୯୭୨- ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ପାକିସ୍ତାନର ରାଷ୍ଟ୍ରପତି ଜୁଲଫିକର୍ ଅଲ୍ଲୀ ଭୁଟ୍ଟୋ ସିମ୍‌ଲା ରାଜିନାମାରେ ସ୍ୱାକ୍ଷର କଲେ।
- ୨୦୦୪- ମୁମ୍ବାଇର ଛତ୍ରପତି ଶିବାଜୀ ଟର୍ମିନସ୍‌କୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟସ୍ଥଳର ମାନ୍ୟତା ମିଳିଲା।
- ୨୦୧୫- ଫିଲିପାଇନ୍ସରେ ୨୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ନୌକା ବୁଡ଼ିଯିବାରୁ ୬୨ ଲୋକଙ୍କ ପ୍ରାଣହାନି।

## ଆଜିର ରାଶିଫଳ



**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ମହିଳାମାନେ ଅଳଙ୍କାର କିଣିବାରେ ବ୍ୟସ୍ତ ରହିବେ। ପୂଜାର୍ଚ୍ଚନା କରନ୍ତୁ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ସିଂହ:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟରୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିପାରେ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚ ବଢ଼ିବ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସ ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଆୟ ଅନୁସାରେ ଖର୍ଚ୍ଚ ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ନୂତନ ବ୍ୟବସାୟ ପାଇଁ ଯୋଜନା କରିବେ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଚ୍ଚ ଶିକ୍ଷା ପାଇଁ ଛାତ୍ରଛାତ୍ରୀ ଯୋଜନା କରିବେ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

### ଚେନ୍ନାଇ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର ଶୋଚନୀୟ ପରାଜୟ; ସ୍ନେହ ରାଣା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି

# ୧୦ ୱିକେଟ୍‌ରେ ଜିତିଲା ମହିଳା ଦଳ

**ଚେନ୍ନଇ, ୧।୭ (ଏଜେନ୍ସି):** ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ଚାଲିଥିବା ଏକମାତ୍ର ମହିଳା ଟେଷ୍ଟ ମ୍ୟାଚରେ ଭାରତ ୧୦ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ଧାର୍ଯ୍ୟ ୩୭ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ଅନ୍ତିମ ତଥା ୪ର୍ଥ ଦିବସରେ ସୋମବାର ଭାରତ ଦ୍ୱିତୀୟ ପାଳିରେ ୯.୨ ଓଭରରେ କୌଣସି ୱିକେଟ୍ ନ ହରାଇ ବିଜୟୀ ହୋଇଥିଲା। ଓପନର୍ ଶେଫାଳି ବର୍ମା ୨୪ ଓ ଶୁଭ ସତୀଶ ୧୩ ରନ କରି ଅପରାଜିତ ରହିଥିଲେ। ମ୍ୟାଚରେ ମୋଟ୍ ୧୦ ୱିକେଟ୍ ନେଇଥିବା ସ୍ନେହ ରାଣା ଓ ପ୍ରଥମ ପାଳିରେ ୨୦୫ ଦ୍ୱିଶତକ ପାଳି ଖେଳି ଶେଫାଳି ଭାରତୀୟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସ୍ନେହଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଟେଷ୍ଟ ମ୍ୟାଚରେ ଓଭରଅଲ୍ ଭାରତର ଏହା ୩ୟ ବିଜୟ ଥିଲା।




୩୩୭ ରନ ପଛରେ ଥାଇ ଫଲୋଅନ୍ ହୋଇଥିବା ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ରବିବାର ଷ୍ଟମ୍ପ ସୁଦ୍ଧା ୨ ୱିକେଟ୍ ହରାଇ ୨୩୨ ରନ କରିଥିଲା। ଏହି ଅସମାପ୍ତ ୨ୟ ପାଳି ସ୍କୋରରୁ ଖେଳ ଆରମ୍ଭ କରି ସୋମବାର ଅନ୍ତିମ ଦିବସରେ ଭ୍ରମଣକାରୀ ଦଳ ୩୭୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଫଳରେ ଦଳ ମାତ୍ର ୩୭ ରନର ଲକ୍ଷ୍ୟ ଘରୋଇ ଭାରତ ସାମ୍ନାରେ ଧାର୍ଯ୍ୟ କରିଥିଲା। ରବିବାର ୯୩ ରନ କରି ଅପରାଜିତ ରହିଥିବା ଅଧିନାୟିକା ଲୌରା ୱଲଭାର୍ଡଟ ୧୨୨ ରନର ଶତକୀୟ ପାଳି ଖେଳି ଆଉଟ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁନେ ଲସ୍ ୧୦୯, ନାଦିନେ ଡି କ୍ଲେର୍କ ୬୧, ମାରିଜନେ କାପ୍ପ ୩୧ ରନ କରିଥିଲେ। ଭାରତ ପକ୍ଷରୁ ପ୍ରଥମ ପାଳିରେ ୮ ୱିକେଟ୍ ନେଇଥିବା ସ୍ନେହ ୨ୟ ପାଳିରେ ଆଉ ଦୁଇଜଣ ବ୍ୟାଟରଙ୍କୁ ଆଉଟ୍ କରି ମ୍ୟାଚରେ ତାଙ୍କର ୧୦ ୱିକେଟ୍ ପୂରଣ କରିଥିଲେ। ଦୀପ୍ତି ଶର୍ମା ଓ ରାଜେଶ୍ୱରୀ ଗାଏକ୍ୱାଡଙ୍କୁ ମଧ୍ୟ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ପୂର୍ବରୁ ଶେଫାଳି ବର୍ମା (୨୦୫)ଙ୍କ ଦ୍ରୁତତମ ଦ୍ୱିଶତକୀୟ ପାଳି ଓ ସ୍ମୃତି ମନ୍ଧାନାଙ୍କ ୧୪୯ ରନ ସହାୟତାରେ ଭାରତ ପ୍ରଥମ ପାଳିରେ ୬ ୱିକେଟ୍ ହରାଇ ୬୦୩ରେ ଘୋଷଣା କରିଥିଲା। ଜବାବରେ ସ୍ନେହ ରାଣା (୭୭ ରନରେ ୮ ୱିକେଟ୍)ଙ୍କ ବୋଲିଂକୁ ସାମ୍ନା କରି ନପାରି ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୨୬୬ ରନରେ ଅଲଆଉଟ୍ ହୋଇ ଫଲୋଅନ ହୋଇଥିଲା।

## ଭାରତର କ୍ରମାଗତ ୩ ଟେଷ୍ଟ ବିଜୟ


ଲୌରା ୱଲଭାର୍ଡଟ

- **୩:** ଭାରତୀୟ ମହିଳା କ୍ରିକେଟ୍ ଦଳର ଏହା କ୍ରମାଗତ ୩ ଟେଷ୍ଟ ମ୍ୟାଚ୍ ବିଜୟ ଥିଲା। ଗତ ଡିସେମ୍ବରରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମହିଳା ଦଳ ବିପକ୍ଷରେ ଗୋଟିଏ ଲେଖାଏ ମ୍ୟାଚ୍ ଜିତିଥିଲା।
- **୩/୩:** ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଟେଷ୍ଟରେ କ୍ରମାଗତ ୩ଟି ଟେଷ୍ଟ ଜିତିଛି। ହରମନପ୍ରୀତ୍ ବିଶ୍ୱର ପ୍ରଥମ ଅଧିନାୟିକା ଭାବେ ନିଜର ପ୍ରଥମ ୩ଟି ଟେଷ୍ଟ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ସେହିଭଳି ମହିଳା ଟେଷ୍ଟରେ ଭାରତ ପାଇଁ ସଫଳ ଅଧିନାୟିକା ଭାବେ ମିତାଲି ରାଜଙ୍କ ସହ ସମକକ୍ଷ ହୋଇଛନ୍ତି। ମିତାଲିଙ୍କ ନେତୃତ୍ୱରେ ମଧ୍ୟ ଭାରତ ୩ଟି ଟେଷ୍ଟ ଜିତିଛି।ର
- **୧ମ:** ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ବିଶ୍ୱର ପ୍ରଥମ ଦଳ ଭାବେ ଗୋଟିଏ ଟେଷ୍ଟର ଉଭୟ ପାଳିରେ ୨୫୦ରୁ ଉର୍ଦ୍ଧ୍ୱ ସ୍କୋର କରି ପରାଜୟବରଣ କରିଛି।
- **୩:** ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟଙ୍କ ଏହା ଟେଷ୍ଟରେ ପ୍ରଥମ ଶତକ ଥିଲା। ଏଥିସହ ହେଥର ନାଇଟ୍ ଓ ଟାମି ବିଉମଣ୍ଟଙ୍କ ପରେ ସେ ବିଶ୍ୱର ୩ୟ ମହିଳା କ୍ରିକେଟର୍ ଭାବେ ୩ଟି ଯାକ ଫର୍ମାଟ୍ (ଟେଷ୍ଟ, ଏକଦିବସୀୟ ଓ ଟି-୨୦)ରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି।
- **୧୨୭୯:** ଏହି ଟେଷ୍ଟ ମ୍ୟାଚରେ ମୋଟ୍ ୧୨୭୯ ରନ ହୋଇଥିଲା। ମହିଳା ଟେଷ୍ଟରେ ଗୋଟିଏ ମ୍ୟାଚରେ ଏହା ୨ୟ ସର୍ବାଧିକ ଏଗ୍ରିଗେଟ୍ ସ୍କୋର ରେକର୍ଡ ହୋଇଛି।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ପାଳି:** ୬୦୩/୬, (ଶେଫାଳି- ୨୦୫, ମନ୍ଧାନା- ୧୪୯, ଟକର- ୨/୧୪୧)।
**ଦ.ଆଫ୍ରିକା ପ୍ରଥମ ପାଳି:** ୨୬୬/୧୦, (କାପ୍ପ- ୭୪, ସୁନେ ଲସ୍- ୬୫, ସ୍ନେହ ରାଣା- ୮/୭୭)।
**ଦ.ଆଫ୍ରିକା ୨ୟ ପାଳି (ଫଲୋଅନ):** ୩୭୩/୧୦ (ସୁନେ- ୧୦୯, ଲୌରା- ୧୨୨, କ୍ଲେର୍କ- ୬୧, ସ୍ନେହ- ୨/୧୧୧)।
ଭାରତ ୨ୟ ପାଳି: ୩୭/୦ (ଶେଫାଳି ବର୍ମା- ୨୪*, ଶୁଭା ସତୀଶ- ୧୩*)।

### ଶୁକ୍ରବାରଠାରୁ ଟି-୨୦ ସିରିଜ

# ଦକ୍ଷିଣ ଆଫ୍ରିକା ଦଳରେ ଟ୍ରିୟନ ସାମିଲ

**ଚେନ୍ନଇ, ୧।୭ (ଏଜେନ୍ସି):** ଭାରତ ଗସ୍ତରେ ଥିବା ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଏକଦିବସୀୟ ସିରିଜକୁ ୩-୦ରେ ଏବଂ ଏକମାତ୍ର ଟେଷ୍ଟ ମ୍ୟାଚକୁ ୧୦ ୱିକେଟ୍‌ରେ ହାରିଯାଇଛି। ଏବେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶୁକ୍ରବାରଠାରୁ ଚେନ୍ନଇରେ ଆରମ୍ଭ ହେବାକୁ ଯାଉଛି। ଏଥିଲାଗି ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର ଚୋଲେ ଟ୍ରିୟନଙ୍କୁ ଦଳରେ ସାମିଲ କରିଛି। ସେହିଭଳି ଏକଦିବସୀୟ ଓ ଟେଷ୍ଟ ମ୍ୟାଚ୍ ଖେଳିଥିବା ଅଲ୍‌ରାଉଣ୍ଡର ଡେଲମି ଟକର୍ ଓ ନୋନ୍ଦୁମିସୋ ଶାଙ୍ଗସେ ସ୍ୱଦେଶ ଫେରିଯାଇଛନ୍ତି। ପୂର୍ବରୁ ଏକଦିବସୀୟ ସିରିଜ ଖେଳିଥିବା ମିକି ଡି ରାଇଡର୍‌ଙ୍କୁ ଟି-୨୦ ଦଳରେ ସୁଯୋଗ ମିଳିଛି। ଟି-୨୦ ସିରିଜର ୩ଟି ଯାକ ମ୍ୟାଚ୍ ଯଥାକ୍ରମେ ଜୁଲାଇ ୫, ୭ ଓ ୯ରେ ଅନୁଷ୍ଠିତ ହେବ। ଏକଦିବସୀୟ ଓ ଟେଷ୍ଟ ମ୍ୟାଚକୁ ହାରିଥିବା ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ ଜିତି ସମ୍ମାନ ରକ୍ଷା କରିବା ଲକ୍ଷ୍ୟରେ ରହିଛି। ଦକ୍ଷିଣ ଆଫ୍ରିକା ମହିଳା ଟି-୨୦ ଦଳ: ଲୌରା ୱଲଭାର୍ଡଟ (ଅଧିନାୟିକା), ଆନ୍ନେକେ ବୋଷ୍ଚ, ତାଜମିନ ବ୍ରିଟ୍ସ, ନାଦିନେ ଡି କ୍ଲେର୍କ, ଆନେରି ଡେର୍କେସେନ, ମିକି ଡି ରାଇଡର୍, ସିନାଲୋ ଜାଫଟା, ମାରିଜନେ କାପ୍ପ, ଆୟାବୋଙ୍ଗା ଖାକା, ମାସାବାତା କ୍ଲାସ, ସୁନେ ଲସ୍, ଏଲିଜ୍-ମାରି ମାର୍ସ, ନୋଙ୍କୁଲୁଲେକୋ ମାଲବା, ତୁମି ସେଖୁଖୁନେ ଓ ଚୋଲେ ଟ୍ରିୟନ।

# ଜାତୀୟ ରଗ୍‌ବୀ ଲାଗି ଓଡ଼ିଶା ଦଳ



**ଭୁବନେଶ୍ୱର,୧।୭ (ସମିସ):** ପୁଣେରେ ଖେଳାଯିବାକୁ ଥିବା ଜାତୀୟ ମହିଳା ସେଭେନ-ଏ-ସାଇଡ୍ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାଟି ପୁଣେର ବାଲେୱାଡି ଷ୍ଟାଡିୟମ୍‌ରେ ଜୁଲାଇ ୩ ଓ ୪ ତାରିଖରେ ଖେଳାଯିବ। ମାନସ କୁମାର ଜେନାଙ୍କୁ ଏହି ଦଳର ପ୍ରଶିକ୍ଷକ ମନୋନୀତ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ନିର୍ମାଲ୍ୟ ରାଉତ, ସୋନି ମନଡାଙ୍ଗି, ଆରତି ମୁର୍ମୁ, ଡୁମୁଣି ମାରାଣ୍ଡି, ତରୁଲତା ନାଏକ, ହୂପି ମାଝି, ସନ୍ଧ୍ୟାରାଣୀ ଟୁଡୁ, ସୁନୀତା ହାଁସ୍‌ଦା, କବିତା କସ୍ତୁରୀ ପଢ଼ୀଆରୀ, ମାଲିନ ସଏ, ପୁଷ୍ପାଞ୍ଜଳି ଭୋଇ ଓ ତିଲୋତ୍ତମା ସାହୁ। ସଞ୍ଜୁକ୍ତା ଜେନାଙ୍କୁ ମହିଳା ଦଳର ପ୍ରବନ୍ଧକ ଓ ସୌମ୍ୟଶ୍ରୀ ମିଶ୍ରଙ୍କୁ ଫିଜିଓ ଦାୟିତ୍ୱ ଦିଆଯାଇଛି।

### ୧୯ ବର୍ଷରୁ କମ୍ ବାଳକ କ୍ରିକେଟ

# ଆୟୁଷଙ୍କ ବିସ୍ଫୋରକ ଦ୍ୱିଶତକ

**କଟକ,୧।୭ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ୧୯ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଟକରେ ଜାରି ରହିଛି। ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ବି ୩୪୯ ରନ୍‌ରେ ନୂଆପଡାକୁ ପରାସ୍ତ କରିଥିଲା। ଆୟୁଷ ସୂତାରଙ୍କ ବିସ୍ଫୋରକ ଦ୍ୱିଶତକୀୟ ପାଳି ବଳରେ ଭୁବନେଶ୍ୱର-ବି ୪ ୱିକେଟ ବିନିମୟରେ ୪୧୩ ରନ କରିଥିଲା। ଆୟୁଷ ୧୫୪ ବଲରୁ ୨୪୬ ରନ୍ ସଂଗ୍ରହ କରିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ବ୍ୟକ୍ତିଗତ ସର୍ବାଧିକ ସ୍କୋର ଅଟେ। ଜବାବରେ ନୂଆପଡା ୬୪ ରନରେ ଅଲଆଉଟ ହେବା ସହ ଶୋଚନୀୟ ପରାଜୟ ବରଣ କରିଥିଲା। ବିଜୟୀ ଦଳ ତରଫରୁ ବିଶାଲ ବେହେରା ୪ଟି ଏବଂ ସୟଦ ଟି ଅହମ୍ମଦ ୩ଟି ୱିକେଟ ଦଖଲ କରିଥିଲେ।


ଆୟୁଷ ସୂତାର


ଚିରଞ୍ଜୀବ ବେହେରା

ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡିକରେ ସୁନ୍ଦରଗଡ ୮୪ ରନରେ ବୌଦ୍ଧକୁ, କେନ୍ଦ୍ରାପଡା ୭୩ ରନରେ କିଟ୍‌କୁ, ଭଦ୍ରକ ୧୯୩ ରନରେ ରାୟଗଡାକୁ, ନୟାଗଡ ୯ ୱିକେଟରେ ସମ୍ବଲପୁର-ବିକୁ ହରାଇଥିଲା। କଟକ-ଏ ଏବଂ ଦେବଗଡ ବିପକ୍ଷ ମ୍ୟାଚ୍ ଓଦା ପିଚ୍ ଯୋଗୁଁ ବାତିଲ ହୋଇଥିଲା। ଭଦ୍ରକର ଚିରଞ୍ଜୀବ ବେହେରା (୧୫ ରନରେ ୫ ୱିକେଟ୍), ନୟାଗଡ଼ର ବିଶ୍ୱଜିତ୍ ପ୍ରଧାନ (୫୦ ରନ ଓ ୨ ୱିକେଟ୍), ସୁନ୍ଦରଗଡ଼ର ରାହୁଲ ରାୟ (୪ ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।

# ଓଡ଼ିଶା କାଏକିଂ ଓ କାନୋଇଂ ସଂଘ ନିର୍ବାଚନ: ଫକୀର ସଭାପତି, ବିପିନ ସମ୍ପାଦକ

**କଟକ,୧।୭ (ସମିସ):** ଓଡ଼ିଶା କାଏକିଂ ଓ କାନୋଇଂ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଜିଲ୍ଲା ସଂଘର ସଦସ୍ୟ ଏଥିରେ ଯୋଗ ଦେଇଥିଲେ। ଭାରତୀୟ କାଏକିଂ ଓ କାନୋଇଂ ମହାସଂଘର କୁମାର ସିଦ୍ଧାର୍ଥ ପର୍ଯ୍ୟବେକ୍ଷକ ଏବଂ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଦୀପକ କୁମାର ପୁରୋହିତ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସଂଘର ମୁଖ୍ୟ ପୃଷ୍ଠପୋଷକ ଭାବେ ମନୋନୀତ କରାଯାଇଥିଲା। ବିଧାୟକ ଫକୀର ମୋହନ ନାୟକ ସଭାପତି ଏବଂ ବିପିନ ଦାଶ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ରାମଚନ୍ଦ୍ର ପାଢ଼ୀ, ବସନ୍ତ କୁମାର ଦାନୀ, ଅରୁଣ ଭଞ୍ଜ ମିଶ୍ର, ଶ୍ରୀକାନ୍ତ ଦାଶ ଉପସଭାପତି, ଦିଲ୍ଲୀପ ବେହେରା, ନୃସିଂହ ଚରଣ ଦାଶ, ରାମକୃଷ୍ଣ ଷଡ଼ଙ୍ଗୀ, ପ୍ରିୟ ରଞ୍ଜନ ମିଶ୍ର ସହସମ୍ପାଦକ, ନୀଳିମାରାଣୀ ଗୋସ୍ୱାମୀ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ପ୍ରଶାନ୍ତ କୁମାର ରାଉତ, ହୃଦାନନ୍ଦ ସାହୁ, ପ୍ରଭାସ ରଞ୍ଜନ ପ୍ରଧାନ, ଚିରଞ୍ଜୀବୀ ଦାସ କାର୍ଯ୍ୟକାରୀ ସଭ୍ୟ ଭାବେ ମନୋନୀତ ହୋଇଥିଲେ।



## ପଞ୍ଚମଥର ବିଶ୍ୱରେକର୍ଡ ଭାଙ୍ଗିଲେ ଲେଭରୋନ

**ଓରେଗନ, ୧।୭ (ଏଜେନ୍ସି):** ଆମେରିକାର ହର୍ଡଲ୍ସ କୁଇନ ସିଡ୍‌ନୀ ମ୍ୟାକ୍‌ଲାଫଲିନ-ଲେଭରୋନ ୪୦୦ ମିଟର ହର୍ଡଲ୍ସରେ ନିଜ ନାମରେ ରହିଥିବା ବିଶ୍ୱରେକର୍ଡକୁ ଭାଙ୍ଗି ପ୍ୟାରିସ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଠାରେ ଅନୁଷ୍ଠିତ ଆମେରିକା ଟ୍ରାଏଲ୍ସର ୪୦୦ ମିଟର ହର୍ଡଲ୍ସରେ ୨୪ ବର୍ଷୀୟା ଲେଭରୋନ ୫୦.୬୫ ସେକେଣ୍ଡରେ ଫିନିଶ କରି ନୂଆ ବିଶ୍ୱରେକର୍ଡ ସ୍ଥାପନ କରିବା ସହ ପ୍ରଥମ ସ୍ଥାନରେ ରହିଥିଲେ। ୨୦୨୨ରେ ଏହି ସମାନ ପ୍ରତିଯୋଗିତାରେ ସେ ୫୦.୬୮ ସେକେଣ୍ଡ ସମୟ ନେଇ ବିଶ୍ୱରେକର୍ଡ କରିଥିଲେ। କିନ୍ତୁ ୨ ବର୍ଷ ପରେ ନିଜ ନାମରେ ରହିଥିବା ରେକର୍ଡକୁ ନିଜେ ଭାଙ୍ଗିଦେଇଛନ୍ତି। ମୋଟ୍ ଉପରେ ୫ମଥର ଲାଗି ଲେଭରୋନ ମହିଳା ୪୦୦ ମିଟର ହର୍ଡଲ୍ସର ବିଶ୍ୱରେକର୍ଡକୁ ଭାଙ୍ଗିଛନ୍ତି।



# ଚତୁର୍ଥ ଜନ୍ମେଜୟ ଦାଶ ସ୍ମାରକୀ ଟେନିସ ଉଦ୍‌ଯାପିତ

**ଭୁବନେଶ୍ୱର,୧।୭ (ସମିସ):** ଓଡ଼ିଆ ଖେଳାଳି ସ୍ୱର୍ଗତ ଜନ୍ମେଜୟ ଦାଶଙ୍କ ସମ୍ମାନାର୍ଥେ ଆୟୋଜିତ ଚତୁର୍ଥ ସ୍ମାରକୀ ଟେନିସ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାଟି ଓଡ଼ିଆ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ନିଳାଚଳ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏଥିରେ ୯ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ ସମଗ୍ର ଭାରତବର୍ଷରୁ ୧୨୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ନୂଆଦିଲ୍ଲୀର ପିତମପୁରା ଅଞ୍ଚଳରେ ଥିବା ବାଲ ଭାରତୀ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷରେ ଦିଲ୍ଲୀର ଅପରାଧ ଶାଖା ଡିସିପି ଦୀପକ ଯାଦବ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୁରୁଷ ବିଭାଗରେ ଆର୍ଯ୍ୟନ ମନଚାନ୍ଦା ଚାମ୍ପିଅନ ଓ ଆୟୂଷ ଶର୍ମା ରନର୍ସ ଅପ୍ ହୋଇଥିଲେ। ୧୬ ବର୍ଷରୁ କମ୍ ବାଳକ ବିଭାଗରେ ଅର୍ଣ୍ଣବ ଅରୋରା, ବାଳିକା ବିଭାଗ ଏକକରେ ଅକ୍ଷିତ ଆଣ୍ଟିଲ, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଲକ୍ଷ୍ୟ ଡ୍ରାଲ ଓ ୧୨ ବର୍ଷରୁ କମ୍ ବାଳିକା ବିଭାଗ ଏକକରେ ଦର୍ଶ ନୁର କୌର ଓ ବାଳକ ବିଭାଗରେ କବୀର ଦହିୟା, ୧୦ ବର୍ଷରୁ କମ୍ ବାଳକ ଏକକରେ ନକ୍ଷ ଶୌକିନ ଓ ୮ ବର୍ଷରୁ କମ୍ ବିଭାଗରେ ଅଥର୍ବ ମିତ୍ତଲ ଟାଇଟଲ ବିଜୟୀ ହୋଇଥିଲେ। ୩୫ ବର୍ଷରୁ ଉଦ୍ଧ୍ୱର୍ ପୁରୁଷ ଡବଲ୍ସରେ ଦୀପକ ଯାଦବ ଓ ସନ୍ତୋଷ ଭଗତ ଚାମ୍ପିଅନ, ଦିଲୀପ ମହାନ୍ତି ଓ ରାଜ କୁମାର ରନର୍ସ ଅପ୍ ହୋଇଥିଲେ। ଆୟୋଜକ ନିଳାଚଳ ସ୍ପୋର୍ଟ ଫାଉଣ୍ଡେସନ ପକ୍ଷରୁ ଦିଲୀପ ମହାନ୍ତି ଧନ୍ୟବାଦ ଜଣାଇଥିଲେ।




### କୋପା ଆମେରିକା ଫୁଟବଲ

# ଗ୍ରୁପ୍-ବି’ ଶୀର୍ଷରେ ଭେନେଜୁଏଲା

**ଅଷ୍ଟିନ୍, ୧।୭ (ଏଜେନ୍ସି):** ଜାମାଇକାକୁ ୩-୦ ଗୋଲରେ ପରାସ୍ତ କରି ଭେନେଜୁଏଲା ଗ୍ରୁପ୍-ବି’ରେ ଶୀର୍ଷସ୍ଥାନ ଅଧିକାର କରିଛି। ପୂର୍ବରୁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିସାରିଥିବା ଭେନେଜୁଏଲା ଏହି ବିଜୟ ଫଳରେ ସେମିଫାଇନାଲ ଲାଗି ଆର୍ଜେଣ୍ଟିନା ସହ ମୁକାବିଲାକୁ ଏଡାଇଯାଇଛି। ଏବେ ଗୁରୁବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ୍‌ରେ ଭେନେଜୁଏଲା ସହ ଗ୍ରୁପ୍-ଏ’ ରନର୍ସ ଅପ୍ କାନାଡାର ମୁକାବିଲା ଏଟିଆଣ୍ଡଟି ଷ୍ଟାଡିୟମ୍‌ରେ ମୁକାବିଲା ହେବ। ଏହି ମ୍ୟାଚ୍‌ରେ ବାସନ୍ଦ ହୋଇଥିବାରୁ ଭେନେଜୁଏଲା କୋଚ୍ ଷ୍ଟାଡିୟମ୍‌ରେ ଅନୁପସ୍ଥିତ ରହିଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ମେକ୍ସିକୋ ସହ ଇକ୍ୱେଡର ଗୋଲଶୂନ୍ୟ ମ୍ୟାଚ୍ ଅମୀମାଂସିତ ରଖିଛି। ଏହି ମ୍ୟାଚ୍ ସହ ଗ୍ରୁପ-ବି’ର ଖେଳ ଶେଷ ହୋଇଯାଇଛି। ଏହି ଗ୍ରୁପ୍‌ରୁ ଭେନେଜୁଏଲା ଓ ଇକ୍ୱେଡର ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇଛି। ଭେନେଜୁଏଲା ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ସ୍ଥାନରେ ରହିଥିଲା। କିନ୍ତୁ ଇକ୍ୱେଡର ଓ ମେକ୍ସିକୋ ଗୋଟିଏ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ଅମୀମାଂସିତ ମ୍ୟାଚ୍‌ରୁ ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଉନ୍ନତ ଗୋଲ ବ୍ୟବଧାନରେ ମେକ୍ସିକୋକୁ ପଛରେ ପକାଇ ଇକ୍ୱେଡର ଗ୍ରୁପ୍‌ର ଦ୍ୱିତୀୟ ଦଳ ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା।




କ୍ୟୁ-୨ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ଭେନେଜୁଏଲା ଆରମ୍ଭରୁ ଶେଷଯାଏ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। କିନ୍ତୁ ବଲ ଉପରେ ଭେନେଜୁଏଲାର ୫୩ ଶତକଡ଼ା ନିୟନ୍ତ୍ରଣରେ ରହିଥିଲା। ପ୍ରଥମାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଖେଳ ଆରମ୍ଭ ହେବାମାତ୍ରେ ଭେନେଜୁଏଲା ଘନ ଘନ ଆକ୍ରମଣ କରିଥିଲା। ଫଳରେ ସମସ୍ତ ସୁଯୋଗକୁ କାମରେ ଲଗାଇଥିଲା ଭେନେଜୁଏଲା। ଖେଳର ୪୯ତମ ମିନିଟ୍‌ରେ ଜନ୍ ଆରାମ୍ବୁରୁଙ୍କ ଠାରୁ କ୍ରସ୍‌ପାସ୍ ପାଇ ଏଡୱାର୍ଡ ବେଲୋ ୬ଗଜ ଦୂରରୁ ବଡ ସଟମାରି ପ୍ରଥମ ଗୋଲ ସ୍କୋର କରିଥିଲେ। ବେଲୋଙ୍କର ଏହା ଥିଲା ଦ୍ୱିତୀୟ ଗୋଲ। ଏହା ପରେ ୫୬ତମ ମିନିଟ୍‌ରେ ୟାଙ୍ଗେଲ ହେରେରାଙ୍କଠାରୁ ପାସ୍ ପାଇ ସାଲୋମନ ରୋଣ୍ଡୋନ ଦ୍ୱିତୀୟ ଗୋଲଟି ଦେଇଥିଲେ। ୨-୦ ଗୋଲରେ ଆଗୁଆ ରହିବା ପରେ ଭେନେଜୁଏଲା କିଛି ସମୟ ହାଲକା ଖେଳିଥିଲା। ଏହି ସୁଯୋଗରେ ଜାମାଇକା ଘନ ଘନ ଆକ୍ରମଣ କରିଥିଲେ ମଧ୍ୟ ଗୋଲ ଦେବାରେ ସମର୍ଥ ହୋଇ ପାରି ନ ଥିଲା। ଏଭଳି ସମୟରେ ଖେଳର ୮୫ତମ ମିନିଟ୍‌ରେ କେରଭିନ୍ ଆଣ୍ଡ୍ରାଡେଙ୍କଠାରୁ ପାସ୍ ପାଇ ଏରିକ୍ ରାମିରେଜ ଡାହାଣପଟୁ ତୃତୀୟ ଗୋଲ ସ୍କୋର କରିଥିଲେ। ଏହା ଫଳରେ ଦଳ ବଡ଼ ଧରଣର ବିଜୟ ସହ କ୍ୱାର୍ଟର ଫାଇନାଲରେ କାନାଡା ସହ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା।

ମେକ୍ସିକୋ ଏବଂ ଇକ୍ୱେଡର ମଧ୍ୟରେ ଅନୁଷ୍ଠିତ ମୁକାବିଲା ବେଶ ରୋମାଞ୍ଚକ ହୋଇଥିଲା। ଏହି ମ୍ୟାଚ୍‌ରେ ଉଭୟ ଦଳ ସମକକ୍ଷ ହୋଇ ନ ଥିଲେ ମଧ୍ୟ ମେକ୍ସିକୋ ଗୋଲ କରିବାରେ ସମର୍ଥ ହୋଇ ନ ଥିଲା। ଦଳ ନିକଟରେ ୬୦ ଭାଗ ବଲ ନିୟନ୍ତ୍ରଣ ରହିଥିଲା ଓ ପାସ ଆକ୍ୟୁରାସୀ ୮୦ ଭାଗ ରହିଥିଲା। ଏହା ସତ୍ତ୍ୱେଦେଳ ଇକ୍ୱେଡର ଗୋଲ ପୋଷ୍ଟ ଉପରେ ୪ଥର ସଟ ମାରିବାରେ ସମର୍ଥ ହୋଇଥିଲା। ଇକ୍ୱେଡରର ରକ୍ଷଣଭାଗ ସବୁଠାରୁ ଶକ୍ତିଶାଳୀ ଥିଲା। ଦଳ ମଧ୍ୟ ୩ଥର ପୋଷ୍ଟ ଉପରେ ଆକ୍ରମଣ କରିଥିଲା। ଏହା ସତ୍ତ୍ୱେକେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇ ପାରି ନ ଥିଲେ। ଉଭୟ ଦଳ ସମାନ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ଗୋଲବ୍ୟବଧାର ଇକ୍ୱେଡରକୁ ଫାଇଦାରେ ରଖିଥିଲା।


ୱିମ୍ବଲଡନ ପ୍ରଥମ ରାଉଣ୍ଡ ଜିତିଥିବା ଜାପାନର ନାଓମି ଓସାକା

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଗିରିଜା ପ୍ରସନ୍ନ ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ: ୨୬.୦୫.୧୯୪୫
ତିରୋଧାନ: ୨୨.୦୬.୨୦୨୪
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ୍ୟ। ତୁମର ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ ଆମମାନଙ୍କର ଜୀବନରେ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

## ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯିବ ୫ଟି ଯାକ ମ୍ୟାଚ୍

# ଭାରତ-ଜିମ୍ବାୱେ ଟି-୨୦ ସିରିଜ୍ ୬ରୁ

**ନୂଆଦିଲ୍ଲୀ, ୧।୭ (ଏଜେନ୍ସି):** ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ ହେବା ପରେ ଭାରତୀୟ କ୍ରିକେଟ ଦଳ ଜିମ୍ବାୱେ ବିପକ୍ଷରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ଏହି ସିରିଜ୍ ଜୁଲାଇ ୬ରୁ ଆରମ୍ଭ ହୋଇ ୧୪ରେ ଶେଷ ହେବ। ସିରିଜ୍‌ର ସମସ୍ତ ମ୍ୟାଚ୍ ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯିବ ବୋଲି ଜିମ୍ବାୱେ କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ବରିଷ୍ଠ ଖେଳାଳି ତଥା ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ଅନ୍ୟଖେଳାଳିମାନଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଏହି ଗସ୍ତଲାଗି ଶୁବମାନ ଗିଲଙ୍କ ନେତୃତ୍ୱରେ ଏକ ଯୁବ ଦଳ ଘୋଷଣା କରାଯାଇଛି। ଭାରତୀୟ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଯଶସ୍ୱୀ ଜୟସ୍ୱାଲ, ୱିକେଟରକ୍ଷକ ସଞ୍ଜୁ ସାମସନ ଓ ଶିବମ ଦୁବେଙ୍କ ସହ ୩ ରିଜର୍ଭ ଖେଳାଳି ରିଙ୍କୁ ସିଂ, ଖଲୀଲ ଅହମ୍ମଦ୍ ଓ ଆଭେଷ ଖାନଙ୍କୁ ଦଳରେ ସାମିଲ କରାଯାଇଛି। ୱେଷ୍ଟଇଣ୍ଡିଜ୍‌ରୁ ଏମାନେ ସିଧାସଳଖ ହରାରେ ଗସ୍ତରେ ଯିବେ। ଏମାନଙ୍କ ବ୍ୟତୀତ କିଛି ଖେଳାଳି ପ୍ରଥମଥର ଜାତୀୟ ଟି-୨୦ ଦଳରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ଅଭିଷେକ ଶର୍ମା, ଧ୍ରୁବ ଜୁରେଲ, ରିଆନ ପରାଗ, ତୁଷାର ଦେଶପାଣ୍ଡେ ଅନ୍ୟତମ। ନୀତୀଶ ରେଡ୍ଡୀଙ୍କୁ ପ୍ରଥମେ ଘୋଷିତ ଦଳରେ ସାମିଲ କରାଯାଇଥିଲା।





### ଟି-୨୦ କ୍ରିକେଟ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଜୁଲାଇ ୬ | ପ୍ରଥମ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୭ | ଦ୍ୱିତୀୟ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୧୦ | ତୃତୀୟ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୧୩ | ଚତୁର୍ଥ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |
| ଜୁଲାଇ ୧୪ | ପଞ୍ଚମ ଟି-୨୦ | ହରାରେ | ଅପରାହ୍ଣ ୪ଟା୩୦ |

କିନ୍ତୁ ଆଘାତ ଯୋଗୁଁ ତାଙ୍କୁ ବାଦ୍ ପଡ଼ିଛନ୍ତି ଓ ଦୁବେଙ୍କୁ ତାଙ୍କ ସ୍ଥାନରେ ନିଆଯାଇଛି। ଭାରତୀୟ ଦଳର ପ୍ରଶିକ୍ଷକ ରାହୁଲ ଦ୍ରାବିଡ ଏବେ ଅବସର ନେଇଯାଇଛନ୍ତି। ତାଙ୍କ ସ୍ଥାନରେ ନ୍ୟାଶନାଲ କ୍ରିକେଟ ଏକାଡେମୀର ଅଧ୍ୟକ୍ଷ ଭିଭିଏସ୍ ଲକ୍ଷ୍ମଣଙ୍କୁ ଦଳର ପ୍ରଶିକ୍ଷକ ମନୋନୀତ କରାଯାଇଛି।

### ୬ରୁ ଆରମ୍ଭ, ୧୪ରେ ଶେଷ

ଏହି ଦ୍ୱିପାକ୍ଷିକ ସିରିଜ୍ ଜୁଲାଇ ୬ରୁ ଆରମ୍ଭ ହୋଇ ୧୪ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟସୂଚୀ ଅନୁଯାୟୀ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ମ୍ୟାଚ୍ ଗୁଡିକ ଯଥାକ୍ରମେ ଜୁଲାଇ ୬, ୭, ୧୦, ୧୩ ଓ ୧୪ ତାରିଖରେ ଖେଳାଯିବ। ଏହି ସମସ୍ତ ମ୍ୟାଚ୍ ଗୁଡିକ ଜିମ୍ବାୱେର ରାଜଧାନୀ ହରାରେ ସ୍ପୋର୍ଟ୍ସ କ୍ଲବ୍‌ରେ ଖେଳାଯିବ। ଭାରତୀୟ ସମୟ ଅପରାହ୍ଣ ୪ଟା ୩୦ ମିନିଟ୍‌ରୁ ଏହି ମୁକାବିଲା ଆରମ୍ଭ ହେବ।

### ରାଜା ଜିମ୍ବାୱେ ଅଧିନାୟକ

ଏହି ଟି-୨୦ ସିରିଜ୍ ଲାଗି ଜିମ୍ବାୱେ ପକ୍ଷରୁ ଏକ ୧୭ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳର ନେତୃତ୍ୱ ସିକନ୍ଦର ରାଜାଙ୍କୁ ଦିଆଯାଇଛି। ପାକିସ୍ତାନ ବଂଶୋଦ୍ଭବ ୨୫ ବର୍ଷୀୟ ଅଲରାଉଣ୍ଡର ଅନ୍ତୁମ ନକ୍‌ଭିଙ୍କୁ ଜିମ୍ବାୱେ ନାଗରିକତ୍ୱ ମିଳିବା ପରେ ତାଙ୍କୁ ପ୍ରଥମଥର ଦଳରେ ନିଆଯାଇଛି। ପ୍ରଥମ ଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବାଧିକ ସ୍କୋର ଅପରାଜିତ ୩୦୦ ଥିଲାବେଳେ ଜିମ୍ବାୱେ ଘରୋଇ କ୍ରିକେଟରେ ସେ ୭୩.୪୨ ହାରରେ ରନ୍ ସଂଗ୍ରହ କରିଛନ୍ତି। ଏହି ଖେଳାଳି ତାଙ୍କ ଫର୍ମ ବଜାୟ ରଖିଲେ ଜିମ୍ବାୱେକୁ ଫାଇଦା ମିଳିବ।

### ସୋନି ସ୍ପୋର୍ଟ୍ସରେ ପ୍ରସାରଣ

ଭାରତ-ଜିମ୍ବାୱେ ଟି-୨୦ କ୍ରିକେଟ ସିରିଜ୍‌ର ସମସ୍ତ ମ୍ୟାଚ୍ ଗୁଡିକ ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ସିଧାସଳଖ ପ୍ରସାରଣ କରାଯିବ। ଏହି ମ୍ୟାଚ୍‌ଗୁଡିକ ଭାରତୀୟ ସମୟ ଅପରାହ୍ଣ ୪ଟା ୩୦ରୁ ଆରମ୍ଭ ହେବ। ଟେଲିଭିଜନରେ ପ୍ରସାରଣ ବ୍ୟତୀତ ସୋନି ଲିଭ ଆପ୍ ଓ ୱେବ୍‌ସାଇଟ୍‌ରେ ମଧ୍ୟ ମ୍ୟାଚ୍‌ର ପ୍ରସାରଣ କରାଯିବ।

### ଖେଳାଳି ଦଳ

**ଜିମ୍ବାୱେ :** ସିକନ୍ଦର ରାଜା (ଅଧିନାୟକ), ଖରାଗ ଆକ୍ରମ, ଅନ୍ତୁମ ନକ୍‌ଭୀ, ବ୍ରିଆନ ବେନେଟ୍, ଜୋନାଥନ କ୍ୟାମ୍ପବେଲ, ତେଣ୍ଡାଇ ଚାଟରା, ଲ୍ୟୁକ ଜୋଙ୍ଗୱେ, ଇନୋସେଣ୍ଟ କାଇଆ, କ୍ଲାଇଭ୍ ମାଦାଣ୍ଡେ, ୱେସ୍‌ଲୀ ମାଧେଭେରେ, ଟି. ମାରୁମନି, ୱେଲିଂଟନ ମାସକାଦ୍‌ଜା, ବ୍ରାଣ୍ଡନ ମାଭୂତା, ବ୍ଲେସିଙ୍ଗ ମୁଜରବାନି, ଡିଓନ ମାୟର୍ସ, ରିଚାର୍ଡ ଏନ୍‌ଗାରଭା ଓ ମିଲଟନ ଶୁମ୍ବା।

**ଭାରତ :** ଶୁବମାନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକୱାଡ, ଅଭିଷେକ ଶର୍ମା, ରିଙ୍କୁ ସିଂ, ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲ (ଉଭୟ ୱିକେଟରକ୍ଷକ), ଶିବମ ଦୁବେ, ରିଆନ ପରାଗ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆଭେଷ ଖାନ୍, ଖଲୀଲ ଅହମ୍ମଦ୍, ମୁକେଶ କୁମାର ଓ ତୁଷାର ଦେଶପାଣ୍ଡେ।

**ପ୍ରଶିକ୍ଷକ:** ଭିଭିଏସ୍ ଲକ୍ଷ୍ମଣ।

## ସ୍ୱତନ୍ତ୍ର ବିମାନରେ ଆସିବେ ଖେଳାଳି

**ବ୍ରିଜ୍‌ଟାଉନ୍, ୧।୭ (ଏଜେନ୍ସି):** କ୍ୟାରବୀୟ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ବେରିଲ' ଯୋଗୁଁ ବାର୍ବାଡୋସକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ରବିବାର ସନ୍ଧ୍ୟାରୁ ଏଠାରେ ଲକ୍‌ଡାଉନ୍ ସ୍ଥିତି ଲାଗି ରହିଛି ଓ ବିମାନ ବନ୍ଦରକୁ ବନ୍ଦ କରିଦିଆଯାଇଛି। ଯାହା ଫଳରେ ଟି-୨୦ ବିଶ୍ୱ ଚାମ୍ପିଅନ ଭାରତୀୟ ଖେଳାଳି. ବିସିସିଆଇ ସମ୍ପାଦକଙ୍କ ସହ ଅନ୍ୟ କର୍ମକର୍ତ୍ତା ଓ ଭାରତୀୟ ଗଣମାଧ୍ୟମର ପ୍ରତିନିଧିମାନେ ବାର୍ବାଡୋସରେ ଫସି ରହିଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାରୁ ଯାତ୍ରା କରିବା ଏକପ୍ରକାର ଅସମ୍ଭବ ହୋଇଯାଇଛି। ଏହି ଝଡ଼ର ପ୍ରଭାବରେ ଘଣ୍ଟାକୁ ୨୦୯ କିଲୋମିଟର ବେଗରେ ପବନ ହେଉଛି। କିନ୍ତୁ ପାଣିପାଗ ବିଭାଗ ଅନୁଯାୟୀ ଏହି ଝଡ଼ ସୋମବାର ସୁଦ୍ଧା ବାର୍ବାଡୋସ ଉପକୂଳ ଅତିକ୍ରମ କରିବ। ଏହା ପରେ ଖେଳାଳି ଓ ଅନ୍ୟମାନଙ୍କୁ ସ୍ୱଦେଶ ଫେରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ ସୂଚନା ଦେଇଛନ୍ତି। ପାଗ ଭଲ ହେଲେ ଏକ ସ୍ୱତନ୍ତ୍ର ବିମାନ ବା ଚାର୍ଟାର୍ଡ ବିମାନରେ ସ୍ୱଦେଶ ଫେରିବା ଲାଗି ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି। ଏବେ ସମସ୍ତେ ସେମାନଙ୍କ ହୋଟେଲରେ ସୁରକ୍ଷିତ ଭାବେ ଅବସ୍ଥାନ କରୁଛନ୍ତି। ସୂଚନାଯୋଗ୍ୟ ଏଠାରେ ଶନିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୭ ରନ୍‌ରେ ହରାଇ ଭାରତ ଦ୍ୱିତୀୟଥର ଟାଇଟଲ ବିଜୟୀ ହୋଇଥିଲା।

## ଆଇସିସି ଟି-୨୦ ବିଶ୍ୱକପ୍ ଦଳରେ ୬ ଭାରତୀୟ

**ଦୁବାଇ, ୧।୭ (ଏଜେନ୍ସି):** ସଦ୍ୟ ସମାପ୍ତ ହୋଇଥିବା ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଥିଲା। ଏହି ଅବସରରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ 'ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ତଥା ଆଇସିସି ଟି-୨୦ ବିଶ୍ୱକପ୍ ଦଳ ଘୋଷଣା କରାଯାଇଛି। ଆଇସିସିର ଏହି ଦଳରେ ଚାମ୍ପିଅନ ଭାରତୀୟ ଦଳର ସର୍ବାଧିକ ୬ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ରୋହିତ୍ ଶର୍ମା, ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଯଶପ୍ରୀତ୍ ବୁମ୍‌ରା ଓ ଅର୍ଶଦୀପ୍ ସିଂହ। ରୋହିତ୍‌ଙ୍କୁ ଏହି ଦଳର ନେତୃତ୍ୱ ଭାରତ ପ୍ରଦାନ କରାଯାଇଛି। ସେହିଭଳି ଆଫଗାନିସ୍ତାନରୁ ୩ଜଣ ଏବଂ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜରୁ ଜଣେ ଲେଖାଏ ସ୍ଥାନ ପାଇଛନ୍ତି। ଉପବିଜେତା ହୋଇଥିବା ଦକ୍ଷିଣ ଆଫ୍ରିକାର ଆନରିଚ୍ ନୋର୍ଜେଙ୍କୁ ଦ୍ୱାଦଶ ଖେଳାଳି ଭାବେ ଦଳରେ ନିଆଯାଇଛି।

### 'ଟିମ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ'

| ଖେଳାଳି | ପ୍ରଦର୍ଶନ |
|---|---|
| ରୋହିତ୍ ଶର୍ମା | ୨୫୭ ରନ |
| ରହମନୁଲ୍ଲା ଗୁର୍‌ବାଜ | ୨୮୧ ରନ |
| ନିକୋଲାସ ପୁରନ | ୨୨୮ ରନ |
| ସୂର୍ଯ୍ୟକୁମାର ଯାଦବ | ୧୯୯ ରନ |
| ମାର୍କୋସ ଷ୍ଟୋଇନିସ | ୧୬୯ ରନ ଓ ୧୦ ୱିକେଟ୍ |
| ହାର୍ଦ୍ଦିକ ପାଣ୍ଡ୍ୟା | ୧୪୪ ରନ ଓ ୧୧ ୱିକେଟ୍ |
| ଅକ୍ଷର ପଟେଲ | ୯୨ ରନ ଓ ୯ ୱିକେଟ୍ |
| ରଶିଦ୍ ଖାନ | ୧୪ ୱିକେଟ୍ |
| ଯଶପ୍ରୀତ୍ ବୁମ୍‌ରା | ୧୫ ୱିକେଟ୍ |
| ଅର୍ଶଦୀପ୍ ସିଂହ | ୧୭ ୱିକେଟ୍ |
| ଫଜଲହକ୍ ଫାରୁକୀ | ୧୭ ୱିକେଟ୍ |
| ୧୨ତମ ଖେଳାଳି: | |
| ଆନରିଚ ନୋର୍ଜେ | ୧୫ ୱିକେଟ୍ |

## ଭାରତର ଟି-୨୦ ନେତୃତ୍ୱ

# ରୋହିତଙ୍କ ଉତ୍ତରାଧିକାରୀ କିଏ

**ନୂଆଦିଲ୍ଲୀ,୧।୭ (ଏଜେନ୍ସି):** ଭାରତ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି ଓ ରବିନ୍ଦ୍ର ଜାଡେଜା ଅବସର ଗ୍ରହଣ କରିଛନ୍ତି। ରୋହିତ ନେତୃତ୍ୱରୁ ଚାଲିଯିବା ପରେ ତାଙ୍କ ସ୍ଥାନରେ କାହାକୁ ଦଳର ନେତୃତ୍ୱ ପ୍ରଦାନ କରାଯିବ ତାହା ଏବେ ବଡ଼ ପ୍ରଶ୍ନ ହୋଇଛି। ଏ ସମ୍ପର୍କରେ ବିସିସିଆଇ ସମ୍ପାଦକ ଜୟ ଶାହ କହନ୍ତି, ଭାରତର ପରବର୍ତ୍ତୀ ଟି-୨୦ ଅଧିନାୟକ କିଏ ହେବେ ତାହା ଚୟନକର୍ତ୍ତା ସ୍ଥିର କରିବେ। ଆସନ୍ତାବର୍ଷ ଚାମ୍ପିଅନ୍ସ ଟ୍ରଫି ଓ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଫାଇନାଲ ଖେଳାଯିବ। ଏହା ପୂର୍ବରୁ ବରିଷ୍ଠ ଖେଳାଳିଙ୍କ ଫିଟ୍‌ନେସ ଉପରେ ବିଚାର କରି ଓ ଚୟନକର୍ତ୍ତାଙ୍କ ସହ ଆଲୋଚନା କରି ଅଧିନାୟକ ବଛାଯିବ। ଏବେ ଜୁଲାଇ ୬ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ସିରିଜ୍‌ରେ ଶୁବମାନ ଗିଲ ଏକ ଯୁବ ଦଳର ନେତୃତ୍ୱ ନେଉଛନ୍ତି।

ତେବେ ରୋହିତଙ୍କ ସ୍ଥାନରେ ଟି-୨୦ ନେତୃତ୍ୱ ନେବା ଦୌଡ଼ରେ ସମସ୍ତଙ୍କଠାରୁ ଆଗରେ ଅଛନ୍ତି ଉପଅଧିନାୟକ ତଥା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ତାଙ୍କ ନିକଟରେ ନେତୃତ୍ୱ ନେବାର ଅଭିଜ୍ଞତା ରହିଛି। ଆଇପିଏଲ୍ ପରି ହାଇପ୍ରୋଫାଇଲ ଟୁର୍ଣ୍ଣାମେଣ୍ଟରେ ସେ ଗୁଜରାଟ ଟାଇଟାନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇଛନ୍ତି। ଏହା ବ୍ୟତୀତ ତାଙ୍କ ନେତୃତ୍ୱରେ ଭାରତ ନ୍ୟୁଜିଲାଣ୍ଡକୁ ୧-୦, ଶ୍ରୀଲଙ୍କାକୁ ୩-୦, ଘରୋଇ ମାଟିରେ ନ୍ୟୁଜିଲାଣ୍ଡକୁ ୨-୧ରେ ଟି-୨୦ ସିରିଜ୍ ବିଜୟୀ କରାଇଛନ୍ତି। କିନ୍ତୁ ତାଙ୍କ ନେତୃତ୍ୱରେ ଦଳ ୧-୨ରେ ୱେଷ୍ଟଇଣ୍ଡିଜଠାରୁ ପରାଜିତ ହୋଇଛି। ସେ ମଧ୍ୟ ଦିନିକିଆ ଫର୍ମାଟରେ ଜଣେ ପ୍ରମୁଖ ଖେଳାଳି। ଏଣୁ ୱାର୍କଲୋଡକୁ ନେଇ ତାଙ୍କୁ ଦଳର ଦାୟିତ୍ୱ ମିଳିବ କି ନାହିଁ ସ୍ଥିର ହେବ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସୂର୍ଯ୍ୟକୁମାର ଯାଦବ ଓ ଆୟର୍ଲାଣ୍ଡ ବିପକ୍ଷରେ ଯଶପ୍ରୀତ୍ ବୁମ୍‌ରା ଦଳର ନେତୃତ୍ୱ ନେଇଛନ୍ତି। ଏମାନଙ୍କ ପଛକୁ ଋଷଭ ପନ୍ତ୍ ଓ ଶୁବମାନ ଗିଲ ମଧ୍ୟ ରହିଛନ୍ତି। ଯାହା ଫଳରେ ଏହି ଖେଳାଳିମାନଙ୍କ ମଧ୍ୟରୁ ଜଣଙ୍କୁ ଟି-୨୦ ଦଳର ନେତୃତ୍ୱ ମିଳିବାର ସମ୍ଭାବନା ରହିଛି।

# ଆଲ୍‌କାରାଜ, ମେଦଭେଦେଭଙ୍କ ବିଜୟ ଅଭିଯାନ

**ଲଣ୍ଡନ, ୧।୭ (ଏଜେନ୍ସି):** ବିଶ୍ୱର ଅନ୍ୟତମ ସମ୍ମାନଜନକ ଟେନିସ ପ୍ରତିଯୋଗିତା ତଥା ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ୧୩୭ତମ ସଂସ୍କରଣ ସୋମବାରଠାରୁ ସ୍ଥାନୀୟ ଅଲ୍‌ଇଂଲଣ୍ଡ ଲନ୍ ଟେନିସ କ୍ଲବରେ ଆରମ୍ଭ ହୋଇଯାଇଛି। ପୁରୁଷ ଏକକରେ ସ୍ପେନର କାର୍ଲୋସ ଆଲ୍‌କାରାଜ ବିଜୟରୁ ତାଙ୍କ ଟାଇଟଲ୍ ଡିଫେଣ୍ଡ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ରାଉଣ୍ଡର ଏହି ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ୩ୟ ସିଡ୍ ଆଲ୍‌କାରାଜ ୭-୬ (୭-୩), ୭-୫, ୬-୨ ସିଧାସଳଖ ସେଟ୍‌ରେ ଇସ୍ତୋନିଆର ମାର୍କ ଲାଜଲଙ୍କୁ ପରାସ୍ତ କରିଛନ୍ତି। ଗତ ମାସରେ ଫ୍ରେଞ୍ଚ ଓପନ୍ ଜିତିଥିବା ଆଲ୍‌କାରାଜ କ୍ରମାଗତ ୨ୟ ଟ୍ରଫି ବିଜୟ ଲକ୍ଷ୍ୟରେ ରହିଛନ୍ତି। ସେହିଭଳି ପ୍ରଥମ ରାଉଣ୍ଡର ଅନ୍ୟ ପୁରୁଷ ଏକକ ମ୍ୟାଚରେ ୮ମ ସିଡ୍ ନରୱେର କାସ୍ପର ରୁଡ୍, ବୁଲ୍‌ଗେରିଆର ଗ୍ରିଗର ଦିମିତ୍ରୋଭା, ୫ମ ସିଡ୍ ରୁଷିଆର ଡାନିଲ ମେଦଭେଦେଭ, ଫ୍ରାନ୍ସର ଗେଲ୍ ମୋନଫିଲ୍ସ ଓ ଆଲେକ୍ସଜାଣ୍ଡର ମୁଲାର, ଇଟାଲିର ଫାବିଓ ଫୋଗନିନି ପ୍ରମୁଖ ନିଜ ନିଜ ପ୍ରଥମ ରାଉଣ୍ଡ ମୁକାବିଲାରେ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।




ୱିମ୍ବଲଡନ ପ୍ରଥମ ଦିନ ଆକ୍ସନରେ ମାଡିସନ କିଜ୍

### ଦ୍ୱିତୀୟ ରାଉଣ୍ଡରେ ସାକାରି, ପାଓଲିନି

ଅପରପକ୍ଷରେ ମହିଳା ଏକକରେ ଫ୍ରେଞ୍ଚ ଓପନ୍ ଉପବିଜୟିନୀ ଯସ୍ମିନ ପାଓଲିନି, ୯ମ ସିଡ୍ ମାରିଆ ସାକାରି, ବ୍ରିଟେନର ଇମା ରାଡୁକାନୁ, ଆମେରିକାର ମାଡିସନ କିଜ୍ ପ୍ରମୁଖ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

## କ୍ୟାମେରାମ୍ୟାନ୍ ପ୍ରସନ୍ନଙ୍କୁ ଶୁଭେଚ୍ଛା

**କଟକ,୧।୭ (ସମିସ):** ନିକଟରେ ୱେଷ୍ଟଇଣ୍ଡିଜରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଷ୍ଟାରସ୍ପୋର୍ଟସ ଚ୍ୟାନେଲର କ୍ୟାମେରାମ୍ୟାନ ଭାବେ ଓଡ଼ିଆ ପୁଅ ପ୍ରସନ୍ନ କୁମାର ପ୍ରଧାନ କାର୍ଯ୍ୟ କରୁଥିଲେ। ଫାଇନାଲ ମୁକାବିଲାରେ ମଧ୍ୟ ସେ ବିଶ୍ୱର ଅଗ୍ରଣୀ ଚ୍ୟାନେଲ ନିମନ୍ତେ ପ୍ରସାରଣ ଦାୟିତ୍ୱରେ ରହିଥିଲେ। ଏହି ଅବସରରେ ଭାରତ ଚାମ୍ପିଅନ ହେବାର ସ୍ମରଣୀୟ ମୁହୂର୍ତ୍ତର ଫଟୋକୁ ସେ ଉତ୍ତୋଳନ କରିବାର ସୌଭାଗ୍ୟ ଲାଭ କରିଥିଲେ। ରାଜ୍ୟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ପ୍ରସନ୍ନଙ୍କୁ ଶୁଭେଚ୍ଛା ଜଣାଯାଇଛି। ପ୍ରକାଶଥାଉକି, ପ୍ରସନ୍ନଙ୍କ ଘର ଚୌଦ୍ୱାର ଶଙ୍କରପୁର ଅଞ୍ଚଳରେ। ଯୋବ୍ରା ସ୍ଥିତ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ସେ ପ୍ରାକ୍ତନ ଛାତ୍ର ଅଟନ୍ତି। ଦୀର୍ଘବର୍ଷ ହେବ ସେ ଅନ୍ତର୍ଜାତୀୟ ସ୍ତରର ଟିଭି ଚ୍ୟାନେଲରେ କ୍ୟାମେରାମ୍ୟାନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଇଏସ୍‌ପିଏନ୍ ଚ୍ୟାନେଲରେ କିଛି ଦିନ କାମ କରିଥିଲେ। ପରେ ଇଏସ୍‌ପିଏନ୍ ଏବଂ ଷ୍ଟାରସ୍ପୋର୍ଟସ ଚ୍ୟାନେଲ ମିଶିଯାଇଥିଲା। ୧୦ବର୍ଷ ହେବ ସେ ଷ୍ଟାରସ୍ପୋର୍ଟସ ନିମନ୍ତେ କାର୍ଯ୍ୟ କରୁଛନ୍ତି।



# ୟୁରୋକପ୍ କ୍ୱାର୍ଟରରେ ଜର୍ମାନୀ

**ଡର୍ଟମଣ୍ଡ, ୧।୭ (ଏଜେନ୍ସି):** କାଇ ହାଭର୍ଜ ଓ ଜମାଲ ମୁସିଆଲାଙ୍କ ଦ୍ୱିତୀୟାର୍ଦ୍ଧ ଗୋଲ୍ ବଳରେ ଘରୋଇ ଜର୍ମାନୀ ୨-୦ ଗୋଲରେ ଡେନମାର୍କକୁ ପରାସ୍ତ କରି ଚଳିତ ୟୁରୋକପ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବର୍ଷା ଓ ଖରାପ ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଏହି ରାଉଣ୍ଡ-୧୬ ମ୍ୟାଚର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ୧୫ ମିନିଟ୍ ବ୍ୟବଧାନରେ ଜର୍ମାନୀ ୨ଟି ଗୋଲ୍ ଦେଇ ବିଜୟୀ ହେବା ସହ କ୍ୱାର୍ଟରରେ ସ୍ଥାନ ପକ୍କା କରିଥିଲା। ୫୩ତମ ମିନିଟ୍‌ରେ ହାଭର୍ଜ ପେନାଲ୍ଟି ଜରିଆରେ ପ୍ରଥମ ଗୋଲ୍ ଦେଇଥିଲେ। ଏହାପରେ ୬୮ତମ ମିନିଟ୍‌ରେ ମୁସିଆଲା ୨ୟ ଗୋଲଟି ଦେଇଥିଲେ। ଶୁକ୍ରବାର ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଜର୍ମାନୀର ମୁକାବିଲା ସ୍ପେନ ସହ ହେବ। ପ୍ରି-କ୍ୱାର୍ଟରରେ ସ୍ପେନ ୪-୧ ଗୋଲରେ ଜର୍ଜିଆକୁ ହରାଇଥିଲା। ଏଥିପୂର୍ବରୁ ଖେଳାଯାଇଥିବା ୩ୟ ପ୍ରି-କ୍ୱାର୍ଟର ମ୍ୟାଚରେ ଇଂଲଣ୍ଡ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୨-୧ରେ ସ୍ଲୋଭାକିଆକୁ ମାତ୍ ଦେବା ସହ କ୍ୱାର୍ଟରରେ ପ୍ରବେଶ କରିଥିଲା। ସୋମବାର ରାତିରେ ପର୍ତ୍ତୁଗାଲ-ସ୍ଲୋଭେନିଆ ଏବଂ ଫ୍ରାନ୍ସ ଓ ବେଲ୍‌ଜିୟମ ମଧ୍ୟରେ ମ୍ୟାଚ୍ ଜାରି ରହିଛି।

## 'ଡିକେ' ଆର୍‌ସିବିର ବ୍ୟାଟିଂ ପ୍ରଶିକ୍ଷକ



**ବେଙ୍ଗାଲୁରୁ,୧।୭ (ଏଜେନ୍ସି):** ସମସ୍ତ ପ୍ରକାର କ୍ରିକେଟ ଖେଳରୁ ଅବସର ନେବାର ଏକ ମାସ ପରେ 'ଡିକେ' ବା ଦିନେଶ କାର୍ତ୍ତିକଙ୍କୁ ଆର୍‌ସିବି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର) ବ୍ୟାଟିଂ ପ୍ରଶିକ୍ଷକ ଓ ପରାମର୍ଶଦାତା ଭାବେ ନିଯୁକ୍ତି ଦିଆଯାଇଛି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରି ଆର୍‌ସିବି ପକ୍ଷରୁ ଏହା ଘୋଷଣା କରାଯାଇଛି। ଏଥିରେ ମଧ୍ୟ ତାଙ୍କର ନୂଆ ଅବତାରକୁ ସ୍ୱାଗତ କରାଯାଇଛି। ନିକଟରେ ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଶେଷ ହୋଇଥିବା ଟି-୨୦ ବିଶ୍ୱକପ୍‌ରେ ଭାଷ୍ୟକାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ତ୍ତିକ ତାଙ୍କ ଖେଳଜୀବନରେ ୫ଟି ଟିମ୍‌ରୁ ୨୫୭ଟି ମ୍ୟାଚ୍ ଖେଳି ଅବସର ନେଇଥିଲେ। ଆର୍‌ସିବି ବ୍ୟତୀତ କୋଲକାତା ନାଇଟ୍ ରାଇଡର୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ ଡେୟାର ଡେଭିଲ୍ସ ଓ କିଙ୍ଗ୍‌ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳିଥିଲେ। ଏହି ୨୫୭ଟି ମ୍ୟାଚ୍‌ରେ ୨୬.୩୨ ହାରରେ ୪,୮୪୨ ରନ୍ କରିଥିଲେ। କାର୍ତ୍ତିକ ମଧ୍ୟ ୯୪ଟି ଦିନିକିଆରେ ୧,୭୯୨ ରନ୍ କରିଛନ୍ତି। ୪୨ଟି ଟେଷ୍ଟ ପାଳିରେ ୧,୦୨୫ ଓ ୬୦ଟି ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୬୮୬ ରନ୍ ସଂଗ୍ରହ କରିଛନ୍ତି।

## ମ୍ୟାଚ୍ ମଝିରେ ଚାଲିଗଲା ଜୀବନ

### ବ୍ୟାଡ୍‌ମିଣ୍ଟନ ଏସିଆ କନିଷ୍ଠ ଚାମ୍ପିଅନସିପ୍

**ଯୋଗ୍ୟକାର୍ତ୍ତା, ୧।୭ (ଏଜେନ୍ସି):** ଇଣ୍ଡୋନେସିଆରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ କନିଷ୍ଠ ଚାମ୍ପିଅନସିପ୍ ସମୟରେ ଏକ ଅଘଟଣ ଦେଖିବାକୁ ମିଳିଛି। ଚାଇନାର ଯୁବ ଖେଳାଳି ଝାଙ୍ଗ ଝି ଜିଏ' ମ୍ୟାଚ୍ ମଝିରେ କୋର୍ଟରେ ଅଚେତ ହୋଇ ପଡ଼ିଯାଇଥିଲେ। ଏହାପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ଏକ ହସ୍ପିଟାଲକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ବାଳକ ଏକକରେ ଝାଙ୍ଗ୍‌ଙ୍କ ସହ ଜାପାନର କାଜୁମା କାୱାନୋଙ୍କ ମଧ୍ୟରେ ମ୍ୟାଚ୍ ଚାଲିଥିଲା। ଏଥିରେ ପ୍ରଥମ ଗେମ୍ ୧୧-୧୧ରେ ସମାନସ୍ତରରେ ରହିଥିବାବେଳେ ଝାଙ୍ଗ୍ ବ୍ୟାଡ୍‌ମିଣ୍ଟନ କୋର୍ଟରେ ଅଚେତ ହୋଇ ପଡ଼ିଯାଇଥିଲେ। ଏହାପରେ ଝାଙ୍ଗ୍‌ଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଏକ ହସ୍ପିଟାଲକୁ ନିଆଯାଇଥିଲେ ମଧ୍ୟ ତାଙ୍କ ଜୀବନ ରକ୍ଷା କରିବା ସମ୍ଭବପର ହୋଇପାରି ନ ଥିଲା। ବ୍ୟାଡ୍‌ମିଣ୍ଟନ ଏସିଆ, ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ଏହି ଯୁବ ଖେଳାଳିଙ୍କ ବିୟୋଗକୁ ନେଇ ଶୋକ ପ୍ରକାଶ କରାଯାଇଛି। ଭାରତର ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ମଧ୍ୟ ଝାଙ୍ଗ୍‌ଙ୍କ ବିୟୋଗରେ ଶୋକ ବ୍ୟକ୍ତ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଗତବର୍ଷ ଚାଇନାର ଚେଙ୍ଗଡୁରେ ଅନୁଷ୍ଠିତ ବ୍ୟାଡ୍‌ମିଣ୍ଟନ ଏସିଆ ୧୫ ଓ ୧୭ ବର୍ଷରୁ କମ୍ ପ୍ରତିଯୋଗିତାରେ ଝାଙ୍ଗ୍ ଚାମ୍ପିଅନ ହୋଇଥିଲେ। ସେ ୧୭ ବର୍ଷରୁ କମ୍ ବାଳକ ଏକକରେ ଟାଇଟଲ୍ ଜିତିଥିଲେ।

## ଓଡ଼ିଶା କ୍ରିକେଟ ଲିଗ୍-୨୦୨୪

# ପାନ୍ଥର୍ସ ଓ ଲାୟନ୍ସର ସହଜ ବିଜୟ

**କଟକ,୧।୭ (ସମିସ):** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା କ୍ରିକେଟ୍ ଲିଗ୍‌ରେ ସୋମବାର ଅନୁଷ୍ଠିତ ପ୍ରଥମ ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ପାନ୍ଥର୍ସ ଏବଂ ଓଡ଼ିଶା ଲାୟନ୍ସ ଦଳ ସହଜ ବିଜୟ ହାସଲ କରିଛନ୍ତି। ପାନ୍ଥର୍ସ ୯ ୱିକେଟରେ ଓଡ଼ିଶା ଜାଗୁଆର୍ସକୁ ଏବଂ ଲାୟନ୍ସ ୫୯ରନରେ ଓଡ଼ିଶା ଚିତାସ୍‌କୁ ହରାଇଥିଲା।

ପ୍ରଥମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଜାଗୁଆର୍ସର ପାଳି ୬୯ରନରେ ସୀମିତ ରହିଥିଲା। ଦଳ ପକ୍ଷରୁ ଶାନ୍ତନୁ ସର୍ବାଧିକ ୧୮ ରନ୍ କରିଥିଲେ। ପାନ୍ଥର୍ସ ପକ୍ଷରୁ ବିମଳ କୁମାର, ଦେବବ୍ରତ ପ୍ରଧାନ, ଶୁଭମ ଶତ୍ରୁଜିତ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୯.୨ ଓଭରରେ ଗୋଟିଏ ୱିକେଟ ହରାଇ ପାନ୍ଥର୍ସ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅଧିନାୟକ ସନ୍ଦୀପ ପଟ୍ଟନାୟକ ୧୮ରନରେ ଆଉଟ ହୋଇଥିଲେ। ରଘୁନାଥ ମଲ୍ଲ ୨୮ରନ ଏବଂ ଆଶିଷ ପରିଜା ୨୨ରନର ଅପରାଜିତ ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ଦେବବ୍ରତ ପ୍ରଧାନ ଉକ୍ତ ମ୍ୟାଚ୍‌ରେ ଶ୍ରେଷ୍ଠ ବିବେଚିତ ହୋଇଥିଲେ।





ଅନ୍ୟ ଏକ ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ ବୋଲିଂ ଚମତ୍କାର ପ୍ରଦର୍ଶନ କରି ଚିତାସ୍‌କୁ ମାତ୍ ଦେଇଛି ଓଡ଼ିଶା ଲାୟନ୍ସ। ଏହି ମ୍ୟାଚ୍‌ରେ ଟସ୍ ହାରି ଲାୟନ୍ସ ପ୍ରଥମେ ବ୍ୟାଟିଂ କରିଥିଲା। ସାଇଦୀପ ମହାପାତ୍ରଙ୍କ ୪୭, ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୩୬, ସୁଜଲ କୁମାର ସିଂହ ୨୯ ରନ୍ ସହାୟତାରେ ଓଡ଼ିଶା ଲାୟନ୍ସ ୭ ୱିକେଟ ହରାଇ ୧୭୨ରନ କରିଥିଲା। ଚିତାସ୍ ପକ୍ଷରୁ ସର୍ବେଶ୍ୱର ମହାନ୍ତି ୩ଟି, ତାପସ ଦାସ ୨ଟି ୱିକେଟ ପାଇଥିଲେ। ୧୭୩ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ଚିତାସ୍ ୧୧୩ରନରେ ଅଲଆଉଟ ହୋଇଥିଲା। ଅଧିନାୟକ ବିପ୍ଲବ ସାମନ୍ତରାୟ ସର୍ବାଧିକ ୩୫ରନ କରିଥିଲେ। ଲାୟନ୍ସ ପକ୍ଷରୁ ବାମହାତୀ ସ୍ପିନର ପପୁ ରାୟ ୯ ରନ୍ ବ୍ୟୟ କରି ୪ଟି ୱିକେଟ ଦଖଲ କରିବା ସହିତ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଦୀପ ପ୍ରଧାନଙ୍କୁ ୩ଟି ୱିକେଟ ମିଳିଥିଲା।

### ଟାଇଗର୍ସର ବିଜୟଧାରା ଅବ୍ୟାହତ

ଓଡ଼ିଶା ଟାଇଗର୍ସ ୨୩ ରନ୍‌ରେ ଓଡ଼ିଶା ପୁମାସ୍‌କୁ ପରାସ୍ତ କରିଛି କ୍ରମାଗତ ୨ୟ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ୯ ୱିକେଟରେ ୧୩୩ ରନ୍ କରିଥିଲା। ବିକ୍ରମ ସାମଲ ସର୍ବାଧିକ ୩୭ ଓ ବିଶ୍ୱଭୂଷଣ ବିହାରୀ ୨୬ ରନ କରିଥିଲେ। ପୁମାସ୍ ପକ୍ଷରୁ ସୌଭାଗ୍ୟ ରାଉତ, ବିଶ୍ୱଜିତ ମହାପାତ୍ର ଏବଂ ଐଶକାନ୍ତ ସାହୁ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ଜବାବରେ ପୁମାସ୍ ୧୧୦ ରନ୍ କରିଥିଲା। କାର୍ତ୍ତିକ ବିଶ୍ୱାଳ ୫୯ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ତରଣୀ ସ, ବିକି ନାଗ ୩ଟି ଲେଖାଏ ଏବଂ ରାକେଶ ପଟ୍ଟନାୟକ ଓ ଆଶୁତୋଷ ମାରାଣ୍ଡି ୨ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA